# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ସେପ୍ଟେମ୍ବର ୬/୨୦୧୯ (୨୦ ପୃଷ୍ଠା) Dhenkanal, Friday, September 6 / 2019 ★★★★★

୧୫ଶ ଭାଗ ୨୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



DADLS - 25

## ଓଡ଼ିଆ ଅସ୍ମିତାର ପ୍ରତୀକ

### ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ଶ୍ରୀମନ୍ଦିର ।



ବଣିଆପଟି ପାର୍ଶ୍ୱରୁ ମେଘନାଦ ପାଚେରି ପରିବେଷ୍ଟିତ
ଶ୍ରୀମନ୍ଦିର ଓ ପତିତପାବନ ବାନାର ଅପୂର୍ବ ଦୃଶ୍ୟ ।

ବଣିଆପଟିରୁ ସ୍ଥାନାନ୍ତରିତ ହୋଇ ଅନ୍ୟତ୍ର ଥଇଥାନ ହୋଇଛନ୍ତି ୨୦ ଜଣ ବ୍ୟବସାୟୀ ।
ପୂର୍ବରୁ ଏ ସ୍ଥାନରେ ମାତ୍ର ତିନିରୁ ଚାରିହଜାର ଲୋକ ମହାପ୍ରଭୁଙ୍କ ସୁନାବେଶ ଦର୍ଶନର ସୁଯୋଗ ପାଉଥିଲେ ।
ଏବେ ସେହି ସ୍ଥାନରେ ୫୦ ହଜାର ଭକ୍ତ ମହାପ୍ରଭୁଙ୍କ ଅପୂର୍ବ ସୁନାବେଶ ଦର୍ଶନର ସୌଭାଗ୍ୟ ପାଇବେ ।

**ଆସନ୍ତୁ, ଆମର ଏହି ମହାନ ଐତିହ୍ୟକୁ ସୁରକ୍ଷିତ ରଖିବା**
**ଓଡ଼ିଆ ଜାତିର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବା**

## ॥ "ଜୟ ଜଗନ୍ନାଥ" ॥

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0038/1920



ବିଶ୍ୱର କୌଣସି ଦେଶ ଆତଙ୍କବାଦରୁ ସୁରକ୍ଷିତ ନୁହେଁ। ଆତଙ୍କବାଦ ନିରୋଧୀ ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଜାତିସଂଘ ସମେତ ସମସ୍ତ ମଞ୍ଚରେ ଉଦ୍ୟମ ଚଳାଇଛି ଭାରତ।
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ



୩୭୦ ଉଚ୍ଛେଦର ମାସକ ପରେ...

# ଏଲ୍ଓସି ମୁହାଁ ୨,୦୦୦ ପାକ୍ ସୈନ୍ୟ



ଅଗଷ୍ଟ ୫ରେ ବଦଳିଯାଇଥିଲା ଜମ୍ମୁ-କଶ୍ମୀରର ଇତିହାସ ଓ ମାନଚିତ୍ର। ଉପତ୍ୟକାବାସୀଙ୍କ ଭାଗ୍ୟରେ ଯୋଡ଼ିହୋଇଯାଇଥିଲା ଏକ ନୂଆ ଅଧ୍ୟାୟ। ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇଦେଇ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତିକୁ ମିଳିଥିଲା ଅଧିକାଂଶ ଭାରତୀୟଙ୍କ ସମର୍ଥନ। ଇତିମଧ୍ୟରେ ଏହି ଐତିହାସିକ ନିଷ୍ପତ୍ତିକୁ ମାସେ ବିତିଛି। ହେଲେ ଜାରି ହୋଇଥିବା କଟକଣା ଅଦ୍ୟାବଧି ସମ୍ପୂର୍ଣ୍ଣ ହଟାଯାଇନାହିଁ। ଶିକ୍ଷାନୁଷ୍ଠାନଗୁଡ଼ିକର ତାଲା ଖୋଲିଥିଲେ ବି ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଆଖିଦୃଶିଆ ନୁହେଁ। ଆତଙ୍କବାଦୀଙ୍କ ଆକ୍ରମଣରେ ୫ ସାଧାରଣ ନାଗରିକଙ୍କ ଜୀବନ ଗଲାଣି। ଗୃହବନ୍ଦୀ ଥିବା ନେତା ଓ କର୍ମୀ ସରକାର ଓ ପ୍ରଶାସନର ସୁରକ୍ଷା ଘେରରେ କଏଦ୍ ହୋଇ ରହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ବାରମ୍ବାର ଜାତିସଂଘ ଓ ଅନ୍ତର୍ଜାତୀୟ ସମୁଦାୟର ଦ୍ୱାରସ୍ଥ ହୋଇ ବିଫଳତାର ସ୍ୱାଦ ଚାଖିବା ପରେ ଥରକୁ ଥର କଥା ବଦଳାଉଛି କୋଣଠେସା ପାକିସ୍ତାନ। ଭାରତୀୟ ଗଣମାଧ୍ୟମ ସରକାରଙ୍କ ସପକ୍ଷରେ ରହିଥିବାବେଳେ ବାସ୍ତବ ସ୍ଥିତିକୁ ନେଇ ମୁଖା ଖୋଲୁଛି ବିଦେଶୀ ମିଡିଆର ରିପୋର୍ଟ। ବହୁକୋଟି ଟଙ୍କା ଯୋଜନାର ପ୍ରତିଶ୍ରୁତି କଶ୍ମୀରୀଙ୍କ ପାଇଁ ଆଣିଦେଇନି ଆଶ୍ୱସ୍ତି। ଏବେ ବି କେଉଁଠି ନା କେଉଠି ବିରାଜମାନ କରୁଛି ଭୟ, ରକ୍ତପାତ ଓ ଅନିଶ୍ଚିତତାର ଅଜଣା ଆତଙ୍କ।

## ପିଓକେରେ ଆତଙ୍କବାଦୀଙ୍କ ଭ୍ରାମ୍ୟମାଣ ଶିବିର

ନୂଆଦିଲ୍ଲୀ,୫।୯



କଶ୍ମୀର ସମ୍ପର୍କିତ କେନ୍ଦ୍ରର ନିଷ୍ପତ୍ତିକୁ ମାସେ ପୂରିଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ପ୍ରଶମିତ ହୋଇନାହିଁ। ଅନ୍ତର୍ଜାତୀୟ ସମୁଦାୟ ନିକଟରେ କଶ୍ମୀର ପ୍ରସଙ୍ଗ ଉଠାଇ ବିଫଳ ହେବା ପରେ ପାକିସ୍ତାନ ଏବେ ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)କୁ ଅଧିକ ୨ ହଜାରରୁ ଉର୍ଦ୍ଧ୍ୱ ସୈନ୍ୟଙ୍କୁ ପଠାଇଛି। ପ୍ରତିପକ୍ଷ ସୈନ୍ୟ ପାକ୍-ଅଧିକୃତ କଶ୍ମୀର (ପିଓକେ)ର ବାଗ୍ ଓ କୋଟ୍ଲି ସେକ୍ଟରର ନିକଟତର ହୋଇଛନ୍ତି ବୋଲି ଗୁରୁବାର ଭାରତୀୟ ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ଉପତ୍ୟକାରେ ଆତଙ୍କ ଖେଳାଇ ଅସ୍ଥିରତା ସୃଷ୍ଟି ପାଇଁ ସୀମା ସେପଟେ ୧୦ ହଜାର ଆତଙ୍କବାଦୀଙ୍କ ପାଇଁ ଭ୍ରାମ୍ୟମାଣ ଶିବିର ପ୍ରତିଷ୍ଠା କରିଥିବା ଗୋଇନ୍ଦା ରିପୋର୍ଟ ମିଳିଛି। ମିଳିଥିବା ସୂଚନାନୁସାରେ ୨ ହଜାରରୁ ଉର୍ଦ୍ଧ୍ୱ ପାକିସ୍ତାନୀ ସୈନ୍ୟ ଏଲ୍ଓସି ଆଡ଼କୁ ଅଗ୍ରସର ହେଉଛନ୍ତି। ସେମାନେ ଏବେ ଭାରତ-ପାକିସ୍ତାନ ସୀମାରୁ ୩୦ କି.ମି. ଦୂରରେ ରହିଛନ୍ତି। ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ସକ୍ରିୟ କରିଥିବାବେଳେ ଲଶ୍କର-ଇ-ତୋଇବା (ଏଲ୍ଇଟି) ଏବଂ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସ୍ଥାନୀୟ ଓ ଆଫଗାନ ଯୁବକଙ୍କୁ ବ୍ୟାପକ ନିଯୁକ୍ତି ଦେଉଛି। ଜମାତ୍-ଇ-ଇସ୍ଲାମୀ ପିଓକେରେ ଆତଙ୍କବାଦୀଙ୍କ ଅସ୍ଥାୟୀ ତଥା ଭ୍ରାମ୍ୟମାଣ ଶିବିର ପ୍ରତିଷ୍ଠାର ନେତୃତ୍ୱ ନେଉଛି। ରାୱଲକୋଟର ତରନୁତି ଓ ପୋଥି ବାଲାରେ ଏହି ସଙ୍ଗଠନ ପକ୍ଷରୁ ନବନିଯୁକ୍ତ ଆତଙ୍କବାଦୀଙ୍କ ବ୍ରେନ୍ୱାଶ୍ କରାଯାଉଛି। ଖାଇବର-ପାଖ୍ତୁନ୍ଖ୍ୱା ପ୍ରଦେଶର ୱାଜିରିସ୍ତାନ ଅଞ୍ଚଳରୁ ୧୦,୦୦୦ ଆତଙ୍କବାଦୀଙ୍କୁ ଉପତ୍ୟକାରେ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଉଦ୍ୟମ କରୁଛି। ସେନା ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ତାଲିମ ଦେଉଥିବାବେଳେ ହିଜ୍ବୁଲ ମୁଜାହିଦ୍ଦିନ କମାଣ୍ଡର ଶମ୍ଶେର ଖାନ୍ ସେମାନଙ୍କ ଅନୁପ୍ରବେଶର ନେତୃତ୍ୱ ନେଉଛନ୍ତି। ପିଓକେରେ ଥିବା ୧୮ଟି ଲଞ୍ଚ ପ୍ୟାଡ୍କୁ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଚିହ୍ନଟ କରିଥିବା ଜଣାପଡ଼ିଛି। ଶତ୍ରୁପକ୍ଷର ଗତିବିଧି ଉପରେ ଭାରତୀୟ ସେନା କଡ଼ା ନଜର ରଖିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ୧୦୦ରୁ ଉର୍ଦ୍ଧ୍ୱ ଏସ୍ଏସ୍ଜି କମାଣ୍ଡୋ ଏଲ୍ଓସିରେ ମୁତୟନ ଥିବାବେଳେ ଗୁଜରାଟସ୍ଥିତ କଚ୍ଛର ସାର୍ କ୍ରିକ୍ ଏରିଆରେ ବହୁସଂଖ୍ୟକ ସ୍ପେଶାଲ ଫୋର୍ସଙ୍କୁ ନିୟୋଜିତ କରିଛି ପାକିସ୍ତାନ। ଶୀତ ଋତୁ ପୂର୍ବରୁ ଆତଙ୍କବାଦୀଙ୍କ ଅନୁପ୍ରବେଶ ସୁଗମ କରିବା ଲାଗି ପାକିସ୍ତାନୀ ସୈନ୍ୟ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ ପାଇଁ ଯୋଜନା କରିଥିବା କୁହାଯାଉଛି।

## ପବିତ୍ର ମୋହନ ଦାସଙ୍କୁ ମିଳିଲା ଜାତୀୟ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ, ୫।୯(ପି.ଟି.)

### ୪୬ ଶିକ୍ଷକଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ଗୁରୁଦିବସରେ ଭାରତର ୪୬ ଶିକ୍ଷକଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ଜାତୀୟ ଶିକ୍ଷକ ପୁରସ୍କାର-୨୦୧୯ରେ ସମ୍ମାନିତ କରିଛନ୍ତି। କୋରାପୁଟର ବୋରିଗୁମାସ୍ଥିତ ପ୍ରୋଜେକ୍ଟ ୟୁପି ସ୍କୁଲ ଶିକ୍ଷକ ପବିତ୍ର ମୋହନ ଦାସ ଏହି ଅବସରରେ ସମ୍ମାନିତ ହୋଇଛନ୍ତି। ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶାଙ୍କ ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶମରାଓ ଧୋତ୍ରେ ଉପସ୍ଥିତ ଥିଲେ। ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ସିକିମ, ରାଜସ୍ଥାନ ଓ ଝାଡ଼ଖଣ୍ଡର ଶିକ୍ଷକମାନଙ୍କୁ ସେମାନଙ୍କ କାର୍ଯ୍ୟ ନିପୁଣତା ଲାଗି ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଥମ ଥର ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ସେନା ସ୍କୁଲ ଶିକ୍ଷକଙ୍କୁ ଏଥର ସମ୍ମାନିତ କରାଯାଇଛି ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସମ୍ମାନିତ ଶିକ୍ଷକଙ୍କୁ ଏକ ସିଲ୍ଭର ମେଡାଲ, ମାନପତ୍ର ସହ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି।



କୋରାପୁଟର ବୋରିଗୁମାସ୍ଥିତ ପ୍ରୋଜେକ୍ଟ ୟୁପି ସ୍କୁଲ ଶିକ୍ଷକ ପବିତ୍ର ମୋହନ ଦାସଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାତୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ କରୁଛନ୍ତି।

## ତାରିଗାମୀଙ୍କୁ ଏମ୍ସ ନିଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୯(ପି.ଟି./ଆଇଏଏନ୍ଏସ୍)



ଶ୍ରୀନଗରସ୍ଥିତ ନିଜ ବାସଭବନରେ ଗୃହବନ୍ଦୀ ଥିବା ସିପିଏମ୍ର ଅସୁସ୍ଥ ନେତା ମହମ୍ମଦ ୟୁସୁଫ୍ ତାରିଗାମୀଙ୍କୁ ଶ୍ରୀନଗରରୁ ତୁରନ୍ତ ଦିଲ୍ଲୀସ୍ଥିତ ଏମ୍ସକୁ ନେଇ ଉନ୍ନତ ଚିକିତ୍ସା କରାଇବା ପାଇଁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି, ଶ୍ରୀନଗରସ୍ଥିତ ଶେର୍-ଇ-କଶ୍ମୀର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (ଏସ୍କେଆଇଏମ୍ଏସ୍) ଏବଂ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ଡାକ୍ତର ପରସ୍ପର ସହ ବିଚାରବିମର୍ଶ କରନ୍ତୁ। ଏହାସହ ତାରିଗାମୀଙ୍କୁ ତୁରନ୍ତ ଏମ୍ସକୁ ସ୍ଥାନାନ୍ତର କରନ୍ତୁ। ସପ୍ତାହେ ମଧ୍ୟରେ ଏନେଇ ଜବାବ ଦାଖଲ ପାଇଁ କେନ୍ଦ୍ର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ୭୨ ବର୍ଷୀୟ ସିପିଏମ୍ ବିଧାୟକ ତାରିଗାମୀଙ୍କୁ ଗୃହବନ୍ଦୀ ରଖାଯାଇଛି। ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଦାଲତଙ୍କ ଅନୁମତିକ୍ରମେ ୟେଚୁରୀ ଗତମାସରେ ଶ୍ରୀନଗର ଯାଇ ତାରିଗାମୀଙ୍କୁ ସାକ୍ଷାତ କରିଥିଲେ।

## କଶ୍ମୀର ସମ୍ପର୍କିତ ପିଟିଶନର ଶୁଣାଣି ୧୬ରେ

ନୂଆଦିଲ୍ଲୀ,୫।୯(ଆଇଏଏନ୍ଏସ୍)

ଉପତ୍ୟକାରୁ କଟକଣା ଉଠାଇବା ସହ ଜମ୍ମୁ-କଶ୍ମୀର ସମ୍ପର୍କିତ ସମସ୍ତ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧୬ ତାରିଖରେ ହେବ। 'କଶ୍ମୀର ଟାଇମ୍ସ' ସମ୍ପାଦକ ଅନୁରାଧା ଭାସିନଙ୍କ ପିଟିଶନର ଶୁଣାଣି କରି ଗୁରୁବାର ସିଜେଆଇ ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ଏହା ସ୍ପଷ୍ଟ କରିଛନ୍ତି। ଉପତ୍ୟକାରେ ମାସେ ହେଲା ଗଣମାଧ୍ୟମକୁ କାର୍ଯ୍ୟ କରିବାକୁ ଦିଆଯାଉ ନାହିଁ ବୋଲି ଅନୁରାଧା ଅଭିଯୋଗ ଆଣିଥିବାବେଳେ ଲୋକଙ୍କୁ ମୁକ୍ତ ଭାବେ ବିଚରଣ କରିବାକୁ ଦିଆଯାଉନାହିଁ ଏବଂ ସେମାନଙ୍କୁ ମୌଳିକ ଅଧିକାରୁ ବଞ୍ଚିତ କରାଯାଉଥିବା ସାମାଜିକ କର୍ମୀ ତେହସିନ ପୁନାୱାଲା ନିଜ ପିଟିଶନରେ ଉଲ୍ଲେଖ କରିଥିଲେ। ଏହାବ୍ୟତୀତ ସେଠାରେ ମାନବାଧିକାର କ୍ଷୁଣ୍ଣ ହେଉଥିବା ନେଇ ଏକାଧିକ ପିଟିଶନରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ମେହବୁବାଙ୍କୁ ଭେଟିବେ ଝିଅ ଇଲ୍ତିଜା

ନୂଆଦିଲ୍ଲୀ,୫।୯(ପି.ଟି.)



### ଅନୁମତି ଦେଲେ ସୁପ୍ରିମକୋର୍ଟ

ମାସେ ହେଲା ଗୃହବନ୍ଦୀ ଥିବା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତିଙ୍କୁ ତାଙ୍କ ଝିଅ ଇଲ୍ତିଜା ଜାଭେଦ୍ ସାକ୍ଷାତ୍ କରିପାରିବେ। ସୁପ୍ରିମକୋର୍ଟ ଏନେଇ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ଇଲ୍ତିଜା ଶ୍ରୀନଗର ଯାଇ ତାଙ୍କ ମା'ଙ୍କୁ ସାକ୍ଷାତ କରିବାରେ କିମ୍ବା ନିଜ ବାସଭବନକୁ ଯିବାରେ କିଛି ଅସୁବିଧା ନାହିଁ। କିନ୍ତୁ ସେ ଅବାଧ ଭାବେ ସହରରେ ବିଚରଣ କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.ଏ. ବୋବ୍ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୫ରୁ ଆଇନଶୃଙ୍ଖଳା ଦୃଷ୍ଟିରୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧକ୍ଷା ମେହବୁବାଙ୍କୁ ଗୃହବନ୍ଦୀ ରଖାଯାଇଛି। ଇଲ୍ତିଜା ତାଙ୍କ ମା'ଙ୍କୁ ଭେଟିବା ପାଇଁ ଅନୁମତି ଦେବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ମେହବୁବାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ଥିବା ଇଲ୍ତିଜାଙ୍କ ପକ୍ଷରୁ ଆଇନଜୀବୀ ନିତ୍ୟ ରାମକ୍ରିଷ୍ଣନ୍ ଉକ୍ତ ଆବେଦନରେ ଉଲ୍ଲେଖ କରିଥିଲେ। ମେହବୁବାଙ୍କ ମା' ଗୁଲଶନ ଆରା ଓ ଭଉଣୀ ରୁବିୟା ସୟିଦ୍ ତାଙ୍କୁ ଅଗଷ୍ଟ ୨୯ରେ ଭେଟିଥିଲେ। ପରେ ଜିଲାପାଳଙ୍କ ଅନୁମତିକ୍ରମେ ଉଭୟେ ତାଙ୍କୁ ପୁଣିଥରେ ସାକ୍ଷାତ କରିଥିବା ନେଇ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଅବଗତ କରାଇଥିଲେ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଇଲ୍ତିଜାଙ୍କୁ ଚେନ୍ନାଇରୁ ଶ୍ରୀନଗର ଯାଇ ରାଜଭବନ ନିକଟସ୍ଥ ଚଶ୍ମେଶାହିରେ ଗୃହବନ୍ଦୀ ଥିବା ମେହବୁବାଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପାଇଁ ଅନୁମତି ଦେଇଛନ୍ତି। ଏହା ଜଣେ ନାଗରିକଙ୍କ ଅଧିକାର ବୋଲି ସିଜେଆଇ ଗୋଗୋଇ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, କଶ୍ମୀରୀଙ୍କୁ ଜୀବଜନ୍ତୁଙ୍କ ଭଳି ପଞ୍ଜୁରି ଭିତରେ ବନ୍ଦୀ କରି ରଖାଯାଇଛି ଏବଂ ସେମାନଙ୍କୁ ମାନବାଧିକାରରୁ ବଞ୍ଚିତ କରାଯାଉଛି ବୋଲି ଇଲ୍ତିଜା ଗତମାସରେ କ୍ଷୋଭବ୍ୟକ୍ତ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ।

## ଜମ୍ମୁ-କଶ୍ମୀର ଆଇଡି ଦେଖାଇଲେ ୩୭୦ ଟଙ୍କା ରିହାତି

ନୂଆଦିଲ୍ଲୀ,୫।୯(ଆଇଏଏନ୍ଏସ୍)

ଦିଲ୍ଲୀର କନଟପ୍ଲେସ୍ସ୍ଥିତ ଏକ ରେଷ୍ଟୁରାଣ୍ଟରେ ଜମ୍ମୁ-କଶ୍ମୀରର ଲୋକଙ୍କ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯାଇଛି। ସୁସ୍ୱାଦୁ ବ୍ୟଞ୍ଜନ ପାଇଁ ଜଣାଶୁଣା ହୋଟେଲ ଆର୍ଡୋର ୨.୧ କଶ୍ମୀରୀଙ୍କ ପାଇଁ 'ଆର୍ଟିକିଲ ୩୭୦' ଥାଳି ବ୍ୟବସ୍ଥା କରିଛି। ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ଜାରି ପରିଚୟପତ୍ର ଦେଖାଇ ଉକ୍ତ ସ୍ୱତନ୍ତ୍ର ଥାଳି ଖାଇଲେ ୩୭୦ ଟଙ୍କା ରିହାତି ଦିଆଯାଉଛି। ଶାକାହାରୀ ଖାଦ୍ୟର ମୂଲ୍ୟ ୨,୩୭୦ ଟଙ୍କା ଥିବାବେଳେ ନନ୍ଭେଜ୍ଙ୍କ ପାଇଁ ୨,୬୬୯ (ଅତିରିକ୍ତ ଟିକସ) ରହିଛି।

## ୭ରେ ଚନ୍ଦ୍ରକୁ ଛୁଇଁବ ଚନ୍ଦ୍ରୟାନ-୨

## ୧୧ ବର୍ଷ ତଳର କାମ ସମ୍ପୂର୍ଣ୍ଣ କରିବ



### ସଫଳତା କାମନା କଲା ନାସା

ନୂଆଦିଲ୍ଲୀ,୫।୯(ପି.ଟି.): ୨୦୦୮-୦୯ରେ ଚନ୍ଦ୍ରକୁ ପଠାଯାଇଥିବା ଚନ୍ଦ୍ରୟାନ-୧ର ଅଧୁରା କାର୍ଯ୍ୟକୁ ୧୧ ବର୍ଷ ପରେ ପୂରା କରିବା ଲାଗି ଚନ୍ଦ୍ରୟାନ-୨ର ଅଭିଯାନ ଜାରି ରହିଛି। ଚନ୍ଦ୍ରରେ ଲୋକଙ୍କ ଉପସ୍ଥିତି ଲାଗି ଚନ୍ଦ୍ରୟାନ-୨ ବିଶେଷ ସହାୟତା କରିବ ବୋଲି ମହାକାଶଚାରୀମାନେ ପ୍ରକାଶ କରିଛନ୍ତି। ଇସ୍ରୋ ପକ୍ଷରୁ ପଠାଯାଇଥିବା ଏହି ଚନ୍ଦ୍ରଯାନ ଶନିବାର ଅପରାହ୍ନ ୧.୩୦ରୁ ୨.୩୦ ମଧ୍ୟରେ ଚନ୍ଦ୍ରରେ ପହଞ୍ଚିବ। କେବଳ ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ନୁହେଁ ବରଂ ଚନ୍ଦ୍ରରେ ପାଣିପାଗ, ଅମ୍ଳଯାନ ସ୍ଥିତି ଓ ମଣିଷ ରହିବାକୁ ଆବଶ୍ୟକ ପରିବେଶ ସମ୍ପର୍କରେ ଅନୁଧ୍ୟାନ କରାଯିବ। ନାସାର ମହାକାଶଚାରୀ ଜେରୀ ଲିନେଙ୍ଗର ଏନେଇ ମତଦେବା ସହ ଚନ୍ଦ୍ରୟାନ-୨ର ସଫଳତା କାମନା କରିଛନ୍ତି।

## ଏନ୍ଆର୍ସି ସଂଯୋଜକଙ୍କ ନାଁରେ ମାମଲା

ଗୁଆହାଟୀ,୫।୯(ପି.ଟି.)



ଆସାମରେ ଏନ୍ଆର୍ସି(ଜାତୀୟ ନାଗରିକ ପଞ୍ଜିକା) କାର୍ଯ୍ୟରେ ନିୟୋଜିତ ସଂଯୋଜକ ପ୍ରତୀକ ହାଜେଲାଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇଛି। ଚୂଡ଼ାନ୍ତ ତାଲିକା ପ୍ରସ୍ତୁତିରେ ସେ ଜାଲିଆତି କରିଥିବା ନେଇ ଅଭିଯୋଗ ହେବା ପରେ 'ଅଲ୍ ଅସମ ଗୋରିୟା-ମୋରିୟା ଯୁବ ସଙ୍ଗଠନ' ପକ୍ଷରୁ ଡିବ୍ରୁଗଡ଼ ଓ ଗୁଆହାଟୀ ପୋଲିସ ନିକଟରେ ମାମଲା ରୁଜୁ କରାଯାଇଛି। ଏନ୍ଆର୍ସି ଚୂଡ଼ାନ୍ତ ତାଲିକାରେ ନାମ ନ ଥିବା ଚନ୍ଦନ ମଜୁମ୍ଦାର ଡିବ୍ରୁଗଡ଼ ପୋଲିସ ଷ୍ଟେଶନରେ ହାଜେଲାଙ୍କ ବିରୋଧରେ ଏତଲା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି, ସବୁ କାଗଜପତ୍ର ଦାଖଲ କରିଥିଲେ ହେଁ ଚୂଡ଼ାନ୍ତ ତାଲିକାରେ ତାଙ୍କର ନାମ ନାହିଁ। ବ୍ୟାପକ ଭେଦଭାବ କରାଯାଇ ଅନିୟମିତତା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ଅଭିଯୋଗ ଗୁଆହାଟୀର ଲତସିଲ ପୋଲିସଷ୍ଟେଶନରେ କରାଯାଇଛି। ଚୂଡ଼ାନ୍ତ ଏନ୍ଆର୍ସି ତାଲିକାରେ ବହୁ ସ୍ଥାନୀୟ ବାସିନ୍ଦାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଦର୍ଶାଯାଇଛି।

### ଇତିହାସର ଆଇନାରେ

### ସେପ୍ଟେମ୍ବର ୬ର ପ୍ରମୁଖ ଘଟଣା

୧୯୯୦ ସେପ୍ଟେମ୍ବର ୬ରେ ପ୍ରସାର ଭାରତୀ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଏହାର ୬ ଦିନ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଦେଶରେ ପ୍ରସାର ଭାରତୀ ଆଇନ କାର୍ଯ୍ୟକାରୀ ହୋଇଥିଲା। ପ୍ରସାର ଭାରତୀ ହେଉଛି ଭାରତର ସର୍ବବୃହତ ସରକାରୀ ପ୍ରସାରଣ ସଂସ୍ଥା। ଉପରୋକ୍ତ ଆଇନ ଅନୁଯାୟୀ ପ୍ରତିଷ୍ଠିତ ସ୍ୱାଧୀନ ସଂସ୍ଥା ପ୍ରସାର ଭାରତୀ ଅଧୀନରେ ଦୂରଦର୍ଶନ ଟେଲିଭିଜନ ନେଟୱର୍କ ଏବଂ ଅଲ୍ ଇଣ୍ଡିଆ ରେଡିଓ (ଏଆଇଆର୍) ରହିଛି। ପୂର୍ବରୁ ଏଗୁଡିକ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ରହିଥିଲେ।

୧୯୯୭ ସେପ୍ଟେମ୍ବର ୬ରେ ଲଣ୍ଡନରେ ଯୁବରାଣୀ ଡାଏନାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିଲା। କେନ୍ସିଙ୍ଗଟନ ପ୍ୟାଲେସ୍ରୁ ଶବାଧାରକୁ ତୋପ ସଲାମୀ ସହ ସେଣ୍ଟ ଜେମ୍ସ ପ୍ୟାଲେସ୍କୁ ନିଆଯାଇ ସେଠାରେ ୫ ଦିନ ରଖାଯାଇଥିଲା। ୱେଷ୍ଟମିନିଷ୍ଟର ଆବେଠାରେ ଆନୁଷ୍ଠାନିକ ଉତ୍ସବ ପରେ ଅଲଥୋର୍ପଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ୨ ହଜାର ଲୋକ ଯୋଗଦେଇଥିବାବେଳେ ଏହାକୁ ଦେଶବ୍ୟାପୀ ୨୫୦ କୋଟି ଲୋକ ଟେଲିଭିଜନରେ ଦେଖିଥିଲେ।

## ଯମଜ ସନ୍ତାନ ଜନ୍ମ ଦେଲେ ୭୪ ବର୍ଷୀୟା

ହାଇଦ୍ରାବାଦ,୫।୯



ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ଜଣେ ୭୪ ବର୍ଷୀୟା ବୃଦ୍ଧା ଗୁରୁବାର ଯମଜ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ଇନ୍-ଭିଟ୍ରୋ-ଫର୍ଟିଲାଇଜେଶନ (ଆଇଭିଏଫ୍) ପଦ୍ଧତିରେ ସେ ଗର୍ଭଧାରଣ କରିଥିଲେ। ସନ୍ତାନ ଜନ୍ମ କରିବାରେ ସେ ଭାରତର ସବୁଠୁ ବୟସ୍କା ମାଆ ବୋଲି ଡାକ୍ତର କହିଛନ୍ତି। ଏହା ପୂର୍ବରୁ ୨୦୧୬ରେ ପଞ୍ଜାବର ୭୦ ବର୍ଷୀୟା ଦଲଜିନ୍ଦର କୌର ପ୍ରଥମ ଥର ମାଆ ହୋଇଥିଲେ।

ପୂର୍ବ ଗୋଦାବରୀ ଜିଲା ଦ୍ରାକ୍ଷାରମାମ ବ୍ଲକ୍ ଅନ୍ତର୍ଗତ ନେଲାପର୍ତ୍ତିପାଡୁ ଗାଁର ଇ. ରାଜା ରାଓଙ୍କ ସ୍ତ୍ରୀ ଏରାମତି ମାଙ୍ଗାୟାମ୍ମା କୋଠପେଟ୍ସ୍ଥିତ ଅହଲ୍ୟା ହସ୍ପିଟାଲରେ ଯମଜ ସନ୍ତାନ ଜନ୍ମ ଦେଇଛନ୍ତି। ଅସ୍ତ୍ରୋପଚାର କରାଯାଇ ଶିଶୁ ଦୁଇଟିଙ୍କୁ ପ୍ରସବ କରାଯାଇଥିଲା। ଉଭୟ ମାଆ ଓ ଶିଶୁ ସୁସ୍ଥ ଥିବା ହସ୍ପିଟାଲ ନିର୍ଦ୍ଦେଶକ ଡ. ସନକାୟାଲ ଉମାଶଙ୍କର କହିଛନ୍ତି। ଏହା ଏକ ବିରଳ ଘଟଣା। ତେବେ ସେ ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ ନାହିଁ। ମିଲ୍କ ବ୍ୟାଙ୍କରେ ମିଳୁଥିବା କ୍ଷୀର ଶିଶୁଙ୍କୁ ଦିଆଯିବ ବୋଲି ଡାକ୍ତର କହିଛନ୍ତି। ରାଜା ରାଓ ୫୭ ବର୍ଷ ପୂର୍ବେ ବିବାହ କରିଥିଲେ ହେଁ ନିଃସନ୍ତାନ ଥିଲେ। ମାଆ ହେବା ପାଇଁ ମାଙ୍ଗାୟାମ୍ମାଙ୍କର ପ୍ରବଳ ଆଗ୍ରହ ଥିଲା। ବିଭିନ୍ନ ହସ୍ପିଟାଲ ଯାଇ ସେ ବିଫଳ ହୋଇଥିଲେ। ଆଇଭିଏଫ୍ ପଦ୍ଧତିରେ ଜଣେ ୫୫ ବର୍ଷୀୟା ମହିଳା ଗତବର୍ଷ ଗର୍ଭଧାରଣ କରିଥିବା ଜାଣିବା ପରେ ମାଙ୍ଗାୟାମ୍ମା ଉକ୍ତ ପଦ୍ଧତି ଆପଣାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡାକ୍ତର କହିଛନ୍ତି। ଅନ୍ୟ ଜଣେ ମହିଳା ଦାନ କରିଥିବା ଡିମ୍ବାଣୁ ସହ ରାଜା ରାଓଙ୍କ ଶୁକ୍ରାଣୁକୁ ଆଇଭିଏଫ୍ ପଦ୍ଧତିରେ ବିକଶିତ କରାଯାଇ ମାଙ୍ଗାୟାମ୍ମାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଇଥିଲା ଓ ସେ ଜାନୁୟାରୀରେ ଗର୍ଭବତୀ ହୋଇଥିଲେ।

## ଭାରତ-ରୁଷିଆ ପ୍ରତିରକ୍ଷା ସମ୍ପର୍କ

# ଆମେରିକା କଟକଣା ପ୍ରଭାବହୀନ

ଭ୍ଲାଡିଭୋଷ୍ଟକ୍,୫।୯ (ପି.ଟି.)



### ରୁଷିଆ ପୂର୍ବାଞ୍ଚଳର ବିକାଶ ପାଇଁ ୧୦୦ କୋଟି ଡଲାର ଋଣ ଦିଆଯିବ: ମୋଦି

ଭାରତ-ରୁଷିଆ ସମ୍ପର୍କରେ ଆମେରିକା କଟକଣା ପ୍ରତିବନ୍ଧକ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ବଢ଼ୁଥିବା ସହଯୋଗ ପ୍ରଭାବିତ ହେବନାହିଁ। ରୁଷିଆ ଦୂରପ୍ରାଚ୍ୟର ବିକାଶ ପାଇଁ ଭାରତ ୧୦୦ କୋଟି ଡଲାର ଋଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ଗୁରୁବାର ଘୋଷଣା କରିଛନ୍ତି। ରୁଷିଆର ଏହି ପ୍ରାକୃତିକ ସମ୍ପଦଭରା ଅଞ୍ଚଳର ବିକାଶ ପାଇଁ ମସ୍କୋ ସହ ନୂଆଦିଲ୍ଲୀ କାନ୍ଧକୁ କାନ୍ଧ ମିଶାଇ ଚାଲିବ ବୋଲି ମୋଦି ପୂର୍ବାଞ୍ଚଳ ଅର୍ଥନୈତିକ ଫୋରମ୍ (ଇଇଏଫ୍) ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି। ଦୁଇ ବନ୍ଧୁ ରାଷ୍ଟ୍ରର ବିଭିନ୍ନ ଅଞ୍ଚଳ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଏବଂ ଆର୍ଥିକ କୂଟନୀତିର ବିକାଶରେ ଏହା ନୂଆ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି।

ଆଗାମୀ ଜି୭/ଜି୮ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀ ରୁଷିଆ ଆୟୋଜନ କରିବାକୁ ଯାଉଥିବାବେଳେ ଏଥିରେ ଭାରତ, ଚାଇନା ଓ ତୁର୍କୀକୁ ସାମିଲ କରାଯିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। ଭାରତ ଓ ଚାଇନାକୁ ଛାଡ଼ି କୌଣସି ଅନ୍ତର୍ଜାତୀୟ ସଂଗଠନ ସେ କଳ୍ପନା କରିପାରୁନାହାନ୍ତି ବୋଲି ପୁଟିନ ଇଇଏଫ୍ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଥିଲେ।

ଇଇଏଫ-୨୦୧୯ରେ ଭାରତ ୫ ବିଲିୟନ ଡଲାର ମୂଲ୍ୟର ୫୦ ରାଜିନାମା ଚୂଡ଼ାନ୍ତ କରିଛି। ରୁଷିଆର ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଭାରତୀୟ ଶିଳ୍ପସଂସ୍ଥା ୭ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ କରିଛନ୍ତି। ୨୦୦୧ରେ ଓଏନ୍ଜିସି ବିଦେଶ ରୁଷିଆ ଦୂରପ୍ରାଚ୍ୟରେ ଥିବା ସାଖାଲିନ-୧ ତୈଳ ଓ ଗ୍ୟାସ କ୍ଷେତ୍ରର ୨୦% ଅଂଶଧନ ଅଧିଗ୍ରହଣ କରିଥିଲା। ଏହାବ୍ୟତୀତ ଓଏନ୍ଜିସି ବିଦେଶ ସାଇବେରିଆରେ ଥିବା ଇମ୍ପେରିଆଲ ଏନର୍ଜିକୁ କିଣିବା ସହ ପୂର୍ବ ସାଇବେରିଆରେ ଥିବା ଭାଙ୍କୋର ତୈଳକ୍ଷେତ୍ରର ଅଂଶଧନ କିଣିଥିଲା। ସେହିପରି ପୂର୍ବ ସାଇବେରିଆରେ ଥିବା ଟାସ୍-ୟୁର୍ୟାଖ୍ ତୈଳକ୍ଷେତ୍ରର ୨୯.୯ ପ୍ରତିଶତ ଇଣ୍ଡିଆନ ଅଏଲ୍ କର୍ପୋରେଶନ କିଣିଥିବାବେଳେ ରୁଷିଆର ତୈଳ କମ୍ପାନୀ ରୋସ୍ନେଫ୍ଟ ୨୦୧୭ରେ ଏସାର ଅଏଲ୍କୁ କିଣିଥିଲା। ୨୦୨୪ ସୁଦ୍ଧା ଭାରତ ୫ ବିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି। ଆମେରିକାର କଟକଣା ଯୋଗୁ ରୁଷିଆ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛି। ସେଠାରୁ ୫ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ମୂଲ୍ୟର ଅତ୍ୟାଧୁନିକ ଏସ-୪୦୦ ଏୟାର-ଡିଫେନ୍ସ ମିସାଇଲ ସିଷ୍ଟମ୍ ନ କିଣିବାକୁ ଆମେରିକା ଭାରତ ଉପରେ ଚାପ ପକାଇଆସୁଛି।

### ଜାକିରଙ୍କ ପ୍ରତ୍ୟର୍ପଣ ନେଇ ମହାଥିରଙ୍କ ସହ ଆଲୋଚନା

ଇଇଏଫ୍ର ପଞ୍ଚମ ସମ୍ମିଳନୀରେ ଯୋଗଦେବାକୁ ରୁଷିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ମାଲେସିଆ ପ୍ରତିପକ୍ଷ ମହାଥିର ମହମ୍ମଦଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୋଦି ମହାଥିରଙ୍କୁ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତି ସମ୍ପର୍କରେ ଜଣାଇବା ସହ ବିବାଦୀୟ ଇସ୍ଲାମିକ୍ ବିଦ୍ୱାନ୍ ଜାକିର ନାଏକଙ୍କ ପ୍ରତ୍ୟର୍ପଣ ନେଇ ଆଲୋଚନା କରିଥିଲେ। ଆତଙ୍କବାଦ ଓ ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଜାକିରଙ୍କୁ ଫେରାଇଆଣିବା ପାଇଁ ଭାରତ ଜୋରଦାର ଉଦ୍ୟମ ଚଳାଇଛି। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ମଧ୍ୟ ଆଲୋଚନା ହୋଇଥିବା ମୋଦି ଟୁଇଟ୍ କରିଛନ୍ତି।

# ଧରିତ୍ରୀ DHARITRI

ଢେଙ୍କାନାଳ, ଶୁକ୍ରବାର, ସେପ୍ଟେମ୍ବର ୬/୨୦୧୯ | Dhenkanal, Friday, September 6 / 2019 | (ପୃଷ୍ଠା-୧)




**ରହମତଙ୍କ ଟେଷ୍ଟ ଶତକ**

ରହମତ ଶାହ ଆଫଗାନିସ୍ତାନର ପ୍ରଥମ କ୍ରିକେଟର ଭାବେ ଏକ ଟେଷ୍ଟ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି ।

୧୬

୧୫

**ଅଟୋମୋବାଇଲ ସେକ୍ଟରକୁ ସହାୟତା ମିଳିବ**

ମାନ୍ଦାବସ୍ଥାରୁ ବାହାରି ଆସିବା ଲାଗି ସରକାର ଅଟୋମୋବାଇଲ ସେକ୍ଟରକୁ ଯଥାସମ୍ଭବ ସହାୟତା କରିବେ ବୋଲି କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି।





ଭୁବନେଶ୍ୱର ଆର୍‌ଟିଓ -୧ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଧରପଗଡ଼ ପରେ ଗୁରୁବାର ଡ୍ରାଇଭିଂ ଲାଇସେନ୍ସ ପାଇଁ ଆସିଥିବା ଆବେଦନକାରୀଙ୍କ ଗାଡ଼ି ରାସ୍ତା ଯାଏଁ ଲମ୍ବିଛି।

# ଜେଲ ଗଲେ ଚିଦାମ୍ବରମ

## ଆଇଏନ୍‌ଏକ୍ସ ମିଡିଆ ମାମଲା



## ୭୪ତମ ଜନ୍ମଦିନ ଜେଲରେ କଟିବ

ନୂଆଦିଲ୍ଲୀ,୫।୯(ଆଇଏଏନ୍‌ଏସ୍)

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ପରେ ତାଙ୍କୁ ତିହାର ଜେଲକୁ ନିଆଯାଇଛି। ସେ ସେଠାରେ ୧୯ ତାରିଖ ପର୍ଯ୍ୟନ୍ତ ରହିବେ। ୧୬ ତାରିଖରେ ତାଙ୍କର ୭୪ତମ ଜନ୍ମଦିନ ଜେଲ୍‌ରେ କଟିବାକୁ ଯାଉଛି। ସେ ୭ ନମ୍ବର ଜେଲ୍‌ର ସ୍ୱତନ୍ତ୍ର ସେଲ୍‌ରେ ରହିବେ। ଚିଦାମ୍ବରମ ଜେଡ୍ ସ୍ତରୀୟ ସୁରକ୍ଷା ପାଉଥିବାରୁ ତାଙ୍କ ଓକିଲଙ୍କ ଅନୁରୋଧ କ୍ରମେ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବାକୁ କୋର୍ଟ ରାଜି ହୋଇଛନ୍ତି। ତଦନୁଯାୟୀ ତାଙ୍କୁ ଖଟ, ଅତ୍ୟାଧୁନିକ ସୁବିଧା ଥିବା ବାଥ୍‌ରୁମ୍, ସୁରକ୍ଷା ଓ ଔଷଧ ଯୋଗାଇଦିଆଯିବ। ତେବେ ସାଧାରଣ ବନ୍ଦୀଙ୍କ ଭଳି ତାଙ୍କୁ ପ୍ଲାଷ୍ଟିକ୍ ପାତ୍ରରେ ରୁଟି ଡାଲି ଖାଇବାକୁ ପଡ଼ିବ ବୋଲି ଜଣେ ଜେଲ୍ ଅଧିକାରୀ କହିଛନ୍ତି।

ଗତମାସ ୨୦ରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଦେବା ପରେ ୨୧ ତାରିଖ ରାତିରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ରିମାଣ୍ଡରେ ନେଇ ସିବିଆଇ ତାଙ୍କୁ ୯୦ ଘଣ୍ଟା ଜେରା କରିଥିଲା। ଚିଦାମ୍ବରମଙ୍କୁ ୪୦୦ରୁ ଅଧିକ ପ୍ରଶ୍ନ ପଚାରିଥିଲେ ସିବିଆଇ ଅଧିକାରୀ। ରିମାଣ୍ଡ ମିଆଦ ପୂରଣ ହେବା ପରେ ତାଙ୍କୁ ଗୁରୁବାର ଅଦାଲତରେ ହାଜର କରାଯାଇଥିଲା। ତାଙ୍କୁ ଆଗୁଆ ଜାମିନ ଦେବାକୁ ସୁପ୍ରିମକୋର୍ଟ ମନା କରିଦେବା ପରେ ଦିଲ୍ଲୀର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ତେବେ ଜେଲ୍ ଯିବାରୁ ବର୍ତ୍ତିବା ଲାଗି ତାଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା।

ଚିଦାମ୍ବରମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇବା ପାଇଁ ସିବିଆଇ କୋର୍ଟଙ୍କୁ ଅନୁରୋଧ କରିଥିଲା। ତେବେ ଚିଦାମ୍ବରମଙ୍କ ଓକିଲ କପିଲ ସିବଲ ଏହାକୁ ବିରୋଧ କରିଥିଲେ। ମନିଲଣ୍ଡରିଂ ମାମଲାରେ ଜେରାର ସମ୍ମୁଖୀନ ହେବା ପାଇଁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହେପାଜତକୁ ଯିବା ପାଇଁ ପ୍ରସ୍ତୁତ ବୋଲି ସିବଲ ଅଦାଲତଙ୍କୁ ଜଣାଇଥିଲେ। ଜାମିନବିହୀନ ଗିରଫ ପରୱାନା ବିରୋଧରେ ଚିଦାମ୍ବରମ କରିଥିବା ଆବେଦନକୁ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଜୟ କୁମାର କୁହାରଙ୍କ ନିର୍ଦ୍ଦେଶରେ ସେ ୧୫ ଦିନ ସିବିଆଇ ହାଜତରେ ରହିଥିଲେ। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାମଲା ଲଢୁଥିବାବେଳେ ଚିଦାମ୍ବରମଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କୋର୍ଟରେ ଉପସ୍ଥିତ ରହି ଯୁକ୍ତି ଉପସ୍ଥାପନ କରିଥିଲେ। ଚିଦାମ୍ବରମ ଆତ୍ମସମର୍ପଣ କରିବାକୁ ଚାହାନ୍ତି। ତେଣୁ ତାଙ୍କୁ ଇଡି ହାଜତକୁ ନେଉ ବୋଲି ସିବଲ କୋର୍ଟଙ୍କୁ କହିଥିଲେ।

ଅନ୍ୟପକ୍ଷରେ ଏୟାରସେଲ୍-ମାକ୍ସିସ୍ ମାମଲାରେ ଅନ୍ୟ ଏକ ସ୍ୱତନ୍ତ୍ର ଅଦାଲତ ଚିଦାମ୍ବରମ ଓ ତାଙ୍କ ପୁଅ କାର୍ତ୍ତିଙ୍କୁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ସେ କେବଳ ଦେଶର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତିତ ବୋଲି ଜେଲ୍ ଯିବା ପୂର୍ବରୁ ଚିଦାମ୍ବରମ ଗଣମାଧ୍ୟମକୁ କହିଛନ୍ତି। ଜିଡିପି ୫ ପ୍ରତିଶତକୁ ଖସିବା ନେଇ ସେ ଗତ ସପ୍ତାହରେ ସରକାରଙ୍କୁ ସମାଲୋଚନା କରିଥିଲେ।

୨୦୦୭ରେ ଚିଦାମ୍ବରମ କେନ୍ଦ୍ର ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍‌ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କାର ବିଦେଶୀ ପୁଞ୍ଜି ବିନିଯୋଗକୁ ବିଦେଶୀ ନିବେଶ ପ୍ରୋତ୍ସାହନ ବୋର୍ଡ (ଏଫଆଇପିବି) ଅନୁମତି ଦେଇଥିଲା। ଏଥିପାଇଁ ଚିଦାମ୍ବରମ୍ କ୍ଷମତାର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ପୁଅ କାର୍ତ୍ତିଙ୍କ ସେଲ୍ କମ୍ପାନୀ ମାଧ୍ୟମରେ ଏଥିପାଇଁ ବିପୁଳ ଅର୍ଥ କାରବାର ହୋଇଥିଲା। ଏନେଇ ସିବିଆଇ ୨୦୧୭ ମେ ୧୫ରେ ଏତଲା ଦାଏର କରିଥିଲା। ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚିଦାମ୍ବରମଙ୍କ ନାମରେ ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା।

# ୧୦ ଜିଲାକୁ ବୁଡ଼ାଇବ ବର୍ଷା

ଭୁବନେଶ୍ୱର,୫।୯(ବ୍ୟୁରୋ)

ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହୁଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୪ଟି ଜିଲା ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଏବଂ ନବରଙ୍ଗପୁରରେ ଭୟଙ୍କର ବର୍ଷା ହେବ । କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ରେଡ ୱାର୍ନିଂ ଜାରି କରିଛି। କେତେକ ସ୍ଥାନରେ ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ଭୂସ୍ଖଳନ ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଗଜପତି, ପୁରୀ, କୋରାପୁଟ, ବଲାଙ୍ଗୀର, ରାୟଗଡ଼ା ଓ ନୂଆପଡା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଅଞ୍ଚଳ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ସତର୍କତା ସୂଚନା ଜାରି କରାଯାଇଛି।

# ଟ୍ରକ୍ ଅପରେଟରଙ୍କ ଋଣ ବଢ଼ିବ

## ମାନ୍ଦାବସ୍ଥା ନେଇ ମୁଡିଜ ରିପୋର୍ଟ



ନୂଆଦିଲ୍ଲୀ,୫।୯

ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥାର ପ୍ରଭାବକୁ ଏବେ ଟ୍ରକ୍ ଅପରେଟର ସେକ୍ଟର ମର୍ମେ ମର୍ମେ ଅନୁଭବ କରୁଛନ୍ତି। ବ୍ୟବସାୟ କମିବା କାରଣରୁ ସେମାନେ ନିଜର ଋଣ ପରିଶୋଧ କରିପାରୁ ନାହାନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ସେମାନେ ନୂଆ ଟ୍ରକ୍ କିଣିବାଠାରୁ ଦୂରେଇ ଗଲେଣି। ସେମାନଙ୍କର ଋଣ ବଢ଼ି ଚାଲିବ ବୋଲି ମୁଡିଜ୍ ରିପୋର୍ଟରେ କୁହାଯାଇଛି। ଏହା ଅଟୋ ସେକ୍ଟର ପାଇଁ ଅଶୁଭ ସଙ୍କେତ କୁହାଯାଇପାରେ।

ମୁଡିଜ ଇନ୍‌ଭେଷ୍ଟର ସର୍ଭିସ ପକ୍ଷରୁ ଗୁରୁବାର ଏକ ରିପୋର୍ଟରେ କୁହାଯାଇଛି ଯେ, ଜିଡିପି ଅଭିବୃଦ୍ଧି ହାର ୫%କୁ ହ୍ରାସ ପାଇବା ଦ୍ୱାରା ଅଧିକ କ୍ଷେତ୍ର ପ୍ରଭାବିତ ହେବାକୁ ଯାଉଛି। ଅର୍ଥନୀତି ଧିମା ହେବା ଦ୍ୱାରା ଟ୍ରକ୍ ଅପରେଟରଙ୍କ ସମ୍ପତ୍ତି ଆଧାରିତ ବନ୍ଧକ(ଏବିଏସ୍) ବୃଦ୍ଧି ପାଇବ। ମାଲ୍ ପରିବହନ କମୁଥିବାରୁ ଟ୍ରକ୍ ଅପରେଟରଙ୍କ ଆୟ କମୁଛି। ଏଥିଯୋଗୁ ସେମାନେ ବକେୟା ଋଣ କିସ୍ତି(ଇଏମ୍‌ଆଇ) ପରିଶୋଧ କରିପାରୁନାହାନ୍ତି। ୨୦୧୨-୧୩ରେ ଏବିଏସ୍ ବହୁଗୁଣ ବୃଦ୍ଧି ପାଇଥିଲା। ଟ୍ରକ୍ ଅପରେଟର ସେକ୍ଟରରେ ଏଭଳି ମାନ୍ଦାବସ୍ଥା ମାତ୍ର ସେତେବେଳେ ଦେଖିବାକୁ ମିଳିଥିଲା ବୋଲି ମୁଡିଜର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ତଥା ବିଶ୍ଳେଷକ ଦୀପାଂଶୁ ରସ୍ତୋଗୀ କହିଛନ୍ତି। ତେବେ ବର୍ତ୍ତମାନ ସମୟରେ ଏହା ସେହି ଅନୁପାତରେ ବୃଦ୍ଧି ପାଇନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ବର୍ତ୍ତମାନର ଆର୍ଥିକ ନୀତି କାରଣରୁ ଏବେ ଅଟୋ ସେକ୍ଟର ବିଶେଷ କରି ଟ୍ରାନ୍ସପୋର୍ଟ ଅପରେଟର ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ଦେଶର ଦୁଇ ମୁଖ୍ୟ ଟ୍ରାନ୍ସପୋର୍ଟ ଉଦ୍ୟୋଗ ପ୍ରତିନିଧି ଅଲ୍ ଇଣ୍ଡିଆ ଟ୍ରାନ୍ସପୋର୍ଟର୍ସ ୱେଲ୍‌ଫେୟାର ଆସୋସିଏଶନ(ଏଆଇଟିଡବ୍ଲ୍ୟୁଏ) ☞ପୃଷ୍ଠା-୨

# ଚୁକ୍ତିଭିତ୍ତିକ ଡାକ୍ତରଙ୍କ ଅବସର ବୟସସୀମା ୭୦କୁ ବୃଦ୍ଧି

ଭୁବନେଶ୍ୱର,୫।୯(ବ୍ୟୁରୋ): ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କ ଅବସର ବୟସସୀମା ବୃଦ୍ଧି କରିଛନ୍ତି। ଏଣିକି ନୂଆ ନିଷ୍ପତ୍ତି ଅନୁଯାୟୀ ଚୁକ୍ତିଭିତ୍ତିକ ଡାକ୍ତରମାନେ ୬୮ ବର୍ଷ ବୟସ ପରିବର୍ତ୍ତେ ୭୦ ବର୍ଷରେ ଅବସର ନେବେ। ସେହିପରି ରାଜ୍ୟରେ ନିୟମିତ ଭିତ୍ତିରେ ଡାକ୍ତର ନିଯୁକ୍ତି ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁ ରହିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**

ତାଲିମ ଲୋଡ଼ା

**ଆଜିର ମନ୍ତବ୍ୟ**

“ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ମୂର୍ତ୍ତି ଭାଙ୍ଗିଥିବା ଲୋକେ ପଶ୍ଚିମବଙ୍ଗ ଶାସନର ସ୍ୱପ୍ନ ଦେଖିବା ଅନୁଚିତ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

୨୦୧୯ ପ୍ରଥମାର୍ଦ୍ଧ ସୁଦ୍ଧା ଦେଶରେ ୩.୨ ଗିଗାୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ରକଳ୍ପ ସ୍ଥାପନା ହୋଇଛି। ଏହା ଗତ ବର୍ଷ ତୁଳନାରେ ୩୫% ନିମ୍ନରେ ରହିଛି। **- ମାର୍କମ ଇଣ୍ଡିଆ**


NATIONAL EGG CO-ORDINATION COMMITTEE 05.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 53 | 97 | 107 |
| CTC | 51 | 94 | 104 |
| DKL | 51 | 94 | 104 |
| BDK | 50 | 93 | 103 |
| BLS | 50 | 93 | 103 |
| ANG | 51 | 94 | 104 |
| BHM | 52 | 96 | 106 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


## କଶ୍ମୀରରେ କଟକଣା ହ୍ରାସ ସତ୍ତ୍ୱେ

# ଦୋକାନ ଖୋଲିବାକୁ ବ୍ୟବସାୟୀ ନାରାଜ

ଶ୍ରୀନଗର,୫।୯

ଭାରତ କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର କରି ହଜାର ହଜାର ସଂଖ୍ୟକ ଅତିରିକ୍ତ ସାମରିକ ବଳ ମୁତୟନ ଓ ବହୁ ନେତାଙ୍କୁ ଗୃହବନ୍ଦୀ କରିବାର ମାସକ ପରେ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ବିରୋଧ କରିଛନ୍ତି। ମୁସଲମାନ ବହୁଳ ଉପତ୍ୟକାରେ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି କେନ୍ଦ୍ର ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦାବି ମିଛ ବୋଲି ଏଥିରୁ ସ୍ପଷ୍ଟ ସଙ୍କେତ ମିଳିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ଅଧିକାରକୁ ପ୍ରତ୍ୟାହାର କରିଥିଲେ। ହିମାଳୟ ପାଦଦେଶରେ ଅବସ୍ଥିତ ଏହି ଅଞ୍ଚଳକୁ ଭାରତ ନିଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସ୍ପଷ୍ଟ କରିଥିବାବେଳେ ପଡ଼ୋଶୀ ପାକିସ୍ତାନ ମଧ୍ୟ ଏହାକୁ ତା'ର ଭୂଖଣ୍ଡ ବୋଲି ଦାବି କରୁଛି। ବିଶ୍ୱର ଅନ୍ୟତମ ସାମରିକ କ୍ଷେତ୍ର କଶ୍ମୀରରେ ବ୍ୟାପକ ବିକ୍ଷୋଭ ଆଶଙ୍କା କରାଯାଉଥିବାବେଳେ ଏହାକୁ ଦମନ କରିବା ପାଇଁ ଭାରତ ସେଠାକୁ ବହୁ ସଂଖ୍ୟକ ଯବାନଙ୍କୁ ପଠାଇଛି। ବିଭିନ୍ନ ପ୍ରକାର କଟକଣା ଜାରି କରି ଓ ସମସ୍ତ ଟେଲିଫୋନ୍, ମୋବାଇଲ୍ ଫୋନ୍ ତଥା ଇଣ୍ଟରନେଟ୍ ସଂଯୋଗ କାଟିଦେଇଛି। ଏହାସହ ଉପତ୍ୟକାରେ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଛି। ଉକ୍ତ ନିଷ୍ପତ୍ତିକୁ ଗୁରୁବାର ମାସେ ପୂରିଥିବାବେଳେ କେତେକ ସ୍ଥାନରେ କଟକଣା ହଟାଇଦେଇଛି ନୂଆଦିଲ୍ଲୀ। ତେବେ କୌଣସି ପ୍ରମୁଖ ଗୃହବନ୍ଦୀଙ୍କୁ ମୁକ୍ତ କରାଯାଇ ନାହିଁ। ଏବେ ମଧ୍ୟ ମୋବାଇଲ୍ ଇଣ୍ଟରନେଟ ସେବା ବନ୍ଦ ରହିଛି। ଜମ୍ମୁ-କଶ୍ମୀରର ଗ୍ରୀଷ୍ମକାଳୀନ ରାଜଧାନୀ ଶ୍ରୀନଗରରେ ଅଧିକାରୀମାନେ କହିଛନ୍ତି, କଶ୍ମୀର ଉପତ୍ୟକାର ୯୦ ପ୍ରତିଶତ ଅଞ୍ଚଳକୁ ଦିନବେଳା କଟକଣାମୁକ୍ତ କରାଯାଇଛି। କେତେକ ଲ୍ୟାଣ୍ଡଲାଇନ୍ ଫୋନ୍ ସଂଯୋଗକୁ ସ୍ୱାଭାବିକ କରାଯାଇଛି ଏବଂ ହଜାର ହଜାର ସ୍କୁଲ ପୁଣି ଖୋଲିଛି। କିନ୍ତୁ ଚେକ୍ ପଏଣ୍ଟଗୁଡ଼ିକ ରହିଛି ଓ ଯୋଗାଯୋଗ କଟକଣା ଜାରି ରହିଥିବାରୁ ଏହି ଅଞ୍ଚଳରୁ ରିପୋର୍ଟିଂ କରିବା କଠିନ ହୋଇପଡ଼ିଛି।

ଆଂଶିକ ଭାବେ କଟକଣା ହଟାଇ ଦିଆଯାଇଥିଲେ ସୁଦ୍ଧା ଅନେକ ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରୁଛନ୍ତି। ଦୋକାନୀମାନେ ବ୍ୟବସାୟ ପାଇଁ ଯାଉନାହାନ୍ତି କି ସରକାରୀ ତଥା ଘରୋଇ କ୍ଷେତ୍ରର କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟରେ ଯୋଗଦେଉନାହାନ୍ତି। ☞ପୃଷ୍ଠା-୨


INSTITUTE OF ENTREPRENEURSHIP DEVELOPMENT, ODISHA

An Institute of

MSME Department, Govt. of Odisha

LAST CHANCE FOR SPOT ADMISSION 2019-20

IMBA

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into a **few vacant seats** of IMBA 5 years programme for the session 2019-20. The Application Form is available at the Institute's website **www.iedodisha.nic.in**. Interested candidates can also collect the Application Form personally from IED Odisha. The filled in Application Form can be submitted with all relevant documents and fees to the institute **till seats are available.**


123, Sect-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Mob. 9437036346, 7978120939, Ph. 0674-2585609, 2587176


# ବିଦ୍ୟୁତ୍ ଚୋରି ଖବର ଦେଲେ ମିଳିବ ପୁରସ୍କାର

## ମିଟର ରିଡିଂ କରିବେ ଏସ୍‌ଏଚ୍‌ଜି

ଭୁବନେଶ୍ୱର,୫।୯(ବ୍ୟୁରୋ)

ବିଦ୍ୟୁତ୍ ଚୋରି ବିଷୟରେ ଖବର ଦେଲେ ସୂଚନାକାରୀଙ୍କୁ ପୁରସ୍କୃତ କରାଯିବ। ଆଦାୟ ହେଉଥିବା ଜରିମାନା ରାଶିର ୧୦ ପ୍ରତିଶତ ଖବର ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ବୋଥ୍ରା ଦାୟିତ୍ୱ ଗ୍ରହଣ ପରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ବିଦ୍ୟୁତ୍ ଚୋରି ବିଷୟରେ ସୂଚନା ଦେବେ ପୁରସ୍କୃତ କରାଯିବା ସହ ତାଙ୍କ ନାମ ଗୋପନ ରଖାଯିବ। ବିଦ୍ୟୁତ୍ କ୍ଷେତ୍ରରେ ଖୁବ୍‌ଶୀଘ୍ର ଏକ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ଚୋରି ରୋକିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ଏଥିସହିତ ମିଟର ରିଡିଂ, ବିଦ୍ୟୁତ୍ ବିଲ୍ ଆଦାୟ ଏବଂ ଇ-ପେମେଣ୍ଟ ଆଦି କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ସାମିଲ କରାଯିବ। ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ତାଲିମ ଦିଆଯିବା ପରେ ସେମାନଙ୍କୁ ବିଲ୍ ଆଦାୟ ମେଶିନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅଭିଯୋଗକାରୀମାନେ ସେସୁର ନିଜସ୍ୱ ଟୁଇଟର ଆକାଉଣ୍ଟକୁ ଅଭିଯୋଗ ପଠାଇ ପାରିବେ। ନିକଟରେ ସାଲେପୁରର ଜଣେ ବ୍ୟକ୍ତି ବିଦ୍ୟୁତ୍ ଚୋରି ସମ୍ପର୍କରେ ଖବର ଦେଇଥିଲେ। ସେସୁ କର୍ମଚାରୀମାନେ ଚଢାଉ କରି ମାମଲା ରୁଜୁ କରିବା ସହ ୨୫ ହଜାର ୬୪୫ ଟଙ୍କା ଆଦାୟ କରିଥିଲେ। ସେଥିରୁ ସୂଚନା ଦେଇଥିବା ବ୍ୟକ୍ତିଙ୍କ ଆକାଉଣ୍ଟକୁ ୧୦ ପ୍ରତିଶତ ଅର୍ଥ ରାଶି ପଠାଯାଇଛି ବୋଲି ବୋଥ୍ରା କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଟ୍ରକ୍ ଅପରେଟରଙ୍କ...

ଏବଂ ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ(ଏଆଇଏମ୍‌ଟିସି) କହିଛି। ଟ୍ରକ୍ ଟ୍ରାନ୍ସପୋର୍ଟରଙ୍କ କହିବାନୁଯାୟୀ, ଅଟୋ ସେକ୍ଟର ପାଇଁ ସରକାର ସର୍ବାଧିକ ଜିଏସ୍‌ଟି ଦର ଧାର୍ଯ୍ୟ କରିଛନ୍ତି। ଏହାବାଦ୍ ଡିଜେଲ ଉପରେ ୨ ଟଙ୍କା ସେସ୍ ଲାଗୁ ହୋଇଛି। ପୂର୍ବାନୁମିତ ଟିକସ ସହ ବୀମା ପ୍ରିମିୟମ ବୃଦ୍ଧି କାରଣରୁ ଟ୍ରକ୍ ଟ୍ରାନ୍ସପୋର୍ଟରଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଏହି କାରଣରୁ ପୁରୁଣା ଟ୍ରକ୍ ଚଳାଇ ବ୍ୟବସାୟ କରିବା ଅପରେଟରଙ୍କ ପାଇଁ କଷ୍ଟସାଧ ହୋଇଛି। ଟ୍ରକ୍ ଅପରେଟର ଠିକ୍ ସମୟରେ ଋଣ ପରିଶୋଧ କରି ନ ପାରିଲେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ପ୍ରଭାବିତ ହେବା ନିଶ୍ଚିତ ବୋଲି ମୁଡିଜ ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ଏଆଇଟିଡବ୍ଲ୍ୟୁଏ ନ୍ୟାଶନାଲ ପ୍ରେସିଡେଣ୍ଟ ମହେନ୍ଦ୍ର ଆର୍ଯ୍ୟ କହିଛନ୍ତି ଯେ, ମାନ୍ଦାବସ୍ଥା ଯୋଗୁ ଟ୍ରକ୍ ଅପରେଟରଙ୍କ ଆର୍ଥିକ ଅବସ୍ଥା ବେହାଲ ହୋଇଛି। ଇଏମ୍‌ଆଇ ଦେବା ଅସମ୍ଭବ ହୋଇଥିବାରୁ ଆଗାମୀ ଦିନରେ ଆଉ ନୂଆ ଟ୍ରକ୍ କିଣାଯିବ ନାହିଁ ବୋଲି ସମସ୍ତ ଟ୍ରକ୍ ଅପରେଟର ନିଷ୍ପତ୍ତି ନେଇଛନ୍ତି। ସେହିପରି ଏଆଇଏମ୍‌ଟିସିର ପୂର୍ବତନ ପ୍ରେସିଡେଣ୍ଟ ତଥା କୋର୍ କମିଟି ଅଧ୍ୟକ୍ଷ ବାଲ୍ ମାଲକିତ୍ ସିଂହ କହିଛନ୍ତି ଯେ, ସରକାର ଅଟୋ ସେକ୍ଟରକୁ ୨୮% ଜିଏସ୍‌ଟି ଅଧୀନକୁ ଆଣିଛନ୍ତି। ଏଥିରେ ଟ୍ରକ୍ ଭଳି ବାଣିଜ୍ୟିକ ବାହନକୁ ଆଣିବା ଆଦୌ ଉଚିତ୍ ହୋଇନାହିଁ। ଏହାଛଡ଼ା ବଜେଟରେ ଡିଜେଲ ଉପରେ ୨ ଟଙ୍କା ସେସ୍ ଆଦାୟ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି। କାରଣ ଟ୍ରକ୍ ପରିବହନର ପ୍ରାୟ ୬୦% ଖର୍ଚ୍ଚ ଡିଜେଲ ବାବଦରେ ହୋଇଥାଏ। ସେହିପରି ବାର୍ଷିକ ୧ କୋଟି ଟଙ୍କା ନଗଦ ଉଠାଣ ଉପରେ ସରକାର ୨% ଟିଡିଏସ୍ ଲାଗୁ କରିଛନ୍ତି। ଏହା ମଧ୍ୟ ଟ୍ରକ୍ ଅପରେଟରଙ୍କ କାରବାର ଉପରେ ଅତିରିକ୍ତ ବୋଝ ପକାଇଛି। କାରଣ ଟ୍ରକ୍ ଅପରେଟରମାନଙ୍କ ସିଂହଭାଗ କାରବାର ନଗଦ ଆକାରରେ ହୋଇଥାଏ। ଏହାକୁ ଦେଖିଲେ ଆୟ କମିବାରେ ଲାଗିଥିବା ବେଳେ ବ୍ୟୟ ବଢ଼ିବଢ଼ି ଚାଲିଛି। ଏଣୁ ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ଦେଖିଲେ ଆଗକୁ ଟ୍ରକ୍ ଚଳାଇବା ଆଦୌ ଲାଭଜନକ ନୁହେଁ ବୋଲି ସିଂହ କହିଛନ୍ତି।

### ଦୋକାନ ଖୋଲିବାକୁ...

ନୂଆଦିଲ୍ଲୀର ସରକାର ବିରୋଧରେ ଏହା ଅଘୋଷିତ ପ୍ରତିବାଦ ବୋଲି ୭ ସରକାରୀ ଅଧିକାରୀ ଓ ଅନେକ ବାସିନ୍ଦାଙ୍କଠାରୁ ନିଆଯାଇଥିବା ସାକ୍ଷାତ୍‌କାରରୁ ସ୍ପଷ୍ଟ ହୋଇଛି। ଆମ ପାଇଁ ପରିଚୟ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏହାର ସୁରକ୍ଷା ଆମର ପ୍ରାଥମିକତା। ତେଣୁ ସେମାନେ ସ୍ୱାଭାବିକ ସ୍ଥିତି ଫେରାଇଆଣିଲେ ଆମେ ବ୍ୟବସାୟ ପୁଣି ଆରମ୍ଭ କରିବୁ ବୋଲି ପୁରୁଣା ଶ୍ରୀନଗରର ବ୍ୟବସାୟୀ ଶବିର ଅହମ୍ମଦ କହିଛନ୍ତି। ଉପତ୍ୟକାରେ ବିକ୍ଷୋଭବେଳେ ସୁରକ୍ଷା ବଳର ଲୁହବୁହା ବାଷ୍ପ ପ୍ରୟୋଗ ଓ ପେଲେଟ୍ ଗନ୍ ବ୍ୟବହାର ସହ ଦମନ ନୀତି ଯୋଗୁ ଟେକାମାଡ଼କାରୀଙ୍କ ଆଇନ ଅମାନ୍ୟ ବୃଦ୍ଧି ପାଇଛି। ପୂର୍ବରୁ ବିକ୍ଷୋଭ ବେଳେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଆନୁଷ୍ଠାନିକ ଭାବେ ବନ୍ଦ ପାଇଁ ଡାକରା ଦେଉଥିଲେ। ହେଲେ ବର୍ତ୍ତମାନ କଶ୍ମୀରର ସ୍ୱାଧୀନତା କିମ୍ବା ପାକିସ୍ତାନ ସହ ଏହାକୁ ମିଶାଇବାକୁ ଚାହୁଁଥିବା ବିଚ୍ଛିନ୍ନତାବାଦୀ ନେତାମାନେ ମୁଖ୍ୟସ୍ରୋତର ରାଜନେତାଙ୍କ ସହ ଗୃହବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଶତାଧିକ ସାମାଜିକ କର୍ମୀ ଓ ନେତା ମଧ୍ୟ ସାମିଲ ଅଛନ୍ତି। ଶ୍ରୀନଗରରେ ଅଗଷ୍ଟ ଶେଷ ଆଡ଼କୁ ବିକ୍ଷୋଭ ଆରମ୍ଭ ହୋଇଥିଲା। ସେତେବେଳେ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣି ପାରିବେ ବୋଲି ଦୋକାନୀମାନଙ୍କୁ କେବଳ ଭୋର ସମୟରେ ଓ ରାତିରେ ଦୋକାନ ଖୋଲିବାକୁ ଅନୁମତି ମିଳିଥିଲା। ସେବେଠୁ ଶ୍ରୀନଗରର ମଧ୍ୟଭାଗରେ ଥିବା ବ୍ୟବସାୟିକ ଅଞ୍ଚଳରେ ଅଧିକାଂଶ ଦୋକାନ ବନ୍ଦ ରହିଛି। ଏବେ ସବୁ ସ୍ୱାଭାବିକ ସମୟରେ ଦୋକାନ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ସୁରକ୍ଷା ବଳ ପରାମର୍ଶ ଦେଉଛି। କିନ୍ତୁ ସେମାନେ ମନାକରିଦେଉଛନ୍ତି। ଜମ୍ମୁ-କଶ୍ମୀର ପ୍ରଶାସନର ମୁଖପାତ୍ର ରୋହିତ କନ୍‌ସଲ କହିଛନ୍ତି, ଦୋକାନ ଖୋଲିବାରେ ଦେଶବିରୋଧୀ ତତ୍ତ୍ୱ ବାଧକ ସାଜୁଛନ୍ତି। ସୁରକ୍ଷା ବଳ ପକ୍ଷରୁ ଏହା ଉପରେ ଧ୍ୟାନ ଦିଆଯାଉଛି।

## ପୁରୀ ବିଶ୍ୱ ଐତିହ୍ୟ ନଗରୀ ପ୍ରକଳ୍ପ

# ୩ ନୂଆ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

- ରଘୁନନ୍ଦନ ଲାଇବ୍ରେରି ପୁନରୁଦ୍ଧାର ପାଇଁ ୨୫ କୋଟି
- ଉଚ୍ଛେଦ ୭୫ ମିଟର କ୍ଷେତ୍ରର ପୁନଃବିନ୍ୟାସ
- ବିସ୍ଥାପିତଙ୍କ ପାଇଁ ନିର୍ମାଣ ହେବ ୬୦୦ ଘର

ଭୁବନେଶ୍ୱର,୫।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକସେବା ଭବନରେ 'ପୁରୀ ବିଶ୍ୱ ଐତିହ୍ୟ ନଗରୀ ପ୍ରକଳ୍ପ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କରି ୩ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ଜାରି ରହିଥିବା ଉଚ୍ଛେଦ ଦ୍ୱାରା ଯେପରି ପୁରାତନ କୀର୍ତ୍ତିରାଜି ନଷ୍ଟ ନ ହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉଚ୍ଛେଦ ଦ୍ୱାରା ପ୍ରଭାବିତ ହେଉଥିବା ଜନସାଧାରଣଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ଐତିହ୍ୟ ସୁରକ୍ଷା ଅଞ୍ଚଳ ତଥା ଶ୍ରୀମନ୍ଦିରର ୭୫ ମିଟର ଅଞ୍ଚଳ ମଧ୍ୟରେ ଏହାର ପବିତ୍ର ଭୌଗୋଳିକ ଅବସ୍ଥିତି, ବିଭିନ୍ନ ପ୍ରାଚୀନ ଦେବଦେବୀ ମୂର୍ତ୍ତି, ଜଗନ୍ନାଥ ସଂସ୍କୃତି ସହ ସଂଶ୍ଳିଷ୍ଟ ବୃକ୍ଷଲତା, କଳା ସ୍ଥାପତ୍ୟ ଓ ଭୋଗକ୍ଷେତ୍ରକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ପୁନଃବିନ୍ୟାସ କରାଯିବା ନେଇ ନିଷ୍ପତ୍ତି କରାଯାଇଛି। ଏହି ପୁନଃବିନ୍ୟାସକୁ ତଦାରଖ କରିବା ଲାଗି ଏକ ବିଶେଷଜ୍ଞ ମଣ୍ଡଳୀ ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମେଘନାଦ ପାଚେରିଠାରୁ ୭୫ ମିଟର ଅଞ୍ଚଳ ମଧ୍ୟରେ ଚଳାଚଳ ପାଇଁ ୧୫ ମିଟର ରାସ୍ତା କରାଯିବ, ବାକି ୬୦ ମିଟର ଅଞ୍ଚଳର ପୁନଃବିନ୍ୟାସ କରାଯିବ। ଅନୁରୂପ ଭାବେ ଏମାର ମଠ ଜମିର କିଛି ଅଂଶରେ ରଘୁନନ୍ଦନ ଲାଇବ୍ରେରିର ପୁନଃନିର୍ମାଣ କରାଯିବ। ଏହାକୁ ଜଗନ୍ନାଥ ସଂସ୍କୃତିର ଏକ ଗବେଷଣା କେନ୍ଦ୍ର ଭାବେ ବିକଶିତ କରାଯିବ। ଏଥିପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ୨୫ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଉଚ୍ଛେଦ କାରଣରୁ ବିସ୍ଥାପିତ ପରିବାରଗୁଡିକ ପାଇଁ ମନ୍ଦିରଠାରୁ ୧.୫ କିଲୋ ମିଟର ଦୂରତା ମଧ୍ୟରେ ବିଭିନ୍ନ ସ୍ଥାନରେ ୬୦୦ଟି ଘର ନିର୍ମାଣ କରାଯିବ। ପ୍ରତି ଘର ବିଲ୍ଟ ଅପ୍ ଏରିଆ ପ୍ରାୟ ୫୨୦ ଫୁଟ୍ ରହିବ, ଏହି ଯୋଜନା ପାଇଁ ସ୍ୱତନ୍ତ୍ର ଭାବେ ୯୫ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅବଢ଼ା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୬୫ କୋଟି ଟଙ୍କା ବିନିଯୋଗରେ ଏକାଧିକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୫୯୫ କୋଟି ଟଙ୍କା ବିନିଯୋଗରେ ଶ୍ରୀସେତୁ ପ୍ରକଳ୍ପ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମୂଷାନଦୀ ପୁନରୁଦ୍ଧାର, ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ, ଅଠରନଳା ଓ ମଠଗୁଡିକର ବିକାଶ ପାଇଁ ଯୋଜନା କରାଯାଇଛି। ଏଥିସହିତ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ ସହଯୋଗରେ ଡିଜାଇନ୍ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଏଥିପାଇଁ ତୁରନ୍ତ ଟେଣ୍ଡର ଡକାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଆଇନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ଓ ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ମନ ଅସ୍ଥିର ରହିବ। ସଭାସମିତି,ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପରିବାରରେ ପିଲାଙ୍କ ସମସ୍ୟା ବିଷୟ ନେଇ ମାନସିକ ସ୍ଥିତି ବିପନ୍ନ ରହିପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ଯୋଜନା ଟିଏ କରିପାରି।

**ବୃଷ** ଆଶା କରିଥିବା ଦିଗରୁ ଅର୍ଥଲାଭ ସଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣରୁ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। କଚେରି ମାମଲା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସମସ୍ୟା ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ପୂରଣ ହୋଇଯିବ।

**ମିଥୁନ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ଓ କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ କେତେକ କଥା ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** ଅତୀତକଥାକୁ ଚିନ୍ତା କରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଅଫସ୍‌ରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ। ସାହିତ୍ୟ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସଙ୍ଗକୁ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ପଡୋଶୀଙ୍କ ସହୃଦୟତାରୁ କାମ ହାସଲ ପୂର୍ବକ ଉପକୃତ ହେବେ।

**କନ୍ୟା** ପାରିବାରିକ ପରିସ୍ଥିତି ଗମ୍ଭୀର ରହିବଏବଂ କ୍ରୋଧବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କଲେ ପରିସ୍ଥିତି ବେଶୀ ବିଗିଡିଯିବ। ଆତ୍ମୀୟମାନଙ୍କ ସହ ସଦ୍ଭାବ ଅକ୍ଷୁଣ୍ଣ ରହିବା ହେତୁ ସାମାନ୍ୟ ମାନସିକ ଶାନ୍ତିଲାଭ କରିପାରନ୍ତି। କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟରେ ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ତୁଳା** ଶରୀରଚର୍ଚ୍ଚାର ଅଭାବ ଓ ଅବହେଳା ଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଗୃହ ସମସ୍ୟା ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ବିବାଦୀୟ ବ୍ୟକ୍ତିଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ବୃଦ୍ଧି ପାଇପାରେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମିତ ହୋଇପାରନ୍ତି।

**ବିଛା** ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି। କୌଣସି ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେବାର ସୁଯୋଗ ଜୁଟିପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଦିନଭରି ପରିଶ୍ରମ କରି ଆଶାନୁଯାୟୀ ପ୍ରାପ୍ତି ସନ୍ତୋଷଜନକ ହେବନାହିଁ।

**ଧନୁ** ପ୍ରତ୍ୟେକ ପରିସ୍ଥିତିରେ ମନର ବଳ ଖୁବ୍ ଟାଣ ରହିବ କିନ୍ତୁ ଜିଦ୍‌ରେ ଅଟଳ ରହିଲେ ସମସ୍ୟା ବଢିଯାଇପାରେ। ମନ ଭିତରେ ବସା ବାନ୍ଧି ରହିଥିବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନା ସକାଶେ ମନ ବଳାଇ କାର୍ଯ୍ୟାରମ୍ଭ କରି ପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିବାର ଆଶଙ୍କା ରହିଛି। ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ** ଆଲୋଚନା ପରିସରରେ ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଦୈନନ୍ଦିନ ଜୀବବନଯାତ୍ରାରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ନିଜେ ହିଁ କ୍ଷତିରେ ପଡିବେ।

**ମୀନ** ଆଜି ଆପଣ ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ କିନ୍ତୁ ଯାଇ ପାରିବେ ନାହିଁ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ରାଧାଷ୍ଟମୀ ଶୁକ୍ରବାର, ସେପ୍ଟେମ୍ବର ୬ ତାରିଖ, ଦୁର୍ଗାଶୟନୋତ୍ସବ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୨ମି. ମଧ୍ୟେ ଘ୪।୪୬ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତବେଳା ।ସକାଳ ଘ୬।୫୨ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୫ମି. ଗତେ ଘ୧।୨୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୨ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302




### SALE

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

2BHK simplex 26,00,000/- finishing Hanspal, Plot-Atala, Rangabazar. Contact: 9776878715. D-67056

ଭୁବନେଶ୍ୱର-ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564. D-66771

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/-outrightରେ ମିଳୁଅଛି। 9348847649, 8249243709. D-66772

Bhubaneswar new railway station ପାଖରେ 7,00,000/-ରେ ଘରବାରି ପ୍ଲଟ ମିଳୁଛି। M: 8249038833. D-66186

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି। 9776974912, 8144706560. D-66773

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999. D-66292

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66957

### GENERAL SALE

German - Shepherd dog, 5 months old female for sale at Bhubaneswar. Contact: 7656945809. D-14228




1500sqft. rooftop godown space near Slughterhouse, Canalroad, Laxmisagar: 9861085668. D-67058

300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67225

3Bedroom house with drawing, dining, kitchen, balcony, groundfloor Plot: 961/2415, Forest Park, Bhubaneswar. Contact: 9437008476. D-67224

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008




Shivam logistic packers movers. Household/ car relocation countrywide. 9777044177, 9338461133. D-14206




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381




ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

### AFFIDAVIT

By virtue of an affidavit sworn before the Executive Magistrate, BBSR on 19.08.2019, I, Sanghamitra Behera, W/o- Deepti Ranjan Lenka, Madhusudan Nagar, Near Central School, Jatni, Po/Ps. Jatni, Dist: Khordha, Pin-752050, changed my name from Sanghamitra Behera to Sanghamitra Lenka. Henceforth, I will be known as Sanghamitra Lenka for all purposes. D-14226

### LEGAL NOTICE

**In the Court of the Civil Judge (Senior Division), Hindol, District-Dhenkanal.**

Intestate Case No.01 of 2018

Sukanti Barik ... Petitioners

Versus

Bidyutprava Barik & others ... Opposite party

**General Notice to whom so ever, it may concern.**

Where as the petitioner, namely - Sukanti Barik, aged about 54 years, W/o - Late Gangadhara Barik, Village/ P.O/ P.S. - Rasol, District - Dhenkanal has filed an application u/s - 372 of the Indian Succession Act, 1925 for grant of succession certificate in her favour along with opposite parties, namely- 1. Bidyutprava Barik, Aged about 29 years, 2. Swarnaprava Barik, aged about 27 years, both are daughters of Late Gangadhara Barik and 3. Girija Sankar Barik, aged about 32 years, son of Late Gangadhara Barik. All are resident of Village/P.O./P.S- Rasol, District - Dhenkanal due to death of Gangadhara Barik who is the holder of the below mentioned account having deposits as the claimed amount.

Notice is hereby published for information of general public that if anybody has got any interest or objection on grant of succession certificate to release the amount lying in the loan A/C No. 0743180986 under department of Posts, India, in Bhubaneswar GPO i.e., Rs. 4,06,720/- (Four lakhs six thousand seven hundred twenty rupees) only may appear and contest the case in support of his/ their claim in person or through his/their duly instructed agent on 14th day of May, 2019 at 7.30 A.M., failing which the case will be heard and determined according to law holding that none else except the parties in this case, has got any claim over such money.

Give under my hand and seal of the Court on this the 8th day of April, 2019.

Place - Hindol.
Dt. 08.04.2019

Civil Judge
(Senior Division),
Hindol.
D-56179


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
ଢେଙ୍କାନାଳ, ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯






# ସରକାରୀ ସ୍କୁଲ, ଅଙ୍ଗନୱାଡ଼ି ଗୃହ ମରାମତି କରିବ ପଞ୍ଚାୟତ

ଭୁବନେଶ୍ୱର,୫।୯(ବ୍ୟୁରୋ)

- ୫୨ ହଜାର ସ୍କୁଲ, ୭୨ ହଜାର ଅଙ୍ଗନୱାଡ଼ି ହସ୍ତାନ୍ତର
- ୧୭ଜିଲା ଗ୍ରାମାଞ୍ଚଳ ଆଲୋକୀକରଣ ପାଇଁ ୮୦ କୋଟି
- ଚତୁର୍ଦ୍ଦଶ ଅର୍ଥ କମିଶନରୁ ଖର୍ଚ୍ଚ କରିବେ ପଞ୍ଚାୟତ

ଗ୍ରାମାଞ୍ଚଳରେ ଥିବା ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲ ଏବଂ ଅଙ୍ଗନୱାଡ଼ି ଗୃହ ମରାମତି ଓ ରକ୍ଷଣାବେକ୍ଷଣ କରିବ ଗ୍ରାମପଞ୍ଚାୟତ। ଏ ନେଇ ଏକ ନିର୍ଦ୍ଦେଶନାମା ପ୍ରତ୍ୟେକ ଜିଲାପାଳଙ୍କୁ ଦିଆଯାଇଛି। ଚତୁର୍ଦ୍ଦଶ ଏବଂ ଚତୁର୍ଥ ଅର୍ଥ କମିଶନରେ ଯୋଗାଇ ଦିଆଯାଇଥିବା ଅର୍ଥରେ ପଞ୍ଚାୟତ ଏହାକୁ ମରାମତି କରିବ। ଏଥିସହିତ ପାନୀୟ ଜଳ, ପାଚେରି, ରୋଷେଇ ଶାଳ, ପାଇଖାନା ଆଦି ମଧ୍ୟ ପଞ୍ଚାୟତ ନିର୍ମାଣ କରିବ। ସ୍କୁଲ କମିଟିର ସୁପାରିସ ଆଧାରରେ ପଞ୍ଚାୟତ ସ୍ତରରେ ଥିବା ସୁରକ୍ଷା କମିଟି ଏହାକୁ ଅନୁମୋଦନ କରିବ। ଖର୍ଚ୍ଚ ନେଇ ଯନ୍ତ୍ରୀ ଏକ ଆକଳନ ରିପୋର୍ଟ ଦେବେ। ବହୁ ପୁରୁଣା ସ୍କୁଲ ଗୃହଗୁଡ଼ିକ ଦୀର୍ଘବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହୁଥିଲେ ମଧ୍ୟ ସେଗୁଡ଼ିକୁ ମରାମତି କରାଯାଉ ନ ଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ଏହି ଦାୟିତ୍ୱ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଛି। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲ ଓ ଅଙ୍ଗନୱାଡ଼ି ଘରଗୁଡ଼ିକ ମଧ୍ୟ ପଞ୍ଚାୟତ ଦ୍ୱାରା ମରାମତି ହେବ।

ପଞ୍ଚାୟତଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ସମ୍ବିଧାନର ଅନୁଚ୍ଛେଦ ଏକାଦଶ ଅନୁଯାୟୀ ୨୯ଟି କ୍ଷମତା ଦିଆଯାଇଛି। ଚତୁର୍ଦ୍ଦଶ ଅର୍ଥକମିଶନ ସୁପାରିସ କ୍ରମେ ପଞ୍ଚାୟତଗୁଡ଼ିକୁ ଜନସଂଖ୍ୟା ଆଧାରରେ ୪୦ ଲକ୍ଷରୁ ୮୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳର ପରିମଳଠାରୁ ଆରମ୍ଭ କରି ଆଲୋକୀକରଣ, ପାନୀୟ ଜଳ, ରାସ୍ତାଘାଟ ନିର୍ମାଣ, ଶ୍ମଶାନଘାଟ, ଖେଳପଡ଼ିଆ, ଗ୍ରାମାଞ୍ଚଳ ପୋଖରୀ ସୁରକ୍ଷା ଆଦି ପଞ୍ଚାୟତ ତୁଲାଇବ। ସରପଞ୍ଚ, ଗ୍ରାମସେବକ ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କ ମାର୍ଫତ୍‌ରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ୫୨ ହଜାର ସରକାରୀ ସ୍କୁଲ ଏବଂ ୭୨ ହଜାର ଅଙ୍ଗନୱାଡ଼ି କେନ୍ଦ୍ରର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ ହାତରେ ନ୍ୟସ୍ତ କରାଯାଇଛି।

ଏହାଛଡ଼ା ଚଳିତ ବର୍ଷ ୧୭ଟି ଜିଲାର ପ୍ରତି ପଞ୍ଚାୟତରେ ରାସ୍ତା ପାର୍ଶ୍ୱ ଆଲୋକୀକରଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତର ଅଧିକ ଜନସଂଖ୍ୟା ଥିବା ଗ୍ରାମକୁ ବିଦ୍ୟୁତୀକରଣ କରାଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ଜିଲାପାଳମାନଙ୍କୁ ୮୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଜଣେ ଠିକାଦାରଙ୍କୁ ୪ରୁ ୫ଟି ଜିଲା ଦାୟିତ୍ୱ ଦିଆଯାଇଛି। ଶକ୍ତି ବିଭାଗ ଜରିଆରେ ରାସ୍ତାପାର୍ଶ୍ୱ ଆଲୋକୀକରଣ ହେବ। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳ ମଧ୍ୟ ଏଲଇଡି ଲାଇଟରେ ଝଲସିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୧୩ଟି ଜିଲାରେ ଗ୍ରାମାଞ୍ଚଳ ଆଲୋକୀକରଣ କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି।

# ଏଟିଏମ୍ କାଉଣ୍ଟରରେ ପରିସ୍ରା କଲେ ନିଲମ୍ବିତ କନ୍‌ଷ୍ଟେବଲ, ଭିଡିଓ ଭାଇରାଲ

ବାରିପଦା ଅଫିସ,୫।୯


ଏଟିଏମ୍ ଭିତରେ ନିଲମ୍ବିତ କନ୍‌ଷ୍ଟେବଲ।

ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସଂଲଗ୍ନ ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରେ ଜଣେ ନିଲମ୍ବିତ ପୋଲିସ କନ୍‌ଷ୍ଟେବଲ ପରିସ୍ରା କରୁଥିବା ଭିଡିଓ ଭାଇରାଲ ହୋଇଛି। ସେ ନିଶାସକ୍ତ ଅବସ୍ଥାରେ ଏପରି କାଣ୍ଡ ଭିଆଇଥିବା ଜଣାପଡିଛି। ୨ ବର୍ଷ ପୂର୍ବେ ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସେ ବହୁଦିନ ଧରି ନିଖୋଜ ଥିଲେ। ବୁଧବାର ରାତିରେ ନିଶାସକ୍ତ ଅବସ୍ଥାରେ ସେ ଏଟିଏମ୍ କାଉଣ୍ଟରରେ ପ୍ରବେଶ କରିବା ସହ ଅର୍ଦ୍ଧ ଉଲଗ୍ନ ହୋଇ ମେଶିନ ଉପରେ ପରିସ୍ରା କରିଥିଲେ। ଟଙ୍କା ଉଠାଇବାକୁ ଯାଇଥିବା ଗ୍ରାହକମାନେ ଏପରି ଘଟଣା ଦେଖି ମୋବାଇଲରେ ଭିଡିଓ ଉତ୍ତୋଳନ କରି ସୋଶିଆଲ ମିଡ଼ିଆରେ ତାକୁ ଭାଇରାଲ କରିବା ପରେ ଏହି ଘଟଣା ପଦାକୁ ଆସିଛି। ତେବେ ଏଭଳି ଲଜ୍ଜାଜନକ ଘଟଣାକୁ ସହରବାସୀ ନିନ୍ଦା କରିଛନ୍ତି।

Office of the Principal State Institute of Hotel Management, Balangir (Odisha)
No.510/SIHM/2019-20/Recruitment Date: 30.08.2019
Applications in the prescribed format are invited from the desirous candidates for recruitment to the following Group-C post of SIHM, Balangir.
1. Stenographer - 1 (UR) 2. Clerk-cum-Cashier - 1 (UR)
The detailed notification along with qualification, age, experience, application format may be downloaded from Institute website. Eligible candidates may send their completed aaplication in the prescribed format along with their self-attested copies of certificates to O/o Principal, State Institute of Hotel Management, Titilagarh Road, Balangir, Dist-Balangir - 767001 (Odisha) on or before 23.09.2019 upto 3 p.m by Regd. Post/Speed Post. No personal query will be entrained/canvassing in any form during the recruitment process leads to rejection of the candidature.
For further details visit our website - www.sihmbalangir.org
Principal
SIHM, Balangir

## ଜେଟ୍‌ଲୀଙ୍କ ଶ୍ରଦ୍ଧାଞ୍ଜଳି ସଭା

# ଦକ୍ଷତା କଥା ବଖାଣିଲେ ନେତୃବୃନ୍ଦ

ଭୁବନେଶ୍ୱର,୫।୯(ବ୍ୟୁରୋ)


ଜେଟ୍‌ଲୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ।

ପୂର୍ବତନ ଅର୍ଥମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ସ୍ମରଣରେ ଗୁରୁବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ସାର୍ବଜନୀନ ଏବଂ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏହି ଅବସରରେ ରାଜ୍ୟପାଳ ଗଣେଶୀ ଲାଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀ, ସମାଜସେବୀଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି, କେତେ ଜଣ କୁହନ୍ତି ଶତ୍ରୁଙ୍କଠାରୁ ସାବଧାନ ରୁହନ୍ତୁ ଏବଂ କେତେଜଣ କୁହନ୍ତି ଶତ୍ରୁତା କାହିଁକି କରାଯାଉଛି। କିନ୍ତୁ ଜେଟ୍‌ଲୀ ଅଜାତ ଶତ୍ରୁ ଥିଲେ। ସେ ଜଣେ ସ୍ଥିରବୁଦ୍ଧି, ଆମ୍ବୁଦ୍ଧିମାନ ବ୍ୟକ୍ତି ଥିଲେ। ସେ ମୋର ପ୍ରିୟ ବନ୍ଧୁ ଥିଲେ। ଯେତେବେଳେ ପ୍ରଫେସର ଥିଲି ସେତେବେଳେ ସେ ବିଶ୍ୱବିଦ୍ୟାଳୟର ସଭାପତି ହୋଇଥିଲେ। ତାଙ୍କ ସହ ମିଶି ଭୋଜନ କରିବା ସ୍ମୃତିକୁ ମନେପକାଇ ରାଜ୍ୟପାଳ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜେଟ୍‌ଲୀ ଓଡ଼ିଶାର ଜଣେ ଭଲ ବନ୍ଧୁ ଥିଲେ। ସେ ସବୁବେଳେ କହୁଥିଲେ ଓଡ଼ିଆ ଲୋକ ଟଙ୍କା ରୋଜଗାର କରିପାରିବେ ନାହିଁ। କାରଣ ଓଡ଼ିଶାରେ ବହୁ ବୁଦ୍ଧିଜୀବୀ ଲୋକ ରୁହନ୍ତି। ସେମାନେ ଡାକ୍ତର, ବୈଜ୍ଞାନିକ,ଏହାସହ ବହୁ ବଡ଼ବଡ଼ ପଦବୀରେ ରହିପାରିବେ ମାତ୍ର ଟଙ୍କା ରୋଜଗାର କରିପାରିବେ ନାହିଁ। ନବକଳେବର ସମୟରେ ସେ ଅର୍ଥର ବ୍ୟବସ୍ଥା କରିବା ସହ ନବକଳେବର ସ୍ମାରକୀ ମୁଦ୍ରା ପ୍ରଚଳନ କରିବା ପାଇଁ ଅନୁମତି ଦେଇଥିଲେ । ପାଇକ ବିଦ୍ରୋହର ୨ ଶହ ବର୍ଷ ପୂର୍ତ୍ତିରେ ଜେଟ୍‌ଲୀ ବଜେଟ ପାଇଁ ପାଇକ ବିଦ୍ରୋହର ସ୍ମୃତିରେ ଶବ୍ଦ ସଂଯୋଜନା କରିଥିଲେ। ଓଡ଼ିଶାବାସୀ ଜଣେ ବନ୍ଧୁ ଏବଂ ଅଭିଭାବକଙ୍କୁ ହରାଇଲା। ମହାପ୍ରଭୁ ଜଗନ୍ନାଥ ତାଙ୍କୁ ନିଜ ପାଖକୁ ନେଇଯାଆନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, ଭାରତର ରାଜନୀତି କ୍ଷେତ୍ରରେ ଗଣତନ୍ତ୍ର ରକ୍ଷା କରିବାରେ ଜେଟ୍‌ଲୀ ସୁପ୍ରିମକୋର୍ଟରେ ଜଣେ ଦକ୍ଷ ଆଇନଜୀବୀ ଏବଂ ରାଜନୀତିରେ ଜଣେ ଦକ୍ଷ ରାଜନେତା ଭାବେ ବେଶ୍ ପ୍ରଭାବଶାଳୀ ଥିଲେ । ତାଙ୍କ ବକ୍ତବ୍ୟ ପ୍ରତ୍ୟେକ ରାଜନୀତି ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ । ଦିଲ୍ଲୀରେ ଭେଟ ହେବା ସମୟରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା ପଚାରି ବୁଝନ୍ତି। ଜେଟ୍‌ଲୀ ଯେଉଁ ପ୍ରେରଣା ଭାରତୀୟ ଯୁବକମାନଙ୍କ ମନରେ ଦେଇଯାଇଛନ୍ତି ସେହି ରାସ୍ତାରେ ଚାଲିବାକୁ ସମସ୍ତେ ଚେଷ୍ଟା କରନ୍ତୁ ବୋଲି ସୂର୍ଯ୍ୟନାରାୟଣ କହିଛନ୍ତି ।

ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଜଣେ ଛାତ୍ର ନେତା, ଅଭିବକ୍ତା, ବିଚକ୍ଷଣ ଓକିଲ, କାର୍ଯ୍ୟକର୍ତ୍ତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀ ହିସାବରେ ଜେଟ୍‌ଲୀଙ୍କ କାର୍ଯ୍ୟ କରିବାର ଶୈଳୀ ଅତୁଳନୀୟ ଥିଲା। ସାରା ଭାରତରେ ତାଙ୍କୁ ଲୋକମାନେ ଗ୍ରହଣ କରୁଥିଲେ। ଏହାସହ ନବୀନ ପଟ୍ଟନାୟକ ତାଙ୍କ ହାତରେ ପଠାଇଥିବା ବାର୍ତ୍ତାକୁ ମଧ୍ୟ ସେ ସେଠାରେ ପ୍ରକାଶ କରିଥିଲେ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଜେଟ୍‌ଲୀଜୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ତାଙ୍କ ପରଲୋକରେ ଭାରତୀୟ ରାଜନୀତି ଜଣେ ଆଦର୍ଶବାଦୀ ରାଜନେତାଙ୍କୁ ହରାଇଛି । ସେ ଜଣେ ବରିଷ୍ଠ ଆଇନଜୀବୀ ସହ ଦକ୍ଷ ରାଜନୀତିଜ୍ଞ ଥିଲେ । ଉଭୟ କୂଟନୀତି ଓ ରାଜନୀତିରେ ପୂରା ପାରଙ୍ଗମ ଥିଲେ ବୋଲି ସୁରେଶ କହିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ୧୯୭୪ରେ କଂଗ୍ରେସ ସରକାର ଏବଂ ଭି.ପି.ସିଂହ ସରକାର ୧୯୮୯ ଆନ୍ଦୋଳନ ସମୟରେ ସେ ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ କରିଥିଲେ ବୋଲି ଶ୍ରୀକାନ୍ତ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବୈଜୟନ୍ତ ପଣ୍ଡା, ଏମ୍‌ପି ସୁରେଶ ପୂଜାରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ସିପିଆଇ, ସିପିଏମ୍ ନେତାଙ୍କ ସହ ଅନ୍ୟମାନେ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

STATE INSTITUTE OF HOTEL MANAGEMENT
TITILAGARH ROAD, BALANGIR - 767001 (ODISHA)
website - www.sihmbalangir.org
EMPLOYMENT NOTIFICATION
No.509/SIHM/2019-20/Recruitment Date: 30.08.2019
SIHM, Balangir invites applications from the eligible candidates for the following teaching & non-teaching personnel on contractual basis:
1. Lecturer - 1 (one) 2. Asst. Lecturer-cum-Asst. Instructor - 4 (Four)
3. Teaching Associate - 2 (Two) 4. Asst. Foreman-cum-Caretaker - 1 (One) 5. Lab Attedant - 5 (Five)
(Sl.. No.4 & 5 are exclusive for Hotel Management College)
The detailed notification along with qualification, age, experience, application format may be downloaded from Institute website. Eligible candidates may send their completed aaplication in the prescribed format along with their self-attested copies of certificates to O/o Principal, State Institute of Hotel Management, Titilagarh Road, Balangir, Dist-Balangir - 767001 (Odisha) on or before 23.09.2019 upto 3 p.m by Regd. Post/Speed Post. No personal query will be entrained/canvassing in any form during the recruitment process leads to rejection of the candidature.
For further details visit our website - www.sihmbalangir.org
Principal
SIHM, Balangir

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)


ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

## ■ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ କର୍ମଶାଳା

# ଡିସେମ୍ବରରେ ଭାଜପା ବାଛିବ ନୂଆ ରାଜ୍ୟ ସଭାପତି

ଭୁବନେଶ୍ୱର,୫।୯(ବ୍ୟୁରୋ)

- ୮ରୁ ୧୪ ପର୍ଯ୍ୟନ୍ତ ଚାଲିବ ଜିଲାସ୍ତରୀୟ କର୍ମଶାଳା
- ୧୫ରୁ ୨୨ ମଧ୍ୟରେ ବୁଥ୍‌ସ୍ତରୀୟ ନିର୍ବାଚନ
- ଅକ୍ଟୋବର ୨୨ରୁ ୩୧ ପର୍ଯ୍ୟନ୍ତ ମଣ୍ଡଳସ୍ତରୀୟ ନିର୍ବାଚନ
- ୫୦ଲକ୍ଷ ନୂଆ ସଦସ୍ୟ ଭାଜପାରେ ସାମିଲ

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା ଓ ସଦସ୍ୟତା ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ରୀୟ ସହ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ବିନୋଦ ସୋନକାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଭାଜପା ସାଙ୍ଗଠନିକ ନିର୍ବାଚନ ପରିଚାଳନା ଏବଂ ସଦସ୍ୟତା ସମୀକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସ୍ତରରେ ହେବାକୁ ଥିବା ସ୍ଥାନୀୟ ସମିତି ବୁଥ୍ କମିଟି, ମଣ୍ଡଳ କମିଟି ଏବଂ ରାଜ୍ୟ କମିଟି ନିର୍ବାଚନ ପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲାରେ କର୍ମଶାଳା ଆୟୋଜନ ହେବ। ଏଥିରେ ଜିଲା, ମଣ୍ଡଳ ଓ ବୁଥ୍‌ସ୍ତରର କାର୍ଯ୍ୟକର୍ତ୍ତା ଯୋଗଦେବେ। ସେହିପରି ୧୫ରୁ ୨୨ ତାରିଖ ମଧ୍ୟରେ ସମସ୍ତ ବୁଥରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଜିଲାସ୍ତରରେ ୩ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକୁ ପରିଚାଳନା କରିବେ। ଅକ୍ଟୋବର ୨୨ ରୁ ୩୧ତାରିଖ ପର୍ଯ୍ୟନ୍ତ ମଣ୍ଡଳସ୍ତରୀୟ ନିର୍ବାଚନ ହେବ। ସେହିପରି ନଭେମ୍ବରରେ ଜିଲାସ୍ତରୀୟ ଏବଂ ଡିସେମ୍ବରରେ ରାଜ୍ୟସ୍ତରୀୟ ନିର୍ବାଚନ ହେବ ବୋଲି ରାଜ୍ୟ ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

ଭାଜପାର ସର୍ବଭାରତୀୟ ସ୍ତରରେ ୧୬ କୋଟିରୁ ଉର୍ଦ୍ଧ୍ୱ ଲୋକ ସଦସ୍ୟତା ଗ୍ରହଣ କରିଛନ୍ତି। ଓଡ଼ିଶାରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସଦସ୍ୟତା ଗ୍ରହଣ କରିଥିବା ଦଳ ପକ୍ଷରୁ କୁହାଯାଉଛି। ଅର୍ଥାତ୍ ଦଳ ପକ୍ଷରୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପୂରଣ କରାଯାଇଛି ବୋଲି ସ୍ୱୀକାର କରାଯାଇଛି। ମାତ୍ର ପ୍ରକୃତ ପକ୍ଷେ ଦଳ ନିଜର ଲକ୍ଷ୍ୟ ଅନୁଯାୟୀ ସଦସ୍ୟଙ୍କୁ ଯୋଡିପାରି ନ ଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ତେବେ ପୁନର୍ବାର ସଦସ୍ୟତା ଅଭିଯାନ ଚାଲୁ ରହିବ ଏବଂ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସୁଦୀପ୍ତ କହିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟରେ ଥିବା ୩୭ ହଜାର ବୁଥ୍‌ର 'ନିର୍ବାଚିତ କମିଟି' ଗଣତାନ୍ତ୍ରିକ ପ୍ରକ୍ରିୟାରେ କରାଯିବ ବୋଲି ସେ କହିଛନ୍ତି। ଦଳରେ ଗଣତାନ୍ତ୍ରିକ ପଦ୍ଧତିରେ ବୁଥ୍, ମଣ୍ଡଳ, ଜିଲା ଏବଂ ରାଜ୍ୟ ସଭାପତି ନିର୍ବାଚିତ ହୋଇଥାଆନ୍ତି। ସକ୍ଷମ କାର୍ଯ୍ୟକର୍ତ୍ତାମାନଙ୍କୁ ଭାଜପାର ବିଭିନ୍ନ ସ୍ତରର ସଭାପତି କରାଯିବ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତି ଥିଲେ।

## ନବନିର୍ମାଣ କୃଷକ ସଂଗଠନର ସମାଲୋଚନା

# ଭୋଟରଙ୍କ ପାଇଁ ପ୍ରଲୋଭନ ଥିଲା କାଳିଆ ଯୋଜନା

ଭୁବନେଶ୍ୱର, ୫।୯(ବ୍ୟୁରୋ)

ମୋ ସରକାର ଶାସନକୁ ଆସିବାର ୨୪ ଘଣ୍ଟା ମଧ୍ୟରେ କାଳିଆ ଯୋଜନାର ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟରେ କୃଷି ସହାୟତା ଅର୍ଥ ପହଞ୍ଚିବ। ସାଧାରଣ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟରମାନଙ୍କୁ ମୁଖ୍ୟମନ୍ତ୍ରୀ ଏଭଳି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନୂଆ ଶାସନ ଦାୟିତ୍ୱ ନେବାର ୩ ମାସ ବିତିଯାଇଥିଲେ ମଧ୍ୟ ପ୍ରକୃତ ଚାଷୀଙ୍କ ମଧ୍ୟରୁ ଅଧା ବି ଏପର୍ଯ୍ୟନ୍ତ କାଳିଆ ଟଙ୍କା ପାଇପାରି ନାହାନ୍ତି। ସେହିଭଳି ଜଣେ ବି ଯୋଗ୍ୟ ହିତାଧିକାରୀ କିପରି କାଳିଆ ଯୋଜନାରେ ବଞ୍ଚିତ ନ ହେବେ ତାହା ମୋ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ବାରମ୍ବାର ଘୋଷଣା କରି ଆସୁଥିଲେ। ଏବେ କାଳିଆ ଯୋଜନାରେ ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀ ଅର୍ଥ ପାଇବା ଘଟଣା ପଦାକୁ ଆସିଛି। ଏହି ଯୋଜନାର ସ୍ୱଚ୍ଛତା ପାଇଁ ସରକାରଙ୍କ ଧରପଗଡ଼କୁ ସ୍ୱାଗତ କରୁଛି। ହେଲେ ୩୦ ଲକ୍ଷ ଯୋଗ୍ୟ ହିତାଧିକାରୀ କେବେ ତାଙ୍କ ପ୍ରାପ୍ୟ ପାଇବେ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।




ମୁଖ୍ୟ ଅତିଥି
ପ୍ରଫେସର ଶ୍ରୀଯୁକ୍ତ ଗଣେଶୀ ଲାଲ୍
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଗାନ୍ଧୀ ମଣିଷ ଦୋଳ ଗୋବିନ୍ଦ ପ୍ରଧାନଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ

ତା ୬/୯/୨୦୧୯, ଶୁକ୍ରବାର, ରାଧାଷ୍ଟମୀ, ଅପରାହ୍ନ - ଘ.୫.୩୦ମିନିଟ୍
ସ୍ଥାନ - ଡ଼ିହସାହି, ଗତିରାଉତ ପାଟଣା, କଟକ




ମହାଶୟ,
ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ଗାନ୍ଧୀ ମଣିଷ ସ୍ୱର୍ଗତ ଦୋଳ ଗୋବିନ୍ଦ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଆମ ଡ଼ିହସାହି ସ୍ଥିତ ବାସଭବନରେ ଯଥାରୀତି ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ମୁଖ୍ୟ ଅତିଥି - ପ୍ରଫେସର ଶ୍ରୀଯୁକ୍ତ ଗଣେଶୀ ଲାଲ୍, ମହାମହିମ ରାଜ୍ୟପାଳ, ଓଡ଼ିଶା
ସମ୍ମାନୀତ ଅତିଥି - ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି
- ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ, ମାନ୍ୟବର ବିଧାୟକ, ଖଣ୍ଡପଡ଼ା
- ଶ୍ରୀଯୁକ୍ତ ପ୍ରକାଶ ମିଶ୍ର, ମାନନୀୟ ପୂର୍ବତନ ଡ଼ି.ଜି. ପୋଲିସ୍, ଓଡ଼ିଶା
- ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା, ମାନ୍ୟବର ବିଧାୟକ, କଟକ ସଦର
- ଶ୍ରୀଯୁକ୍ତ ମହମ୍ମଦ ମୁକିମ୍, ମାନ୍ୟବର ବିଧାୟକ, କଟକ ବାରବାଟୀ
ସଭାପତି - ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଅଧ୍ୟକ୍ଷ, ମହାତ୍ମା ଗାନ୍ଧୀ ଅହିଂସ ଐତିହ୍ୟ ପ୍ରତିଷ୍ଠାନ ନ୍ୟାସ।

ସଂଗ୍ରାମୀ ସ୍ୱର୍ଗତ ଦୋଳ ଗୋବିନ୍ଦ ପ୍ରଧାନଙ୍କ ଅସମ୍ପୂର୍ଣ୍ଣ ଅଙ୍ଗେନିଭା କଥାର ଭିନ୍ନ ରୂପ "ଗାନ୍ଧୀ ମଣିଷ ଦୋଳ ଗୋବିନ୍ଦ" ପୁସ୍ତକ ଲୋକାର୍ପଣ।

ନିବେଦକ
ଡ଼ଃ ବୁଦ୍ଧଦେବ ମିଶ୍ର, ମ୍ୟାନେଜିଂଗ ଟ୍ରଷ୍ଟି, ମହାତ୍ମା ଗାନ୍ଧୀ ଅହିଂସ ଐତିହ୍ୟ ପ୍ରତିଷ୍ଠାନ ନ୍ୟାସ, ଭୁବନେଶ୍ୱର
ଯୋଗାଯୋଗ : ୯୪୩୭୧୯୫୨୩୭/୯୮୬୧୦୧୭୯୫୫/୯୮୬୧୦୧୭୯୮୮/୯୩୩୮୭୧୫୪୫୫/୯୩୩୭୧୧୭୪୨୯
ଶ୍ରୀ ବିଜୟ କୁମାର ପ୍ରଧାନ
ଶ୍ରୀ ଦେବରାଜ ପ୍ରଧାନ
ଶ୍ରୀ ପୁଷ୍ପରାଜ ପ୍ରଧାନ
ଶ୍ରୀ ସଂଜୟ କୁମାର ପ୍ରଧାନ
ଶ୍ରୀ ପୃଥ୍ୱୀରାଜ ପ୍ରଧାନ
ଶ୍ରୀ ପ୍ରଜ୍ଞରାଜ ପ୍ରଧାନ

ଭଜନ ସନ୍ଧ୍ୟା ୭ ଘଟିକା ଠାରୁ

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ତାଲିମ ଲୋଡ଼ା

ରାଜ୍ୟ ସରକାର କୃଷକଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍ଏଚ୍ଜି)ଗୁଡ଼ିକୁ ଅନୁମତି ଦେଇଛନ୍ତି। ଏହା ସରକାରଙ୍କର ଆଉ ଏକ ଲୋକପ୍ରିୟବାଦୀ ପଦକ୍ଷେପ, ଯାହାଦ୍ୱାରା ମହିଳା ଭୋଟରମାନଙ୍କ ସମର୍ଥନ ହାତଛଡ଼ା ହେବ ନାହିଁ। ରାଜ୍ୟରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ଯେଉଁଗୁଡ଼ିକର ମୋଟ ସଦସ୍ୟ ସଂଖ୍ୟା ହେବ ୭୦ ଲକ୍ଷରୁ ଅଧିକ। ଏମାନେ ରାଜ୍ୟର ମୋଟ ଭୋଟର ସଂଖ୍ୟାର ୨୦ ପ୍ରତିଶତ ହେବା ସହ ମୋଟ ଲୋକସଂଖ୍ୟାର ୧୫ ପ୍ରତିଶତ ହେବେ। ସେମାନେ ହେଉଛନ୍ତି ରାଜ୍ୟର ମୋଟ ମହିଳା ସଂଖ୍ୟାର ପ୍ରାୟ ୩୫ ପ୍ରତିଶତ। ଏହି ସଂଖ୍ୟା ଖୁବ୍ ଉତ୍ସାହପ୍ରଦ ଏବଂ ରାଜ୍ୟ ସରକାର ସେଥିପାଇଁ ପ୍ରଶଂସାର ପାତ୍ର। ଭଲରେ ଚାଳିତଏହି ବିଶାଳ ଏସ୍ଏଚ୍ଜି ନେଟ୍ୱର୍କ ବିଭିନ୍ନ ନିର୍ବାଚନରେ ରାଜ୍ୟ ସରକାରଙ୍କର ବେଶ୍ କାମରେ ଆସିଥିବା ଦେଖିବାକୁ ମିଳିଛି।

ରାଜ୍ୟ ସରକାର ଏହି ଏସ୍ଏଚ୍ଜିଗୁଡ଼ିକୁ ହାତ ଖୋଲି ଅନୁଦାନ ଦେବାରେ କେବେ କାର୍ପଣ୍ୟ କରିନାହାନ୍ତି ଏବଂ ସେ ଟଙ୍କା ଉଦ୍ଦିଷ୍ଟ କାମରେ ଲାଗୁଛି କି ନାହିଁ ତାହା ପ୍ରତି ବି ନଜର ଦେଇ ନାହାନ୍ତି। ଉକ୍ତ ହଜାର ହଜାର କୋଟି ଟଙ୍କା କିପରି ଖର୍ଚ୍ଚ କରାଗଲା ତା'ର କେବେ ଅଡିଟ୍ ବା ମନିଟରିଂ କରାଯାଇ ନାହିଁ। ସରକାର ଖୋଲା ବଜାରରୁ ଋଣ ଆଣି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜିଲା ଓ କେନ୍ଦ୍ରୀୟ ସମବାୟଗୁଡ଼ିକ ଜରିଆରେ ଟଙ୍କା ଦେଇଥାନ୍ତି। ଏସ୍ଏଚ୍ଜିଗୁଡ଼ିକ ନାମକୁ ମାତ୍ର ସୁଧରେ ଏହି ଟଙ୍କା ପାଇବା ପରେ ତାକୁ ଚଢ଼ା ସୁଧରେ ଅନ୍ୟକୁ ଋଣ ଆକାରରେ ଦେଇଥାନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅଧିକ ସୁଧ ପାଇବା ଆଶାରେ (ବେଳେବେଳେ ବାର୍ଷିକ ୪୦-୫୦ ପ୍ରତିଶତ) ନିଜ ଗୋଷ୍ଠୀ ବା ନେଟ୍ୱର୍କ ବାହାରର ଲୋକଙ୍କୁ ଋଣ ଦେଇଥାନ୍ତି। ଋଣ ନେଇଥିବା ଗୋଷ୍ଠୀ ଭିତର ବା ବାହାର ଲୋକ ଠିକ୍ ସମୟରେ ଋଣ ନ ଶୁଝିଲେ ଟଙ୍କା ଆଦାୟ କରିବା ପାଇଁ ସେମାନେ ପ୍ରବଳ ଚାପ ପକାଇଥାନ୍ତି ବା ଧମକଚମକ ଦେଇଥାନ୍ତି। ଋଣ ଶୁଝିପାରି ନ ଥିବା ଅନେକ ଏସ୍ଏଚ୍ଜି ସଦସ୍ୟ ସେମାନଙ୍କ ଦଳର ଉତ୍ପୀଡ଼ନ ସହି ନ ପାରି ଅନେକ ସମୟରେ ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱର ଓ ଢେଙ୍କାନାଳ ପରି ଜିଲାରେ ନଜରକୁ ଆସିଛି।

## ଆଜିର ଅର୍ଥନୀତି

ସିଧାସଳଖ ଅତ୍ୟନ୍ତ କମ୍ ସୁଧରେ ଟଙ୍କା ଯୋଗାଣ ପରି ସୁବିଧାଗୁଡ଼ିକ ଦେବା ପରେ ରାଜ୍ୟ ସରକାର ସେମାନଙ୍କୁ ଧାନ ସଂଗ୍ରହ ପରି ଏକ ବଡ଼ ଲାଭଜନକ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଧାନ ସଂଗ୍ରହ କେନ୍ଦ୍ର ସରକାରଙ୍କ ଅନୁଦାନରେ ପରିଚାଳିତ ହୋଇଥାଏ। ଏହା ଏକ ଅତ୍ୟନ୍ତ ଲାଭଜନକ କାର୍ଯ୍ୟକ୍ରମ ହୋଇଥିବାରୁ ଘରୋଇ ସଂସ୍ଥାମାନେ ଅତୀତରେ ଏଥିରେ ପ୍ରବେଶ କରିଥିଲେ। ବିଶେଷ କିଛି ନ କରି ସେମାନେ କମିଶନ ଆକାରରେ ପ୍ରଭୂତ ଟଙ୍କା ପାଇଥାନ୍ତି। ବର୍ତ୍ତମାନ ଓଡ଼ିଶା ରାଜ୍ୟ ସିଭିଲ ସପ୍ଲାଇ କର୍ପୋରେଶନ (ଓଏସ୍ସିଏସ୍ସି) ଏବଂ ଏଗ୍ରିକଲ୍ଚରାଲ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି (ପିଏସିଏସ୍)ଗୁଡ଼ିକ ଧାନ ସଂଗ୍ରହ କାର୍ଯ୍ୟ କରୁଛନ୍ତି। ଏବେ ରାଜ୍ୟ ସରକାର ଚାହୁଁଛନ୍ତି ଉକ୍ତ ଧାନ ସଂଗ୍ରହରୁ ମିଳୁଥିବା ଲାଭ ମହିଳା ସ୍ୱୟଂ ସହାୟକଗୁଡ଼ିକ ନିଅନ୍ତୁ।

ରାଜ୍ୟ ସରକାର ଯେତେ ଚାହିଁବେ ମହିଳା ସ୍ୱୟଂ ସହାୟକଗୁଡ଼ିକୁ ସେତେ ଆର୍ଥିକ ଲାଭ ଦେଇପାରିବେ। ସର୍ବୋପରି ମହିଳା ସଶକ୍ତୀକରଣକୁ ସ୍ୱାଗତ କରାଯିବା ଉଚିତ। ତେବେ ସବୁଠୁ ବଡ଼ ପ୍ରସଙ୍ଗ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏ କାମ କରିପାରିବେ ତ? ଏ କାମ ଛତୁଆ ଯୋଗାଣ ବା ଗ୍ରାମାଞ୍ଚଳରେ ଚାଷୀ ବା ଅନ୍ୟ ଲୋକଙ୍କୁ ଋଣ ପ୍ରଦାନ କାର୍ଯ୍ୟକ୍ରମଠାରୁ ଅଲଗା। ଏଥିପାଇଁ ବିଶେଷ କୌଶଳ ଓ ଦକ୍ଷତାର ଆବଶ୍ୟକତା ରହିଛି। ଧାନ ଓ ଚାଉଳ ହେଉଛି ପଚନଶୀଳ ସାମଗ୍ରୀ। ମଣ୍ଡିରେ ଧାନ ସଂଗ୍ରହ କଲାବେଳେ ଯଦି ଉପଯୁକ୍ତ ଯତ୍ନ ନିଆ ନ ଯାଏ, ତେବେ ଦରପାଚିଲା ଓ ନଷ୍ଟ ହୋଇଯାଇଥିବା ଧାନ ଗୋଦାମଘରକୁ ଯିବାର ସମ୍ଭାବନା ରହିଛି। ଧାନ ସଂଗ୍ରହକାରୀ ସଂସ୍ଥାଗୁଡ଼ିକର ଧାନର ଆର୍ଦ୍ରତା ଓ ମାନ ଯାଞ୍ଚ କରିବା ଓ ସେସବୁକୁ ନଥିଭୁକ୍ତ କରିବାର କ୍ଷମତା ଥିବା ଦରକାର। ବର୍ତ୍ତମାନ ଓଏସ୍ସିଏସ୍ସି, ମାର୍କଫେଡ୍, ନାଫେଡ୍, ନାକୋଫ୍, ଏସ୍ଟିସି ଓ ଏଫ୍ସିଆଇ ପରି ଅନେକ ସଂସ୍ଥା ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସରକାର ୨୭୦୦ରୁ ଅଧିକ ପିଏସିଏସ୍ ଓ ପାଣି ପଞ୍ଚାୟତକୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରିଛନ୍ତି ଯେଉଁମାନେ ଓଏସ୍ସିଏସ୍ସି ତରଫରୁ ଧାନ ସଂଗ୍ରହ କରୁଛନ୍ତି।

ତେଣୁ ଏବେ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କାହିଁକି ଏ କାମରେ ନିୟୋଜିତ କରିବାକୁ ଚାହୁଁଛନ୍ତି, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିବ। କୋରାପୁଟ ଓ ଅନ୍ୟ ଅଞ୍ଚଳରେ ଏହାକୁ କୃଷକମାନେ ବିରୋଧ କରିବାକୁ ଆରମ୍ଭ କଲେଣି। ସେମାନେ ଦାବି କରୁଛନ୍ତି ଯେ ସରକାର ଏ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନିଅନ୍ତୁ କାରଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କର ଧାନ ସଂଗ୍ରହ ପାଇଁ ଆବଶ୍ୟକ ଦକ୍ଷତା ନାହିଁ। ତେବେ ସେ ଯାହା ବି ହେଉ ଆମେ ସରକାରଙ୍କ ନିଷ୍ପତ୍ତିକୁ ଭୁଲ୍ ବୋଲି କହୁନାହୁଁ। ବର୍ତ୍ତମାନ ପର୍ଯ୍ୟନ୍ତ ଆର୍ଥିକ ବା ଅନ୍ୟ ଦୃଷ୍ଟିରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ। ଏଥିରେ ପରିବର୍ତ୍ତନ ହେବା ଦରକାର। ସରକାର ତାହା ଉପରେ ନିୟନ୍ତ୍ରଣ ରଖିବା ଦରକାର କାରଣ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ଆର୍ଥିକ କାରବାର ରହୁଛି। କୃଷକମାନେ ଯଥାସମୟରେ ସେମାନଙ୍କ ପ୍ରାପ୍ୟ ପାଇବା ଆବଶ୍ୟକ। ତେଣୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରିବା ପୂର୍ବରୁ ସରକାର ସେମାନଙ୍କୁ ଆବଶ୍ୟକ ତାଲିମ ଦେବା ସହ ସେମାନଙ୍କ କାର୍ଯ୍ୟଧାରା ଉପରେ ତୀକ୍ଷ୍ଣ ନଜର ରଖିବା ଦରକାର।

# କାଳର କଡ଼ ଲେଉଟାଣି



ଉପେନ୍ଦ୍ର ବିଶ୍ୱାଳ

ପ୍ରତ୍ୟହ ପ୍ରଭାତରେ ପକ୍ଷୀଟିଏ ପହଞ୍ଚିଥାଏ ଦାଣ୍ଡ ଦୁଆରେ। ପୋକ, ପତଙ୍ଗାଦିକୁ ଖୁଣ୍ଟି ଖାଏ। ତା'ର କୁନି କୁନି ପାଦର ଟିକି ଟିକି ଚାଲି, ଏଠି ସେଠି ଖଣ୍ଡି ଉଡ଼ା, ମୋତେ କାହିଁକି କେଜାଣି ଆକୃଷ୍ଟ କରିବସେ। ତା'ର ନାଲି ଥଣ୍ଟରୁ କିଚିରି ମିଚିରି ଶବ୍ଦ ଲାଗେ ସତେ ଯେମିତି 'ପ୍ରଭାତ ବନ୍ଦନା' ବା କେଉଁ ପୁରୋହିତର ପବିତ୍ର ମନ୍ତ୍ର ଉଚ୍ଚାରଣ। ଚାଉଳ ମୁଠେ ପକାଇଦେଲେ ଖୁସି ମନରେ ଦୌଡ଼ି ଆସେ ଆହୁରି ପାଖକୁ। ଅଲକ୍ଷ୍ୟରେ ପ୍ରୀତି ଜାଗି ଉଠେ ପକ୍ଷୀଟି ପ୍ରତି। ପ୍ରତିଦାନରେ ପକ୍ଷୀଟି ସମୟାନୁବର୍ତ୍ତିତା ଶିଖାଏ। ସକାଳେ ସକାଳେ ତା' ଦେଖା ନ ମିଳିଲେ ମନଟା ଟିକେ ଫିକା ପଡ଼ିଯାଏ। ଏଣୁ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରିବାର ସୁଅଭ୍ୟାସଟି ଶିଖି ହେଇଯାଏ ତା'ଠୁ।

ଦୈବାତ୍ ଦିନେ ବ୍ୟତିକ୍ରମ ଦେଖାଗଲା। ଖରା ଉଇଁ ଦିନ ଘଡ଼ିଏ ହେଲାଣି, ତା'ର କିନ୍ତୁ ଦେଖା ନାହିଁ। ଏତେବେଳକୁ ଫୁର୍‌କିନା ଉଡ଼ି ପଳେଇଯାଇଥାଏ। ଭାବିଲି, କେଉଁଠି କିଛି ଟିକେ ଅସୁବିଧା ହୋଇଥିବ। ଆସିବ ସୁନିଶ୍ଚିତ। ମୋ ପରି ସୂର୍ଯ୍ୟ ତ ତାକୁ ଅପେକ୍ଷା କରିବେନି। ତା' ବିଷୟରେ ଭାବି ଭାବି ଧୀର ପଦପାତରେ ଚାଲୁଥାଏ ବଗିଚାରେ। ହଠାତ୍ ଅଟକିଗଲା ପାଦ। ଏ କ'ଣ? ପକ୍ଷୀଟି ଯେ ଏଇଠି ମରି ପଡ଼ିଛି। କାଳର କ'ଣ ଏହା କଡ଼ ଲେଉଟାଣି? କାଲି ସେ ଯେଉଁ ପୋକ, କୀଟ, ପତଙ୍ଗମାନଙ୍କୁ ଖୁଣ୍ଟି ଖୁଣ୍ଟି ଖାଉଥିଲା, ଆଜି ସେମାନେ ପକ୍ଷୀଟିକୁ ଖିନ୍‌ଭିନ୍ କରି ଖାଇ ଚାଲିଛନ୍ତି। ପକ୍ଷୀଟି ପାଇଁ ମନଟା ଅବଶ୍ୟ ଦୁଃଖରେ ଭରିଗଲା। ଏହି ସମୟରେ ଖବରକାଗଜ ଧରି ଆସି ପହଞ୍ଚିଲା କାଗଜବାଲା। କାଗଜଟି ଦେଖୁ ଦେଖୁ ଆଖିରେ ଆଗ ପଡ଼ିଲା- 'କାଳର କଡ଼ ଲେଉଟାଣି' ଶୀର୍ଷକରେ ଚିଦାମ୍ବରମ୍‌ଙ୍କ ଗିରଫ ହେବାର ଘଟଣା। ଦେଶର ପୂର୍ବତନ ଗୃହମନ୍ତ୍ରୀ, ଅର୍ଥମନ୍ତ୍ରୀ, ବରିଷ୍ଠ କଂଗ୍ରେସ ନେତା, ସୁପ୍ରିମ୍‌କୋର୍ଟର ବରିଷ୍ଠ ଓକିଲ ହେଉଛନ୍ତି ପି. ଚିଦାମ୍ବରମ୍। ଉପା ସରକାର ସମୟରେ ଅମିତ ଶାହଙ୍କ ଗିରଫର ନିମିତ୍ତ ଥିଲେ ଚିଦାମ୍ବରମ୍। ଏବେ ଅମିତ୍ ଶାହଙ୍କ ପାଳିରେ ସେ ଜେଲରେ।

ବାଜପେୟୀଙ୍କ ପରି ଅତ୍ୟନ୍ତ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଦେଶର ଜନତା ଆଡ଼େଇ ଦେଇ ୨୦୦୪ରେ ଉପାକୁ ଯେବେ ଶାସନ ଡୋରି ଧରାଇଦେଲେ, ସେତେବେଳେ କଂଗ୍ରେସ ସମେତ ଅନ୍ୟମାନେ ହୁଏତ ଭାବିନେଲେ ଯେ, ନିକଟ ଭବିଷ୍ୟତରେ ଭାଜପା ନେତୃତ୍ୱରେ କେନ୍ଦ୍ରରେ ସରକାର ଆଉ ଆସିବ ନାହିଁ। ନାନାଦି ଦୁର୍ନୀତିର ଅପଖ୍ୟାତି ସତ୍ତ୍ୱେ ପୁଣି ୨୦୦୯ରେ ଦ୍ୱିତୀୟଥର ପାଇଁ ଲଗାତର କ୍ଷମତାକୁ ଆସିବାଟା ଏମାନଙ୍କୁ ଏକପ୍ରକାର ଅନ୍ଧ କରିପକାଇଲା। ଫଳତଃ ଏହି ଅବଧି କାଳରେ ଭ୍ରଷ୍ଟାଚାରର ବାଡ଼ବତା ରହିଲା ନାହିଁ ଓ ଦେଶର ଅପର୍ଯ୍ୟାପ୍ତ ଅର୍ଥ ଲୁଟ୍‌ପାଟ୍ ହୋଇଚାଲିଲା। ଗଣମାଧ୍ୟମ ସମେତ ବିଭିନ୍ନ ଉତ୍ସରୁ ଆସୁଥିବା ତଥ୍ୟରୁ ଜଣାଯାଏ, ଚିଦାମ୍ବରମ୍‌ଙ୍କ ପରିବାର ଗୋଟାଇଥିବା ସମ୍ପତ୍ତି ଅକଳନ୍ତି। ଚେନ୍ନାଇରେ ଅଛି ୧୨ଟି ଅଟ୍ଟାଳିକା ସମେତ ୪୦ଟି ମଲ୍ ଓ ୧୬ଟି ସିନେମା ହଲ୍, ତାମିଲନାଡୁରେ ୩ଶହ ଏକର ଜମି, ଦେଶର ବିଭିନ୍ନ ସ୍ଥାନରେ ୫ଶହଟି ଚକ୍ଷୁ ଚିକିତ୍ସାଳୟ, ରାଜସ୍ଥାନରେ ୨ହଜାର ଆମ୍ବୁଲାନ୍ସ, ଇଂଲଣ୍ଡରେ ୮୦ଏକର ଜାଗା, ଥାଇଲାଣ୍ଡର ୧୬ଟି ସ୍ଥାନରେ ଜମି, ଶ୍ରୀଲଙ୍କାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ୩ଟି ଦାମିକା ରିସୋର୍ଟ, ସିଙ୍ଗାପୁର, ମାଲେସିୟା, ଥାଇଲାଣ୍ଡରେ ଅଜସ୍ର ସମ୍ପତ୍ତି, ଫ୍ରାନ୍ସ ଓ ଦୁବାଇର ବିଭିନ୍ନ ସଂସ୍ଥାରେ କୋଟି କୋଟି ଟଙ୍କାର ଅର୍ଥ ବିନିଯୋଗ। ସିଙ୍ଗାପୁରରେ ଥିବା ନିଜସ୍ୱ କମ୍ପାନୀ ଦ୍ୱାରା ବ୍ରିଟେନ୍ ଓ ମାଲେସିଆରେ ଚାଲୁଥିବା ବ୍ୟବସାୟ ସାମ୍ରାଜ୍ୟ, ସ୍ପେନ୍‌ର ବାର୍ସିଲୋନାରେ ୧୧ଟି ଟେନିସ୍ କୋର୍ଟ, ଏତଦ୍‌ବ୍ୟତୀତ ଗ୍ରୀସ୍, ଫିଲିପାଇନ୍ସ, ଆମେରିକା ସମେତ ଅନେକ ଦେଶରେ ପୁଞ୍ଜି ବିନିଯୋଗ ଇତ୍ୟାଦି। ଏସବୁକୁ ପରିଚାଳନା କରିବା ପାଇଁ ସେସବୁ ଦେଶ ବ୍ୟତୀତ କେବଳ ଚେନ୍ନାଇରେ କାର୍ଯ୍ୟରତ ତିନୋଟି କାର୍ଯ୍ୟାଳୟ। ସୁନିଶ୍ଚିତ ଗିରଫଦାରିକୁ ଏଡ଼ାଇବାକୁ ଯାଇ ଗତ ୧୮ମାସ ମଧ୍ୟରେ ୨୪ଥର ଆଗୁଆ ଜାମିନ ଆବେଦନ କରି ଚାଲିଥିଲେ ସେ।

କେବଳ ଉପା ସରକାରରେ ଯେ ଚିଦାମ୍ବରମ୍‌ଙ୍କ ପରି ଦୁର୍ନୀତିଗ୍ରସ୍ତ ରାଜନେତା ଥିଲେ ତାହା ନୁହେଁ, ଅନ୍ୟ ଦଳରେ ବି ଅନୁରୂପ ଅନେକ ନେତା ଅଛନ୍ତି, ଯେଉଁମାନେ ଦୁର୍ନୀତିର ପାହାଡ଼ ଉପରେ ଆସୀନ। ଭିନ୍ନ ଭିନ୍ନ ସମୟରେ ଝାଡ଼ଖଣ୍ଡର ୩ଥର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିବା 'ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା'ର ପ୍ରତିଷ୍ଠାତା ଶିବୁ ସୋରେନ୍, ଯିଏ କି ଦିନେ ଭାଜପାର ସହଯୋଗୀ ମଧ୍ୟ ଥିଲେ, ଏକ ଅପହରଣ ଓ ହତ୍ୟା ଘଟଣାର ୨୦ବର୍ଷ ପରେ ତାଙ୍କୁ ଆଜୀବନ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। କେନ୍ଦ୍ରରେ ସଂଖ୍ୟାଲଘୁ ନରସିଂହ ରାଓ ସରକାରଙ୍କୁ ବଞ୍ଚାଇବାକୁ ଯାଇ କୋଟି କୋଟି ଟଙ୍କାର ଉତ୍କୋଚ ଗ୍ରହଣ ଅଭିଯୋଗର ଏକମାତ୍ର ସାକ୍ଷୀ ଥିଲେ ତାଙ୍କର ବ୍ୟକ୍ତିଗତ ସଚିବ ଶଶିନାଥ ଝା। କ୍ଷମତାନ୍ଧ ଶିବୁ ସୋରେନ୍ ସୁଚିନ୍ତିତ ଉପାୟରେ 'ମୂଳୁ ମାଇଲେ ଯିବ ସରି' ନ୍ୟାୟରେ ଷଡ଼ଯନ୍ତ୍ର ରଚନା କରି ତାଙ୍କୁ ବାଟରୁ ହଟାଇ ଦେଇଥିଲେ। ନିଜର ଘନିଷ୍ଠ ବାନ୍ଧବୀ ଜୟଲଳିଥାଙ୍କ ଅନ୍ତେ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନରେ ଦିନ ଗଣୁଥିବା ଶଶିକଳା କେବେ କ'ଣ ଭାବିଥିଲେ ଯେ, ତାଙ୍କୁ ବି ଜେଲଯାତନା ଭୋଗିବାକୁ ପଡ଼ିବ? 'ସବ୍‌ଜି ମେ ଆଲୁ, ଜଙ୍ଗଲ ମେ ଭାଲୁ, ବିହାର ମେ ଲାଲୁ' ବୋଲି ଆସ୍ଫାଳନ କରୁଥିବା ଲାଲୁ ପ୍ରସାଦ ଯାଦବ ବି ସେଦିନ ହୁଏତ ଭାବି ନ ଥିବେ ନିଜେ ଉଦ୍‌ଘାଟନ କରୁଥିବା ଜେଲର କାଳ କୋଠରିରେ ତାଙ୍କୁ ହିଁ ଦିନେ ରହିବାକୁ ପଡ଼ିବ ବୋଲି। ଦେଶ ପରେ ଦେଶ ଜୟଲାଭ କରିଥିବା ବିଶ୍ୱବିଜୟୀ ନେପୋଲିୟନ ଶେଷରେ ଆଟଲାଣ୍ଟିକ୍ ସାଗରସ୍ଥ ସେଣ୍ଟହେଲେନା ଦ୍ୱୀପର ନିର୍ଜନ କାଳକୋଠରି ମଧ୍ୟରେ ଭୋକଶୋଷରେ ଆଉଟୁ ପାଉଟୁ ହୋଇ ମାସାଧିକ କାଳ ରୋଗଶଯ୍ୟାରେ ଶୋଇ ଶୋଇ ଅତି ଦୟନୀୟ ଭାବେ ମୃତ୍ୟୁବରଣ କରିଥିଲେ। ଏ ସବୁ କାଳର କଡ଼ ଲେଉଟାଣି।

ଯାହା ବି ହେଉ, ଯିଏ ଯେତେ ଶକ୍ତିଶାଳୀ ହେଲେ ବି କାଳ କବଳରୁ କେହି ବର୍ତ୍ତିପାରି ନାହାନ୍ତି। ଦାମ୍ଭିକ ଦୁର୍ଯ୍ୟୋଧନଙ୍କଠାରୁ ଦୁଷ୍ଟାତ୍ମା, ଦୁରାଚାରୀ ଔରଙ୍ଗଜେବଙ୍କ ପର୍ଯ୍ୟନ୍ତ। ଏପରି କି ନ୍ୟାୟବନ୍ତ ଓ ସତ୍ୟବ୍ରତ ଭୀଷ୍ମ, ନ୍ୟାୟର ଜୟ ହେଉ ବୋଲି କହି ଚାଲିଥିବା ମାତା ଗାନ୍ଧାରୀ ବି। ଶରଶଯ୍ୟା ପରି ଯମ ଯନ୍ତ୍ରଣାର କାରଣ କ'ଣ ବୋଲି ଯେବେ ଜାଣିବାକୁ ଇଚ୍ଛା କରିଛନ୍ତି ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଦେଖାଇଛନ୍ତି, କେବେ କେଉଁ ଅତୀତ ଜନ୍ମରେ କରିଥିବା ଅପରାଧକୁ। ଏଗାର ବର୍ଷ ବୟସର ରାଜକୁମାର ଥିଲାବେଳେ କୌତୂହଳବଶତଃ ସାପଟିକୁ ଏକ ତୀରରେ ଧରି ରଖିବାକୁ ଚେଷ୍ଟା କରୁ କରୁ ସାପଟି ଖସି ପଳଉଥାଏ। ବାରମ୍ବାର ବିଫଳ ହେବାରୁ ଉତ୍କ୍ଷିପ୍ତ ହୋଇ ସାପଟିକୁ ତୀରରେ ଦୂରକୁ ଫିଙ୍ଗି ଦିଅନ୍ତି। ଦୁର୍ଭାଗ୍ୟବଶତଃ ସିଜୁ କଣ୍ଟାବୁଦା ଉପରେ ପଡ଼େ ଯାଇ ସାପଟି। କଣ୍ଟାବୁଦାର ତୀକ୍ଷ୍ଣ କଣ୍ଟାଗୁଡ଼ିକ ସାପର କୋମଳ ଅଙ୍ଗକୁ ବିଦ୍ଧକରି ରକ୍ତାକ୍ତ ଓ କ୍ଷତାକ୍ତ କରିପକାଇଲା। ଆଉ ଦାରୁଣ ଯନ୍ତ୍ରଣାରେ ଛଟପଟ ହୋଇ ସାପଟି ସେଇଠି ମରିଗଲା। ପୁଣି ନିଜ ଜୀବଦ୍ଦଶାରେ ହରାଇଥିବା ଶତପୁତ୍ରର ଯନ୍ତ୍ରଣାର କାରଣ ମଧ୍ୟ ସେ ଦେଖାଇ ଦେଇଛନ୍ତି ଗାନ୍ଧାରୀଙ୍କୁ। ସମୁଦ୍ର କୂଳର ସୈକତ ଶଯ୍ୟାରେ ସଖୀମାନଙ୍କ ଗହଣରେ ଖେଳୁ ଖେଳୁ ବାଲ୍ୟ ଚପଳାମିରେ ରାଜକୁମାରୀ ଗୋଟିଏ ପରେ ଗୋଟିଏ କଇଁଛ ଅଣ୍ଡାଗୁଡ଼ିକୁ ନଷ୍ଟ କରି ଚାଲିଥିଲେ। ଏହିପରି ଅଲକ୍ଷ୍ୟରେ ୧୦୦ଟି ଅଣ୍ଡାକୁ ସେ ନଷ୍ଟକରି ମା' କଇଁଛଟିକୁ ଅତ୍ୟନ୍ତ ଦୁଃଖ ଦେଇଥିଲେ। ଅତଏବ ନିୟତିର ନିଷ୍ଠୁର ନିର୍ଯାସ ହେଲା, ଯେବେ ବି ହେଉ ଦିନେ ନା ଦିନେ କାଳର କଡ଼ ଲେଉଟାଣି ହେବ। ଆଜିର ଘଟଣା ମଧ୍ୟ ଶାସନରେ ଥିବା ଭାଜପା ଦଳକୁ କାଳର ଏକପ୍ରକାର କଠୋର ଚେତାବନୀ। ସେହି ଚେତାବନୀ ହେଲା କ୍ଷମତାରେ ଅନ୍ଧ ନ ହୋଇ ଦେଶର କଲ୍ୟାଣପୂର୍ବକ ସଦାଚାରୀ, ସତ୍ୟଦର୍ଶୀ ହୋଇ ହାତେ ମାପି ଚାଖଣ୍ଡେ ଚାଲିବାକୁ ହେବ। ଅନ୍ୟଥା ତୁମକୁ ବି ଦିନେ ଭୋଗିବାକୁ ପଡ଼ିବ ସମଦଶା।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩

# କିଏ ଶ୍ରୀରାଧା

ବିଭୂତି ପ୍ରସାଦ ବୋଷମଲ୍ଲିକ

ଶ୍ରୀରାଧା କିଏ? ପ୍ରାୟ ୯୯% ଲୋକ କହନ୍ତି ଯେ, ରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ପ୍ରେମିକା। କିନ୍ତୁ ବାସ୍ତବରେ ଏମାନେ ରାଧାଙ୍କୁ ଜାଣନ୍ତି ନାହିଁ। ଭଗବାନ ଶ୍ରୀକୃଷ୍ଣଙ୍କ ତିନୋଟି ପ୍ରମୁଖ ଶକ୍ତି ଅଛି। ସ୍ୱରୂପ ଶକ୍ତି, ଜୀବ ଶକ୍ତି ଏବଂ ମାୟା ଶକ୍ତି। ସ୍ୱରୂପ ଶକ୍ତି ଭଗବାନଙ୍କ ନିଜସ୍ୱ ବ୍ୟକ୍ତିଗତ ଶକ୍ତି। ଏହା ସେ କାହାକୁ ପ୍ରଦାନ କରନ୍ତି ନାହିଁ। ଏହି ସ୍ୱରୂପ ଶକ୍ତିକୁ ପୁଣି ତିନି ଭାଗରେ ବିଭକ୍ତ କରାଯାଇଛି। ସତ୍ ସ୍ୱରୂପ ଶକ୍ତି, ଚିତ୍ ସ୍ୱରୂପ ଶକ୍ତି ଏବଂ ଆନନ୍ଦ ସ୍ୱରୂପ ଶକ୍ତି। ଏହା ମଧ୍ୟରୁ ଆନନ୍ଦ ସ୍ୱରୂପ ଶକ୍ତି ସର୍ବଶ୍ରେଷ୍ଠ । ଏହି ଆନନ୍ଦ ଶକ୍ତିର ସାରତତ୍ତ୍ୱ ହେଉଛି ହ୍ଲାଦିନୀ ଶକ୍ତି । ଏହି ହ୍ଲାଦିନୀ ଶକ୍ତିର ସାରଭୂତ ତତ୍ତ୍ୱ ହେଉଛି ପ୍ରେମ। ଏହି ପ୍ରେମର ସାର ତତ୍ତ୍ୱ ହେଉଛି ରାଧା ତତ୍ତ୍ୱ। ଗୌରାଙ୍ଗ ମହାପ୍ରଭୁ କହନ୍ତି, ଭଗବାନ ଶ୍ରୀକୃଷ୍ଣଙ୍କ ନିଜସ୍ୱ ସବୁଠାରୁ ବ୍ୟକ୍ତିଗତ ଶକ୍ତି ହେଉଛି ରାଧାଶକ୍ତି। ରାଧାଙ୍କୁ ମହାଭାବରୂପା ମଧ୍ୟ କହନ୍ତି। ତେଣୁ ଶ୍ରୀକୃଷ୍ଣ ତାଙ୍କୁ ଉପାସନା କରନ୍ତି। ଯେପରି ଆତ୍ମାରାମ ନିଜ ଆତ୍ମାକୁ ଉପାସନା କରନ୍ତି। ଶ୍ରୀରାଧା ହେଉଛନ୍ତି ପରମାତ୍ମାଙ୍କ ଆତ୍ମା।

ରାଧା ତତ୍ତ୍ୱ ଉପରେ ଅଥର୍ବ ବେଦ, ଗୋପାଳ ତାପନୀୟ ଉପନିଷଦ, ରାଧିକା ତାପନୀୟ ଉପନିଷଦ, ନାରଦ ପାଞ୍ଚରାତ୍ର ନାରଦ ପୁରାଣ, ପଦ୍ମପୁରାଣ ଇତ୍ୟାଦି ବହୁ ଜାଗାରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି। ସାଧାରଣ ଲୋକ ଏହିସବୁ ବେଦ, ଶାସ୍ତ୍ର ଏବଂ ପୁରାଣ ଇତ୍ୟାଦି ପଢ଼ି ବୁଝିପାରିବେ। ବହୁ ଆଚାର୍ଯ୍ୟ ଯେ କି ରାଧାକୃଷ୍ଣଙ୍କ ଭକ୍ତ ଥିଲେ ସମସ୍ତେ କୁହନ୍ତି, ଶ୍ରୀକୃଷ୍ଣ ଶକ୍ତିମାନ ଏବଂ ରାଧା ତାଙ୍କର ଶକ୍ତି। ଶକ୍ତିମାନ ଏବଂ ଶକ୍ତି ମଧ୍ୟରେ ଭେଦ ମଧ୍ୟ ଅଛି ଏବଂ ଅଭେଦତା ମଧ୍ୟ ଅଛି। କିନ୍ତୁ ଗୌରାଙ୍ଗ ମହାପ୍ରଭୁ କହନ୍ତି, ରାଧାକୃଷ୍ଣ ଦୁହେଁ ନିତ୍ୟ ଏବଂ ଅଭିନ୍ନ ଏକରୂପ ଅଟନ୍ତି। ଏଥିଯୋଗୁ ରାଧାକୃଷ୍ଣଙ୍କ ମଧ୍ୟରେ ଭେଦ ଥିବାର ବୁଦ୍ଧି ନ ଲଗାଇ ସେ ଦୁହେଁ ଏକ ବୋଲି ମାନିନେବା ଉଚିତ।

ଶ୍ରୀକୃଷ୍ଣଙ୍କ ପରି ରାଧାରାଣୀଙ୍କ ବହିରଙ୍ଗ, ଶାରୀରିକ, ଭୌତିକ ଏବଂ ସାଂସାରିକ ପରିଚୟ ବ୍ରହ୍ମାଣ୍ଡକ୍ଷ ପୁରାଣର ଷଷ୍ଠ ଏବଂ ସପ୍ତମ ଅଧ୍ୟାୟରେ ବିଶଦ ଭାବରେ ବର୍ଣ୍ଣିତ ଅଛି। କିନ୍ତୁ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧା ହେଉଛନ୍ତି ଅଯୋନିଜନ୍ମା। ଉଭୟ ମାୟାଶକ୍ତି ଦ୍ୱାରା ସାଂସାରିକ ରୂପରେ ଆବିର୍ଭାବ



## ରାଧାଷ୍ଟମୀ ଉପଲକ୍ଷେ

କଥା ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି। ଶ୍ରୀକୃଷ୍ଣଙ୍କର ଧରାପୃଷ୍ଠରେ ଆବିର୍ଭାବହେବା କଥା ଭାଗବତରୁ ସମସ୍ତେ ଜାଣନ୍ତି। ଏବେ ଆସନ୍ତୁ ଶ୍ରୀରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ରହ୍ମାଣ୍ଡକ୍ଷ ପୁରାଣରେ କି ପ୍ରକାର ବର୍ଣ୍ଣିତ ଅଛି ଜାଣିବା।

ପୁରାତନ କାଳରେ ଜଣେ ରାଜା ଥିଲେ। ତାଙ୍କ ନାମ ଥିଲା ଇକ୍ଷାକୁ। ସେ ଜଣେ ସିଦ୍ଧ ମହାପୁରୁଷ ଥିଲେ। ତାଙ୍କ ପୁତ୍ରଙ୍କ ନାମ ଥିଲା ନୃଗ। ନୃଗଙ୍କ ପୁତ୍ରଙ୍କ ନାମ ଥିଲା ସୁଚନ୍ଦ୍ର।

ଅର୍ଜମାଳୀ ବୋଲି ଜଣେ ମୁନି ଥିଲେ। ତାଙ୍କର ତିନୋଟି ମାନସୀ କନ୍ୟା ଥିଲେ। ସେମାନଙ୍କ ନାମ ଯଥାକ୍ରମେ କଳାବତୀ, ମେନକା ଏବଂ ରତ୍ନମାଳା ଥିଲା। କଳାବତୀ ସୁଚନ୍ଦ୍ରଙ୍କୁ ଦିଆଯାଇଥିଲା। ମେନକା ହିମାଳୟଙ୍କୁ ବିବାହ କରିଥିଲେ ଏବଂ ରତ୍ନମାଳା ବିଦେହଙ୍କୁ ବିବାହ କରିଥିଲେ। ସୁଚନ୍ଦ୍ର ଏବଂ କଳାବତୀ ବ୍ରହ୍ମଚର୍ଯ୍ୟ ପାଳନ କରି ତପଶ୍ଚର୍ଯ୍ୟା କରିଥିଲେ ଦେବତାଙ୍କ ବାରବର୍ଷ। ଦେବତାଙ୍କ ଏକବର୍ଷ ଆମ୍ଭମାନଙ୍କ ତିନି ଲକ୍ଷ ଷାଠିଏ ହଜାର ବର୍ଷ। ସେହି ବାର ବର୍ଷ ଆମ୍ଭମାନଙ୍କ ତେୟାଳିଶ ଲକ୍ଷ କୋଡ଼ିଏ ହଜାର ବର୍ଷ। ଉଭୟଙ୍କ କଠୋର ତପସ୍ୟା ପରେ ବ୍ରହ୍ମା ପ୍ରକଟ ହୋଇଥିଲେ। ବ୍ରହ୍ମାଙ୍କ ଆଦେଶ ଅନୁସାରେ ଦୁହେଁ ଦିବ୍ୟଲୋକ ଗମନ କଲେ। ବ୍ରହ୍ମା ସେମାନଙ୍କୁ ବର ଦେଇଥିଲେ ଦ୍ୱାପର ଯୁଗରେ ଦୁହେଁ ବୃଷଭାନୁ ଓ କୀର୍ତ୍ତି ରୂପରେ ଜନ୍ମ ନେବେ ଏବଂ ତାଙ୍କ ଘରେ ରାଧା ଆବିର୍ଭାବ ହେବେ।

ଦ୍ୱାପର ଯୁଗରେ ସୁରଭାନୁ ବୋଲି ଜଣେ ରାଜା ଥିଲେ। ତାଙ୍କ ଘରେ ସୁଚନ୍ଦ୍ର ବୃଷଭାନୁ ରୂପରେ ଜନ୍ମ ନେଲେ। ଭଲନନ୍ଦ ବୋଲି ଜଣେ ମୁନି ଥିଲେ। ସେ ଏକ ବଡ ଯଜ୍ଞ କରିଥିଲେ। ଯଜ୍ଞ କୁଣ୍ଡରୁ କଳାବତୀ ଆବିର୍ଭାବ ହେଲେ ତାଙ୍କ ନାମ ହେଲା କୀର୍ତ୍ତି। ବୃଷଭାନୁ କୀର୍ତ୍ତିଙ୍କୁ ବିବାହ କରିଥିଲେ। ସେ ଦୁଇଜଣ ବହୁ ବର୍ଷ ଧରି ସାଂସାରିକ ଜୀବନ ସୁଖରେ କାଟିଥିଲେ ମଧ୍ୟ କୌଣସି ସନ୍ତାନ ସନ୍ତତି ନ ହେବା ଦ୍ୱାରା ଦୁହେଁ ଖୁବ୍ ବିମର୍ଷ ଥିଲେ। ପରେ ବହୁ ବର୍ଷ ତପସ୍ୟା କରିବା ଦ୍ୱାରା ରାଧାରାଣୀ କୀର୍ତ୍ତିମୟୀଙ୍କ କୋଳରେ କନ୍ୟାଶିଶୁ ରୂପେ ଆବିର୍ଭୂତା ହୋଇଥିଲେ। ଯୋଗମାୟା ଶକ୍ତି ବଳରେ କୀର୍ତ୍ତିମୟୀଙ୍କର ଦେବକୀଙ୍କ ପରି ଅନୁଭୂତି ହୋଇଥିଲା ସତ କିନ୍ତୁ ରାଧା ତାଙ୍କ କୋଳରେ ଆବିର୍ଭାବ ହୋଇଥିଲେ। ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି ଅଯୋନିଜନ୍ମା। ଦୁହେଁ ଦିବ୍ୟ ଚିନ୍ମୟ ଶକ୍ତିର ଆଧାର। ସେମାନଙ୍କର ସଂସାରରେ ଆବିର୍ଭାବ ହୋଇଥିଲା ସତ କିନ୍ତୁ ପୂର୍ଣ୍ଣବ୍ରହ୍ମ ମାତୃ ଗର୍ଭରେ ଆସିବା ସମ୍ଭବ ନୁହେଁ। କେବଳ ସାଂସାରିକ ଦୃଷ୍ଟିକୋଣରୁ ମାୟା ରଚନାକରି ମାତାମାନଙ୍କ ମାତୃତ୍ୱର ଅନୁଭୂତି ଲାଭ କରିବା। ଏସବୁ ହେଉଛି ଲୀଳା, ମାତ୍ର ମନୁଷ୍ୟର ବୁଦ୍ଧି ଏତେ ଗଭୀର ନୁହେଁ ଯେ, ସେ ସବୁ ଲୀଳାକୁ ବୁଝିପାରିବ। ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା କିନ୍ତୁ ସେ ନନ୍ଦ ଗ୍ରାମରେ ନନ୍ଦରାଜାଙ୍କ ଘରେ ଲାଳନପାଳନ ହୋଇଥିଲେ। ସେହି ନନ୍ଦ ଗ୍ରାମ ନିକଟରେ ବର୍ଷାନା ଗ୍ରାମରେ ବୃଷଭାନୁ ଓ କୀର୍ତ୍ତିମାତାଙ୍କ ଘରେ ରାଧାରାଣୀଙ୍କର ଆବିର୍ଭାବ ହୋଇଥିଲା।

ମୋ-୮୯୧୭୩୯୦୦୯୩

## ଏଇ ଭାରତରେ

ସମ୍ବିଧାନର ଧାରା ୨୧(କ)ରେ ୬ରୁ ୧୪ ବର୍ଷ ବୟସର ସବୁ ପିଲାଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। କିନ୍ତୁ ମଧ୍ୟପ୍ରଦେଶର ନିମୁଚ ଜିଲା ଖେଦା ଭୁଜ ଗାଁରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଏହି ଗାଁର ୫୦ଟି ଆଦିବାସୀ ପରିବାରର ପିଲାଙ୍କ ପାଇଁ ୪ ବର୍ଷ ହେବ ଏହି ଅଧିକାର ଯେମିତି ଛିନ୍ନ କରାଯାଇଛି। ୨୦୧୫ରେ ଗାନ୍ଧୀସାଗର ଅଭୟାରଣ୍ୟ ଅଞ୍ଚଳର ରାମପୁର ତହସିଲ ଅନ୍ତର୍ଗତ ଚାଇଁପୁରରୁ ଏହି ଆଦିବାସୀ ପରିବାରଗୁଡ଼ିକୁ ଖେଦାକୁ ବିସ୍ଥାପିତ କରାଯାଇଥିଲା। କିନ୍ତୁ ଖେଦାକୁ ଆସିବା ପରଠାରୁ ସେହି ପରିବାରରେ ଥିବା ପିଲାମାନେ ଆଜିଯାଏ ସ୍କୁଲ ଯାଇନାହାନ୍ତି। ତିନି କିମି ପରେ ଆଉ ଏକ ଗାଁରେ ସ୍କୁଲ ଥିଲେ ବି ହିଂସ୍ରଜନ୍ତୁଙ୍କ ବିପଦ ଯୋଗୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ପଠାଉନାହାନ୍ତି। ସେମାନେ ଦିନମଜୁରିଆ ଭାବେ କାମ କରୁଥିବାରୁ ତେଣୁ ପିଲାମାନଙ୍କୁ ସ୍କୁଲରେ ଛାଡି ଫେରିବା ପରେ କାମକୁ ଯିବା ସମ୍ଭବ ହେଉନି ବୋଲି କହନ୍ତି ଗ୍ରାମବାସୀ। ପିଲାମାନେ ଘରେ ଛୋଟ ଶିଶୁର ଯତ୍ନ ନେଉଛନ୍ତି ନ ହେଲେ ଘର କାମ କରୁଛନ୍ତି। ଗାଁରେ ବି ଏକ ଅଙ୍ଗନଓ୍ୱାଡି କେନ୍ଦ୍ର ଗାଁକୁ ଆସିଥିବା ରାସ୍ତାର ଶେଷମୁଣ୍ଡରେ ରହିଛି। ବର୍ଷାରେ ବିଦ୍ୟୁତ୍ ଖୁଣ୍ଟ ନଇଁ ତାର ଅତି ପାଖରେ ଥିବାରୁ ସେଠାକୁ ଯିବାରେ ବିପଦ ରହିଛି। ଜିଲା ଯୋଜନା କମିଟିର ଜଣେ ଅଧିକାରୀ କହିଛନ୍ତି ଯେ, ଯେହେତୁ ୩ କିଲୋମିଟର ମଧ୍ୟରେ ଏକ ସ୍କୁଲ ରହିଛି ସେଥିପାଇଁ ସେହି ଗାଁରେ ନୂଆ ସ୍କୁଲ କରାଯାଇପାରୁନାହିଁ। ଖେଦାରେ ସ୍କୁଲ ସମସ୍ୟା ନେଇ ଶିକ୍ଷା ବିଭାଗ ସହ ପରାମର୍ଶ କରାଯାଇ ଶୀଘ୍ର ସମାଧାନ କରାଯିବ ବୋଲି ନିମୁଚର ଆଡିଶନାଲ କଲେକ୍ଟର କହିଛନ୍ତି।

## ଚିରନ୍ତନୀ

ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୪

- ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡକୁ ରୋକିବା ପାଇଁ ଗତ ମାସରେ ଶ୍ରୀଲଙ୍କାରେ ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତିକୁ ଉଠାଇ ନିଆଯାଇଛି।
- ସୋମାଲିଆରେ ନିହତ ୩ ଜଣ ଭାରତୀୟ ସାମରିକ ଡାକ୍ତରଙ୍କୁ ମରଣୋତ୍ତର ଭାବେ ଜାତିସଂଘ ସେବା ପଦକ ପ୍ରଦାନ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | 5 | | B | | | 0 | 6 | E | |
| D | 5 | | | | | E | 0 | | 6 | | | | | 7 |
| | 9 | 2 | | 7 | E | | | | | | | 4 | | |
| 6 | | | 3 | | | | | | | | | | 8 | C |
| 7 | | | B | D | 4 | | 9 | | | E | | | | |
| 9 | 2 | | | | | B | | | 0 | | | | 5 | E |
| | E | | | 6 | | 7 | | | | | | | 9 | 4 |
| 0 | | D | | | 3 | 8 | 2 | 1 | | | 9 | | | |
| | | | A | 4 | | | | | | | | | | 8 |
| | | B | D | 1 | | A | | | | | C | 3 | 2 | |
| 4 | | 9 | C | | | | 3 | 0 | | 2 | | | | |
| | | | | 5 | | | | | | | E | 7 | | |
| | 3 | | | A | | D | | | | 4 | | 2 | | |
| B | A | | | 3 | 7 | 6 | | | 5 | | | | C | |
| 1 | | 8 | | | D | 9 | | | | B | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | 1 | 3 | C | 6 | 0 | 4 | 2 | B | D | 7 | 8 | E | 9 |
| 8 | D | C | 0 | E | B | 7 | 6 | 9 | 2 | 4 | 1 | 3 | 5 | A |
| 2 | E | 9 | 8 | 7 | 5 | C | 1 | A | 3 | 0 | 6 | 4 | D | B |
| 3 | 4 | 7 | A | 9 | 2 | E | D | B | 8 | 5 | C | 1 | 0 | 6 |
| 6 | 0 | B | 4 | D | 1 | 5 | 8 | 3 | A | E | 9 | 7 | C | 2 |
| 9 | 8 | 0 | 5 | 2 | A | 1 | B | D | E | 3 | 4 | 6 | 7 | C |
| E | 1 | 5 | 9 | 4 | D | 8 | 3 | C | 6 | 7 | 2 | A | B | 0 |
| C | B | 6 | 1 | 3 | 0 | 2 | 9 | 7 | D | 8 | A | E | 4 | 5 |
| D | 3 | 4 | E | 6 | 7 | A | 5 | 0 | C | 9 | B | 2 | 8 | 1 |
| A | 7 | 2 | C | B | 8 | 6 | E | 4 | 5 | 1 | 0 | D | 9 | 3 |
| 1 | 2 | 8 | 7 | A | E | B | 0 | 5 | 4 | C | 3 | 9 | 6 | D |
| 0 | 6 | 3 | 2 | 5 | C | D | 7 | E | 9 | A | 8 | B | 1 | 4 |
| B | 9 | D | 6 | 1 | 3 | 4 | C | 8 | 0 | 2 | E | 5 | A | 7 |
| 7 | C | A | D | 8 | 4 | 9 | 2 | 6 | 1 | B | 5 | 0 | 3 | E |
| 4 | 5 | E | B | 0 | 9 | 3 | A | 1 | 7 | 6 | D | C | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଫୁଟ୍‌ପାଥ୍ କେଉଁ କାମରେ ଲାଗୁଛି

ମହାଶୟ,

ଓଡ଼ିଶା ସରକାର ଗୋଟିଏ କମନ ପୋର୍ଟାଲ ଖୋଲିଛନ୍ତି କିନ୍ତୁ ଏହା କାମ କରୁଛି କି ନାହିଁ କେହି ଦେଖିଛନ୍ତି କି? ମୁଁ ଗତକାଲି ଅନେକ ଚେଷ୍ଟା କରି ବି ଏହାର କିଛି ଉପଯୋଗ କରି ପାରିଲିନାହିଁ। ଆଉ ଗୋଟିଏ କଥା ଅଧିକାରୀଙ୍କ ନଜରକୁ ଆଣିବାକୁ ଚାହେଁ। ନୂଆ ଟ୍ରାଫିକ ନିୟମ ଲାଗୁ ହେଲାପରେ ମଧ୍ୟ ଫୁଟ୍‌ପାଥ୍‌ରେ ଗାଡ଼ି ଯିବା ଆସିବା ଉପରେ କିଛି ବି ରୋକ ଲାଗିଲା ନାହିଁ। ଫୁଟ୍‌ପାଥ୍‌କୁ ଅନେକ ଜାଗାରେ ଗାଡି ରଖିବା ଓ ଅନ୍ୟ କାମରେ ଅକ୍ତିଆର କରି ରଖାଯାଇଛି। ଫଳରେ ବରିଷ୍ଠ ନାଗରିକ ଫୁଟ୍‌ପାଥ୍‌ରେ ଯିବା କଷ୍ଟକର। ଯଦି ମୂଳ ଉଦ୍ଦେଶ୍ୟ ପୂରଣ ନହେବ ତା'ହେଲେ ବରଂ ଫୁଟ୍‌ପାଥ୍‌କୁ ଭାଙ୍ଗି ମୂଳ ରାସ୍ତାରେ ମିଶାଇଦେବା ଭଲ।

ଦେବୀପ୍ରସନ୍ନ ମହାପାତ୍ର, mohapatra.dv@gmail.com

### ଓଡ଼ିଶାକୁ ଏତେ କମ୍ କାହିଁକି

କେନ୍ଦ୍ର ସରକାର ଫେମ୍ (ଏଫ୍.ଏ.ଏମ୍.ଇ.) ଯୋଜନାରେ ଦେଶର ୬୪ଟି ସହରକୁ ୫୫୯୫ ଇ-ବସ୍ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମହାରାଷ୍ଟ୍ରକୁ ୭୨୫, ଗୁଜରାଟକୁ ୫୫୦, ଉତ୍ତରପ୍ରଦେଶକୁ ୬୦୦, ତାମିଲନାଡୁକୁ ୫୨୫, କର୍ଣ୍ଣାଟକକୁ ୩୫୦, ମଧ୍ୟପ୍ରଦେଶକୁ ୩୪୦ ଓ ଆନ୍ଧ୍ରପ୍ରଦେଶକୁ ୩୦୦ ବସ୍ ଯୋଗାଇ ଦିଆଯିବ। ତେବେ ଓଡ଼ିଶାର ଭୁବନେଶ୍ୱର ସହର ପାଇଁ ମାତ୍ର ୫୦ଟି ବସ୍ ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଛି। ଅଥଚ କେବଳ ଅହମଦାବାଦ ସହର ପାଇଁ ୩୦୦ଟି ବସ୍ ଦିଆଯିବ। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାକୁ ଏତେ କମ୍ ସଂଖ୍ୟକ ବସ୍ ଦିଆଯିବାର କାରଣ କ'ଣ ତାହା ବୁଝି ହେଉନାହିଁ। କେନ୍ଦ୍ର ସରକାରଙ୍କ ଏହି ପକ୍ଷପାତିତା ବିରୋଧରେ ରାଜ୍ୟ ସରକାର ବା କୌଣସି ରାଜନୈତିକ ଦଳ ତରଫରୁ ପ୍ରତିକ୍ରିୟା ପ୍ରକାଶ ନ ପାଇବା ଦୁର୍ଭାଗ୍ୟଜନକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଘର ଦେବାରେ ଖିଲାପ କଲେ ବିଲ୍‌ଡରଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବ

ଭୁବନେଶ୍ୱର,୫।୯(ବ୍ୟୁରୋ): ଘର ଖଣ୍ଡେ ପାଇଁ ବ୍ୟକ୍ତି ନିଜର ସମସ୍ତ ଆୟକୁ ଲଗାଇ ଦେଇଥାଏ। ଟଙ୍କା ପଇଠ କରି ଯଦି ଘର ନ ମିଳିବ ତେବେ କଥା ସରିଲା। ରାଜ୍ୟ ତଥା ଦେଶରେ ବହୁ ବ୍ୟକ୍ତି ଘର ନ ପାଇ ବିଲଡର କିମ୍ବା ରିୟଲ ଇଷ୍ଟେଟ୍ ମାଲିକଙ୍କ ଠକାମିର ଶିକାର ହେଉଛନ୍ତି। ଏହାକୁ ରୋକିବା ତଥା ଖିଲାପ କରିଥିବା ବିଲ୍‌ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ ରେଗୁଲେଟୋରି(ରେରା) ଆଇନ କାର୍ଯ୍ୟକାରୀ କରିଛନ୍ତି। ଘର ନ ଦେଇ ଦୀର୍ଘବର୍ଷ ଧରି ଠକୁଥିବା ବିଲଡରଙ୍କୁ ସାବାଡ଼୍ କରିବାକୁ ରାଜ୍ୟ ସରକାର ନୂତନ ନିୟମ କାର୍ଯ୍ୟକାରୀ କରିଛନ୍ତି। ଘର ନିର୍ଦ୍ଧାରିତ ସମୟରେ ଦେଇ ନ ପାରିଲେ ଓଡିଶା ରିୟଲଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା)ସମ୍ପୃକ୍ତ ବିଲ୍‌ଡରଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବ। ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେତେକ ଅସାଧୁ ବିଲ୍‌ଡରଙ୍କ ପାଇଁ ସମସ୍ତଙ୍କୁ ବଦ୍‌ନାମ ହେବାକୁ ପଡୁଛି। ଏହି ନୂଆ ନିୟମ କାର୍ଯ୍ୟକାରୀ ହେଲେ ସେମାନେ ସମ୍ମାନ ଫେରି ପାଇବେ ବୋଲି କେତେକ ବିଲ୍‌ଡର କହିଛନ୍ତି। ତେବେ ଏହି ନିୟମ କେତେ ଦୂର କାର୍ଯ୍ୟକାରୀ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

### ନୂଆ ମୋଟର ଯାନ ଆଇନ

# ଘାରିଲା ଭୟ, ବଢ଼ିଲା ଭିଡ଼

- ଆର୍‌ଟିଓ ଅଫିସ, ଟ୍ରେନିଂ ସେଣ୍ଟରରେ କୋଳାହଳ
- ଡିଏଲ୍ ଆବେଦନ ପାଇଁ ବିଭିନ୍ନ ଆର୍‌ଟିଓରେ ସ୍ଲଟ୍ ଶେଷ
- ଅଟୋ ଚାଳକଙ୍କ ଉପରେ ୨୭,୫୦୦ ଜରିମାନା
- ୧୫ହଜାର ଟଙ୍କା ଜରିମାନା ଦେଲା ବିଏମ୍‌ସି ଗାଡ଼ି

ଭୁବନେଶ୍ୱର, ୫।୯(ବ୍ୟୁରୋ)

ନୂଆ ମୋଟର ଆଇନ-୨୦୧୯ ସେପ୍ଟେମ୍ବର ୧ରୁ ସାରା ଦେଶରେ ଲାଗୁ ହୋଇଛି। ଓଡ଼ିଶାରେ ଚେକିଂ, ବ୍ଲକିଂ ଓ ଗାଡ଼ି ଧରାପଗଡ଼କୁ ଜୋର୍‌ଦାର କରାଯାଇଛି। ଟ୍ରାଫିକ ପୋଲିସ ଓ ଆର୍‌ଟିଓ ପକ୍ଷରୁ କାଗଜପତ୍ର ଯାଞ୍ଚ କଡାକଡି କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ନୂଆ ଆଇନରେ ୧୦ଗୁଣା ଅଧିକ ଜରିମାନା ଏବେ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ବୁଧବାର ଭୁବନେଶ୍ୱରରେ ନିୟମ ଉଲ୍ଲଂଘନକାରୀ ଜଣେ ଅଟୋ ଚାଳକଙ୍କ ଉପରେ ବଡ଼ ଧରଣର ଜରିମାନା ହେବାପରେ ସମସ୍ତଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସମସ୍ତ କାଗଜପତ୍ର ଠିକ୍ କରିବାକୁ ଗାଡ଼ି ଚାଳକ ଓ ମାଲିକ ଲାଗି ପଡିଛନ୍ତି। ଏଥିପାଇଁ ଏବେ ଆର୍‌ଟିଓ, ଡ୍ରାଇଭିଂ ଟ୍ରେନିଂ ସେଣ୍ଟର, ଗାଡ଼ି ବୀମା କାର୍ଯ୍ୟାଳୟ ଆଦି ସ୍ଥାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ସେହିଭଳି ପଲ୍ୟୁଶନ ସାର୍ଟିଫିକେଟ ପାଇଁ ମଧ୍ୟ ଧାଡ଼ି ଲାଗୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ଆର୍‌ଟିଓରେ ଡ୍ରାଇଭିଂ ଲାଇସେନ୍ସ ଆବେଦନ ପାଇଁ ସ୍ଲଟ୍ ଫାଙ୍କା ନ ଥିବା ଜଣାପଡ଼ିଛି। ଭୁବନେଶ୍ୱର ଆର୍‌ଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି, ପୂର୍ବରୁ ପ୍ରତିଦିନ ୨ଶହରୁ ଅଧିକ ଲୋକ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରନ୍ତି। ନୂଆ ନିୟମ ଲାଗୁପରଠାରୁ ଏହା ହଠାତ୍ ବଢ଼ିଯାଇଛି। ୫ଦିନ ଭିତରେ ରାଜଧାନୀର ଦୁଇ ଆର୍‌ଟିଓରେ ପ୍ରାୟ ୯ ହଜାର ଆବେଦନ ହୋଇଛି। ତେଣୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଆବେଦନ ପାଇଁ ଆଉ ସ୍ଲଟ୍ ଫାଙ୍କା ନାହିଁ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କୁ ଅଧିକ ସ୍ଲଟ୍ ଦେବାକୁ କହିଥିଲୁ। ତେବେ ମିଳିଥିବା ୭୫ ସ୍ଲଟ୍ ମଧ୍ୟ ସବୁ ବୁକ୍ ହୋଇଯାଇଛି। ପୁଣି ଲୋକଙ୍କ ଭିଡ଼ ଓ ପ୍ରଶ୍ନକୁ ସାମ୍ନା କରି କାର୍ଯ୍ୟ କରିବା କଷ୍ଟକର ହୋଇପଡୁଛି ବୋଲି ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ବିଭିନ୍ନ ସ୍ଥାନରେ ଗାଡ଼ମୋଟର ଯାଞ୍ଚ କରାଯାଇଥିଲା। ଭୁବନେଶ୍ୱରରେ ଆଉଜଣେ ଅଟୋ ଚାଳକଙ୍କ ଉପରେ ୨୭ହଜାର ୫ଶହ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ଓଡି୩୩ଡି୨୧୭୧ ନମ୍ବର ବିଶିଷ୍ଟ ଅଟୋ ଧରି ଚାଳକ କବୀନ୍ଦ୍ର ସାହୁ ମଧ୍ୟାହ୍ନ ୧୨ଟାରେ ଯାଉଥିବାବେଳେ ବାଣୀବିହାର ଓଭରବ୍ରିଜ୍ ଉପରେ ଆର୍‌ଟିଓ-୧ ପକ୍ଷରୁ ଚାଲିଥିବା ଯାଞ୍ଚରେ ଧରାପଡିଥିଲେ। ୫ ନିୟମ ଖିଲାପ କରିଥିବାରୁ ତାଙ୍କଠାରୁ ୨୭ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସାଧାରଣ ନିୟମ ଉଲ୍ଲଂଘନ ପାଇଁ ମୋଟର ଯାନ ଆଇ ୧୭୭ ଅନୁଯାୟୀ ୫ଶହ ଟଙ୍କା, ପ୍ରଦୂଷଣ ନିୟମ ଧାରା ୧୯୦(୨)ରେ ୧୦ ହଜାର ଟଙ୍କା, ଗାଡ଼ିର ଫିଟ୍‌ନେସ୍ ନ ଥିବାରୁ ଧାରା ୧୯୨ ଅନୁଯାୟୀ ୫ ହଜାର, ବିନା ପରିମିଟରେ ଗାଡି ଚାଲୁଥିବାରୁ ଧାରା ୧୯୨(ଏ)ରେ ୧୦ ହଜାର, ଇନ୍‌ସ୍ୟୁରାନ୍ସ ନ ଥିବାରୁ ଧାରା ୧୯୬ରେ ୨ହଜାର ଟଙ୍କା ଜରିମାନ କରାଯାଇଥିଲା। ସେହିପରି କଳିଙ୍ଗ ହସ୍ପିଟାଲ ଛକରେ ଯାଞ୍ଚବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଏନ୍‌ଫୋରସମେଣ୍ଟ ଗାଡ଼ି ଧରାପଡିଥିଲା। ଗାଡିରେ ନିୟମ ଉଲ୍ଲଂଘନ କରି ଶ୍ରମିକ ବସାଯାଇଥିଲା। ଗାଡିର କେତେକ କାଗଜପତ୍ର ନ ଥିବାରୁ ୧୫ ହଜାର ଟଙ୍କା ଜରିମାନା କରାଯାଇଥିଲା। ଏମ୍‌ଭି ଆକ୍ଟ ୧୯୨ ଅନୁସାରେ ମାଲଗାଡିରେ ପଛରେ ଶ୍ରମିକ ବସାଇ ନେଉଥିବାରୁ ୫ହଜାର ଟଙ୍କା ଓ ଧାରା ୧୯୨(ଏ) ବିନା ରୋଡ୍ ପରିମିଟ୍‌ରେ ଯାଉଥିବାରୁ ୧୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଗାଡିର ମାଲିକ ମିନତି ମହାନ୍ତି ହୋଇଥିବାବେଳେ ଡ୍ରାଇଭର ଶିବ ନାରାୟଣ ପ୍ରଧାନ ଏହି ଜରିମାନା ଦେଇଥିବା ଜଣାପଡିଛି। ସେହିଭଳି କେତେକ ଟ୍ରକ୍‌ଓ କାର୍‌ଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ଏହାକୁ ନେଇ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି।

## ଓଡ଼ିଶା ଅଭିମୁଖେ ଜଗା-କାଳିଆ

ଭୁବନେଶ୍ୱର, ୫।୯(ବ୍ୟୁରୋ)-କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଦୁଇଜଣ ଡାକ୍ତର ଗୁରୁବାର ଦିଲ୍ଲୀରେ ପହଞ୍ଚି ଜଗା-କାଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଛନ୍ତି। ଡାକ୍ତର ଶିବଶଙ୍କର ବରିହା ଏବଂ ଡାକ୍ତର ବିଷ୍ଣୁ ପ୍ରସାଦ ନାୟକ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଜଗା-କାଳିଆଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ସେହିଭଳି ଜଗା-କାଳିଆ ଓଡ଼ିଶା ଫେରିଲେ ଉଭୟଙ୍କୁ କିପରି ଭାବେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିବ, ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଜଗା-କାଳିଆ ଶୁକ୍ରବାର ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀରୁ ଓଡ଼ିଶା ଅଭିମୁଖେ ଯାତ୍ରା କରିବେ। ଶନିବାର ଦୁଇ ଯମଜ ଭ୍ରାତା କଟକରେ ପହଞ୍ଚିବା ସହ ଏସ୍‌ସିବିରେ ଭର୍ତ୍ତି ହେବେ। ସେଠାରେ ୪ ଜଣିଆ ଡାକ୍ତର ଟିମ୍ ସହ ଜଣେ ନର୍ସ ଜଗା-କାଳିଆଙ୍କ ଚିକିତ୍ସା ସହ ଦେଖାଶୁଣା କରିବେ। କନ୍ଧମାଳ ଜିଲା ମିଳିପଡାର ଜଗା-କାଳିଆ ୨୦୧୭ ଜୁଲାଇ ୧୪ରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଥିଲେ।

## ୭ରେ ସର୍ବକାଳୀନ ଜାତୀୟ ପତାକା ଉତ୍ତୋଳନ

ନରାଜ, ୫।୯(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ରାମଦାସପୁରଠାରେ ଥିବା କମ୍ପାନୀ ପରିସରରେ ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୭ରେ ସର୍ବକାଳୀନ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏଥିସହିତ ଏହି ଦିନଠାରୁ ଭାରତ ମସଲାର ଏହି ନୂତନ କାରଖାନା ଏଠାରେ ଉତ୍ପାଦନକ୍ଷମ ହେବ। ଏ ନେଇ ଉକ୍ତ ନୂତନ କାରଖାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମ୍ମାନିତ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଏସ୍‌ଟି ଆଣ୍ଡ କଷ୍ଟମ୍‌ସ ବୋର୍ଡ଼ର ପ୍ରାକ୍ତନ ସଦସ୍ୟ ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, ଲେଖକ ଡ. ସୋମାଚାନ୍ଦ, ଖବରଦାତା ଡ. ସତ୍ୟ ରାୟ, ଗୋବିନ୍ଦ ରାଜ ଜୀ, ପ୍ରକାଶ ଜୀ, ଆଲାମ ଜୀ ଓଡିଶା ଶିଳ୍ପସଂଘର ଅଧ୍ୟକ୍ଷ ଶିଳ୍ପପତି ଅବନୀ କାନୁନ୍‌ଗୋ, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡ. ସୁବ୍ରତ ବେହେରା, ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଏବଂ ଭାରତ ମସଲାର କର୍ମଚାରୀ ସ୍ନେହଲତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ଘରେ ପଶି ମହିଳାଙ୍କ ସୁନାଗହଣା ଲୁଟ

ବ୍ରହ୍ମପୁର ଅଫିସ,୫।୯: ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ୭ମ ଲେନ୍‌ରେ ରହୁଥିବା ଜଣେ ମହିଳା କୈଳିସୀ ସାହୁଙ୍କଠାରୁ ଗୁରୁବାର ସୁନା ଗହଣା ଓ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ବଡବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ପଚରା ଉଚରା କରିଛି। ହେଲେ ବର୍ତ୍ତମାନ ସୁଦ୍ଧା ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରି ନ ଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୨ଟା ବେଳେ ଏକ ବାଇକ୍‌ରେ ୨ ଜଣ ଯୁବକ କୈଳିସୀଙ୍କ ଘରେ ପହଞ୍ଚି ଥିଲେ। ଆମକୁ ତମ ପୁଅ ବଂଶୀ ପଠାଇଛନ୍ତି ବୋଲି କହିଥିଲେ। ତୁମ ବଡ଼ ପୁଅ ପାଇଁ ବିବାହ ପ୍ରସ୍ତାବ ଆଣିଥିବା କହିବା ସହ କବାଟ ଖୋଲିବାକୁ କହିଥିଲେ। ଯୁବକମାନଙ୍କ କଥାରେ ବିଶ୍ୱାସ କରି ମହିଳା ଜଣକ କବାଟ ଖୋଲିଥିଲେ। ପରେ ଯୁବକମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ।



### ଜିଲା ଚିଠି
### ଅନୁଗୋଳ

## ଆଇସିସି ସ୍ଥାଣୁ

ସରକାରୀ ଓ ଘରୋଇ ଚାକିରି କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ କର୍ମଜୀବୀ ମହିଳାମାନେ କର୍ମକ୍ଷେତ୍ରରେ କୌଣସି ପ୍ରକାର ନିର୍ଯାତନାର ଶିକାର ହେଲେ କେଉଁଠି, କାହା ପାଖରେ ଅଭିଯୋଗ କରିବେ ସେ ନେଇ ସରକାର ଆଇନ କରିଛନ୍ତି। ହେଲେ ଏହି ଆଇନକାନୁନ ଜାଣୁନାହାନ୍ତି ମହିଳା କର୍ମଜୀବୀ। ଯେଉଁମାନେ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା କଥା ସେମାନେ ମଧ୍ୟ ହାତବାନ୍ଧି ବସିଛନ୍ତି। ଫଳରେ ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ଯନ୍ତ୍ରଣା କାର୍ଯ୍ୟାଳୟର ଚାରିକାନ୍ଥ ଭିତରେ ଲୁଚି ଯାଉଛି। କର୍ମ କ୍ଷେତ୍ରରେ ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ୨୦୧୩ରେ ସମ୍ବିଧାନର ଅଧ୍ୟାୟ ୨ ଧାରା ୪ରେ ନୂଆ ଆଇନ ପ୍ରଣୟନ ହୋଇଥିଲା। ଏହି ଆଇନ୍ ଅନୁଯାୟୀ ପ୍ରତି ଜିଲାରେ ଇଣ୍ଟରନାଲ କମ୍ପ୍ଲେନ କମିଟି(ଆଇସିସି) ଗଠିତ ହେବା କଥା। ଯେଉଁ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟରେ ୧୦ରୁ ଅଧିକ କର୍ମଚାରୀ କାମ କରୁଥିବେ ସେଠାରେ ଏହି କମିଟି ଗଠନ କରାଯିବା ଅନିବାର୍ଯ୍ୟ। ଆଇନ ଅନୁଯାୟୀ ଏହି କମିଟିରେ ୫ ଜଣ ସଦସ୍ୟ ରହିବେ। ଉକ୍ତ ସଂସ୍ଥାର ଉଚ୍ଚ ପଦରେ କାମ କରୁଥିବା ବରିଷ୍ଠ ମହିଳା ଏଥିରେ ଅଧ୍ୟକ୍ଷତା କରିବେ। କମିଟିରେ ସମ୍ପୃକ୍ତ ସଂସ୍ଥାର ୨ କର୍ମଚାରୀ(ଉଭୟ ମହିଳା ଓ ପୁରୁଷ) ସଦସ୍ୟ ରହିବେ। ମହିଳାମାନଙ୍କ ପାଇଁ କାମ କରୁଥିବା ଯେ କୌଣସି ଏନ୍‌ଜିଓ ସଂସ୍ଥାର ଜଣେ ମହିଳା ଏହି କମିଟିର ସଦସ୍ୟ ରହିପାରିବେ। ଏସବୁ ନିୟମକୁ ଭିତ୍ତି କରି କମିଟି ଗଠନ ହେବା କଥା। ଜିଲାର ସମସ୍ତ ଆଇସିସିର ମୁଖ୍ୟ ଜିଲାପାଳ ଓ ବ୍ଲକରେ ଏଲସିସି(ଲୋକାଲ କମ୍ପ୍ଲେନ କମିଟି)ର ମୁଖ୍ୟ ନୋଡାଲ ଅଫିସର ରହିବା କଥା। ହେଲେ ବିଡମ୍ବନା ଯେ ଅନୁଗୋଳ ଜିଲାର ୯୦% ସରକାରୀ କାର୍ଯ୍ୟାଳୟରେ ଏହି କମିଟି ଗଠନ କରାଯାଇନାହିଁ। ବେସରକାରୀ ସଂସ୍ଥାରେ ଏହି ଆଇନ୍‌ର କାର୍ଯ୍ୟକାରିତା ନେଇ କୌଣସି ଚିହ୍ନବର୍ଣ୍ଣ ନାହିଁ। ସେହିପରି ଜିଲାରେ ମୋଟ କେତେ କେସ୍ କମିଟି ନିକଟକୁ ଆସିଛି ଓ କେତେ ଫଇସଲା ହୋଇଛି ତାହାର ତଥ୍ୟ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ। ବ୍ଲକରେ ଅଭିଯୋଗ କମିଟି ଗଠନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପକ୍ଷରୁ ବିଗତ ୩ରୁ ୪ ବର୍ଷ ତଳେ ସରକାରୀ ମେଲ୍ ଆଇଡି ଜରିଆରେ କେବଳ ଥରେ ସୂଚନା ଦିଆଯାଇଥିଲା। ଏତିକିରେ ନିଜ ମୁଣ୍ଡରୁ ଦାୟିତ୍ୱ କାଢି ବସିଛନ୍ତି ବିଭାଗୀୟ ଅଧିକାରୀ। ହେଲେ କେତୋଟି କମିଟି ଗଠନ ହୋଇଛି ତାର କୌଣସି ଖବର ଜିଲା ସାମାଜିକ ସୁରକ୍ଷା ମଙ୍ଗଳ କାର୍ଯ୍ୟାଳୟ ରଖିବାକୁ ଉଚିତ ମଣୁନାହିଁ। ଯେଉଁଠି କମିଟି ଗଠନ ହୋଇଛି ତାଙ୍କର ସ୍ଥିତି କଣ ଅଛି ସେ ସମ୍ପର୍କରେ ବି କୌଣସି ରେକର୍ଡ ନାହିଁ। ଜିଲାରେ ଏଭଳି ସଙ୍ଗିନ ସ୍ଥିତି ଦେଖିବାକୁ ମିଳୁଛି। ଜିଲା ଅଭିଯୋଗ କମିଟିରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୪ ରେ ଦୁଇଟି ଅଭିଯୋଗ ହୋଇଥିଲା। ଜଣେ ଡାକ୍ତର ଓ ସମାଜ ମଙ୍ଗଳ କମିଟିର ମହିଳା ସଦସ୍ୟା ଏହି ଅଭିଯୋଗ କରିଥିଲେ। ପରେ ୨୦୧୫ରେ ଡିଏଫଓ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀ ଏବଂ ସ୍ୱଧାର ଗୃହର ଜଣେ କର୍ମୀ କମିଟି ନିକଟରେ ଅଭିଯୋଗ ଦାଖଲ କରିଥିଲେ। ୨୦୧୮ରେ ମୋଟ ୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ସାତକୋଶିଆର ୨ ମହିଳା ଫରେଷ୍ଟଗାର୍ଡ ଓ ଜଣେ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ସାମିଲ ଥିଲା। ୨୦୧୯ରେ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସି ନ ଥିବା ଜଣାପଡିଛି। ଏପରି କି ପୂର୍ବରୁ ହୋଇଥିବା ଅଭିଯୋଗର ବର୍ତ୍ତମାନର ସ୍ଥିତି କ'ଣ ଅଛି ସେ ନେଇ ମଧ୍ୟ ବିଭାଗୀୟ ଅଧିକାରୀମାନେ ଅଜ୍ଞ। କମିଟି ଗଠନ ହେଉ ନ ଥିବାରୁ ଅନେକ କ୍ଷେତ୍ରରେ ନିର୍ଯାତନା ଖବର ସାମ୍‌ନାକୁ ଆସୁ ନ ଥିବା କୁହାଯାଉଛି। ସେହିପରି ଏହି କମିଟି ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ଆନ୍ତରିକତା ନ ଥିବା ସ୍ପଷ୍ଟ। କମିଟି ପରିଚାଳନା ପାଇଁ ବର୍ଷକୁ ୧୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ମିଳିବା କଥା। କିନ୍ତୁ ତାହା ମିଳୁନାହିଁ। ଆସୁଥିବା ଟଙ୍କାରେ ଜିଲାବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରିବା ମଧ୍ୟ ସମ୍ଭବ ହେଉନାହିଁ ବୋଲି ଜିଲା କମ୍ପ୍ଲେନ କମିଟି କହିଛି। ସରକାର କର୍ମଜୀବୀ ମହିଳାଙ୍କ ସୁରକ୍ଷା ପାଇଁ ତୁରନ୍ତ ଜିଲାରେ ଦକ୍ଷ ଅଭିଯୋଗ କମିଟି ଗଠନ କରିବା ଜରୁରୀ ହୋଇପଡିଛି।

– ଅମିତ କୁମାର ସାମଲ





■ ମହିଳା ସରପଞ୍ଚଙ୍କୁ ଟାଟା କର୍ମଚାରୀଙ୍କ ଜାତିଆଣ ଆକ୍ଷେପ, ଦୁର୍ବ୍ୟବହାର ଘଟଣା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନାରେ ମାମଲା ରୁଜୁ

## ମାମଲାର ୩ ସପ୍ତାହ ପରେ ମଧ୍ୟ ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ଯୋଡ଼ା, ୫।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଅବସ୍ଥିତ ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିକୁ ନ୍ୟାଯ୍ୟ ଦାବିନେଇ ଯାଇଥିବା ସ୍ଥାନୀୟ ପଞ୍ଚାୟତବାସୀଙ୍କ କମ୍ପାନୀ ଅଧିକାରୀଙ୍କ ପ୍ରରୋଚନାରେ ସୁରକ୍ଷାକର୍ମୀ ଜାତିଆଣ ଅକ୍ଷେପ କରିବା ସହ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ଗତ ଜୁଲାଇ ୩୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ପରେ ଜଳହରୀ ସରପଞ୍ଚ ମିତା ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ବାମବେରୀ ଥାନାରେ ଆଇପିସି ଦଫା ୩୪୧,୨୯୪, ୩୨୩, ୫୦୬, ୩୫୪/୩୪ ଏବଂ ୩ଏସ୍‌ଟି/ଏସ୍‌ସିରେ ଏକ ମାମଲା(୯୯/୧୦।୮୨୦୧୯) ରୁଜୁ ହୋଇଛି। କମ୍ପାନୀର ୨ଅଧିକାରୀ ମନୀଶ ମିଶ୍ର, ଶିରିଶ ଶେଖର, ସିକ୍ୟୁରିଟି ମ୍ୟାନେଜର ରାଜେନ୍ଦ୍ର ଶତପଥୀ ଏବଂ ସିକ୍ୟୁରିଟି ଗାର୍ଡ ଲମ୍ବୋଦର ମହାନ୍ତଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ଏବଂ ଘଟଣାକୁ ଗୁରୁତ୍ୱର ସହ ନିଆଯାଉଛି ବୋଲି ମାମଲାର ତଦନ୍ତକାରୀ ଅଧିକାରୀ ବଡବିଲ ଏସଡିପିଓ ଦିଲୀପ କୁମାର ବାଗ ଗୁରୁବାର କହିଛନ୍ତି।


H.C.-98]
CRLMP No. 84 of 2019
Sl. No. of Order | Date of Order | ORDER WITH SIGNATURE | Office note as to action (if any) taken on Order
07. 31.07.2019 I.A. No. 158 of 2019
This is an application for recall of the order dated 27.02.2019.
Upon hearing learned counsel for the petitioner and learned counsel for the State and on going through the petition averments, the order dated 27.02.2019 stands recalled.
The I. A. is accordingly disposed of.
Sd/- D. Dash, J.
08. 31.07.2019 CRLMP No. 84 of 2019
In view of the order passed in I.A. No. 158 of 2019 and on consent of learned counsel for the petitioner and learned counsel for the State, hearing in the matter is taken up.
The petitioner by filing this revision has invoked the jurisdiction of this Court under Articles 226 and 227 of the Constitution in directing the opposite party no.3, I.I.C. of Bamebari Police Station in the district of Keonjhar to register the case pursuant to the written report dated 13.12.2018 said to have been sent by the petitioner by registered post with AD.
Heard learned counsel for the petitioner and learned counsel for the State.
Considering the submissions made and on going through the petition averments as well as said written

ହାଇକୋର୍ଟ ନୋଟିସର ନକଲ।

ତେବେ ଏହି ମାମଲା ପଞ୍ଜୀକୃତ ହେବାର ଇତିମଧ୍ୟରେ ୩ସପ୍ତାହ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ଅଭିଯୋଗକାରିଣୀ ଏବଂ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

୨୦୧୧ରେ ଟାଟା କମ୍ପାନୀର ଜନଶୁଣାଣିବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ପରିବହନ କାର୍ଯ୍ୟ ପ୍ରଭୃତି ସମ୍ପର୍କରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ୬।୧୨।୨୦୧୮ରେ ପ୍ରଭାବିତ ଜଳହରୀ ଓ ଜଜାଙ୍ଗ ପଞ୍ଚାୟତର କେତେକ ଲୋକ ଏବଂ ସରପଞ୍ଚ ମିତା ମୁଣ୍ଡା ଶୃଙ୍ଖଳାର ସହିତ କମ୍ପାନୀର ଖଣି ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ। ଏହି ସମୟରେ ଖଣିରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ସଂସ୍ଥାର ମ୍ୟାନେଜର ଲମ୍ବୋଦର ମହାନ୍ତ ସେମାନଙ୍କୁ ଅଟକାଇଥିଲେ। ସରପଞ୍ଚ ମିତା ଖଣିର ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଆସିଛୁ ବୋଲି କହିଥିଲେ। ସିକ୍ୟୁରିଟି ମ୍ୟାନେଜର ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ଦେଇ ତଳେ ପକାଇଦେଇଥିଲେ। ଏହାପରେ ଅନ୍ୟ ସୁରକ୍ଷାକର୍ମୀମାନେ ଆସି ସରପଞ୍ଚ ଓ ତାଙ୍କ ଲୋକଙ୍କୁ ବିଧା ଓ ଲାଠିରେ ଆକ୍ରମଣ କରି ଖଣ୍ଡିଆଖାବରା କରିଦେଇଥିଲେ। ଏହି ସମୟରେ ଟାଟା କମ୍ପାନୀର ଜିଏମ୍ ମନିଷ ମିଶ୍ର ଓ ଅନ୍ୟକିଛି ଅଧିକାରୀ ସେଠାରେ ପହଞ୍ଚି ମାଡ଼ ମାରୁଥିବା ସୁରକ୍ଷାକର୍ମୀଙ୍କୁ ବାରଣ କରିବା ପରିବର୍ତ୍ତେ ଏଠାକୁ ଯିଏ ଆସୁଛି ସମସ୍ତଙ୍କୁ ଜୀବନରେ ମାରିଦିଅ, ତୁମ କଥା ବୁଝିବା ପାଇଁ ଟାଟା କମ୍ପାନୀ ଅଛି ବୋଲି କହିଥିଲେ। ଏହା ଶୁଣି ସୁରକ୍ଷାକର୍ମୀମାନେ ଆହୁରି ଉତ୍ସାହିତ ହୋଇ ଲୋକମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ସରପଞ୍ଚ ମିତା ଓ ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକ ୧୩।୧୨।୨୦୧୮ରେ ଡାକ ଯୋଗେ ଲିଖିତ ଭାବେ ବାମେବାରୀ ଥାନରେ ଜଣାଇଥିଲେ। ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ବାମେବାରୀ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ଜଳହରି ସରପଞ୍ଚ ମିତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିଲା। ଏନେଇ ଅଭିଯୋଗକାରିଣୀ ମିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ହାଇକୋର୍ଟରେ ଏନେଇ ଏକ ମାମଲା(୮୪/୨୦୧୯) ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ବାମବେରୀ ପୋଲିସକୁ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଆଇନ ଅନୁସାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗତ ଜୁଲାଇ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବାମେବାରି ଥାନାରେ ମିତାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଦାୟିତ୍ୱ ବଡ଼ବିଲ୍ ଏସ୍‌ଡିପିଓ ବାଗ୍ ନେଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# ରାୟଗଡ଼ା କୋର୍ଟରେ ହାଜର ହେଲେ ସବ୍ୟସାଚୀ

ରାୟଗଡ଼ା ଅଫିସ,୫।୯

ରାୟଗଡ଼ା ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗୁରୁବାର ହାଜର କରାଯାଇଥିଲା । ଚାନ୍ଦିଲି ଥାନା ଅନ୍ତର୍ଗତ ଲିଙ୍ଗାଗୁଡ଼ା ଏନ୍‌କାଉଣ୍ଟର ମାମଲାରେ ସମ୍ପୃକ୍ତ ନେଇ ସେ ହାଜର ହୋଇଥିଲେ । ସିଜେଏମ ଜ୍ଞାନେନ୍ଦ୍ର କୁମାର ବାରିକ ଏହି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏଥିରେ ୧୯ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୦୨ରେ ଚାନ୍ଦିଲି ଥାନା ଅନ୍ତର୍ଗତ ଲିଙ୍ଗାଗୁଡ଼ାଠାରେ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରୁଥିଲେ । ଏଠାରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବରପାଇ ଚାନ୍ଦିଲି ଥାନା ଏସଆଇ ଉମାଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା । ଏହି ସମୟରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ମାଓବାଦୀ ନେତା ପଣ୍ଡାଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ଗୁରୁବାର ବିଚାର କରାଯାଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଏଥିସହ ମିଟ୍‌ସ କଲେଜ ନିକଟସ୍ଥ ବିସ୍ଫୋରଣ ଘଟଣାର ଶୁଣାଣି ଆସନ୍ତା ୧୬ ତାରିଖରେ କରାଯିବ ବୋଲି ସବ୍ୟସାଚୀଙ୍କ ଓକିଲ ଦୀପକ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସରକାରଙ୍କ ତରଫରୁ ଆଇନଜୀବୀ ଉମା ପଟ୍ଟନାୟକ, ମୁଦାଲାଙ୍କ ତରଫରୁ ଦୀପକ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ମଙ୍ଗଳମୂର୍ତ୍ତି ବେହୁରିଆ କେସ ପରିଚାଳନା କରିଥିଲେ ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ପୁଅକୁ ପର ଝିଅ**
**ଏଠୁ ଉଠେଇ ସେଠି ଥୁଅ ।**

ଝିଅଟିଏ ଘରଯୋଗ୍ୟା ହେଲେ ତାକୁ ହାତକୁ ଦି'ହାତ କରିଦିଆଯାଇଥାଏ। ଅଜଣା ଅଦେଖା ହାତ ତା' ପାଇଁ ଜୀବନ ସର୍ବସ୍ୱ ପାଲଟିଯାଇଥାଏ। କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ପରପୁଅକୁ ପରଝିଅ ଭଳି ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଇଲି ହେଲେ ଖଟିବି,**
**ମାଇପ ହେଲେ ସୁହାଗୀ ହେବି,**
**ଦେବୀ ହେଲେ ତୋଷିବି ।**

ନାରୀଟିଏ କେତେବେଳେ ଦାସୀ ହୋଇ ଖଟିଥାଏ ତ କେତେବେଳେ ପତ୍ନୀ ହୋଇ ପତି ସୁହାଗିନୀ ପାଲଟିଯାଇଥାଏ। ସେହିପରି କେତେବେଳେ ଆଦର୍ଶ ନାରୀ ହୋଇ ସଭିଙ୍କୁ ପ୍ରୀତ କରାଇଥାଏ ବା ମନ ତୋଷିଥାଏ। ନାରୀ ନିଜ ଜୀବନ କାଳରେ ବହୁ ଭୂମିକା ତୁଲାଇ ପାରିଲେ ନାରୀ ଜୀବନ ସଫଳ ବା ସାର୍ଥକ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଯୁବତୀଙ୍କୁ ବଳାତ୍କାର ମାମଲା, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୫।୯(ଡି.ଏନ.ଏ.)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ମାମଲାରେ ଗିରଫ ଅଭିଯୁକ୍ତ ଭୀଷ୍ମଗିରି ଗ୍ରାମର ପି. ଶିବ ଶଙ୍କର ପାତ୍ରଙ୍କୁ ଗୁରୁବାର ଦିଗପହଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୭୦/୧୯ ଦଫା ୩୭୬(ଆଇ)(ଇ) ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବିବାହ ପ୍ରତିଶ୍ରୁତି ଦେଇ ଶିବ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ସେ ଅନ୍ତଃସତ୍ତ୍ୱା ହେବା ଜାଣିବା ପରେ ଶିବ ଆଉ ଧରାଛୁଆଁ ଦେଇ ନ ଥିଲେ। ରବିବାର ଯୁବତୀ ଜଣକ ଶିବଙ୍କୁ କୌଣସି ଏକ ବାହାନାରେ ଗାଁ ନିକଟକୁ ଡାକିଥିଲେ। ଶିବ ସେଠାରେ ପହଞ୍ଚି ଯୁବତୀଙ୍କୁ ଗର୍ଭପାତ କରିବାକୁ ପରାମର୍ଶ ଦେବା ସହ ବିବାହ ପାଇଁ ମନା କରି ଦେଇଥିଲେ। ପରେ ଜବରଦସ୍ତ ବାଇକ୍‌ରେ ବସାଇ ଏକ ବେସରକାରୀ ହସ୍ପିଟାଲ ନେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ରାସ୍ତାରେ ଯୁକ୍ତିତର୍କ ହୋଇଥିଲା। ଏହା ଦେଖି ଗ୍ରାମର କେତେକ ଲୋକ ସେଠାରେ ଅଟକି ଯୁବତୀଙ୍କଠାରୁ ସମସ୍ତ ବିଷୟ ଶୁଣିବା ପରେ ଶିବଙ୍କୁ ପୋଲିସରେ ଜିମା ଦେଇଥିଲେ। ପୋଲିସ ଉଭୟ ପରିବାରର ଲୋକଙ୍କୁ ଡକାଇ ଆଲୋଚନା କରିଥିଲା। ବିବାହ ପାଇଁ ଶିବ ରାଜି ନ ହେବାରୁ ଯୁବତୀଙ୍କ ଏତଲାକ୍ରମେ ତାଙ୍କୁ ଗିରଫ କରାଯାଇଥିଲା। ବୁଧବାର ବ୍ରହ୍ମପୁର ବଡ଼ ମେଡିକାଲରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7323867664 9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କେଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡ଼ା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT 7683914951 9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS

HEALTH CARE

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008 99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781 9667987587 9717166871
balajitrusty@gmail.com

ସ୍ଥାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747 7354398404
908, Ward, Backside Anand Market, Dhiman Line, Yamunagar, Delhi

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/-, ଭଡା ୫୦,୦୦୦/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ୍ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276 8676907143

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

See Color Display Classified on every Tuesday & Friday

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନାଳରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୫।୯(ବ୍ୟୁରୋ): ସମ୍ବଲପୁର ଜିଲା ମହୁଲପାଲି ଥାନା ଗଡ଼ମୁଣ୍ଡା ନିକଟ ଏକ ନାଳରୁ ଗୁରୁବାର ଝାରସୁଗୁଡ଼ା ଜିଲା ଲଇକେରା ଥାନା ନାକଡିହି ଗ୍ରାମର ଚାଷୀ ମନୋଜ ଓରାମ (୪୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ନାଳରେ ପଡ଼ିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ମନୋଜ ବୁଧବାର ଗଡ଼ମୁଣ୍ଡା ଗ୍ରାମରେ ଥିବା ନିଜ ଜମିକୁ ଚାଷ କରିବାକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକେ ବହୁତ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ନାଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ହୀରାକୁଦ ଡ୍ୟାମ୍: ୧୦ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୫।୯(ବ୍ୟୁରୋ): ହୀରାକୁଦ ଡ୍ୟାମରୁ ଗୁରୁବାର ୧୦ ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବୁଧବାର ଦୁଇଟି ଗେଟ ଖୋଲା ଥିଲା। ଗୁରୁବାର ସକାଳୁ ସନ୍ଧ୍ୟା ମଧ୍ୟରେ ପର୍ଯ୍ୟାୟକ୍ରମେ ଆଉ ୮ଟି ଗେଟ ଖୋଲାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡ ଡ୍ୟାମ ମଧ୍ୟକୁ ୧ଲକ୍ଷ ୮୨ ହଜାର ୬୫୨ ଘନଫୁଟ ପାଣି ପ୍ରବେଶ କରୁଛି। ୧୦ ଗେଟ ଜରିଆରେ ଡ୍ୟାମରୁ ପ୍ରତି ସେକେଣ୍ଡ ୧ଲକ୍ଷ ୮୨ ହଜାର ୬୫୨ ଘନଫୁଟ ପାଣି ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୧୮ ହଜାର ୫୪୩, ବିଭିନ୍ନ କେନାଲରେ ୨ହଜାର ୬୧୯ ଓ ଶିଳ୍ପକୁ ୧୭୦ ଘନଫୁଟ ଜଳ ଛଡ଼ାଯାଉଛି। ଡ୍ୟାମ ତଳମୁଣ୍ଡ ବେଲଗାଁରେ ୩୪ ହଜାର, ପଥରିଆରେ ୯୩ ହଜାର ୩୬୭, ଖଇରମାଲରେ ୨ଲକ୍ଷ ୨ ହଜାର, ବଡମୂଳରେ ୧ଲକ୍ଷ ୭୭ ହଜାର ୫୦୦ ଓ ମୁଣ୍ଡଳିରେ ୨ଲକ୍ଷ ୪୦ ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି। ହୀରାକୁଦରେ ୧.୬, ବୁର୍ଲାରେ ୦.୬ ମିମି ବର୍ଷା ରେକର୍ଡ କରାଯାଇଛି। ମହାନଦୀ ଉପର ମୁଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ଡ୍ୟାମ ଜଳସ୍ତର ବୃଦ୍ଧି ପାଉଛି। ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୯୩ ରହିଥିବା ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ପରମ୍ପରାକୁ ନେଇ ଆଧୁନିକୀକରଣ ହେଉ



ଗୋବର୍ଦ୍ଧନ ମଠରେ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରୁଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର।

ପୁରୀ ଅଫିସ, ୫।୯

ପବିତ୍ର ଗୁରୁଦିବସରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ୍ କରିଛନ୍ତି। ଅପରାହ୍ନରେ ଧର୍ମେନ୍ଦ୍ର ଗୋବର୍ଦ୍ଧନ ମଠରେ ପହଞ୍ଚିବା ପରେ ତାଙ୍କୁ ମଠ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ସେ ଶଙ୍କରାଚାର୍ଯ୍ୟଙ୍କ ସହ ପ୍ରାୟ ଅଧଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା ଶେଷରେ ଧର୍ମେନ୍ଦ୍ର ଗଣମାଧ୍ୟମକୁ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ସରକାରରେ ମୋତେ ଦାୟିତ୍ୱ ମିଳିବା ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ନ ଥିଲି। ମାତ୍ର ପବିତ୍ର ଗୁରୁଦିବସ ଅବସରରେ ଗୁରୁଜୀଙ୍କ ଆଶୀର୍ବାଦ ପାଇବାର ସୌଭାଗ୍ୟ ମିଳିଲା। ଅନେକ ପ୍ରସଙ୍ଗରେ ଗୁରୁଜୀ ମାର୍ଗଦର୍ଶନ ଓ ଆଶୀର୍ବଚନ ଦେଇଥିଲେ। ତେବେ ପୁରୀରେ ଚାଲିଥିବା ଉଚ୍ଛେଦ ସମ୍ପର୍କରେ ଧର୍ମେନ୍ଦ୍ର କହିଥିଲେ, ଏ ନେଇ ପୂର୍ବରୁ ଶଙ୍କରାଚାର୍ଯ୍ୟ ତାଙ୍କ ମତ ସାର୍ବଜନୀନ କରିସାରିଛନ୍ତି। ତେଣୁ କିଛି ଟିପ୍ପଣୀ ଦେବା ଉଚିତ ମନେ କରୁନାହିଁ। ତଥାପି ରାଜ୍ୟ ସରକାର ଶ୍ରୀମନ୍ଦିର ଆଖପାଖରେ ଯେଉଁ ପଦକ୍ଷେପ ନେଉଛନ୍ତି ଏକବିଂଶ ଶତାବ୍ଦୀରେ ଆଧୁନିକୀକରଣ ଦରକାର। କିନ୍ତୁ ହଜାର ବର୍ଷର ପୁରୁଣା ପରମ୍ପରାକୁ ଆଧାର କରି ଆଧୁନିକୀକରଣ ବ୍ୟବସ୍ଥା ହେଉ। ଏହା କରିବା ବେଳେ ଦାୟିତ୍ୱରେ ଥିବା ବନ୍ଧୁମାନେ ଅଧିକ ଯତ୍ନଶୀଳ ହେବା ସହ ସ୍ଥାନୀୟ ଲୋକଙ୍କୁ ବିଶ୍ୱାସକୁ ନେବା ଉଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ଥାପନା କରିବାରେ ଶଙ୍କରାଚାର୍ଯ୍ୟଙ୍କ ବହୁତ ବଡ଼ ଭୂମିକା ରହିଛି। ତେଣୁ ମନ୍ଦିର, ପୂଜା ପଦ୍ଧତି ଓ ପରମ୍ପରା ବିଷୟରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯିବା ଉଚିତ। ଗଜପତି ମହାରାଜାଙ୍କ ସହଭାଗିତାର ମଧ୍ୟ ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏଥିପ୍ରତି ଯତ୍ନଶୀଳ ହେବା ନେଇ ଆଶା ରଖୁଛି ବୋଲି ଧର୍ମେନ୍ଦ୍ର କହିଥିଲେ। ଶଙ୍କରାଚାର୍ଯ୍ୟଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ସାକ୍ଷାତ୍ ବେଳେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କ୍ଷୋଭ

### ଗୋବର୍ଦ୍ଧନ ମଠକୁ ଦବାଇବାକୁ ଚେଷ୍ଟା ଚାଲିଛି

ଗୋବର୍ଦ୍ଧନ ମଠ ପ୍ରତି ଅଣଦେଖା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଗଣମାଧ୍ୟମକୁ ଶଙ୍କରାଚାର୍ଯ୍ୟ କହିଛନ୍ତି, ଆଦି ଶଙ୍କରାଚାର୍ଯ୍ୟ ଭାରତରେ ୪ଟି ପୀଠ ପ୍ରତିଷ୍ଠା କରିଛନ୍ତି। ସେଥିମଧ୍ୟରୁ ଅନ୍ୟତମ ହେଉଛି ପୁରୁଷୋତ୍ତମ କ୍ଷେତ୍ର ହେଲେ ଏହି ଗୋବର୍ଦ୍ଧନ ମଠ ପ୍ରତି କୌଣସି ମୁଖ୍ୟମନ୍ତ୍ରୀ କିମ୍ବା ରାଜନୈତିକ ଦଳ ଯତ୍ନବାନ ନୁହଁନ୍ତି। ଏହି ପୀଠର ଅସ୍ତିତ୍ୱ, ଆଦର୍ଶ ରକ୍ଷା ପାଇଁ କାହାରି ସାମାନ୍ୟତମ ପ୍ରଯତ୍ନ ନାହିଁ। ଏହି ମଠକୁ ଦବାଇବାକୁ ସମ୍ପୂର୍ଣ୍ଣ ଭାବେ ପ୍ରୟାସ କରାଯାଇଆସୁଛି। ପୁରୀକୁ ଧାର୍ମିକ, ଆଧ୍ୟାତ୍ମିକ ନେତୃତ୍ୱ ବିହୀନ କରିବାକୁ ପ୍ରଚେଷ୍ଟା ଚାଲିଛି। ସେକୁଲାରତନ୍ତ୍ର ଅଧୀନରେ ପୂରା ଶ୍ରୀକ୍ଷେତ୍ର ଆଣିବାକୁ ଉଦ୍ୟମ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

### ଟ୍ରକ୍ ଧକ୍କାରେ ଛାତ୍ରୀଙ୍କ ଜୀବନ ଗଲା

#### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କଟକ ଅଫସ,୫।୯

ଗୁରୁଦିବସ ଦିବସରେ ଗୁରୁଙ୍କୁ ପୂଜା କରିଥାନ୍ତେ। ତାଙ୍କଠାରୁ ଆଶୀର୍ବାଦ ନେଇଥାନ୍ତେ ଓ ଭଲ ପାଠପଢି ଜୀବନରେ ଆଗକୁ ବଢିଥାନ୍ତେ। ଏଥିପାଇଁ ଗୁରୁବାର ମଧ୍ୟାହ୍ନରେ ଘରୁ ସ୍କୁଟି ନେଇ କଲେଜ ଆସୁଥିଲେ। ହେଲେ ଗୁରୁଙ୍କୁ ପୂଜା ପାଇଁ ସାଙ୍ଗଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଲା। କିଛିକ୍ଷଣ ମଧ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀ(୨୦)ଙ୍କ ଘଟଣାସ୍ଥଳରେ ଜୀବନ ଚାଲିଗଲା। ଫଳରେ ସାଙ୍ଗମାନଙ୍କ ସହିତ ଯାଇ ଗୁରୁଙ୍କ ପୂଜା କରିବା ଆଶା ସବୁଦିନ ପାଇଁ ସ୍ୱପ୍ନରେ ରହିଗଲା। ଅନ୍ନପୂର୍ଣ୍ଣାଙ୍କ ମୃତ୍ୟୁକୁ ନେଇ ସେଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିବା ସହ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ହୋଇଯାଇଛି। ହେଲେ ରାସ୍ତାପାର୍ଶ୍ୱ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ଘଟଣା ସମୟର ଦୃଶ୍ୟ କଏଦ ହୋଇଥିଲା। ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଆଧାରରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ପୁର ଥାନା ଅନ୍ତର୍ଗତ ଠାକୁରସାହି ଅଞ୍ଚଳର ଅନ୍ନପୂର୍ଣ୍ଣା ସବୁଦିନ ପରି ଗୁରୁବାର ସ୍କୁଟି (ଓଡି୦୫ୟୁ-୪୬୨୩)ରେ ଘରୁ ବିଶ୍ୱବିଦ୍ୟାଳୟକୁ ଆସୁଥିଲେ। ପିଲିଗ୍ରିମ ରୋଡରୁ କଲେଜ ଛକ ଟ୍ରାଫିକ ଦେଇ ଓଏମ୍‌ପି ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଟ୍ରକ୍ ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ତାଙ୍କ ସ୍କୁଟିକୁ ବାମପାର୍ଶ୍ୱରୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଟ୍ରକ୍‌ର ବାମପାର୍ଶ୍ୱ ପଛ ଚକ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ଅଣଓସାରିଆ ସାଙ୍ଗକୁ ରାସ୍ତା ପାର୍ଶ୍ୱରେ ମନ ଇଚ୍ଛା ଗାଡି ପାର୍କିଂ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ପାଠ୍ୟକ୍ରମରେ ସାମିଲ ହେବ କଠିନ ବର୍ଜ୍ୟ ପରିଚାଳନା

ଭୁବନେଶ୍ୱର,୫।୯(ବ୍ୟୁରୋ)

#### କଠିନ ବର୍ଜ୍ୟ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ପ୍ରତି ୱାର୍ଡ, ବାସଗୃହରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା ସୃଷ୍ଟି ସହ ନିୟମ କଡ଼ାକଡ଼ି ଭାବେ ଲାଗୁ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଗୁରୁବାର ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଅଗ୍ରଗତି ବିଷୟରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନାକୁ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ସେହି ବିଷୟବସ୍ତୁ ସନ୍ନିବେଶିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ରାସ୍ତା ନିର୍ମାଣ ଓ ସିମେଣ୍ଟ କାରଖାନାଗୁଡ଼ିକରେ ଅଧିକରୁ ଅଧିକ ପ୍ଲାଷ୍ଟିକ ବ୍ୟବହାର କରିବା ପାଇଁ ମଧ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ରାଜ୍ୟର ୧୧୪ ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧିତ ପ୍ରଶାସନିକ, ବୈଷୟିକ ଓ ଆର୍ଥିକ ବିଷୟବସ୍ତୁ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ୧୧୪ ସହରାଞ୍ଚଳରେ୨୦୨୪ ୱାର୍ଡ଼ ରହିଛି , ଦୈନିକ ପ୍ରାୟ ହାରାହାରି ୨୫୭୫ ଟନ ବର୍ଜ୍ୟବସ୍ତୁ ବାହାରୁଛି। ଓଡ଼ିଶାରେ ଘରପିଛା ହାରାହାରି ୩୦୦ ଗ୍ରାମ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଏହା ଜାତୀୟ ହାରଠାରୁ କମ୍ ରହିଛି। ସେହିପରି ପରିଚାଳନା ପାଇଁ ମୁଖ୍ୟତଃ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡିକୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟର ସହରାଞ୍ଚଳରେ ପ୍ରାୟ ୩୦,୦୦୦ ଏସ୍ଏଚ୍‌ଜି ସକ୍ରିୟ ରହିଛନ୍ତି। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକଙ୍କ ସୂଚନାନୁଯାୟୀ, ବିଭିନ୍ନ ସହରାଞ୍ଚଳରେ ଏଯାବତ୍ ୧୨୦୦ ସ୍ୱଚ୍ଛ ସାଥୀଙ୍କୁ ଏହି କାର୍ଯ୍ୟରେ ସାମିଲ କରାଯାଇଛି। ଏହି ସମସ୍ତ ସ୍ୱଚ୍ଛ ସାଥୀଙ୍କୁ ୨ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଛି। ଜଣେ ସ୍ୱଚ୍ଛ ସାଥୀ ପ୍ରାୟ ୬୦୦ ବାସଗୃହ ଦାୟିତ୍ୱରେ ରହିବେ, ୪ ସ୍ୱଚ୍ଛ ସାଥୀଙ୍କ କାର୍ଯ୍ୟକୁ ଜଣେ ସୁପରଭାଇଜର ତଦାରଖ କରିବେ। ବ୍ୟାପକ ସଚେତନତା ପାଇଁ ସହରାଞ୍ଚଳର ପ୍ରତ୍ୟେକ ୱାର୍ଡ଼ରେ ହୋର୍ଡ଼ିଂ ଲାଗିବ। ସଚେତନତା କାର୍ଯ୍ୟକ୍ରମ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଗୁରୁଦିବସକୁ କଳାଦିବସ ପାଳିଲା ଶିକ୍ଷକ ସଂଘ

ଭୁବନେଶ୍ୱର, ୫।୯(ବ୍ୟୁରୋ)

ରାଜ୍ୟର ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘର ବିଭିନ୍ନ ସମସ୍ୟାକୁ ସରକାର ନ ଶୁଣିବାରୁ ସଂଘ ଗୁରୁ ଦିବସକୁ କଳା ଦିବସ ଭାବେ ପାଳିଛନ୍ତି। ଏ ନେଇ ବାଲେଶ୍ୱର, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଦେବଗଡ଼, ରାୟପୁର, ବରଗଡ଼, ସମ୍ବଲପୁର, ପୁରୀ, ସୁନ୍ଦରଗଡ଼, ଗଞ୍ଜାମ, ରାୟଗଡ଼ା, ଗଜପତି, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର କଲେଜଗୁଡ଼ିକରେ ଗୁରୁଦିବସକୁ କଳା ଦିବସ ପାଳନ କରାଯାଇଛି। ବିଭିନ୍ନ କଲେଜରେ ୧ ଜୁନ୍ ୨୦୦୮ରୁ ୩୦ ନଭେମ୍ବର ୨୦୧୩ ପର୍ଯ୍ୟନ୍ତ ସରକାରୀ ଅନ୍ତର୍ଭୁକ୍ତ ହୋଇ ନ ଥିବା ୩ହଜାର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ମହାବିଦ୍ୟାଳୟ ଦ୍ୱାରା ନିଯୁକ୍ତି ପାଇଛନ୍ତି। ଓଡ଼ିଶାର ପ୍ରାୟ ୩ଶହ ମହାବିଦ୍ୟାଳୟ ଏମାନେ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଏପରିକି ସରକାରଙ୍କ ନିୟମ ଅନୁଯାୟୀ ୭ଘଣ୍ଟା କାର୍ଯ୍ୟ କରିବା ସହ ବାୟୋମେଟ୍ରିକ୍ ଦେଉଥିବା ସଂଘ କହିଛି। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯାଇଛି। ଅଥଚ ସରକାର ଏମାନଙ୍କ ସମସ୍ୟା ପ୍ରତି ଅବଗତ ଥିଲେ ମଧ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏମାନଙ୍କୁ ସରକାର ଅନ୍ତର୍ଭୁକ୍ତ କରିନାହାନ୍ତି। ଯଦି ସରକାର ସଂଘର ଦାବି ନ ଶୁଣନ୍ତି ତେବେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଇନ୍ଦ୍ରାବତୀ ଜଳଭଣ୍ଡାରର ୨ ଗେଟ୍ ଖୋଲିଲା

ନବରଙ୍ଗପୁର,୫।୯(ବି.ପ୍ର.)

ନବରଙ୍ଗପୁର ଜିଲାରେ ୨ ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇଛି। ସେଥିପାଇଁ ଜଳଭଣ୍ଡାରର ୨ଟି ଗେଟ୍ ଗୁରୁବାର ଅପରାହ୍ନରେ ଖୋଲାଯାଇଛି। ଜଳଭଣ୍ଡାରର ୭ଟି ଗେଟ୍ ମଧ୍ୟରୁ ୨ ଓ ୬ ନମ୍ବର ଗେଟ୍‌କୁ ୧ ମିଟର ଲେଖାଏଁ ଖୋଲାଯାଇଛି। ଇନ୍ଦ୍ରାବତୀ ଜଳ ଭଣ୍ଡାରକୁ ସେକେଣ୍ଡ ପ୍ରତି ୮୨୪ କ୍ୟୁସେକ ଜଳ ପ୍ରବେଶ କରୁଛି। ଦୁଇଟି ଗେଟ୍ ମଧ୍ୟଦେଇ ସେକେଣ୍ଡ ପ୍ରତି ୨୭୬ କ୍ୟୁସେକ ଜଳ ନିଷ୍କାସିତ ହେଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ଲଗାଣ ବର୍ଷା ଯୋଗୁ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧିପାଇ ୬୪୧ ମିଟର ଛୁଇଁବା ପରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଗେଟ୍ ଖୋଲାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ପରେ ଜଳଭଣ୍ଡାରର ଜଳସ୍ତର ମପାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରକଳ୍ପ ଅଧିକାରୀ ସାମନ୍ତ ଶେଖର ଧଳ ସୂଚନା ଦେଇଛନ୍ତି।

## ପୁଅର ଡେବ୍ୟୁ ଫିଲ୍ମ ଲଞ୍ଚ୍ ଇଭେଣ୍ଟରେ ଯୋଗଦେଲେନି ସନ୍ନି

ମୁମ୍ବାଇ,୫।୯(ପି.ଟି.)



ଅଭିନେତା-ଚଳଚ୍ଚିତ୍ର ନିର୍ମାତାରୁ ରାଜନୀତିକୁ ଆସିଥିବା ସନ୍ନି ଦେଓଲ ପୁଅ କରନ୍‌ଙ୍କ ଡେବ୍ୟୁ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍'ର ଟ୍ରେଲର୍ ଲଞ୍ଚ ଅବସରରେ ଯୋଗଦେଇ ନାହାନ୍ତି। ପଞ୍ଜାବର ଗୁର୍‌ଦାସପୁର ଜିଲା ବଟାଲା ବାଣ କାରଖାନାରେ ବୁଧବାର ବିସ୍ଫୋରଣ ହୋଇ ୨୩ ଜଣଙ୍କ ଜୀବନ ଯିବା ଓ ୨୭ ଆହତ ହେବା ଘଟଣା ତାଙ୍କୁ ମର୍ମାହତ କରିପକାଇଛି। ଏହି କାରଣରୁ ପୁଅର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସେ ଯୋଗଦେଇ ପାରି ନ ଥିବା ପ୍ରକାଶ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ସନ୍ନି ଦେଓଲ ଗୁର୍‌ଦାସପୁରରୁ ଭାଜପା ପ୍ରାର୍ଥୀହୋଇ ବିଜୟଲାଭ କରିଥିଲେ। ଏଭଳି ଦୁର୍ଘଟଣା ଖବର ଶୁଣି ସେ ସଙ୍ଗେ ସଙ୍ଗେ ନିଜ ନିର୍ବାଚନମଣ୍ଡଳୀକୁ ଯାଇଥିଲେ। ନିଜର ସବୁକାମ ଓ ପରିବାରର କାର୍ଯ୍ୟକ୍ରମ ପଛରେ ପକାଇ ସେ ଦୁର୍ଘଟଣା ସ୍ଥଳକୁ ଯାଇ ଲୋକଙ୍କ କଥା ବୁଝିଥିଲେ ବୋଲି ଭେଟେରାନ୍ ଅଭିନେତା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ସନ୍ନି ଲାଗି ଆଜିର ଦିନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲାବେଳେ ସବୁକାମ ଛାଡ଼ି ପୀଡ଼ିତ ପରିବାରଙ୍କ ଦୁଃଖ ବୁଝିବାକୁ ଯାଇଥିଲେ। ଏହା ଏକ ଭଲ ଲୋକର ଲକ୍ଷଣ ବୋଲି ମଧ୍ୟ ଧର୍ମେନ୍ଦ୍ର କହିଛନ୍ତି। ପୁଅର ଫିଲ୍ମ ଲଞ୍ଚ ଇଭେଣ୍ଟ କଥା ବୁଝିବାକୁ ମୋତେ କହି ସେ ସେଠାକୁ ଚାଲିଯାଇଥିଲେ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି।

୨୦୦୪ରୁ ୨୦୦୯ ମଧ୍ୟରେ ରାଜସ୍ଥାନର ବିକାନେର ନିର୍ବାଚନମଣ୍ଡଳୀର ଭାଜପା ଏମ୍‌ପି ଥିବା ଧର୍ମେନ୍ଦ୍ର ଲୋକଙ୍କ ସେବା ଲାଗି ମୋ ପରିବାର ଉତ୍ସର୍ଗୀକୃତ ବୋଲି କହିଛନ୍ତି। ଏନେଇ କରନ୍ କହିଛନ୍ତି, ମୋ ବାପା ଯାହା ଠିକ୍ ତାହା ଆଗ କରନ୍ତି। ପ୍ରକାଶଥାଉ କି, କରନ୍‌ଙ୍କ ଡେବ୍ୟୁ ଫିଲ୍ମ ସେପ୍ଟେମ୍ବର୨୦ରେ ରିଲିଜ୍ ହେବାକୁ ଯାଉଛି।


## BALANCE SHEET OF THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH

FOR THE YEAR 2018-19

PROFIT & LOSS ACCOUNT OF SUNDARGARH DISTRICT CENTRAL COOPERTIVE BANK LTD., SUNDARGARH FOR THE YEAR ENDED 31.03.2019

**EXPENDITURE**

| Sl. No. | Head of Accounts | Amount as on 31.03.2019 |
|---|---|---|
| 1 | Interest payment | 753,287,258.00 |
| 2 | Salary & Allowances | 120,084,245.45 |
| 3 | Directors and local committee members fees and allowance | 589,179.00 |
| 4 | Rent, Taxes, Insurance & Lighting Charges | 52,994,207.59 |
| 5 | Law charges | 312,924.00 |
| 6 | Postage, Telegram & Telephone | 1,047,208.26 |
| 7 | Audit fees | 749,284.00 |
| 8 | Depreciation & repair to premises | 7,521,128.12 |
| 9 | Stationery, printing & advertisement etc. | 1,825,014.34 |
| 10 | Loss from sale of or dealing with non-banking assets | - |
| 11 | Other Expenditure | 163,358,567.63 |
| 12 | Balance of Profit | 33,581,065.57 |
| | Total | 1,135,350,081.96 |

**INCOME**

| Sl. No. | Head of Accounts | Amount as on 31.03.2019 |
|---|---|---|
| 1 | Interest & Discount | 1,092,728,894.93 |
| 2 | Commission, exchange and brokerage | 675,760.24 |
| 3 | Subsidy & donation | 37,346,707.77 |
| 4 | Other receipt | 4,598,719.02 |
| 5 | Loss if any | - |
| | Total | 1,135,350,081.96 |

**CAPITAL AND LIABILITIES**

| Sl. No. | Head of Accounts | Amount as on 31.03.2019 |
|---|---|---|
| 1 | Subsidies & Paid up Share Capital | 795,031,471.65 |
| 2 | Reserve fund & other reserve | 133,190,026.48 |
| 3 | Other reserves (Specify) | 56,946,968.92 |
| 4 | Deposit | 8,048,989,621.22 |
| 5 | Borrowing from RBI/NABARD/ OSCB Short term | 4,790,025,928.80 |
| 6 | Bills for collection being the bills receivable | 500.00 |
| 7 | Overdue interest reserve | 406,985,445.90 |
| 8 | Interest Payable | 843,351,822.33 |
| 9 | Other Liabilities | 831,036,345.61 |
| 10 | Profit and loss Account | 72,526,543.39 |
| | Total | 15,978,084,674.30 |

**PROPERTIES AND ASSETS**

| Sl. No. | Head of Accounts | Amount as on 31.03.2019 |
|---|---|---|
| 1 | Cash & Bank Balance | 410,913,467.48 |
| 2 | Investment | 6,653,808,209.29 |
| 3 | Loan and Advances | 8,242,482,832.00 |
| 4 | Interest Receivable | 448,288,980.09 |
| 5 | Premises (Less depreciation) | 17,163,976.57 |
| 6 | Furniture and fixture (Less deprecition) | 17,132,984.53 |
| 7 | Other Assets | 188,294,224.34 |
| 8 | Profit and loss Account | - |
| | Total | 15,978,084,674.30 |

Sd/- (G. C. Sahoo) Asst. Manager | Sd/- (A. K. Panda) AGM (Accts.) | Sd/- (S. C. Das) Chief Executive Officer | Sd/- (B. P. Majhi) PRESIDENT | Sd/- (M/S M K & M K) CHARTERED ACCOUNTANT

### REPORT OF AN INDEPENDENT AUDITOR

**To**

**The president of India**
**Report on the Financial Statement**

We have audited the attached Balance Sheet of SUNDARGARH DISTRICT CENTRAL COOPERATIVE BANK LIMITED, Sundargarh as on 31st March 2019 and also the Statement of Profit and Loss of the bank for the year ended on that date, along with Significant Accounting Policies and Notes to Accounts annexed thereto in which, we have incorporated returns 16 branches and the Head office.

**Management's Responsibility**
Management is responsible for the preparation of these financial statements that give a true and fair view of the financial position, financial performance of the company in accordance with the requirements of the Reserve Bank of India, National Bank for Agriculture and Rural Development (NABARD), the Provisions of the Banking Regulation Act,1949, the Orissa Co Operative Societies Act,1962 and recognised accounting policies and practises, including the Accounting Standards issued by the Institute of Chartered Accountants of India (ICAI). This responsibility includes the design, implementation and maintenance of internal control relevant to the preparation and fair presentation of the financial statements that are free from material misstatement, whether due to fraud or error.

**Auditor's Responsibility**
Our responsibility is to express an opinion on these financial statements based on our audit. We conducted our audit in accordance with the Standards on Auditing issued by the Institute of Chartered Accountants of India. Those Standards require that we comply with ethical requirements and plan and perform the audit to obtain reasonable assurance about whether the financial statements are free from material misstatement.

An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgments, including the assessments of the risk of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Company's preparations and fair presentation of the financial statements in order to design audit procedure that are appropriate in the circumstances. An audit also includes evaluating the appropriateness of accounting polices used and the reasonableness of the accounting estimates made by managements, as well as evaluating the overall presentation of the financial statements.

We believe that the audit evidence we have obtained is sufficient and appropriate to provide a basis for our qualified audit opinion:

1. In the case of the balance sheet, of the state of affairs of the Bank as at March 31, 2019;
2. In the case of the Profit and Loss Accounts, of the profit/loss for the year ended on that date; and

We further report that except for the matter described in the Basis for Qualified Opinion paragraph,

1. We have obtained all the information and explanation, which to the best of our knowledge and belief were necessary for the purpose of our audit and found them to the satisfactory.
2. The transactions of the bank that has come to our notice have been within the power of the bank.
3. The returns received from the branches of the bank have been found adequate for the purpose of our audit.
4. In our opinion, the Profit and Loss account and Balance sheet complied with the accounting standards issued by ICAI except the matter covered in Basis of Qualified opinion and Emphasis of matter paragraph.

Place: Sundargarh
Date : 31.07.2019

For **MK & MK**
**Chartered Accountants**
**Firm Registration No.: 323616E**
**Sd./- (CA B. Manoj Kumar Patro), Partner**
**M. No. 205459**

## ସଂକ୍ଷେପରେ



### ଗୁରୁ ବନ୍ଦନାରେ କଟିଲା ଦିନ

**ସାତମାଇଲ, ୫।୯(ଡି.ଏନ୍.ଏ.)** ସାରା ଦେଶରେ ଗୁରୁବାର ପାଳିତ ହୋଇଛି ପବିତ୍ର ଗୁରୁଦିବସ। ପୂଜ୍ୟପୂଜାର ଏହି ମହାନ୍ ପରମ୍ପରାରେ ଛାତ୍ରୀଛାତ୍ର ସାମିଲ ହୋଇଥିବାବେଳେ ଗୁରୁବନ୍ଦନାରେ ସେମାନଙ୍କ ଦିନ କଟିଥିଲା। ସାତମାଇଲସ୍ଥିତ ଜନତା କଲେଜରେ ଇତିହାସ ସମ୍ମାନ ବିଭାଗ ପକ୍ଷରୁ ଆୟୋଜିତ ଗୁରୁଦିବସ କାର୍ଯ୍ୟକ୍ରମକୁ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକ, ଅଧାପିକା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ନରେଶ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପକ ରମେଶ ଚନ୍ଦ୍ର ସାହୁ, ପ୍ରାଧାପକ ସୁଧାଂଶୁ ବେହେରା ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ ବହୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ହିନ୍ଦୋଳ କଲେଜରେ ଇତିହାସ ବିଭାଗ ଅଧାପକ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଅଧକ୍ଷ ଅସିତ କୁମାର ଜେନାମଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ-ଶିଷ୍ୟଙ୍କ ମଧରେ ଥିବା ଆଦର୍ଶ ପରମ୍ପରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୁରୁଣାକୋଟସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବିଶ୍ୱାଳ, ପଞ୍ଚପଡ଼ାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଜୀବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଯାଇଛି।

### ଆର୍‌ଟିଓଙ୍କ ବିୟୋଗରେ ଜିଲାପାଳଙ୍କ ଶୋକ

**ଢେଙ୍କାନାଳ ଅଫିସ, ୫।୯** ଢେଙ୍କାନାଳ ଆର୍‌ଟିଓ ଦିବାକର ସିଂଙ୍କ ଆକସ୍ମିକ ପରଲୋକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ଜିଲାପାଳ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗୁରୁବାର ମଧାହ୍ନରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପଦସ୍ଥ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ ପରଲୋକଗତ ଆରଟିଓଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

■ସମିତିସଭ୍ୟାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ବିବାଦ ତେଜିଲା

# ବିଡିଓଙ୍କ ବିରୋଧରେ ମେଳି


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜନପ୍ରତିନିଧିମାନେ।

■ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି
■ବଦଳି ନ ହେଲେ କାର୍ଯ୍ୟାଳୟକୁ ବାରଣ ଚେତାବନୀ

**ଢେଙ୍କାନାଳ ଅଫିସ, ୫।୯**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ହାତୁରା ସମିତିସଭ୍ୟାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ ଆସିବା ପରେ ସୃଷ୍ଟି ହୋଇଥିବା ବିବାଦ ତୀବ୍ର ରୂପ ଧାରଣା କରିଛି। ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଳି ବାନ୍ଧିଛନ୍ତି ପଞ୍ଚାୟତର ଜନପ୍ରତିନିଧି। ଏ ନେଇ ସେମାନେ ଗୁରୁବାର ଜିଲାପାଳଙ୍କ ଫେରାଦ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ତାଙ୍କୁ କାର୍ଯ୍ୟାଳୟରେ ପୂରାଇ ଦିଆଯିବନାହିଁ ବୋଲି ସେମାନେ ଚରମବାଣୀ ଶୁଣାଇଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୮ରେ ହାତୁରା ସମିତିସଭ୍ୟା ପଦ୍ମାବତୀ ରାଉତ ଇନ୍ଦିରା ଆବାସ କାର୍ଯ୍ୟାଦେଶ ବଣ୍ଟନ ଓ ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ବୁଝିବା ପାଇଁ ବିଡିଓଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ଏହି ସମୟରେ ବିଡିଓ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପ୍ରକୋଷ୍ଠରୁ ବାହାର କରି ଦେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତା ସମିତିସଭ୍ୟା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହନ୍ତଙ୍କ ସମେତ ଅନ୍ୟ ସମିତିସଭ୍ୟାସଭ୍ୟଙ୍କୁ ଲିଖିତ ଭାବେ ଅବଗତ କରାଇବା ପରେ ସେମାନେ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଜଣେ ପ୍ରଶାସନିକ ଅଧିକାରୀ ଯଦି ଜନପ୍ରତିନିଧିଙ୍କୁ ଏପରି ବ୍ୟବହାର କରନ୍ତି, ତେବେ ସାଧାରଣ ଲୋକଙ୍କୁ ସେ କିପରି ନ୍ୟାୟ ଦେଉଥିବେ ତାହା ସହଜରେ ଅନୁମେୟ ବୋଲି ଜିଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ଖଣିମନ୍ତ୍ରୀ, ଏମ୍‌ପି, ବିଧାୟିକା, ପଞ୍ଚାୟତିରାଜ ସଚିବ, ଏସ୍‌ପି, ପିଡି ଡିଆରଡିଏ, ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ବିଡିଓଙ୍କୁ ଡାକି ଏ ବିଷୟରେ ଆଲୋଚନା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜନପ୍ରତିନିଧିମାନେ ସୂଚନା ଦେଇଛନ୍ତି।

## 'ଆଦର୍ଶବାନ ହୁଅ, ସୁନାମ ଆଣ'


ଯୋରନ୍ଦାସ୍ଥିତ ଶ୍ରୀଗୁରୁକୁଳ ଡିଏଭି ସ୍କୁଲରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମ।

**ଢେଙ୍କାନାଳ ଅଫିସ, ୫।୯**

ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଯାଇଛି। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ଆଦର୍ଶବାନ୍ ହୋଇ ଶିକ୍ଷାନୁଷ୍ଠାନ ପାଇଁ ସୁନାମ ଆଣିବା ଦିଗରେ ଯତ୍ନବାନ ହେବାକୁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାୟିତ୍ୱବାନ ହେବାକୁ ଗୁରୁତ୍ୱାରୋପ କରିଥିଲେ। ରୋଶନ ସାହୁ, ଅଙ୍କିତ ରାଉତ, ଅସ୍ମିତା ସାହୁ, ଶ୍ରୀୟାସୁରୁଚି ଖଟୁଆ ପ୍ରମୁଖ ଗୁରୁଦିବସର ଆଭିମୁଖ୍ୟ ଏବଂ ପୂଜ୍ୟପୂଜାର ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତାପ୍ରଭା ସାହୁ, ସଂଜ୍ଞାସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋରନ୍ଦାସ୍ଥିତ ଶ୍ରୀଗୁରୁକୁଳ ଡିଏଭି ପବ୍ଲିକ ସ୍କୁଲରେ ଗୁରୁଦିବସ ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପ୍ରୋକ୍ଟୋରିଆଲ କାର୍ଯ୍ୟକ୍ରମ ଆରମ୍ଭ



ପ୍ରୋକ୍ଟୋରିଆଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୫।୯**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଚଳିତ ଶିକ୍ଷାବର୍ଷ ପାଇଁ ପ୍ରୋକ୍ଟୋରିଆଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ 'ମୋ ଛାତ୍ରୀଛାତ୍ର, ମୋ ସମ୍ବଳ' ଶୀର୍ଷକ ବିବରଣୀ ପୁସ୍ତିକାକୁ ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ର ଉନ୍ମୋଚନ କରିଥିଲେ।

ଏହା ମାଧମରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମରେ ପ୍ରଗତି, ଉପସ୍ଥାନ, ସହଶିକ୍ଷା କାର୍ଯ୍ୟକ୍ରମ, ପ୍ରତିଭା ବିକାଶ ସହିତ ବିଭିନ୍ନ ସମସ୍ୟାର ବିବରଣୀ ରେକର୍ଡ କରାଯିବ। ସେଗୁଡ଼ିକୁ କଲେଜସ୍ତରରେ ସମଧାନ କରାଯିବାକୁ ଯୋଜନା ହୋଇଛି। କଲେଜରେ ପାଠପଢୁଥିବା ୧୮୦୦ ଛାତ୍ରୀଛାତ୍ରଙ୍କୁ ୬୦ ଗୋଷ୍ଠୀରେ ବିଭକ୍ତ କରାଯାଇଛି। ସ୍ନାତକ ଏବଂ ସ୍ନାତକୋତ୍ତରସ୍ତରରେ ୧୫ ବିଭାଗରେ ସମନ୍ୱୟ ରକ୍ଷା କରାଯାଇ ପ୍ରୋକ୍ଟୋରିଆଲ କାର୍ଯ୍ୟକ୍ରମ ସମ୍ପାଦିତ ହେବ। ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଡେମନଷ୍ଟ୍ରେଟର, ଅତିଥି ଅଧାପକମାନେ ପ୍ରୋକ୍ଟର ଭାବେ ଗୋଟିଏ ଗୋଟିଏ ଗୋଷ୍ଠୀର ଦାୟିତ୍ୱ ନେବେ। ପ୍ରୋକ୍ଟର ପରିଚାଳନା ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ବେହେରା ବିବରଣୀ ପୁସ୍ତିକା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧାପକ ରଣଜିତ୍ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପିକା ଶୁଭସ୍ମିତା ଖୁଣ୍ଟିଆ ପ୍ରୋକ୍ଟରଙ୍କ ନାମ ଘୋଷଣା କରିଥିବାବେଳେ ଅଧାପକ ଅଦ୍ୱୈତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ

**ଢେଙ୍କାନାଳ ଅଫିସ, ୫।୯**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ମିଟିକାପଶି ମୌଜାରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଜମିରୁ ଜବରଦଖଲ ହଟାଇବାକୁ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ମୌଜାର ଖାତା ନଂ. ୨୩ ପ୍ଲଟ ଗ୍ରାମ୍ୟ ଜଙ୍ଗଲ ଓ ସରକାରୀ ଜମି। ଏହାକୁ କେତେଜଣ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏ ନେଇ ହିନ୍ଦୋଳ ଉପଜିଲାପାଳ, ତହସିଲଦାର ଏବଂ ଆର୍‌ଆଇଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସମସ୍ୟା ସମାଧାନ ହୋଇପାରୁନାହିଁ। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପବିତ୍ର ମୋହନ ବେହେରା, ଦୀପକ କୁମାର ବେହେରା, କୁଞ୍ଜବିହାରୀ ବେହେରା, ମହାଶ୍ୱେତା ବେହେରା, ଡଲି ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ଏପରି ହେଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

■ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ସମାରୋହ

## ଗୁରୁ ହିଁ ଶିକ୍ଷା ବ୍ୟବସ୍ଥା ସୁଧାରିପାରିବେ


ଗୁରୁ ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୯**

ଗୁରୁମାନେ ହିଁ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ। ବିଶ୍ୱରେ ଜ୍ଞାନର ବିସ୍ଫୋରଣ ମାଧମରେ ଶିକ୍ଷା ବ୍ୟବସ୍ଥା ସୁଧାରିପାରିବେ ବୋଲି କହିଛନ୍ତି ଶିକ୍ଷାବିତ୍ ଶତ୍ରୁଘ୍ନ ଭୂତିଆ। ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଗୁରୁବାର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ମୁଖ୍ୟବକ୍ତା ଶିକ୍ଷାବିତ୍ ପଣ୍ଡିତ ମାୟାଧର ନାୟକ କହିଲେ, ଶିଷ୍ୟ, ଶିକ୍ଷକ ଏବଂ ଅଭିଭାବକଙ୍କ ତ୍ରିବେଣୀ ସଙ୍ଗମରେ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କହିଲେ, ଉତ୍ତମ ଗୁରୁଙ୍କ ସଂସ୍ପର୍ଶରେ ଆସିଲେ ଶିଷ୍ୟମାନେ ଶିଳାରୁ ଶାଳଗ୍ରାମରେ ପରିଣତ ହୋଇ ସାରା ଜଗତରେ ପୂଜା ପାଇବେ। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ସେନା କର୍ମଚାରୀ ଅଖିଳ ମହାପାତ୍ର ଏବଂ ବିଜୟ କେତନ କର ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରାଯାଇଥିଲା। ଛାତ୍ରୀମାନେ ଗୁରୁବନ୍ଦନା କରିଥିଲେ। ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ସୁରେଶ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ସଦର ବ୍ଲକ ବଳଭଦ୍ରପୁରସ୍ଥିତ ଭାନିରାମ ସରକାରୀ ହାଇସ୍କୁଲରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଟଙ୍କଧର ପୃଷ୍ଟି, ସମ୍ମାନିତ ଅତିଥି ଲଲାଟେନ୍ଦୁ ମହାପାତ୍ର ଏବଂ ପୀତାବାସ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଆଦର୍ଶଜୀବନର ସ୍ମୃତିଚାରଣ କରିଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଗାୟତ୍ରୀ ସାହୁ ପ୍ରଥମ, ଅଲିଶା ରଥ ଦ୍ୱିତୀୟ ଏବଂ ମଧୁସ୍ମିତା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଥିଲେ। ଶିକ୍ଷକ ଦେବେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

■ଆର୍‌ବିଏସ୍‌କେ ଦେଲା ନୂଆ ଦିଶା

## ୫ ଶିଶୁ ହୃଦ୍‌ରୋଗୀଙ୍କ ସଫଳ ଅସ୍ତ୍ରୋପଚାର


ଅସ୍ତ୍ରୋପଚାର ପରେ ଅଭିଭାବକମାନେ ଶିଶୁଙ୍କୁ ଘରକୁ ନେଇ ଫେରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୯**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ସହାୟତାରେ ଜଟିଳ ହୃଦ୍‌ରୋଗରେ ପୀଡ଼ିତ ଢେଙ୍କାନାଳ ଜିଲାର ୫ ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ସମ୍ପୃକ୍ତ ଶିଶୁମାନେ ନୂଆ ଜୀବନ ପାଇଛନ୍ତି। ସେମାନେ ଏବେ ସାଧାରଣ ଜୀବନଯାପନ କରିପାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

ଜିଲା ସ୍ୱାସ୍ଥ୍ୟ ସମିତି ମାଧମରେ ମୋବାଇଲ ହେଲ୍‌ଥ ଟିମ୍ ଦ୍ୱାରା ବିଭିନ୍ନ ବ୍ଲକରୁ ହୃଦ୍‌ରୋଗରେ ଆକ୍ରାନ୍ତ ୫ରୁ ୧୧ବର୍ଷ ବୟସ୍କ ୫ଜଣ ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ହିନ୍ଦୋଳ ବ୍ଲକ ରଘୁନାଥପୁର, ଗଁଦିଆ ବ୍ଲକ କୁଶୁଗୁଡ଼ା, ସଦର ବ୍ଲକ ସୁବର୍ଣ୍ଣପୁର, କାକୁଡ଼ିଭାଗ ଏବଂ ଆମ୍ବବାହାଲି ଗ୍ରାମରୁ ସମ୍ପୃକ୍ତ ଶିଶୁଙ୍କୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଚିହ୍ନଟ କରିଥିଲେ। ସେମାନଙ୍କ ମଧରେ ୩ ଝିଅ ଏବଂ ୨ ପୁଅ ଥିଲେ। ଅଗଷ୍ଟ ୨୦ରେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଧରଣୀଧର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୃଦ୍‌ରୋଗରେ ଆକ୍ରାନ୍ତ ଶିଶୁମାନେ କଲିକତା ଯାଇଥିଲେ। ୨୫ ତାରିଖରେ ହାୱଡାସ୍ଥିତ ନାରାୟଣ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ସେମାନଙ୍କ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ବୁଧବାର ସମ୍ପୃକ୍ତ ଶିଶୁମାନେ ପରିବାର ସଦସ୍ୟଙ୍କ ସହ ଘରକୁ ଫେରିଛନ୍ତି।

ଏ ନେଇ ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ପରିଚାଳକ ସୋନାଲୀ ପ୍ରିୟଦର୍ଶିନୀ କୁହନ୍ତି, ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶିଶୁଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯାଇଛି। ଏପରି ମହତ୍ କାର୍ଯ୍ୟ ପଛରେ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ନୋଡାଲ ଅଫିସର ଡା. ବିଦ୍ୟୁତ୍ କୁମାର ନନ୍ଦ, ଆର୍‌ବିଏସ୍‌କେ ମ୍ୟାନେଜର ସୌମ୍ୟରଞ୍ଜନ ସାମନ୍ତରାୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଗକୁ ମଧ ଏପରି କାର୍ଯ୍ୟ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

■ଅଲଟରନେଟିଭ୍ ରିଦିମ ଥିଏଟରର ପ୍ରତିଷ୍ଠା ଦିବସ

# 'ନାଟକକୁ ବଞ୍ଚାଇ ରଖିବାକୁ ପଡ଼ିବ'

**ଢେଙ୍କାନାଳ ଅଫିସ, ୫।୯**

ନାଟକ ମାଧମରେ ସମାଜରେ ଶିକ୍ଷଣୀୟ ବସ୍ତୁ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖରେ ପହଞ୍ଚା ଯାଇପାରିବ। ଆଧୁନିକତାର ଯେତେ ପ୍ରଭାବ ପଡ଼ିଲେ ମଧ ନାଟକ ସବୁବେଳେ ବଞ୍ଚିରହିବ। କାରଣ ଜୀବନ୍ତ କଳା କେବଳ ନାଟକ ମାଧମରେ ହିଁ ପ୍ରଦର୍ଶିତ ହୋଇଥାଏ। ନାଟକକୁ ବଞ୍ଚାଇ ରଖିବାକୁ ହେଲେ ସବୁସ୍ତରରେ ଉଦ୍ୟମ ଜାରି ରହିବା ଜରୁରୀ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଗୁରୁବାର ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ଅଲଟରନେଟିଭ୍ ରିଦିମ ଥିଏଟରର ୬ଷ୍ଠ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜିଲାପାଳ ଏପରି ମତ ରଖିଥିଲେ।

ଏହି ଉପଲକ୍ଷେ 'କୈଶୋରରେ ନାଟକ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦେବାନନ୍ଦ ନାୟକ କହିଲେ, ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବା, ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ନିମନ୍ତେ ନାଟକ ହେଉଛି ସଫଳ ମାଧମ। ଶିକ୍ଷା ବ୍ୟବସ୍ଥାରେ ନାଟକ ନିହାତି ଭାବରେ ସଂଯୋଗ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନବୀନ ପରିଡ଼ା କହିଲେ, ନାଟକ ଆମର ସ୍ୱରୂପ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥାଏ। ନାଟକ ମଣିଷ ଭିତରେ ଭେଦଭାବକୁ ଦୂରେଇ ଦେଇଥାଏ ବୋଲି ସେ ମତବ୍ୟକ୍ତ ଥିଲେ।


ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

ଏହି ଅବସରରେ ଓଡ଼ିଆ ଭାଷା ଗବେଷକ ତଥା ଗ୍ରନ୍ଥକାର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାନେତ୍ରୀ ତଥା ଅଧାପିକା ଡ. ପୁଷ୍ପଲତା ରଥ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦୀନେଶ ଦାସ ପ୍ରାରମ୍ଭିକ ସୂଚନା, ମନୋହର ଶତପଥୀ ସ୍ୱାଗତ ଭାଷଣ ଏବଂ କାମାକ୍ଷା ପ୍ରସାଦ ରଣା ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଶାଳପଟା ଜବତ, ଜଣେ ଗିରଫ

ତେଲକୋଇ, ୫।୯(ଡି.ଏନ.ଏ.)- ତେଲକୋଇ ବନାଞ୍ଚଳ ଅଧୀନ ଖୁଣ୍ଟାପଡା ସାମାକୋଇ ସଂରକ୍ଷିତ ଅଞ୍ଚଳରେ ଜଙ୍ଗଲ ମଧରେ ଶାଳ ଗଛକୁ କାଟି ପଟା ତିଆରି ଚାଲିଥିଲା। ଖବର ପାଇ ବନବିଭାଗ ଅଧିକାରୀ ପିତାମ୍ବର ନାଏକଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଚଢ଼ାଉ କରି କାଠ ଜବତ କରିଥିଲେ। ତେବେ କାଠ କାଟୁଥିବା କରତ ଦ୍ୱାରା ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। କଟାଯାଇଥିବା କାଠର ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ ହୋଇଥିବା ଆକଳନ କରାଯାଇଛି। ଏହି ଚଢ଼ାଉରେ ଏକ ଶାଳ ଗଣ୍ଡି ଜବତ କରାଯାଇଥିବା ବେଳେ ୭ଫୁଟ ଲମ୍ବର ୩୦ଟି ଶାଳ ପଟା ଜବତ କରିବା ସହିତ କଟାଯାଉଥିବା କରତ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଫା ବୁଲିଙ୍ଗ ସରିମ(୩୬)। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ସଲେଇଆ ଗ୍ରାମରେ। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଚଢ଼ାଉବେଳେ ବନ ବିଭାଗର ବନପାଳ ବସନ୍ତ କୁମାର ମୁର୍ମୁ ,ପ୍ରଭାତୀ ଦାସ ସମେତ ବନକର୍ମଚାରୀ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟ ଯେ, ରାଜ୍ୟ ବାହାରୁ କିଛି କାଠ ମାଫିଆ ଆସି ଏହି ଅଞ୍ଚଳର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମଧରେ ମୂଲ୍ୟବାନ ଗଛ କାଟି କରତ ସାହାଯ୍ୟରେ ପଟା ଓ ବିଭିନ୍ନ ପ୍ରକାର ମୂଲ୍ୟବାନ କାଠ କାଟିବ ପରେ ବେପାରିଙ୍କ ସାହାଯ୍ୟରେ ବ୍ୟବସାୟ କରୁଥିଲେ।

### ସାଇଁକୁଳ ବଜାର ସଫେଇ କାର୍ଯ୍ୟକ୍ରମ

ଆନନ୍ଦପୁର,୫। ୯(ସ୍ୱ.ପ୍ର.)- ଜୟଦୁର୍ଗା ବ୍ୟବସାୟୀ ସଂଘ ପକ୍ଷରୁ ଘସିପୁରା ବ୍ଲକ ସାଇଁକୁଳ ବଜାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦ ନଂ ଜାତୀୟ ରାଜପଥ ସାଇଁକୁଳ ବଜାରର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଛି। ଦୁର୍ଗା ପଡିଆଠାରୁ ସାଇଁକୁଳ ମେଡିକାଲ , ପୋଲିସ ଫାଣ୍ଡି ପର୍ଯ୍ୟନ୍ତ ସଫେଇ କରାଯିବା ସହିତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଗଛଲଟାକୁ ସଫେଇ କରାଯାଇଛି। ଆଗକୁ ପାର୍ବଣର ମାହୋଲ ଏବଂ ରୋଗୀମାନଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ବ୍ରହ୍ମାନନ୍ଦ ପଟ୍ଟନାୟକ, ଗୋବର୍ଦ୍ଧନ ସାହୁ, ରାମଚନ୍ଦ୍ର ଚକ୍ର, ଭଗବାନ ଚକ୍ର, ପୂର୍ଣ୍ଣଚନ୍ଦ୍ର ସେନାପତି, ବାପିନା ବାରିକ, ଜିତୁ ନାୟକ, ମାନସ ପଣ୍ଡା, ମୁନା ପତି, ରବୀନ୍ଦ୍ର ପଣ୍ଡା, ସର୍ଫଉଦ୍ଦିନ ଖାଁ, ସୁରେନ୍ଦ୍ର ଓଝା ପ୍ରମୁଖ ସାମିଲ ଥିଲେ। ସଂଘ ପକ୍ଷରୁ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଦୁର୍ଗାପୂଜାରେ ହେବ ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ

କେନ୍ଦୁଝର ୫।୯ (ସ୍ୱ.ପ୍ର.)-କେନ୍ଦୁଝର ପୁରୁଣା ବଜାର ସାର୍ବଜନୀନ ଦୁର୍ଗା ଉତ୍ସବ କଲଚ୍‌ରାଲ କମିଟି ପକ୍ଷରୁ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଗୁରୁବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ସଂଗ୍ରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବ ବର୍ଷର ଆୟବ୍ୟୟ ହିସାବ ଓ ଚଳିତ ବର୍ଷ ହେବାକୁ ଥିବା ଦୁର୍ଗାପୂଜା ପାଳନ ବିଷୟରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ୪ଦିନବ୍ୟାପୀ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଉପଦେଷ୍ଟା ସୂର୍ଯ୍ୟନାରାୟଣ କର, ଦେବାଶିଷ ପଟ୍ଟନାୟକ, ଗଦାଧର ପୃଷ୍ଟି, ସଞ୍ଜୟ ସିଂ, ଗୁଲୁ ମହାରଣା, ଲୁଲୁ ଦାସ, ସମ୍ପାଦକ ଜିତେନ୍ଦ୍ର ସାହୁ, ଉପସଭାପତି ପ୍ରିୟପଦ ମିଶ୍ର, ଯୁଗ୍ମ ସମ୍ପାଦକ ଦଶରଥ ସାହୁଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

୨୫ବର୍ଷରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

# ଜମିଲା ଗଜଲ-ଓଡ଼ିଶୀ ନୃତ୍ୟର ଯୁଗଳବନ୍ଦୀ




ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି। କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ।

ଭୁବନେଶ୍ୱର,୫।୯(ବ୍ୟୁରୋ)

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ଗୁରୁବାରଠାରୁ ରବୀନ୍ଦ୍ର ମଣ୍ଡପଠାରେ ସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଚଳିତବର୍ଷ ୨୫ବର୍ଷରେ ପଦାର୍ପଣ କରିଥିବା ବେଳେ ଏଥର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରୁଛି। ଦୀର୍ଘ ୭ଦିନ ବ୍ୟାପୀ ଚାଲିବାକୁ ଥିବା ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଭଜନ ସମ୍ରାଟ ତଥା ଲୋକପ୍ରିୟ ଗଜଲ ଗାୟକ ଅନୁପ ଜଲୋଟା, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା, ଏମ୍‌ଜିଏମ୍‌ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ।

ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ସିନେମା ଓ ରଙ୍ଗମଞ୍ଚ କ୍ଷେତ୍ରରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଉତ୍କୃଷ୍ଟ ଯୋଗଦାନକୁ ସମ୍ମାନ ଜଣାଇ ଗୁରୁଦିବସ ଅବସରରେ ଆରମ୍ଭ ହୋଇଥିବା ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ଓ ନୃତ୍ୟର ଯୁଗଳବନ୍ଦୀ ପ୍ରମୁଖ ଆକର୍ଷଣ ସାଜିଥିଲା। ପ୍ରଥମ ପ୍ରସ୍ତୁତିରେ ଭାରତର ଖ୍ୟାତନାମା ଗଜଲ ଗାୟକ ତଥା ଭଜନ ସମ୍ରାଟ ଅନୁପ ଜଲୋଟା ନିଜର ଲୋକପ୍ରିୟ ଭଜନ ଓ ଗଜଲ ପରିବେଷଣ କରିଥିଲେ। ଅନୁପ ନିଜର ଚିରସବୁଜ ଗୀତ 'ଐସି ଲାଗି ଲଗନ.. ମୀରା ହୋ ଗୟୀ ମଗନ୍...'ରୁ କାର୍ଯ୍ୟକ୍ରମ ଆରମ୍ଭ କରିବାପରେ ନିଜ ଅନ୍ଦାଜରେ ଗୋଟିଏ ପରେ ଗୋଟିଏ ସୁମଧୁର ଗଜଲ ପରିବେଷଣ କରିଥିଲେ। ବୋଲ ରାମ ବୋଲ ରାମ..., ବଡେ ମସହୁର ହୋତେ ଜା ରେହେ ହୋ..., ଜଗ ମେଁ ସୁନ୍ଦର ହୈ ଦୋ ନାମ୍..., ତୁମାହାଁରେ ସହର ମେଁ ମୌସମ..., ଶ୍ୟାମ ତେରୀ ବଂଶୀ ପୁକାରେ..., ତୁମ ଇତନା ଯୋ ମୁସ୍‌କୁରା ରୈହି ହୋ... ଭଳି ଭଜନ ଓ ରୋମାଣ୍ଟିକ୍ ଗଜଲ ଅନୁପଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା। କଣ୍ଠରେ କୋୟଲ ତ୍ରିପାଠୀ, ବେହେଲାରେ ରସିଦ ଖାନ୍, ତବଲାରେ ପ୍ରଦୀପ ଘୋଷ ଏବଂ ଗିଟାରରେ ହିମାଂଶୁ ତିୱାରୀ ଶିଳ୍ପୀଙ୍କୁ ସହଯୋଗ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟର ଆକର୍ଷଣ ରହିଥିଲା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ପରିବେଷିତ ସମବେତ ଓଡ଼ିଶୀ ନୃତ୍ୟ। ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା ମୀରା ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଶୁଦ୍ଧ ନୃତ୍ୟରେ ଓଡ଼ିଶୀ ନୃତ୍ୟର ମୁଖ୍ୟ ବାଦ୍ୟ ମର୍ଦ୍ଦଳର ବିଭିନ୍ନ ତାଳ, ସ୍ୱର ଓ ଲୟକୁ ନେଇ ନୃତ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଏହାର ନୃତ୍ୟ ସଂରଚନା ଗୁରୁ ମୀରା ଦାସ କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ପରେ ପରେ ଓଡ଼ିଶୀ ଅଭିନୟରେ 'ଦଶାବତାର' ମଞ୍ଚସ୍ଥ ହୋଇଥିଲା। ଓଡ଼ିଶୀ ନୃତ୍ୟରେ ବିଷ୍ଣୁଙ୍କର ଦଶ ଅବତାରକୁ ଅତି ନିଖୁଣ ଓ ଚମତ୍କାର ଭାବରେ ନୃତ୍ୟାଭିନୟ ମାଧ୍ୟମରେ ଦେଖାଇଥିଲେ ଗୁରୁ ମୀରା ଦାସ ଓ ସାଥୀ କଳାକାର। ଗୁରୁ କେଳୁ ଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହି ନୃତ୍ୟାଭିନୟ ପରିବେଷିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଜେଏସ୍‌ଡବ୍ଲ୍ୟୁର ଗ୍ରାମସଭା

ଯୋଡ଼ା ୫।୯(ଡି.ଏନ.ଏ.)



ଗ୍ରାମସଭାରେ ଉପସ୍ଥିତ କର୍ମକର୍ତ୍ତା।

■ମିଳିଲା ଅର୍ଦ୍ଧେକ ସମର୍ଥନ

■ଆସନ୍ତା ୧୩ରେ ହେବ ପୁନର୍ବାର ସଭା

-କେନ୍ଦୁଝର ଜିଲା ଯୋଡା ବ୍ଲକ ବିରିକଳା ପଞ୍ଚାୟତର ଭାଗଲପୁର ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ସକାଳେ ମେସର୍ସ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ମେସର୍ସ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ଦେଓଝର ପଞ୍ଚାୟତର ଗୋବର୍ଦ୍ଧନପୁରଠାରେ ପ୍ରତିଷ୍ଠା କରାଯାଉଥିବା ୩୦ ଏମଟିପିଏ ଲୌହ ପଥର ଚୂର୍ଣ୍ଣ ଓ ଡିସ୍ଲିମିଂ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଯୋଡା ବ୍ଲକ ବିରିକଳା ପଞ୍ଚାୟତର ଭାଗଲପୁର ମୌଜାରୁ ଏରିଆ ୯.୫୯(ଏକର) ଜଙ୍ଗଲ ଜମିର ଅଣଜଙ୍ଗଲ ଭାବେ ବ୍ୟବହାର କରିବା ପାଇଁ ଅନୁସୂଚିତ ଜନଜାତି ଓ ପାରମ୍ପାରିକ ବନବାସୀଙ୍କ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧନ ନିୟମ ୨୦୧୨ ପରିଚାଳନା ଅନୁଯାୟୀ ଏହି ଗ୍ରାମସଭାର ଆୟୋଜନ କରାଯାଇଥିଲା। ଏଥିରେ ଯୋଡା ବ୍ଲକ ଦାୟିତ୍ୱରେ ଥିବା ଚମ୍ପୁଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ସାମନ୍ତରାୟ, ବିରିକଳା ଭିଏଲଡବ୍ଲ୍ୟୁ ଯାଜ୍ଞସେନୀ ବେହେରା, ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କର ମତାମତ ଓ ଅଭିଯୋଗ ଶୁଣାଣି କରିଥିଲେ। ଦୀର୍ଘ ୧୨ ବର୍ଷ ପୂର୍ବରୁ କ୍ରାକର୍ସ ଇଣ୍ଡିଆ ନାମକ ଏକ କମ୍ପାନୀ ପକ୍ଷରୁ କାରଖାନା ସ୍ଥାପନ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରାଯିବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ସେଠାରେ କୌଣସି କାରଖାନା ସ୍ଥାପନ କରାଯାଇନଥିଲା। ଏଣୁ ଉକ୍ତ କମ୍ପାନୀ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିର ପାଳନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିଜନିଜର ମତାମତ ଦେଇଥିଲେ । ଅର୍ଦ୍ଧାଧିକ ଗ୍ରାମବାସୀ କମ୍ପାନୀର ଉକ୍ତ ଗ୍ରାମସଭାକୁ ସମର୍ଥନ ଦେଇଥିବାବେଳେ ଅନ୍ୟମାନେ ବିରୋଧ କରିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଲହଣ୍ଡା ମା ବାସନ୍ତୀ ଖେଳ ପଡିଆଠାରେ ମଧ ଉକ୍ତ କମ୍ପାନୀ ପକ୍ଷରୁ ଗ୍ରାମସଭା ଆୟୋଜନ କରାଯାଇଥିଲା । ଜଙ୍ଗଲଜମିକୁ ଅଣଜଙ୍ଗଲରେ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ହୋଇଥିବା ଏହି ଗ୍ରାମସଭାକୁ ସ୍ଥାନୀୟ ଗ୍ରାମବାସୀ ସମ୍ପୂର୍ଣ୍ଣ ବିରୋଧ କରିଥିଲେ। କାରଖାନା ସ୍ଥାପନ ହେଲେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର କାରଣ ଦର୍ଶାଇ ଏହି ଗ୍ରାମସଭାକୁ ବିରୋଧ କରୁଥିବା ନେଇ ଲିଖିତ ଭାବେ ବିରିକଳା ସରପଞ୍ଚଙ୍କୁ ଏକ ଚିଠି ପ୍ରଦାନ କରିଥିଲେ। ବଡବିଲ ତହସିଲଦାର ସ୍ଥାନୀୟ ଗ୍ରାମବାସୀଙ୍କୁ ଏନେଇ ବୁଝାଶୁଝା କରୁଥିବା ଦେଖିବାକୁ ମିଳିଥିଲା । ବୈଷୟିକ ତ୍ରୁଟି ପାଇଁ ଏହାକୁ ବିରୋଧ କରାଯାଇଥିଲା ଏଥିରେ ସୁଧାର ଆଣି ଆସନ୍ତା ୧୩ ତାରିଖରେ ଆଉଥରେ ସଭା କାର୍ଯ୍ୟ କରାଯିବ ବୋଲି କୁହାଯାଇଛି।

### ଗୋଁଡ଼ ସମାଜ ଘଟଗାଁ ବ୍ଲକ କମିଟି ଗଠନ

ଢେଙ୍କିକୋଟ, ୫।୯ (ଡି.ଏନ୍.ଏ.)- କେନ୍ଦୁଝର ଜିଲା ଘଟଗାଁ ବ୍ଲକର ଗୋଁଡ଼ସମାଜ ନୂତନ କମିଟି ଗଠନ ହୋଇଯାଇଛି। ଡାଙ୍ଗୁଆ ପଶିପଲି କଟରାବେଡା ଗ୍ରାମରେ ଏକ ସାଧାରଣ ସଭା ହୋଇଯାଇଛି। ଜିଲାର ପୂର୍ବତନ ଏମ୍‌ପି ଉପେନ୍ଦ୍ର ନାୟକ ଏବଂ ଗୋଁଡ଼ ସମାଜର ପୂର୍ବତନ ସମ୍ପାଦକ ଉଗ୍ରେସନ ନାୟକ ଏହାକୁ ସଂଯୋଜନା କରିଥିଲେ। ସମ୍ପାଦକ ଚକ୍ରଧର ନାୟକ, ସଭାପତି ଜନାର୍ଦ୍ଦନ ନାୟକ, ସହ ସମ୍ପାଦକ ଦିଗମ୍ବର ଦଣ୍ଡପାଟ ଏବଂ ବନମାଳି ନାୟକ ଏଥିରେ ଯୋଗ ଦେଇଥିଲେ। ବୈଠକରେ ଗୋଁଡ଼ ସମାଜର ବହୁ ଅବହେଳିତ ଲୋକ ରହିଥିବା ବେଳେ ଘଟଗାଁ ବ୍ଲକର ଉନ୍ନତିମୂଳକ ସରକାରୀ ସହାୟତା ଉଚିତ୍ ହିତାଧିକାରୀଙ୍କ ନିକଟରେ ଅପହଞ୍ଚ ନେଇ ଆଲୋଚନା କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ନୂତନ ସଭାପତିଭାବେ ନରେନ୍ଦ୍ରନାଥ ନାୟକ, ଉପସଭାପତିଭାବେ ଅନାଦି ଚରଣ ସିଂହ, ସମ୍ପାଦକ ଭାବେ ଗୋରେଖ ନାୟକ, ଉପସଭାପତିଭାବେ ଅନାଦିଚରଣ ସିଂହ, ସମ୍ପାଦକ ଭାବେ ଗୋରେଖ ଚନ୍ଦ୍ର ନାୟକ, ସହ ସମ୍ପାଦକ ଧରଣୀଧର ମହାପାତ୍ର କୋଷାଧ୍ୟକ୍ଷ ଭୋଳାନାଥ ଦଳେଇ ସଙ୍ଗଠନ ସମ୍ପାଦକ, ରଞ୍ଜନ କୁମାର ନାୟକ ନିର୍ବାଚିତ ହୋଇଛନ୍ତି। କମିଟିରେ ୨୭ଜଣ ସଦସ୍ୟ ରହି ସେମାନଙ୍କୁ ସହଯୋଗ କରିବେ ବୋଲି ରଖାଯାଇଛି। ଶେଷରେ ନନ୍ଦକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ




କଣିହାଁ,୫।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ଗୁରୁବାର ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନଟିପିସି) ପକ୍ଷରୁ ବାଇପାସ ଛକ ଏନଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏନ୍‌ଟିପିସି ସମେତ ଦେଶର ୪୨ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇକରଣ, କୋଇଲା କ୍ଷେତ୍ରରେ ଶତ ପ୍ରତିଶତ ବିଦେଶୀ ପୁଞ୍ଜି ବିନିଯୋଗ କରିବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ୟୁନିୟନର ସାଧାରଣ ସମ୍ପାଦକ ଜୟସେନ ମେହେର, ଯୁଗ୍ମ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଏଆଇୟୁଟିୟୁସି ଜିଲା କମିଟି ସଭ୍ୟ ଟୁନା ନାଏକ, ପ୍ରତାପ ପ୍ରଧାନ, ନିଳାମ୍ବର ତିରିଆ, ଶଙ୍କର ମାରାଣ୍ଡି, ହେମନ୍ତ କ୍ଷେତ୍ରିଙ୍କ ସମେତ ଶତାଧିକ ଶ୍ରମିକ ସାମିଲ ଥିଲେ।

## ଲୁହାମୁଣ୍ଡାରେ ଟାରାରୋପଣ



ବଇଣ୍ଡା,୫।୯(ଡି.ଏନ.ଏ.)-

କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲ ପରିସରରେ ଗୁରୁବାର ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ କାଶିନାଥ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ବିଜୁ ଯୁବ ବାହିନୀ ଲୁହାମୁଣ୍ଡା ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ଟୁକୁନୁ ପ୍ରଧାନ, ଅରବିନ୍ଦ ପ୍ରଧାନ, ଶାନ୍ତନୁ ସାହୁ, ବାବୁଲି ସାହୁ ପ୍ରମୁଖ ଯୋଗଦେଇ ୧୫୦ଟି ବୃକ୍ଷରୋପଣ କରିଥିଲେ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଆନନ୍ଦପୁର,୫।୯(ସ୍ୱ.ପ୍ର.)

ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ଗୁରୁବାର ଏକ ହତ୍ୟା ମାମଲା (ଏସଟି କେସ୍ ନଂ ୭୬/୧୩୨/୧୭/୧୫)ର ବିଚାର କରି ଅଭିଯୁକ୍ତ ତଥା ଆନନ୍ଦପୁର ଥାନା ସୁନ୍ଦୁରିଆ ଗ୍ରାମର ପବିତ୍ର ନାଇକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ଖଲାସ କରିଥିବା ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲା କରଞ୍ଜିଆ ପଟବିଲ ଅଞ୍ଚଳର ବାସନ୍ତୀ ସୁଲିଓ ଘସିପୁରା ଥାନାରେ ଅଭିଯୋଗ କରିଥିଲେ ତାଙ୍କ ଝିଅ ଭାନୁମତୀଙ୍କୁ ପବିତ୍ର ଭଲ ପାଉଥିଲେ । ଏହାର କିଛିଦିନ ପରେ ସେ ଭାନୁମତୀଙ୍କୁ ତାଙ୍କ ଘରକୁ ନେଇ ରଖିଥିଲେ। ଭାନୁମତୀ ପବିତ୍ରଙ୍କ ଘରେ ରହିବାର ୨୦ ଦିନ ପରେ ଏ କଥା ଜଣାପଡିଥିଲା । ଏହାର କିଛି ମାସ ପରେ ବାସନ୍ତୀଙ୍କ ପରିବାର ଲୋକେ ଭାନୁମତୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । ହେଲେ ପବିତ୍ରଙ୍କ ପରିବାର ଲୋକେ ସେଥିପାଇଁ ସୁଯୋଗ ଦେଇ ନ ଥିଲେ । ଫଳରେ ବାସନ୍ତୀ ତାଙ୍କ ପୁଅ ରାଜକିଶୋର, ଭିଣୋଇ ବୁଲୁ ନାଇକ ପବିତ୍ରଙ୍କ ଘରେ ପହଞ୍ଚି ଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ଏ ସମ୍ପର୍କରେ ପବିତ୍ରଙ୍କୁ ପଚାରିବାରୁ ଭାନୁମତୀଙ୍କୁ ଘସିପୁରା ଥାନା କଲରାଗଡିଆ ମଉସା ଘରେ ରଖିଥିବା କହିଥିଲେ । ଶେଷରେ ସେ ସମସ୍ତଙ୍କୁ ବୈତରଣୀ ନଦୀ ବାଲିରେ ଚଲେଇ ଚଲେଇ ତାଳଗାଁ ପୁଟିଆବଣି ପଠାରେ ପହଞ୍ଚାଇଥିଲେ । ସେଠାରେ ହିଁ ପବିତ୍ର ନିଜର ଦୋଷ ସ୍ୱୀକାର କରି ଭାନୁମତୀଙ୍କୁ ମାରି ବାଲିରେ ପୋତିଦେଇଥିବା କଥା କହିଥିଲେ। ଏକଥା ଜାଣିବା ପରେ ବାସନ୍ତୀ ତାଙ୍କ ଝିଅକୁ ଅପହରଣ ପରେ ପବିତ୍ର ହତ୍ୟା କରିଥିବା ଘସିପୁରା ଥାନାରେ ଅଭିଯୋଗ କରିଥିଲେ। ଥାନା କେସ ନଂ.୬୯/୨୦୧୫କୁ ଭିତ୍ତିକରି ପୋଲିସ ତା୧୩।୪।୨୦୧୫ରିଖରେ ପବିତ୍ରଙ୍କୁ ଗିରଫ କରିଥିଲା।

ପବିତ୍ର ଓକିଲ ଯୋଗାଇ ନ ପାରିବାରୁ ଆନନ୍ଦପୁର ତାଲୁକ ଆଇନସେବା ସମିତି (ଚିଠି ନଂ. ୧୦/୭।୧।୨୦୧୭)ରେ ଆଇନଜୀବୀ ମାନସ ରଞ୍ଜନ ସାହୁ (ପ୍ୟାନେଲ ଲୟର୍) ଭାବେ ମାମଲା ପରିଚାଳନା କରିଥିଲେ।

### ଭଉଁରପୁରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର, ୫।୯(ଡି.ଏନ୍.ଏ.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୂଳୀ ପଞ୍ଚାୟତର ଭଉଁରପୁର ନାଏକସାହିଠାରେ ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦୁଝର ବଣିଆପାଟ ନୃତ୍ୟ ପ୍ରଭାତ ଏକାଡେମୀର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ସମେତ ଅନ୍ୟନ୍ୟ ନୃତ୍ୟକଳା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା।

## ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ

ଆନନ୍ଦପୁର,୫।୯(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଫକୀରପୁର ଗୟାଧର ସାହୁ ସ୍ମୃତି ସଂସଦ ଆନୁକୂଲ୍ୟରେ ପବିତ୍ର ଗୁରୁ ଦିବସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ସମାଜ ସଂସ୍କାରକ ଓ ପ୍ରବକ୍ତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଉପସ୍ଥିତ ରହି ସମାଜରେ ନୈତିକତା ଧୀରେ ଧୀରେ ଅଧଃପତନ ହେଉଥିବା ଦର୍ଶାଇବା ସହିତ ଧର୍ମ ଗ୍ରନ୍ଥ ସହାୟତାରେ ଯୁବ ସମାଜ ସଂସ୍କାରିତ ହେଲେ ପୁଣି ଭାରତବର୍ଷ ରାମରାଜ୍ୟରେ ପରିଣତ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜ ସଂସ୍କାରକ ଓ ପ୍ରବକ୍ତା ବୀରେନ୍ଦ୍ର ପଣ୍ଡା ଉପସ୍ଥିତ ରହି ଗୁରୁମାନେ ଭୌତିକ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ପ୍ରକୃତ ଜ୍ଞାନଠାରୁ ଲୋକମାନେ ଏବେ ଦୂରେଇ ଯାଉଛନ୍ତି। ଶିକ୍ଷା ଏପରି ହେବା ଦରକାର ଯାହା ସମାଜରେ ସଂସ୍କାର ଆଣିବା ସହିତ ସମସ୍ତଙ୍କୁ ଗୋଟିଏ ଗୋଟିଏ ଭଲ ମଣିଷ କରି ଗଢ଼ିବ ବୋଲି ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦ ପକ୍ଷରୁ ଆଧାତ୍ମିକ ପୁସ୍ତକ ରଚୟିତା ଶିକ୍ଷାବିତ୍ ସରୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଅନିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ବରିଷ୍ଠ ଶିକ୍ଷୟିତ୍ରୀ ଜାନକୀ ମିଶ୍ର, ଶିକ୍ଷକ ନୀଳମଣି ଦାସ, ନୃସିଂହ ଚରଣ ପଟ୍ଟନାୟକ, ଭକ୍ତ ଶେଖର ସା, ନରହରି ରାଉତ, କୃଷ୍ଣଚନ୍ଦ୍ର ମାଝି, ଏକାଦଶୀ ନାଥ ପ୍ରମୁଖଙ୍କୁ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଜାନକୀ ମିଶ୍ର, ଶିକ୍ଷକ ଗୟାଧର ସାହୁ ପ୍ରତିଭା ସମ୍ପର୍କରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ସ୍ୱର୍ଗତ ଗୟାଧର ସାହୁଙ୍କ ପତ୍ନୀ ସୁକୁମାରୀ ସାହୁ ନିମନ୍ତ୍ରିତ ଅତିଥିମାନଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ରାସ୍ତା ଜାମ୍‌ରୁ ମିଳୁନାହିଁ ମୁକ୍ତି**

## ଟ୍ରାଫିକ ଜାମ୍‌ରେ ଫସିଲା ୨ ଆମ୍ବୁଲାନ୍ସ

ଯୋଡ଼ା, ୫।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାରୁ ମୁକ୍ତି ମିଳୁ ନ ଥିବା ଦେଖିବାକୁ ମିଳିଛି । ପ୍ରଶାସନର ନିର୍ଦ୍ଦେଶକୁ ମାନୁ ନ ଥିବାରୁ ଏହି ଟ୍ରାଫିକ ସମସ୍ୟା ସୁଧୁରି ପାରୁନାହିଁ । ଏହାର ସମାଧାନ ପାଇଁ ଜିଲାପାଳ ଘନ ଘନ ବୈଠକ କରି ନିର୍ଦ୍ଦେଶ ଦେଉଥିଲେ ହେଁ ଏହାକୁ ପାଳନ କରାଯାଉ ନାହିଁ। ଗୁରୁବାର ଅପରାହ୍ନରେ ବିଲେଇପଦା ଫାଣ୍ଡି ଅନ୍ତର୍ଗତ ତଥା ୫୨୦ନଂ ଜାତୀୟ ରାଜପଥର ଲହଣ୍ଡାଠାରେ ଟ୍ରାଫିକ ସମସ୍ୟା ଏତେ ଜଟିଳ ହୋଇଥିଲା ଯେ, ସାଧାରଣ ବାଇକ୍ ଠାରୁ ଆରମ୍ଭ କରି, ଛୋଟ ଯାନବାହାନ, ଯାତ୍ରୀବାହୀ ବସ୍, ଟ୍ରକ, ଏପରିକି ୨ଟି ଆମ୍ବୁଲାନ୍ସ ଗାଡି ମଧ ଏହି ଟ୍ରାଫିକ ଜାମ୍‌ରେ ଫସି ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ଖଣି କମ୍ପାନୀ ମାନଙ୍କର ଘରୋଇ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏହି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ତଥା ଶୃଙ୍ଖଳିତ କରିବା ପାଇଁ ନିୟୋଜିତ କରାଯାଇଛି । ହେଲେ ଏହି ଟ୍ରାଫିକ ଜାମ୍‌କୁ ସ୍ଥାନୀୟ ପୋଲିସ ଶୃଙ୍ଖଳିତ କରୁଥିବା ବେଳେ ଉକ୍ତ ନିୟୋଜିତ ଘରୋଇ ସୁରକ୍ଷାକର୍ମୀଙ୍କୁ ସେଠାରେ ଦେଖିବାକୁ ମିଳୁନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥରେ ଦୈନିକ ହେଉଥିବା ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ କରିବା ପାଇଁ ନିୟୋଜିତ ଥିବା ଘରୋଇ ସୁରକ୍ଷା କର୍ମୀଙ୍କ କାର୍ଯ୍ୟରେ ଅବହେଳା ହେତୁ ଏହି ଟ୍ରାଫିକ ସମସ୍ୟା ଉପୁଜୁଥିବା ଯାତ୍ରୀ ଗଣେଶ୍ୱର ମହାକୁଡ, ଶମ୍ଭୁନାଥ ନାଏକ, ବଇନ ନାଏକ, ଲିମାରାଣୀ ବେହେରା ପ୍ରମୁଖ ଅଭିଯୋଗ କରିଥିଲେ । ଜିଲାପାଳ ଏଦିଗରେ ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି।



ଟ୍ରାଫିକ ଜାମ୍‌ରେ ଫସି ରହିଥିବା ଆମ୍ବୁଲାନ୍ସ।

## ସଂକ୍ଷେପରେ

### ଡିପିଏସ୍‌ର ବର୍ଦ୍ଧିତ ଫି ପ୍ରତ୍ୟାହାର ନିଷ୍ପତ୍ତି

ବଣଁରପାଳ, ୫।୯ (ଡି.ଏନ୍.ଏ): ନାଲ୍‌କୋ ଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ର ବର୍ଦ୍ଧିତ ସ୍କୁଲ ଫି୍ ବୃଦ୍ଧି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏକକାଳୀନ ଫି ତିନି ଗୁଣା ବୃଦ୍ଧି କରାଯିବା ପରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ନାଲ୍‌କୋ ଏମ୍ପ୍ଲୋଇଜ ସଂଘ(ନେସ୍) ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ନାଲ୍‌କୋ ଦ୍ୱାରା ପରିଚାଳିତ ଏହି ସ୍କୁଲ କର୍ତ୍ତୃପକ୍ଷ ମନମୁଖୀ କାମ କରୁଥିବା ସଂଘ ଅଭିଯୋଗ କରିଥିଲା।

### ବଜ୍ରପାତରେ ୬ ଗୁରୁତର



ପାଲଲହଡା,୫।୯(ଡି.ଏନ.ଏ.)- ପାଲଲହଡ଼ା ବ୍ଲକ ନମପଶି ପଞ୍ଚାୟତ ନୁଗୁଡା ଗ୍ରାମରେ ବଜ୍ରପାତ ଘଟି ୬ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପଦ୍ମା ହେସା, ବଚନ କିଷାନ, ନିଦ୍ରା କିଷାନ, କାମିନୀ କିଷାନ, ଧମେଶ୍ୱରୀ କିଷାନ ଏବଂ ଲିତା କିଷାନ। ସମସ୍ତେ ଅପରାହ୍ନରେ ଗାଁ ନିକଟରେ ଏକ ରାସ୍ତା କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ସମସ୍ତେ ଅଚେତ ହୋଇ ପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

### ବିଷପିଇ ୨ ଗୁରୁତର

କଣିହାଁ,୫।୯(ଡି.ଏନ.ଏ.): କଣିହାଁ ଥାନା ହନୁମାନପୁର ପଞ୍ଚାୟତ ଅଞ୍ଚଳରୁ ଗୁରୁତର ଅବସ୍ଥାରେ ଜଣେ ଯୁବତୀ ଓ ଯବକଙ୍କୁ ଗ୍ରାମବାସୀ ଉଦ୍ଧାର କରି ବୁଧବାର କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବିଷପାନ ପରେ ଉଭୟେ ଅଚେତ ହୋଇପଡ଼ିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଗୁରୁବାର ଯୁବକଙ୍କ ଅବସ୍ଥା ସ୍ୱାଭାବିକ ଥିବାବେଳେ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ନେଇ କଣିହାଁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି।

### ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ

ତାଳଚେର, ୫।୯(ନି.ପ୍ର.): ଏଚଏମଏସ ସହବନ୍ଧିତ ଓଡିଶା କୋଲ ମାଇନ୍ସ ଲେବର ଫେଡେରେଶନର ଏକ ବୈଠକ ବଲଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି । ଟୁନା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଫେଡେରେଶନର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା କେନ୍ଦ୍ର ସରକାର କୋଇଲା ଉଦ୍ୟୋଗରେ ଶତପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜିନିବେଶ କରିବା ଯୋଗୁ ଏହା ଶ୍ରମିକମାନଙ୍କ ଭବିଷ୍ୟତକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ପ୍ରକାଶ କରିଥିଲେ। ଏହା ପ୍ରତିବାଦରେ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବାକୁ ସେ ସମସ୍ତ ଶ୍ରମିକଙ୍କୁ ଆହ୍ୱାନ ଦେଇଥିଲେ। ରବିବାର ଓ ଜାତୀୟ୍ ଛୁଟିଦିନଗୁଡିକରେ କାମ କରୁଥିବା ଠିକା ଶ୍ରମିକମାନଙ୍କୁ ପ୍ରାପ୍ୟ ମିଳୁ ନ ଥିବା ଏବଂ ଏ ଦିଗରେ ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ଏମ୍‌ସିଏଲର ମୁଖ୍ୟାଳୟ୍ ସିକ୍ୟୁରିଟି ଗାର୍ଡଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ କରିବାକୁ ନେଇ ଆଗାମୀ ଦିନରେ ସଂଘ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ହୋଇଥିଲା । ପ୍ରଭାତ କୁଣ୍ଡୁ, ସନତ ପାଣିଗ୍ରାହୀ, ବି.ଏନ ମହାପାତ୍ର, କ୍ଷୀରୋଦ ବାରିକ, ପ୍ରକାଶ କୁଣ୍ଡୁ, ଭୁବନ ପ୍ରଧାନ, ମହିଳାନେତ୍ରୀ ମଞ୍ଜୁଲତା ଦାସ, ରୋଜାଲିନ ସାମଲ, ଦମୟନ୍ତୀ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ ।




### ପୌରସଂସ୍ଥା ବାହାରେ କାର୍ଯ୍ୟାଳୟ କ୍ୟାଶବୁକ୍

# ଆକାଉଣ୍ଟ ଜବତ କଲେ ପିଡି

ଅନୁଗୋଳ ଅଫିସ, ୫।୯

ଅନୁଗୋଳ ପୌରପାଳିକାରେ ନିୟୋଜିତ ହୋଇଥିବା ଜଣେ ଆକାଉଣ୍ଟାଣ୍ଟ ଗୁରୁବାର କାର୍ଯ୍ୟାଳୟର କ୍ୟାଶବୁକ୍‌କୁ ବାହାରକୁ ନେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୌରପାଳିକା ଅର୍ଥ ହେରଫେର ନେଇ ଉଦ୍ୟମ ଚାଲିଥିବା ଅଭିଯୋଗ ପାଇବା ପରେ ଘଟଣାରେ ତୁରନ୍ତ ପଦକ୍ଷେପ ନେଇଛନ୍ତି ଅନୁଗୋଳ ପିଡି ଅତୁଲ୍ୟ କୁମାର ଚମ୍ପତିରାୟ। ସମ୍ପୃକ୍ତ ଆକାଉଣ୍ଟାଣ୍ଟ ଏବଂ କେତେଜଣ କର୍ମଚାରୀଙ୍କୁ ଡାକି ଘଟଣାର ଖୋଳତାଡ କରିବା ସହ ସଙ୍ଗେ ସଙ୍ଗେ ଉକ୍ତ କ୍ୟାଶବୁକକୁ ପିଡି ସିଜ୍ କରିଛନ୍ତି। ତେବେ ପ୍ରକୃତରେ କେଉଁ ଉଦ୍ଦେଶ୍ୟରେ ପୌର କର୍ମଚାରୀ କ୍ୟାଶବୁକ୍ ନେଇ ବାହାରକୁ ଯାଇଥିଲେ ସେ ନେଇ ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ମୁତାବକ, ସକାଳ ୮ଟାରୁ ସାଢ଼େ ୮ଟା ମଧ୍ୟରେ ପୌରପାଳିକା ଆକାଉଣ୍ଟାଣ୍ଟ କ୍ୟାଶବୁକ ନେଇ କାର୍ଯ୍ୟାଳୟ ବାହାରକୁ ଯାଇଥିଲେ। ଏ ସମ୍ପର୍କରେ କେତେଜଣ ପୌର କର୍ମଚାରୀ ଓ ପୂର୍ବତନ କାଉନସିଲର ପିଡିଙ୍କୁ ଜଣାଇଥିଲେ। ଏପରିକି ଆକାଉଣ୍ଟାଣ୍ଟ ଜଣକ ପୂର୍ବତନ ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନାଙ୍କ ଘରକୁ କ୍ୟାଶବୁକ୍ ନେଇ ଯାଇଥିବା ପିଡିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପିଡି ତୁରନ୍ତ ପୌରପାଳିକା ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କ ସହ ଆକାଉଣ୍ଟାଣ୍ଟଙ୍କୁ ପିଡ଼ି ତାଙ୍କ କାର୍ଯ୍ୟାଳୟକୁ କ୍ୟାଶବୁକ୍ ନେଇ ଆସିବା ପାଇଁ କହିଥିଲେ। ଏଥିସହ କାହିଁକି କାର୍ଯ୍ୟାଳୟ ବାହାରକୁ କ୍ୟାଶବୁକ୍ ଯାଇଥିଲା ସେ ନେଇ ପ୍ରଶ୍ନ ମଧ୍ୟ କରିଥିବା ଜଣାପଡିଛି। ଗତ ସପ୍ତାହେ ମଧ୍ୟରେ କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ମଧ୍ୟ ପିଡ଼ି ମାଗିଥିଲେ। ଶେଷରେ ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ସମୟ ମଧ୍ୟରେ ହୋଇଥିବା ଆୟବ୍ୟୟ ହିସାବ କରି ଆକାଉଣ୍ଟ ବନ୍ଦ କରିବା ପରେ ପୌରପାଳିକାକୁ କ୍ୟାଶ୍ ବୁକ୍ ଫେରାଇ ଦିଆଯାଇଥିଲା। ଏନେଇ ପିଡ଼ି ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ପଚାରିବାରେ କହିଛନ୍ତି, ପୌରପାଳିକା ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ବାସ ଭବନକୁ କ୍ୟାଶ୍ ବୁକ୍ ଯାଇଥିବା ଅଭିଯୋଗ ମୋ ନିକଟକୁ ଆସିଥିଲା। ଏହାପରେ ତୁରନ୍ତ ପୌର ଅଧିକାରୀଙ୍କ ସହ ଆକାଉଣ୍ଟାଣ୍ଟଙ୍କୁ ଡକାଇ ପଚାର ଉଚରା କରିଛି। ଏଥିସହ କ୍ୟାଶବୁକ୍‌କୁ ଜବତ କରାଯାଇଛି। ଏ ସମ୍ପର୍କରେ ଶୁଭେନ୍ଦୁ ଜେନା କହିଛନ୍ତି, ପିଡି ତାଙ୍କୁ ଫୋନ କରି ଘଟଣା ସମ୍ପର୍କରେ ପଚାରିଥିଲେ। ହେଲେ ତାଙ୍କ ବାସଗୃହକୁ କେହି କ୍ୟାଶବୁକ୍ ନେଇ ଆସି ନ ଥିଲେ ବୋଲି ଜେନା ପିଡିଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଆକାଉଣ୍ଟାଣ୍ଟଙ୍କୁ ପଚାରିବାରେ କହିଛନ୍ତି, ଘଟଣା ବିଷୟରେ ଜଣାନାହିଁ। ପିଡି କ୍ୟାଶବୁକ୍ ଧରି ଆସିବାକୁ କହିଥିଲେ। ଯାଞ୍ଚ କରିବା ପରେ ଆକାଉଣ୍ଟ କ୍ଲୋଜ କରିଦେଇଥିଲେ।




### ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ




ଅନୁଗୋଳ ଅଫିସ, ୫।୯

ଭାରତୀୟ ମଜଦୁର ସଂଘ ସହବନ୍ଧିତ ନାଲ୍‌କୋ ବିଦ୍ୟୁତ ମଜଦୁର ସଂଘ ପକ୍ଷରୁ ସିପିପି ଗେଟ୍ ସମ୍ମୁଖରେ ଗୁରୁବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର କେନ୍ଦ୍ରୀୟ ସମ୍ପାଦକ ଗୋକୁଳାନନ୍ଦ ଜେନା କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, କେନ୍ଦ୍ର ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏଥିଯୋଗୁ ଶିଳ୍ପର ଘରୋଇ କରଣ ହେଉଥିବାରୁ ବ୍ୟାପକ ଶ୍ରମିକ ଛଟେଇ ହେଉଛି। ନୂତନ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ନାଲ୍‌କୋ ଭଳି ଏକ ଲାଭଜନକ ଉଦ୍ୟୋଗକୁ ଘରୋଇକରଣ କରାଗଲେ ସ୍ଥାନୀୟ ଅଧିବାସୀଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହେବ ବୋଲି ସେ କହିଥିଲେ। ତେଣୁ ସରକାର ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ସଂଘ ଦାବି କରିଛି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀଙ୍କ ସମେତ ପ୍ରସନ୍ନ ସାହୁ, ବିଜୟ ସାହୁ, ମନୋଜ ଅମାନ୍ତ, ସୁବାସ କାଳିଆ, ପ୍ରକାଶ ସିଂହ ନିରଞ୍ଜନ ପାତ୍ର, ଗୁଣନିଧି ଆରୁଖ, ନରେଶ ଚନ୍ଦ୍ର ସାହୁ, ଶରତ ରାଉତ, ସୁନୀଲ ସାହୁ, ଯୁଧିଷ୍ଠିର ବେହେରା, ଗୋଲେଖ ସାହୁ, ଗଙ୍ଗାଧର ଭୁଟିଆ, ଗଗନ ଗଡ଼ନାୟକ, ରାଜେନ୍ଦ୍ର ପାତ୍ର, ପର୍ଶୁରାମ ସ୍ୱାଇଁ, ଅତୁଲ ମିଞ୍ଜ୍, ନିରଞ୍ଜନ ଦେହୁରୀ ଓ ପ୍ରତାପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅଣ୍ଟାରେ ଛୁଞ୍ଚି ରହିଯିବା ଘଟଣା

### ୭ରେ କଟକ ଯିବେ ଶୁଭଙ୍କର

ଅନୁଗୋଳ ଅଫିସ, ୫।୯

ଅନୁଗୋଳ ଜିଲା ବନ୍ତଲା ଥାନା ଗଡ଼ତରାସ ଗାଁର ନିରାକାର ବେହେରାଙ୍କ ପୁଅ ଶୁଭଙ୍କର(୪)ଙ୍କ ଅଣ୍ଟାରେ ଇଞ୍ଜେକଶନ୍ ଛୁଞ୍ଚି ଭାଙ୍ଗି ରହିଯିବା ଘଟଣାରେ ଗୁରୁବାର ଓଡ଼ିଶା ମାନବାଧିକାର କମିଶନ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ (କେସ ନଂ ୧୧୪୧/୧୯ରେ) ଏକ ଚିଠି କରିଛନ୍ତି। ତୁରନ୍ତ ଶିଶୁଟିରେ ଚିକିତ୍ସା କରି ଆସନ୍ତା ୧୭ ତାରିଖରେ ରିପୋର୍ଟ ପ୍ରଦାନ କରିବାକୁ ଚିଠିରେ ଦର୍ଶାଯାଇଛି। ମେଡିକାଲ କର୍ତ୍ତୃପକ୍ଷ ନିରାକାରଙ୍କୁ କଟକ ବଡ଼ ଡାକ୍ତରଖାନା ଯିବାକୁ କହିଥିଲେ। ଆସନ୍ତା ୭ ତାରିଖରେ ସେ ପୁଅକୁ ଧରି କଟକ ବଡ ମେଡିକାଲ ଯିବେ ବୋଲି ନିରାକାର ସିଡିଏମ୍‌ଓଙ୍କୁ କହିଛନ୍ତି। ଜିଲା ଚିକିତ୍ସାଳୟ ପକ୍ଷରୁ ଚିକିତ୍ସା ପାଇଁ ମାଗଣାରେ ଆମ୍ବୁଲାନ୍ସ ଦିଆଯିବା ସହ କଟକ ବଡ଼ ମେଡ଼ିକାଲକୁ ଚିଠି କରାଯାଇଥିବା ସିଡ଼ିଏମ୍‌ଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ୨୫ ତାରିଖରେ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଶୁଭଙ୍କରଙ୍କୁ ଜଣେ ନର୍ସ ଇଞ୍ଜେକଶନ ଦେବାବେଳେ ଏହାର ଛୁଞ୍ଚି ଭାଙ୍ଗି ଶିଶୁଟିର ଅଣ୍ଟାରେ ରହିଯାଇଥିଲା। ବିଭିନ୍ନ ମେଡିକାଲରେ ଚିକିତ୍ସା ପରେ ଡାକ୍ତରମାନେ ଏହାକୁ କାଢିବାରେ ବିଫଳ ହୋଇଥିବା ଅଭିଯୋଗ କରି ନିରାକାର ଗତ ଅଗଷ୍ଟରେ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଦାନ ଅବର୍ଣ୍ଣନୀୟ




ଏମ୍‌ବିଏ ବିଭାଗରେ ଗୁରୁଦିବସ ପାଳିତ।

ଅନୁଗୋଳ ଅଫିସ, ୫।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏମ୍‌ବିଏ ବିଭାଗରେ ଗୁରୁବାର ଗୁରୁ ଦିବସ ପାଳିତ ହୋଇଛି। ଭାରତୀୟ ସଂସ୍କୃତିରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଙ୍ଗାଧର କର, ବିଭାଗୀୟ ମୁଖ୍ୟ ଦୀପକ ମିଶ୍ର, ଲିପିକା ପରିଡ଼ା, ଡ. ସୌମ୍ୟେଶ ଦତ୍ତ ଦାସ, ଅନିଲ ରାଉତ, ପିଙ୍କି ଡାଙ୍ଗଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ଶୁଭାଶିଷ ସ୍ୱାଇଁ, ଶଶିଭୂଷଣ ପାତ୍ର, ବାଣିଶ୍ରୀ ଜେନା, ବନ୍ଦନା ପାଣି, ଜ୍ୟୋତ୍ସ୍ନାରାଣୀ ସାହୁ, ଶୁଭମ୍ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଆଇଏମ୍‌ବିଏ, ଏମ୍‌ବିଏ ଓ ଏମ୍‌କମ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶିଶୁଙ୍କୁ ଜ୍ଞାନର ଆଲୋକ ଦେଖାନ୍ତି ଶିକ୍ଷକ



ଗୁରୁ ଦିବସ ପାଳନ ଅବସରରେ ଉପସ୍ଥିତ ଗୁରୁମାଗୁରୁଜୀ ଓ ଅନ୍ୟମାନେ।

ବଇଣ୍ଡା,୫।୯(ଡି.ଏନ.ଏ.)

ଶିଶୁଙ୍କୁ ଜ୍ଞାନର ଆଲୋକ ଦେଖାଇ ଭଲ ମଣିଷ କରିବା ଦିଗରେ ଶିକ୍ଷକ ସମାଜର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଗୁରୁଙ୍କୁ ସମ୍ମାନ ଦିଆଯାଉ। ସେମାନଙ୍କ ଶିକ୍ଷାଦାନରେ ବହୁ ଛାତ୍ରୀଛାତ୍ର ସଫଳତା ପାଉଛନ୍ତି ବୋଲି ଗୁରୁବାର କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ଗୁରୁଦିବସ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ସନାତନ ସାହୁ, ସମ୍ପାଦକ ନିତ୍ୟାନନ୍ଦ ବାରିକ ଯୋଗ ଦେଇଥିଲେ। ଏହି ଅବସରରେ ୨୦ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜ୍ୟୋତ୍ସ୍ନାମୟୀ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ମହର୍ଷି ବିଦ୍ୟାମନ୍ଦିର, କିଶୋରନଗର ହାଇସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି।

### ନୀଳଗିରିରେ ପ୍ରଥମ ଡେଙ୍ଗୁ ରୋଗୀ

ସଜନାଗଡ଼, ୫।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଚଳିତବର୍ଷ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଧୋବଶିଳା ପଞ୍ଚାୟତ ବଧିଆ ଚାନ୍ଦୁଆପଦା ଗ୍ରାମର ଜଣେ ଯୁବତୀ ହାଇଦ୍ରାବାଦ୍‌ରେ ରହିପାଠ ପଢୁଥିଲେ। ଅସୁସ୍ଥ ହେବାରୁ ସେ ଘରକୁ ଆସିଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରକ୍ତ ନମୁନା ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଛି।

## ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ବ୍ଲକ ଘେରାଉ




ବଇଣ୍ଡା,୫।୯(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସମସ୍ୟା ଦେଇ ଗତି କରୁଛି। ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶୀଘ୍ର ଖାଲି ପଡିଥିବା ବିଭିନ୍ନ ପଦବୀ ପୂରଣ ସହ ସମସ୍ୟା ସମାଧାନ କରିବା ଦାବିରେ ଗୁରୁବାର ଏସୟୁସିଆଇ(କମ୍ୟୁନିଷ୍ଟ) କିଶୋରନଗର ଶାଖା ପକ୍ଷରୁ କିଶୋରନଗର ବ୍ଲକ ଘେରାଉ କରାଯାଇଥିଲା। କମିଟିର ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମଣ ବେହେରା, ପିତାମ୍ବର ପ୍ରଧାନ, ରମଣୀରଞ୍ଜନ ପ୍ରଧାନ, ଚେରୁ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ। ଏସୟୁସିଆଇ ପକ୍ଷରୁ କୁହାଯାଇଛି, ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବାସିନ୍ଦା ନିର୍ଭର କରିଥାନ୍ତି। ହେଲେ ସେଠାରେ ବିଶେଷଜ୍ଞ ଡାକ୍ତର ଓ ନର୍ସ ପଦବୀ ପୂରଣ କରାଯାଉନାହିଁ। ୫୫ନଂ. ଜାତୀୟ ରାଜପଥରେ ଅନେକ ଦୁର୍ଘଟଣା ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ସେମାନଙ୍କୁ ଚିକିତ୍ସା ମିଳୁନାହିଁ। ତୁରନ୍ତ ସରକାର ଦୃଷ୍ଟି ଦେଇ ନିଦାନ ଯୋଜନାରେ ଏକ୍ସରେ, ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ ସହିତ ସମସ୍ତ ପରୀକ୍ଷା ମାଗଣା, ଜନ ଔଷଧି କେନ୍ଦ୍ର ଖୋଲାଯିବାକୁ ସଙ୍ଗଠନ ଦାବି କରିଛି। ଏ ସଂକ୍ରାନ୍ତରେ ଏକ ।ବିପତ୍ର ବିଡିଓଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପକ୍ଷରୁ ପ୍ରଦାନ କରାଯାଇଛି। ଏନେଇ ଅନୁଗୋଳ ଜିଲାପାଳ, ସିଡିଏମ୍‌ଓ ଡାକ୍ତର ପ୍ରତାପ କୁମାର ବେହେରା କହିଛନ୍ତି, ଡାକ୍ତର ନିଯୁକ୍ତି କରିବା ପାଇଁ ସରକାରଙ୍କୁ ଅବଗତ କରାଯିବ। ମାସେ ଭିତରେ ଲାଗି ରହିଥିବା ସମସ୍ୟା ସମାଧାନ କରାଯିବ।

### ଡାହାଣୀ ସନ୍ଦେହରେ ନିର୍ଯାତନା: ୮ଜଣଙ୍କୁ ଜେଲ

ବାରିପଦା ଅଫିସ,୫।୯

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଆମ୍ବଡୁବି ଗ୍ରାମର ଏକ ଦମ୍ପତିଙ୍କୁ ଡାହାଣୀ ସନ୍ଦେହରେ ନିର୍ଯାତନା ଦେବା ମାମଲାରେ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଶିବାଶିଷ ଗିରି ୮ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ବ୍ୟକ୍ତିମାନେ ଗୋଟିଏ ପରିବାରର ଓ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ପ୍ରତ୍ୟେକଙ୍କୁ ୧ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୧୧ରେ ଗ୍ରାମର କଟି ସିଂ, ଗଜି ସିଂ, ଟିକି ସିଂ, ମୁକୁନ୍ଦ ସିଂ, କାହ୍ନୁରୁ ସିଂ, ସୁଶାନ୍ତ ସିଂ, ରାଜୁ ସିଂ ଓ ଅଭି ସିଂ ଉକ୍ତ ଦମ୍ପତିଙ୍କୁ ଡାହାଣୀ ବୋଲି କହିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ କୁଳିଅଣା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ଧାନ ବିଲରେ ପଡ଼ି ଚାଷୀଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୫।୯ (ଡି.ଏନ.ଏ.) ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ବିରୋଳି ଗ୍ରାମର ନକୁଳ ଯେନା(୪୮) ଧାନ କ୍ଷେତରେ ପଡ଼ି ପ୍ରାଣ ହରାଇଛନ୍ତି। ଗୁରୁବାର ସକାଳେ ସେ ବିଲକୁ ଯାଇଥିଲେ। ସେଠାରେ ଅନ୍ୟ ଲୋକ ଚାଷ ପାଇଁ ଯାଇଥିବା ବେଳେ ନକୁଳଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ନକୁଳଙ୍କର ବାତ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

## ଗୁରୁ ପୂଜନ, ପ୍ରତିଭା ସମ୍ମାନ ଉତ୍ସବ




ତାଳଚେର,୫।୯(ନି.ପ୍ର.)

'ଆମ ପ୍ରତିଭା ଆମ ପରିଚୟ' ପକ୍ଷରୁ ଗୁରୁବାର ଦେଉଳବେଡା ମଙ୍ଗଳମ କ୍ଲବ ପରିସରରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ପ୍ରତି କାମରେ ସମ୍ପୂର୍ଣ୍ଣ ମନ ବିନିଯୋଗ କରିବା ସହ ଅହଂକାର ଭଳି ଅଳିଆକୁ ମନରୁ କାଢିବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ତାଳଚେର ଭଳି ଅନୁଗୋଳ, ପାଲଲହଡା, ଢେଙ୍କାନାଳ, କାମାକ୍ଷାନଗରରେ ମଧ୍ୟ ଏହି ଉତ୍ସବ ଆୟୋଜନ କରାଯିବାକୁ ସେ ପ୍ରସ୍ତାବ ରଖିଥଲେ। ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ବିରଞ୍ଚି ସାମଲ ଯୋଗ ଦେଇ ଗୁରୁ ମାର୍ଗଦର୍ଶନରେ ଚାଲିଲେ ଜୀବନରେ ବହୁ ସଫଳତା ପ୍ରାପ୍ତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମସିଏଲର ସିଏମଡି ବି.ଏନ ଶୁକ୍ଳା ଯୋଗ ଦେଇ ତାଳଚେର ଅଞ୍ଚଳରେ ଶିକ୍ଷାପାଇଁ ଭିତ୍ତିଭୂମି ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜେନେରାଲ ମ୍ୟାନେଜର ଏମ.ଜି ବ୍ରହ୍ମପୁରକର, ଆର.ଭି ରିଙ୍ଗେ, ପି.ଭି ରେଢ୍ଡି ଯୋଗଦେଇଥିଲେ । ପ୍ରତିଷ୍ଠାତା ତଥା ଢେଙ୍କାନାଳ ଏମପି ମହେଶ ସାହୁ ଉଦ୍‌ବୋଧନ ଦେଇ ଗୁରୁ ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସଭାପତି ରମେଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ ଉପେନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସନ୍ତୋଷ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଗ୍ରୀଲ ଭାଙ୍ଗି ସୁନାଗହଣା ସହ ଟଙ୍କା ଚୋରି

ପାଟଣା,୫।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଝାରବେଡା ଓ ତ୍ରିବିନ୍ଧା ସାହିରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ନଗଦ ଟଙ୍କା ସହ ସୁନା ଗହଣା ଲୁଟ କରିନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଝାରବେଡା ସାହିର ଅନିରୁଦ୍ଧ ମହାନ୍ତଙ୍କ ଘର ଆଲମୀରା ଭାଙ୍ଗି ୪୦ହଜାର ଟଙ୍କା ସହ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଓ ତାଙ୍କ ଘରେ ଭଡାରେ ରହୁଥିବା ବ୍ୟାଙ୍କ କର୍ମଚାରୀ ପଞ୍ଚାନନ ନାଏକଙ୍କ ଘର ପାଚେରୀ ଓ ଗ୍ରୀଲ ଭାଙ୍ଗି ବାକ୍ସ ତାଡି ୮୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ସେହି ଗୋଟିଏ ରାତିରେ ତ୍ରିବିନ୍ଧା ସାହିର ଉଗ୍ରେସନ କାରୁଆଙ୍କ ଘରେ ଭଡାରେ ରହୁଥିବା ଶିକ୍ଷକ ତ୍ରିନାଥ ନାଏକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ତୁରୁମୁଙ୍ଗା ଥାନା ଏଏସଆଇ କୈଳାଶ ଚନ୍ଦ୍ର ମହାନ୍ତ ଏକ ମାମଲା (ନଂ୯୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ତେଲ ଟ୍ୟାଙ୍କର ଅପହରଣ ଘଟଣା: ୨ ଗିରଫ

ରସାଲପୁର, ୫।୯(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ୬୦ନମ୍ବର ଜାତୀୟ ରାଜପଥ ନଗ୍ରମଠାରେ ଗତ ସେପ୍ଟେମ୍ବର ୨୮ରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର (ନଂ. ଡବ୍ଲ୍ୟୁବି୧୯ଜେ-୦୪୮୬)କୁ କେତେକ ଦୁର୍ବୃତ୍ତ ଅଟକାଇ ଅପହରଣ କରିନେଇଥିଲେ। ଏନେଇ ସଦର ଥାନାରେ ଗତ ସେପ୍ଟେମ୍ବର ୨୯ରେ ଏକ ମାମଲା (ନଂ. ୨୭୪/୧୯) ରୁଜୁ ହୋଇଥିଲା। ଉକ୍ତ ଘଟଣାରେ ସଦର ଥାନା ପୋଲିସ ଟାଉନ ଥାନା ନୂଆବଜାର ଅଞ୍ଚଳର କାର୍ତ୍ତିକ ଚନ୍ଦ୍ର ବେହେରା (୪୯) ଏବଂ ଶିକ୍ଷାଞ୍ଚଳ ଥାନା ସୋମନାଥପୁର ଅଞ୍ଚଳର ସେକ୍ ଇମ୍ରାନ୍ (୨୯)ଙ୍କୁ ସେମାନଙ୍କୁ ଘରୁ ଗିରଫ କରିଛି। କାର୍ତ୍ତିକଙ୍କ ଘରୁ ୪୪୦ ଲିଟର ଡିଜେଲ, ୧ଲକ୍ଷ ୭୮ହଜାର ଟଙ୍କା ସହ ୨ଟି ମୋବାଇଲ ଜବତ ହୋଇଛି। ଇମ୍ରାନ୍‌ଙ୍କ ନିକଟରୁ ୪୦ଲିଟର ତେଲ ଜବତ ହୋଇଛି। ଏଥିସହିତ କାର୍ତ୍ତିକ ବ୍ୟବହାର କରୁଥିବା ଏକ ପିକଅପ୍ ଭ୍ୟାନ୍ ଓ ବ୍ୟବହୃତ ହୋଇଥିବା ପ୍ଲାଷ୍ଟିକ ଡବା ଓ ପାଇପ୍ ପୋଲିସ ଜବତ କରିଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି।

# ଭଲ ମଣିଷ ହେବାକୁ ପରାମର୍ଶ

କାମାକ୍ଷାନଗର, ୫।୯(ଡି.ଏନ୍.ଏ.)



ଛାତ୍ରୀଛାତ୍ରମାନେ ଗୁରୁମାଗୁରୁଜୀଙ୍କୁ ପଦବନ୍ଦନା କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଇଂ.ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରଜୀବନରେ ନିଷ୍ଠା, ସଂସ୍କାର ଅତ୍ୟନ୍ତ ଆବଶ୍ୟକ। ପୂର୍ବତନ ରାଷ୍ଟ୍ରପତି ତଥା ଯୁଗପୁରୁଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଅନୁସରଣ କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲିଲେ ଭଲ ମଣିଷ ହୋଇପାରିବ ବୋଲି ଉପଜିଲାପାଳ ପରାମର୍ଶ ଦେଇଥିଲେ। ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚାସୀନ ଥିଲେ। କାମାକ୍ଷାପ୍ରସାଦ ସାହୁ, ଗାୟତ୍ରୀ ପତି, ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଚର୍ଯ୍ୟ ଭବାନୀ ପାଳ ଧନ୍ୟବାଦ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଗୁରୁପୂଜନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

ସେହିପରି ପଞ୍ଚାୟତିରାଜ ହାଇସ୍କୁଲରେ ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ବିଶ୍ୱାଳ, ସଂସ୍କୃତ ଶିକ୍ଷକ ପଣ୍ଡିତ ଉପେନ୍ଦ୍ର କୁମାର ପଣ୍ଡା, ନାଟ୍ୟକାର ଦୀଦେଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଭାରତର ଏହି ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳ, ଶର୍ମିଷ୍ଠା ପ୍ରଧାନ, ଛାତ୍ର କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଗୁରୁଜନଙ୍କ ନିକଟରେ ସମର୍ପଣ ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୋକିଲା ପେଟରେ ହଷ୍ଟେଲ ଛାଡ଼ିଲେ ୯ ଛାତ୍ର

କେନ୍ଦୁଝର, ୫।୯ (ସ୍ୱ.ପ୍ର.)

ସ୍ଥାନୀୟ ଗୁମୁରା ପ୍ରାଥମିକ ସ୍କୁଲର ୯ ଛାତ୍ର ହଷ୍ଟେଲ ଛାଡିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଗୁରୁବାର ସ୍କୁଲର ଏହି ଛାତ୍ରମାନେ ପଳାଇ ଯାଉଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ଅଟକାଇଥିଲେ। ସେମାନଙ୍କୁ ଭଲ ଖାଦ୍ୟ ମିଳୁ ନ ଥିବାରୁ ଭୋକିଲା ପେଟରେ ହଷ୍ଟେଲରୁ ବାହାରି ପଳାଇ ଯାଉଥିବା ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ। ପ୍ରଶାସନଙ୍କୁ ଏ ବିଷୟରେ ଜଣାଇଥିବା ସ୍କୁଲ ଚେୟାରମ୍ୟାନ ଡମ୍ବରୁଧର ଜେନା କହିଛନ୍ତି। ଏହି ଛାତ୍ରଙ୍କ ଘର ଗୁଆଲି, ଝୁମ୍ପୁରା, ରାଇସୁଆଁ ଆଦି ଅଞ୍ଚଳରେ ବୋଲି ଜଣାପଡିଛି। ଆଦିବାସୀ ଉନ୍ନୟନ ବିଭାଗ ଅଧୀନ ଏହି ସ୍ୱଳ୍ପ ବ୍ୟୟ ହଷ୍ଟେଲରେ ୪୦ ଜଣ ପିଲା ରହୁଛନ୍ତି। ତେବେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାଶ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସନ୍ଧ୍ୟାରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୀବନ ସିଂ ମୁଣ୍ଡା ଓ ଅନ୍ୟ ପଦାଧିକାରୀ ଘଟଣାସ୍ଥଳକୁ ଯାଇ ଛାତ୍ର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଛାତ୍ରମାନଙ୍କୁ ହଷ୍ଟେଲକୁ ଫେରାଇ ଆଣିବା ପାଇଁ ସେମାନେ ଉଦ୍ୟମ ଚଳାଇଥିବା ଜାଣିବାକୁ ମିଳିଛି।

## ଗୁରୁଙ୍କ ଆଶୀର୍ବାଦ ଲୋଡ଼ିଲେ ଶିକ୍ଷାର୍ଥୀ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ କଲେଜର କର୍ମଚାରୀମାନେ।

ପରଜଙ୍ଗ, ୫।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ କଲେଜରେ ଗୁରୁବାର ଆଡମ୍ବର ସହକାରେ ଗୁରୁଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପୂଜ୍ୟପୂଜାର ଏହି ମହାନ୍ ପରମ୍ପରାର ସ୍ମୃତି ରୋମନ୍ଥନ କରିବା ସହିତ ଗୁରୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲ ଆଲୋଚନାରେ ଭାଗନେଇ କହିଲେ, ଆଗ୍ରହ ଏବଂ ଅଭୀପ୍ସା ଶିଷ୍ୟକୁ ଗୁରୁ ଆସନରେ ସ୍ଥାନିତ କରିଥାଏ। ଉଭୟେ ଶିକ୍ଷକ ଏବଂ ଶିକ୍ଷାର୍ଥୀ ନିଜ ନିଜ କର୍ତ୍ତବ୍ୟ ବିଷୟରେ ସଚେତନ ହେଲେ ଏହି ଦିବସ ପାଳନର ମହତ୍ ଉଦ୍ଦେଶ୍ୟ ପୂରଣ ହେବ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଭାଗବତର ଗୁରୁବାଦ ପ୍ରସଙ୍ଗକୁ ସାବଲୀଳ ଭାବେ ଉପସ୍ଥାପନ କରିଥିଲେ। ଇଂଲିଶ ଅଧ୍ୟାପକ ପ୍ରବୋଧ କୁମାର, ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ନିହାର ରଞ୍ଜନ ସାହୁ, ଗଣିତ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ସଂସ୍କୃତ ଅଧ୍ୟାପକ ବିଶିକେଶନ କର୍ଣ୍ଣ ଅଭିଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ସେହିପରି ବିଭିନ୍ନ ବିଭାଗରେ ପରମ୍ପରା ଅନୁଯାୟୀ ଗୁରୁଦିବସ ପାଳିତ ହୋଇଯାଇଛି।

■ସରକାରୀ ଯୋଜନାରେ ଅର୍ଥ ଆତ୍ମସାତ୍ ଅଭିଯୋଗ

# ତଦନ୍ତ ଦାବିକଲେ ଗ୍ରାମବାସୀ

ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତକୁ ସରକାରୀ ଯୋଜନାରେ ଆସୁଥିବା ଅର୍ଥରାଶି ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବା ଦାବିରେ ଗ୍ରାମବାସୀ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍), ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ-ଜି), ବିଜୁ ପକ୍କା ଘର ଯୋଜନା (ବିପିଜିୱାଇ)ରେ ଲକ୍ଷାଧିକ ଟଙ୍କା ହେରଫେର୍ କରାଯାଇଛି। ପିଏମ୍‌ଏୱାଇ-ଜି ଏବଂ ବିପିଜିୱାଇରେ ପିଙ୍ଗୁଆ ପଞ୍ଚାୟତକୁ ପ୍ରାୟ ୧୫୦ ଘର ମଞ୍ଜୁର କରାଯାଇଥିଲା। ଏଥିରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ବିଭାଗୀୟ ଅଧିକାରୀମାନେ ଯୋଗ୍ୟ ହିତାଧିକାରୀଙ୍କ ଜବ୍‌କାର୍ଡରେ ମଷ୍ଟରରୋଲ ପ୍ରସ୍ତୁତ ନ କରି ନିଜ ସମ୍ପର୍କୀୟଙ୍କ ନାମରେ କରିଛନ୍ତି।

ସେହିପରି କାଜୁ ଚାରାରୋପଣ ଆଳରେ ବ୍ୟାପକ ଅନିୟମିତତା ହୋଇଛି। ୨୦୧୨ ଅଗଷ୍ଟ ୨୮ରୁ ୨୦୧୪ ମାର୍ଚ୍ଚ ୩୧ ଯାଏ ବାଲିକିଆରୀ ଗ୍ରାମରେ କାଜୁ ଚାରା ଲଗାଯାଇଥିବା ଅଧିକାରୀ କହୁଛନ୍ତି। ଏଥିରେ ୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ସେହିପରି ଖଣ୍ଡବନ୍ଧ ମୌଜାର ପଞ୍ଚାୟତ ହାଟ ନିକଟ ହରିଡ଼ାପାଳରେ ୨୦୧୬ ଜୁଲାଇ ୧ରୁ ଅଦ୍ୟାବଧି କାଜୁ ଚାରା ଲଗାଇବା ଆଳରେ ୧୨ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପ୍ରକାଶ ଚନ୍ଦ୍ର ପଣ୍ଡା, ଡଲି ତିରିଆ, ବାସନ୍ତୀ ପ୍ରଧାନ, ଟିଙ୍କିଲି ପ୍ରଧାନ, ସବିତା ପ୍ରଧାନ ପ୍ରମୁଖ ଜିଲାପାଳ ନିକଟରେ ଦାବି କରିଛନ୍ତି। ଜିଲାପାଳ ଏହାର ତଦନ୍ତ କରିବା ପାଇଁ ପିଡି ଡିଆରଡିଏଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ଅଭିଯୋଗକାରୀ ଗ୍ରାମବାସୀ ସୂଚନା ଦେଇଛନ୍ତି।

# ବିଜ୍ଞାନମେଳା: ୩୧ ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନ ମେଳାରେ ଅତିଥି, ଛାତ୍ରୀଛାତ୍ର, ଗୁରୁମାଗୁରୁଜୀଙ୍କ ସମେତ ଅନ୍ୟମାନେ।

ହିନ୍ଦୋଳ, ୫।୯(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ପ୍ରଥମ ଥର ପାଇଁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୩୧ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସିଆରସିସି ସରୋଜ କୁମାର ବିଶ୍ୱାଳ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଆଚାର୍ଯ୍ୟ ପ୍ରସନ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଜୈବିକ ଆବର୍ଜନାର ସୁବିନିଯୋଗ, ରାସାୟନିକ ପଦାର୍ଥ ଏବଂ ଏହାର ପ୍ରତିକ୍ରିୟା ଆଦି ବିଷୟରେ ପିଲାମାନେ ଆକର୍ଷଣୀୟ ମଡେଲ ଉପସ୍ଥାପନ କରିଥିଲେ। ସମ୍ପାଦକ କରୁଣାକର ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ।

## ପୂଜା ମଣ୍ଡପରେ ଗଣନାଥ




ଗୋଲଡେନ୍ କ୍ଲବ, ଭୁବନା



ଦି ଡାଜ୍‌ଲିଂ କ୍ଲବ, ଭୁବନା



ଡାଇନାମିକ୍ କ୍ଲବ, ଭୁବନା



କିଙ୍ଗ୍ ଷ୍ଟାର କ୍ଲବ, ଭୁବନା




ରିବେଲିଅନ କ୍ଲବ, ଭୁବନା



ନାଇସ୍ କ୍ଲବ, ଭୁବନା



ମନ୍‌ଷ୍ଟର କ୍ଲବ, ଭୁବନା



ୟୁନାଇଟେଡ୍ କ୍ଲବ, ପରଜଙ୍ଗ



ଦି ଇଗଲ ପୂଜା କମିଟି, ପରଜଙ୍ଗ

ଧରିତ୍ରୀ DHARITRI
ଢେଙ୍କାନାଳ, ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଗଣେଶ ପୂଜାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

**ପାଲଲହଡା, ୫।୯(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଆଲୁରୀ ପଞ୍ଚାୟତ ଅର୍ଜୁନଝରୀ ଗ୍ରାମରେ ଗୁରୁବାର ଗଣେଶ ପୂଜାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଟୁଟୁ କିଷାନ ଏକ ଲୁହା ରଡରେ ଆକ୍ରମଣ କରିବାରୁ ସେହି ଗ୍ରାମର ବିଭୂତି କିଷାନଙ୍କ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୯୦/୧୯ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅପରାହ୍ନ ୨ଟାରେ ଗଣେଶ ପୂଜା ଆୟୋଜନକୁ ନେଇ ଟୁଟୁଙ୍କ ସହିତ ବିଭୂତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟୁଟୁ ଏକ ଲୁହା ରଡ୍ ବିଭୂତିଙ୍କ ପେଟରେ ଭୁସି ଦେଇଥିଲେ। ଘଟଣାସ୍ଥଳରେ ବିଭୂତିଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଖମାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ଅଛନ୍ତି। ବିଭୂତି ସୁରଟର ଏକ କମ୍ପାନୀରେ କାମ କରୁଥିବାବେଳେ ଗଣେଶ ପୂଜା ପାଇଁ ଗାଁକୁ ଆସିଥିଲେ ବୋଲି ପୋଲିସ କହିଛି।

### ୮ ହଜାର ଜରିମାନା ଆଦାୟ

**ମାଧପୁର, ୫।୯:** ଆଠମଲ୍ଲିକ ଥାନା କନ୍ଧପଡା ମନ୍ଦିର ନିକଟରେ ଗୁରୁବାର ଆଠମଲ୍ଲିକ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିକୁ ଅଟକାଇ ହେଲମେଟ, ଡ୍ରାଇଭିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୮ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଆଠମଲ୍ଲିକ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

### ୨ ଶିକାରୀ ଗିରଫ, ବନ୍ଧୁକ ଜବତ



**ବନ୍ତଳା, ୫।୯(ଡି.ଏନ.ଏ.):** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡା ରେଞ୍ଜ ହାତୀଧରା ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ନଂ. ୨୪ ଭାଲିଆଖାଲ ନିକଟରୁ ଗୁରୁବାର ସକାଳେ ବନବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଆଠମଲ୍ଲିକ ଥାନା ନଳେଶ୍ୱର ଗ୍ରାମର ରଞ୍ଜନ ନାୟକ (୨୮) ଓ ସତ୍ୟ ଦେହୁରୀ(୩୪)। ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ୫୦ ଗ୍ରାମ ବାରୁଦ, ଟାଙ୍ଗିଆ, ଛୁରି ଆଦି ଜବତ କରାଯାଇଛି। ବନବିଭାଗ ସୂତ୍ରରୁ ପ୍ରକାଶ, ରେଞ୍ଜର ଜୟନ୍ତ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ବେହେରା, ଗାର୍ଡ ଗିରିଶ ରାଉଳ, ରମେଶ ସାହୁ, ସୁରେନ୍ଦ୍ର ଯାନୀ ଓ ଆଣ୍ଟିପୋଚିଂ ସ୍କ୍ୱାଡ୍ ବିନିକେଇ ନିକଟରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଗୁଳି ଶବ୍ଦ ଶୁଣି ଶିକାରୀ ରଞ୍ଜନ ଓ ସତ୍ୟଙ୍କୁ ବନବିଭାଗ କର୍ମଚାରୀମାନେ ଚଢ଼ାଉ କରି ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗ ନଂ. ୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଶିବରାମପୁରରେ ବ୍ୟାପୁଛି ଜଣ୍ଡିସ

**କଣିହାଁ,୫।୯(ଡି.ଏନ.ଏ.):** କଣିହାଁ ବ୍ଲକ ତାଳଚେର ଉପଖଣ୍ଡ ନିକଟସ୍ଥ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୩ କିମି ଦୂରରେ ଥିବା ଶିବରାମପୁର ଗ୍ରାମରେ ଜଣ୍ଡିସ ବ୍ୟାପିବାରେ ଲାଗିଛି। ଗତ ବୁଧବାର କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ଟିମ ଉକ୍ତ ଗ୍ରାମକୁ ଯାଇ ଚିକିତ୍ସା ଆରମ୍ଭ କରିଛନ୍ତି। ଏ ନେଇ ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଅଭୟ ସାମଲ କହିଛନ୍ତି, ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ। ଜିଲା ଚିକିତ୍ସା ଅଧିକାରୀ ଡ. ପ୍ରତାପ ବେହେରା କହିଛନ୍ତି, କିଏ କଣ କରୁଛି ତାହାର ତର୍ଜମା ସହିତ ଚିକିତ୍ସାକୁ ଗୁରୁତ୍ୱ ଦିଆଯିବ।

■ ଫାଇଲ ତଳେ କନ୍ହେଇଜେନା ଇକୋ ଟୁରିଜିମ ପ୍ରକଳ୍ପ ଭାଗ୍ୟ

# ନାହିଁ ଆନ୍ତରିକତା, ଆଗଉନି କାମ

■ଅଟକଳ କରି ବିଭାଗ ଚୁପ୍
■ଚିହ୍ନଟ ସରିଛି ୨ ଏକର ଜମି
■କାଗଜ ପତ୍ରରେ ବିତିଲାଣି ୪ ବର୍ଷ


**ତାଳଚେର, ୫।୯ (ନି.ପ୍ର.)**



ଫାଇଲ ତଳେ ତାଳଚେର ସମଲ ବ୍ୟାରେଜଠାରେ ପ୍ରସ୍ତାବିତ କନ୍ହେଇଜେନା ଇକୋ ଟୁରିଜିମ ପ୍ରକଳ୍ପର ଭାଗ୍ୟ। କାଗଜକଲମରେ ସରିଛି ବ୍ୟୟ ଅଟକଳ, ଆବଶ୍ୟକ ଜମି ଚିହ୍ନଟ। ହେଲେ ବାସ୍ତବରେ ଏହାର କାର୍ଯ୍ୟକାରିତାକୁ ନେଇ ପରିବେଶବିତ୍‌ଙ୍କ ସମେତ ଅଞ୍ଚଳବାସୀ ଅନିଶ୍ଚିତତାରେ ରହିଛନ୍ତି। ଫାଇଲରେ ସବୁ କାମ ସରିଥିଲେ ହେଁ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଓ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପର ଭବିଷ୍ୟତ ସନ୍ଦିହାନ ହୋଇପଡିଥିବା ଅଭିଯୋଗ ହୋଇଛି।

ସମଲ ବ୍ୟାରେଜ ନିକଟରେ ଏକ ଇକୋ ଟୁରିଜମ ସେଣ୍ଟର କରାଯିବାକୁ ନେଇ ତାଳଚେର ଓ ପାଲଲହଡ଼ାବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିନିମନ୍ତେ ଆବଶ୍ୟକ ୨ ଏକର ଜମି କଣିହାଁ ତହସିଲ ପକ୍ଷରୁ ଚିହ୍ନଟ କରାଯାଇ ଉପଜିଲାପାଳଙ୍କୁ ପ୍ଲାନ ଓ ଲ୍ୟାଣ୍ଡ ସିଡ୍ୟୁଲ ୨୦୧୫ରେ ପ୍ରଦାନ କରାଯାଇଛି। ସେହିବର୍ଷ ପୂର୍ତ୍ତବିଭାଗ ପକ୍ଷରୁ ୮କୋଟି ୭୨ ଲକ୍ଷ ୨୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ବି ସରିଛି। ଏହା ସତ୍ତ୍ୱେ ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ଝୁଲି ରହିଛି। ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ବହୁବାର ସ୍ଥାନ ପରିଦର୍ଶନ କରିବା ସହ ଅନେକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ହେଲେ ଏହା ସବୁ କେବଳ ଲୋକ ଦେଖାଣିଆ ସାବ୍ୟସ୍ତ ହୋଇଛି। ବୋଟିଂ, ଚିଲଡ୍ରେନପାର୍କ, ଗେଷ୍ଟହାଉସ ଏହି ପ୍ରକଳ୍ପ ନିମନ୍ତେ ଆବଶ୍ୟକ ରାସ୍ତା, ପାଚେରି, ପାନୀୟଜଳ ବ୍ୟବସ୍ଥା ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ପ୍ରାରମ୍ଭିକ ଅଟକଳ ପରେ କୌଣସି କାମର ଅଗ୍ରଗତି ହେଉନାହିଁ।

କନ୍ହେଇ ଜେନାର ଫଳଫୁଲ ଭରା ସୁନ୍ଦର ଜଙ୍ଗଲ, ନିକଟରେ ବହି ଯାଉଥିବା ବ୍ରାହ୍ମଣୀ ନଦୀ ସହ ସମଲ ବ୍ୟାରେଜର ବିସ୍ତୃତ ଜଳଭଣ୍ଡାର ଦର୍ଶକଙ୍କୁ ମନଲୋଭା ପରିବେଶର ଅନୁଭୂତି ଦେବାରେ ବେଶ ସକ୍ଷମ। ଜଳଭଣ୍ଡାରକୁ ଇଣ୍ଡିଆନ କରୋମେଣ୍ଟ, ଲିଟିଲ କରୋମେଣ୍ଟ, ପରପଲ ହେରନ, ଗ୍ରୀଟ ଇଗ୍ରେଟ, ଲିଟିଲ ହିରନ, ଲିଟିଲ ଇଗ୍ରେଟ, ପିନଟେଲ ଡକ, କମନଟିଲ, ମାଲାଡ, ଗଡୱାଲ, ଗାର୍ଗାନିଗ, ରେଡ କ୍ରେଷ୍ଟେଡ ପୋଚାଡ, ହ୍ୱାଇଟ ବ୍ରେଷ୍ଟ ୱାଟରମ୍ୟାନ, କୋଟ ସମେତ ୨୦/୩୦ହଜାର ଅତିଥି ପକ୍ଷୀ ପ୍ରତିବର୍ଷ ଡିସେମ୍ବରରେ ଏଠାରେ



Abstract of rough cost estimate for Devlopment Of Eco Tourism Centre at Balangi, Talcher

| Sl. No | Items | Qnty | | Rate | | Amount (in Rs.) |
|---|---|---|---|---|---|---|
| 1 | Administration, reception, conference hall and com. Toilet block | 2400 | Sft | Rs | 1800 | 4320000 |
| 2 | Cafeteria com. Toilet | 1500 | Sft | Rs | 1800 | 2700000 |
| 3 | Craft Shop | 1500 | Sft | Rs | 1800 | 2700000 |
| 4 | Guest House | 4200 | Sft | Rs | 2000 | 8400000 |
| 5 | Parking | 2400 | Sft | Rs | 500 | 1200000 |
| 6 | Staff Quarter | 2400 | Sft | Rs | 1600 | 3840000 |
| 7 | Entrance Gate way and Security room cum Ticket counter | 1500 | Sft | Rs | 1300 | 1950000 |
| | Children's Park | 3000 | Sft | Rs | 1000 | 3000000 |
| | Boundary wall | 26400 | Ft | Rs | 1800 | 47520000 |
| 10 | Internal Road | 10320 | Sft | Rs | 300 | 3096000 |
| 11 | Land Scaping | 15000 | Sft | Rs | 200 | 3000000 |
| 12 | Illumination | Lumsum | | | | 3000000 |
| 13 | Water Supply | Lumsum | | | | 2000000 |
| 14 | Boating Platform | 500 | Sft | Rs | 1000 | 500000 |
| | | | | | | 87226000 |

ବ୍ୟୟ ଅଟକଳ ତାଲିକା

ଆସି ପହଞ୍ଚିଥାନ୍ତି, ଯାହା ପରିବେଶକୁ ଅଧିକ ମନୋରମ କରିଥାଏ। ରେଙ୍ଗାଳି ନଦୀବନ୍ଧ, ଏନ୍‌ଟିପିସି ବିଦ୍ୟୁତ ପ୍ରକଳ୍ପ, ଅନନ୍ତ ଶୟନରେ ବିଷ୍ଣୁମୂର୍ତ୍ତି ଚକ୍ରଶୀଳା ଶିବମନ୍ଦିର ଆଦି ଏଠାରେ ପର୍ଯ୍ୟଟକମାନେ ଦେଖିବାକୁ ପାଇବେ। ଏଥିସହ ପର୍ଯ୍ୟଟକଙ୍କ ପାଇଁ ସବୁ ପ୍ରକାର ସୁବିଧା ଥିବା ସତ୍ତ୍ୱେ ପ୍ରକଳ୍ପ ନିର୍ମାଣ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ବୁଦ୍ଧିଜୀବୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆଇନଜୀବୀ ତଥା ପରିବେଶ ବିତ ବାଉରୀବନ୍ଧୁ ବେଜ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗତ ୨୬ ତାରିଖରେ ଅଭିଯୋଗ ପତ୍ର ମାଧ୍ୟମରେ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କୁହନ୍ତି, ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସ୍ଥାନୀୟ ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ଆବାସ ଯୋଜନାରେ ଦୁର୍ନୀତି ଘଟଣା

# ୩ ଦିନରେ ରିପୋର୍ଟ ଦେବ ନୂତନ କମିଟି

**ଅନୁଗୋଳ ଅଫିସ, ୫।୯**

ଅନୁଗୋଳ ବ୍ଲକ ବେଢ଼ାଶାସନ ପଞ୍ଚାୟତର ଦୁଇଟି ଗାଁରେ ଇନ୍ଦିରା ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବୁଧବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅନୁଗୋଳ ବିଡିଓ ମାୟାଧର ବେହେରା ଗୁରୁବାର ଏକ ୪ ଜଣିଆ ଟିମ୍ ଗଠନ କରି ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ବିଡିଓ ଏକ ଚିଠି ପ୍ରଦାନ କରି କମିଟିକୁ ସମୟ ଦେଇଛନ୍ତି। ଏହାପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।

ଅନୁଗୋଳ ବ୍ଲକ କାର୍ଯ୍ୟାଳୟରୁ ହୋଇଥିବା ଚିଠି(୨୯୫୫/୫.୯.୧୯)ରେ ଉଲ୍ଲେଖ ରହିଛି ଯେ, ବେଢ଼ାଶାସନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୦୧୯-୨୦ରେ ଟଙ୍କା ହେରଫେର, ହିତାଧିକାରୀ ଚୟନରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ଏକ ୪ ଜଣିଆ ଟିମ୍ ଅନୁଗୋଳ ବ୍ଲକର ଜେଇ ଆଲୋକ ମିଶ୍ରଙ୍କ ଅଧୀନରେ ଗଠନ କରାଯାଇଛି। ଟିମ୍‌ରେ ମିଶ୍ରଙ୍କ ସହ ଜିପିଇଓ ମନୋଜ କୁମାର ଲାଲ୍, ପିଇଓ ଜ୍ଞାନରଞ୍ଜନ ଭୁକ୍ତା ଓ ପିଇଓ ସୋମନାଥ ଦାସ ରହିଛନ୍ତି। ପଞ୍ଚାୟତର ଗୋଟିଏ ଗାଁର ଜଣେ ମହିଳା ହିତାଧିକାରୀଙ୍କୁ ୨୦୧୪ରେ ଆବାସ ଯୋଜନାରେ ସାମିଲ କରାଯାଇଥିବାବେଳେ ତାଙ୍କ ସ୍ୱାମୀଙ୍କୁ ୨୦୧୯ରେ ଏଥିରେ ସାମିଲ କରାଯାଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଅନ୍ୟ ଏକ ଗାଁର ଜଣେ ହିତାଧିକାରୀ ପୂର୍ବରୁ ଆବାସ ଯୋଜନାରେ ଉପକୃତ ହୋଇଥିଲେ ମଧ୍ୟ ତାଙ୍କୁ ପୁନର୍ବାର ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ ଆସିଥିଲା। ଏହି ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ତଦନ୍ତ କରିବେ। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିବା ବିଡିଓ ବେହେରା କହିଛନ୍ତି। ଶୁକ୍ରବାର ଏହି ଟିମ୍ ଉକ୍ତ ପଞ୍ଚାୟତକୁ ଯାଇ ତଦନ୍ତ କରିବେ ବୋଲି ବିଡିଓ ସୂଚନା ଦେଇଛନ୍ତି।

# ଆଦର୍ଶ ଇଞ୍ଜିନିୟରିଂ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

**ଅନୁଗୋଳ ଅଫିସ,୫।୯**

ଅନୁଗୋଳ ଆଦର୍ଶ ଇଞ୍ଜିନିୟରିଂ କଲେଜରେ ନବାଗତ ଏମ.ଟେକ୍, ବି.ଟେକ୍ ଓ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଆଦର୍ଶ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମହେଶ ଚନ୍ଦ୍ର ଧଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡକ୍ଟର ଅକ୍ଷୟ କୁମାର ସିଂହ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ। ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଧଳ ଦେଶ ବିକାଶରେ ବୈଷୟିକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚନ୍ଦ୍ର ଧଳ ଗୁଣାତ୍ମକ ବୈଷୟିକ ଶିକ୍ଷା କ୍ଷେତ୍ରରେ ଆଦର୍ଶ ଅନୁଷ୍ଠାନ ସମୂହର ଅବଦାନ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ନିର୍ଦ୍ଦେଶକ ଡ. ଧରଣୀଧର ନାଥ ବିଭିନ୍ନ ତାଲିମ ଓ ନିଯୁକ୍ତି କ୍ଷେତ୍ରରେ ଆଦର୍ଶ ଇଞ୍ଜିନିୟରିଂ କଲେଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଅବିନାଶ ଷଡ଼ଙ୍ଗୀ, ଆଦର୍ଶ ପଲିଟେକ୍ନିକର ଅଧ୍ୟକ୍ଷ ପ୍ରଫେସର ରଣଜିତ୍ ଅମାନ୍ତ, ଆଦର୍ଶ ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ପ୍ରଫେସର ଭାଗ୍ୟରଥି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ପ୍ରଶାସନିକ ଅଧିକାରୀ ସତୀଶ ରଞ୍ଜନ ମିଶ୍ର ତଥା ବିଭିନ୍ନ ବିଭାଗର ମୁଖ୍ୟ ପ୍ରଫେସର ଜ୍ୟୋତିପ୍ରକାଶ ଦାସ, ରୁଦ୍ରନାରାୟଣ ବେହେରା, ମିତ୍ରଭାନୁ ସିଂହ, ରୁଚିର ମୋହନ ସାମନ୍ତ ବିଭିନ୍ନ ବିଭାଗରେ ଥିବା ସୁବିଧା ସୁଯୋଗ ଉପରେ ଅବଗତ କରିଥିଲେ। ଅନୁଷ୍ଠାନର ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁଶିଲ ପ୍ରସାଦ ସାହୁ, ଅନିନ୍ଦିତା ଆଚାର୍ଯ୍ୟ, ପୂଜାଲି ସିଂହ ସହଯୋଗ କରିଥିଲେ। ପ୍ରଫେସର ଅବିନାଶ ମିଶ୍ର ଧନ୍ୟବାଦ ଦେଇଥିଲେ।



## ୪ ଦିନ ହେଲା କୋଇଲା ଉତ୍ପାଦନ ବନ୍ଦ

**କଣିହାଁ,୫।୯(ଡି.ଏନ.ଏ.)**

ଏମ୍‌ସିଏଲ କଣିହାଁ କୋଇଲା ଖଣିରେ ଓବି ସମସ୍ୟା ଓ କୋଇଲା ପିଚ ନ ମିଳିବାରୁ ୪ ଦିନ ହେଲା ଖଣି କାର୍ଯ୍ୟ ଅଚଳ ହୋଇଛି। କଣିହାଁ ଓସିପି କ୍ଷତିଗ୍ରସ୍ତ ନିଯୁକ୍ତି ସମସ୍ୟାକୁ ନେଇ ଅଧିଗ୍ରହଣ ଜାଗା ଛାଡୁ ନ ଥିବାରୁ କୋଇଲା ପିଚ ପାଇଁ ଆବଶ୍ୟକ ମାଟି ଖନନ କାର୍ଯ୍ୟ ଏକ ମାସ ହେଲା ବନ୍ଦ ରହିଛି। ଜରଡା ପଞ୍ଚାୟତ ଜମାନିଆ ଅଦ୍ୱୈତ ପ୍ରସାଦ ଗ୍ରାମ ଏରିଆରେ ଓବି ମାଟି ଗଦା ପାଇଁ ୧ ମାସ ପୂର୍ବରୁ ବିରୋଧ ହୋଇଛି। ଏଥିସହିତ ଅନ୍ୟାନ ଗ୍ରାମବାସୀ ମଧ୍ୟ ମାଟି ଖନନ ପାଇଁ ରାଜି ସତ୍ତ୍ୱେ କେଉଁଠି ମାଟି ଜମା ହେବା ନେଇ ଜାଗା ଛାଡୁନାହାନ୍ତି। ମଙ୍ଗଳବାରଠାରୁ କୋଇଲା ଖନନ ଓ ଉତ୍ପାଦନ ଦାୟିତ୍ୱରେ ଥିବା ଠିକାସଂସ୍ଥା ଭିଏଫପିଏଲ, ଏଏସଆଇପିଏଲ ତରଫରୁ କ୍ଷତିକୁ ନେଇ କାର୍ଯ୍ୟ ନାହିଁ ତ ପାଉଣା ନାହିଁ ନୋଟିସ ଜାରି କରାଯାଇଛି। କଣିହାଁ ଥାନା ଅଧିକାରୀ ପ୍ରଭାତ ରଞ୍ଜନ ତ୍ରିପାଠୀ କହିଛନ୍ତି, ବୁଧବାର ରାତିରେ ଖଣି କାର୍ଯ୍ୟ ସ୍ୱାଭାବିକ ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟ ଚାଲିବାରେ ଅଦ୍ୱୈତପ୍ରସାଦ ଗ୍ରାମର କିଛିଯୁବକ ଖଣିରେ ନିୟୋଜିତ କର୍ମଚାରୀଙ୍କୁ ମାଡ଼ପିଟ୍ କରିଥିଲେ। ଖଣି କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ନେଇ ୧୭୦/୧୯ରେ ୨୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗୁରୁଦିବସ



**ଅନୁଗୋଳ ଅଫିସ, ୫।୯**

ଅନୁଗୋଳ ୫୫ ନଂ. ଜାତୀୟ ରାଜପଥ କୁଲାଡ଼ (ନାଲ୍‌କୋ) ଓ ମିଶ୍ରପଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦ୍ୱୟରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ଜୀବନୀ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗୁରୁମନ୍ତ୍ର ଉଚ୍ଚାରଣ କରି ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପୃଥକ ଭାବରେ ଆୟୋଜିତ ଏହି ଗୁରୁଦିବସ ଉତ୍ସବରେ ଉପରୋକ୍ତ ବିଦ୍ୟାଳୟ ଦ୍ୱୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗୁରୁଦିବସ ପାଳିଲା ଆଦର୍ଶ ଇଣ୍ଟରନ୍ୟାଶନାଲ

**ଅନୁଗୋଳ ଅଫିସ, ୫।୯**

ଅନୁଗୋଳ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରାକ୍ତନ ପ୍ରିନ୍ସିପାଲ ସେବକ ଚରଣ ଦାଶ ମୁଖ୍ୟବକ୍ତାଭାବେ ଯୋଗଦାନ କରି ଗୁରୁଶିଷ୍ୟର ପରମ୍ପରା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼, ଉପାଧ୍ୟକ୍ଷ ବିଜୟ କୁମାର ଦାସ ଓ ବରିଷ୍ଠ ଶିକ୍ଷକ ଅଜୟ କୁମାର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀଛାତ୍ର ଅନୁଜ କୁମାର, ଶ୍ୱେତକୃଷ୍ଣା, ଅଞ୍ଜିଲା ସିଂସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ସେବକ ଚରଣ ଦାସ, ଉପାଧ୍ୟକ୍ଷ ବିଜୟ କୁମାର ଦାସ, ସଙ୍ଗୀତ ଶିକ୍ଷକ ଦୁର୍ଯ୍ୟୋଧନ ବିଶ୍ୱାଳ ଓ ବିପିନ ବିହାରୀ ଦାସଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଗୁରୁଶିଷ୍ୟର ପରମ୍ପରା ଉପରେ ସଙ୍ଗୀତ ନାଟକ ପ୍ରଦର୍ଶନ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ରେଣୁବାଳା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅଫତାର ଖାଁ ଧନ୍ୟବାଦ ଦେଇଥିଲେ।



## ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**ଛେଣ୍ଡିପଦା,୫।୯(ସ୍ୱ.ପ୍ର)**

ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ମାମୁରିଆ ଗ୍ରାମର ମନୋଜ କୁମାର ସାହୁଙ୍କୁ ଗିରଫ କରିଛି।

ପୋଲିସ କହିଛି, ମନୋଜ ସମ୍ପୃକ୍ତା ଯୁବତୀଙ୍କୁ ଦୀର୍ଘଦିନ ହେବ ହଇରାଣ କରିବା ସହ ତାଙ୍କୁ ଅସଦାଚରଣ କରିଆସୁଥିଲେ। ଏ ନେଇ ଯୁବତୀ ଜଣକ ବୁଧବାର ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୭/୧୯ରେ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ମନୋଜଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

■ ୧୧ ଦିନ ପରେ ନାଲ୍‌କୋ ବିଶ୍ୱକର୍ମା ପୂଜା

# ଝଲସିବ ଆଲୁମିନିୟମ ନଗରୀ

**ବଅାଁରପାଳ, ୫।୯ (ଡି.ଏନ୍.ଏ)**

ନାଲ୍‌କୋ ପ୍ରସିଦ୍ଧ ଗଣପର୍ବ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆସନ୍ତା ୧୭ ତାରିଖ ଠାରୁ ଅନୁଷ୍ଠିତ ହେବ। ଏହି ପୂଜା ପାଇଁ ସମଗ୍ର ନାଲକୋ ନଗର ଏବେ ଠାରୁ ଚଳଚଞ୍ଚଳ ହୋଇପଡ଼ିଛି। ଚଳିତ ବର୍ଷ ୨୩ଟି ମଣ୍ଡପରେ ବିଶ୍ୱନିର୍ମାତା ପୂଜା ପାଇବେ। ପୂଜା ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ବ୍ୟଙ୍ଗ କାରିଗରଙ୍କ ଦ୍ୱାରା ମୂର୍ତ୍ତି, ସାଜସଜ୍ଜା ଓ ତୋରଣ ନିର୍ମାଣ ସହ ବିଭିନ୍ନ ପୂଜା କମିଟି ପକ୍ଷରୁ ବାଉଁଶ ତୋରଣ ପ୍ରସ୍ତୁତି କାମ ମଧ୍ୟ ଆରମ୍ଭ ହେଲାଣି।



ପ୍ରତିଯୋଗିତାମୂଳକ ଭାବେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସାଜସଜ୍ଜା ହୋଇଥାଏ। ପୂଜା ଆସିଲେ ସମଗ୍ର ନାଲକୋ ନଗରୀ ଝଲସି ଉଠିଥାଏ। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ପୂଜା ମଣ୍ଡପ ଓ ରଙ୍ଗୀନ ଆଲୋକମାଳାରେ ସମଗ୍ର ଅଞ୍ଚଳ ଝଲମଲ ହୋଇପଡ଼ିଥାଏ। ପୂଜା ଅଞ୍ଚଳରେ ମୀନା ବଜାର, ଦୋଳି, ପଲ୍ଲିଶ୍ରୀମେଳା, ଗୁପ୍‌ଚୁପ, ଦହିବରା ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥାଏ। ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥାଏ। ପ୍ରତି ସନ୍ଧ୍ୟାରେ ଲୋକାରଣ୍ୟ ହୋଇପଡ଼ିଥାଏ ନାଲକୋ ନଗର। ନାଲକୋ ପ୍ରଶାସନ ପକ୍ଷରୁ ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଉଛି। ସେହିପରି ଟ୍ରାଫିକ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ଚଳିତବର୍ଷ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଜଣାଯାଇଛି। ଆସନ୍ତା ୨୩ ତାରିଖରେ ପ୍ରଭୁ ବିଶ୍ୱକର୍ମାଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି।

### ପୁଣି ଆରମ୍ଭ ହେଲା ଉଚ୍ଛେଦ

# ବଣିଆପଟିରେ ଭଙ୍ଗାଗଲା ୫ ଦୋକାନ

- କ୍ଷତିଗ୍ରସ୍ତଙ୍କୁ ଥଇଥାନ ପାଇଁ ଜାଗା ଦେଖିଲା ପ୍ରଶାସନ
- ଆଜି ପହଞ୍ଚିବେ ଆମିକସ୍‌କ୍ୟୁରି, ପରଖିବେ ସ୍ଥିତି

ପୁରୀ ଅଫିସ, ୫।୯

ପ୍ରଶାସନ ପକ୍ଷରୁ ପୁଣି ଆରମ୍ଭ ହୋଇଛି ଉଚ୍ଛେଦ ଅଭିଯାନ। ଦୁଇଦିନ ଛୁଟି ଓ ଦୁଇଦିନ ଛକାପଞ୍ଝା ଭିତରେ ଏହି ଅଭିଯାନ ବନ୍ଦ ରହିଥିଲା। ଗୁରୁବାର ଏମାର ମଠ ପରିସରସ୍ଥ ବଣିଆପଟିରେ ଥିବା ୫ଟି ଦୋକାନ ଭଙ୍ଗାଯାଇଛି। ଏହାକୁ ନେଇ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଦିନତମାମ୍ କ୍ଷତିଗ୍ରସ୍ତଙ୍କୁ ଏକାଧିକ ରାଜନେତା ଭେଟିବା ସହ ସେମାନଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ପୁରୀ ଆସୁଛନ୍ତି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲ। ସେମାନେ ଉଚ୍ଛେଦ ଅଭିଯାନର ବାସ୍ତବ ସ୍ଥିତି ପରଖିବା ସହ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବେ। ଏହି ତମାମ୍ ପ୍ରସଙ୍ଗକୁ ଦେଖିଲେ ଉଚ୍ଛେଦକୁ ନେଇ ଦିନକୁ ଦିନ ସ୍ଥିତି ଜଟିଳ ହେଉଥିବା ଜଣାପଡୁଛି।

ପୂର୍ବରୁ ଏମାର ମଠ ଉଚ୍ଛେଦ ଅଧାରେ ରହିଛି। ମଠର କୋଠିଘର, ରଘୁନନ୍ଦନ ଲାଇବ୍ରେରି ସମେତ ପ୍ରାୟ ୨୪ରୁ ଉର୍ଦ୍ଧ୍ୱ ଦୋକାନ ଭଙ୍ଗା ଯାଇଥିବାବେଳେ ମୁଖ୍ୟ କୋଠା ଉଚ୍ଛେଦ ହୋଇପାରି ନାହିଁ। ମଠ ମହନ୍ତ ରହୁଥିବା ଘର ଛାଡୁ ନ ଥିବାରୁ ପ୍ରଶାସନ ସେହିଠାରେ ଅଟକି ଯାଇଛି। ଏମାର ମଠ ପରିସର ବଣିଆପଟିରେ ଥିବା ୫ଟି ଦୋକାନକୁ ଗୁରୁବାର ସକାଳୁ ଉଚ୍ଛେଦ କରାଯାଇଛି। ପୂର୍ବରୁ ଏହି ଦୋକାନଗୁଡ଼ିକୁ ଖାଲି କରାଯାଇଥିଲା। ତେବେ ବଡ଼ ଆଖଡା ମଠକୁ ନେଇ କୌଣସି ନିଷ୍ପତ୍ତି ନେଇପାରି ନାହିଁ। ମଙ୍ଗଳବାର ବଡ଼ ଆଖଡା ମଠ ଭଙ୍ଗାଯିବ ବୋଲି ପ୍ରଶାସନ ଘୋଷଣା କରିଥିଲା। ତେବେ ମଠରେ ସାଧୁସନ୍ଥ ମେଳି ବାନ୍ଧି ପ୍ରଶାସନକୁ ବିରୋଧ କରିବାରୁ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିଲା। ବୁଧବାର ପୁରୀ ସୁରକ୍ଷା ମଞ୍ଚ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ବିପଦସଙ୍କୁଳ ବ୍ୟବସାୟିକ କୋଠା ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ଜିଲାପାଳ କହିଥିଲେ। ଗୁରୁବାର ପ୍ରଶାସନିକ ଅଧିକାରୀମାନେ ସହରର ବିଭିନ୍ନ ଜାଗା ବୁଲି ଦେଖିଛନ୍ତି।

# ବେଆଇନ ନିର୍ମାଣକୁ ମାଫ୍

- ଆକୃଷ୍ଟ କରୁନି ସର୍ବକ୍ଷମା ଯୋଜନା
- ବର୍ଷକରେ ୩୪ କୋଟି ଆଦାୟ
- ଜରିମାନା ରାଶି କମାଇଲେ ସରକାର
- ୨୦୨୦ ଫେବୃୟାରୀ ଯାଏ ଅବଧି ବୃଦ୍ଧି

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ବିନା ଅନୁମୋଦନରେ କିମ୍ବା ଅନୁମୋଦନ ସହ ନିୟମ ଉଲ୍ଲଂଘନ କରି ଘର ନିର୍ମାଣ କରିଥିବା ଲୋକମାନଙ୍କ ପାଇଁ ସର୍ବକ୍ଷମା ଯୋଜନା(ଆମେନିଷ୍ଟ ସ୍କିମ୍) ଜରିମାନା ରାଶିକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ଆବାସିକ ଘର ପାଇଁ ଅନୁମୋଦନକୁ ଉଲ୍ଲଂଘନ କରି ଗୃହ ନିର୍ମାଣ କରିଥିଲେ ପ୍ରତିବର୍ଷ ମିଟରକୁ ୨୫୦ ଟଙ୍କା ଏବଂ ଅଣ ଆବାସିକ ଗୃହ ପାଇଁ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଫ୍ଲୋର ଏରିଆ ରେସିଓ (ଏଫ୍‌ଆରଏ) ଉଲ୍ଲଂଘନ ହୋଇଥିଲେ ଆବାସିକ ଗୃହ ପାଇଁ ୫୦୦ ଏବଂ ଅଣଆବାସିକ ଗୃହ ପାଇଁ ୫୦୦ କିମ୍ବା ଜମିର ବେଞ୍ଚମାର୍କ ମୂଲ୍ୟର ୨୫ ପ୍ରତିଶତ ହିସାବରେ ଜରିମାନା ଦେବାକୁ ପଡିବ। ସେହିପରି ପାର୍କିଂ ପାଇଁ ମହାନଗର ନିଗମ ଅଞ୍ଚଳରେ ପ୍ରତିବର୍ଗ ମିଟରକୁ ୧୦ହଜାର, ମ୍ୟୁନିସିପାଲିଟି ଅଞ୍ଚଳ ପାଇଁ ୮ ହଜାର, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଞ୍ଚଳରେ ୬ ହଜାର ଏବଂ ଗ୍ରାମାଞ୍ଚଳରେ ୫ ହଜାର ଟଙ୍କା ଜରିମାନା ରାଶି ଧାର୍ଯ୍ୟ କରାଯାଇଛି। ତେବେ ବହୁତଳ ଅଟ୍ଟାଳିକା, ନର୍ସିଂହୋମ, ଶିକ୍ଷାନୁଷ୍ଠାନ କୋଠାଗୁଡ଼ିକ ପାଇଁ କେତେକ କଟକଣା ରହିଛି। ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିବାକୁ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ଡ୍ରେନେଜ ବିଭାଗରୁ ଆପତ୍ତି ବିହୀନ (ନୋ ଅବ୍‌ଜେକ୍ସନ) ସାର୍ଟିଫିକେଟ ଆଣିବାକୁ ହେବ। ରାଜ୍ୟରେ ଥିବା ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭେଲପମେଣ୍ଟ ଅଥରିଟି)ରେ ଏହାକୁ ଲାଗୁ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନ୍ସରେ ଥିବା ନିୟମାବଳୀ ଆଧାରରେ ନୂତନ ଭାବେ ପ୍ରଣୟନ କରାଯାଇଥିବା ବେଆଇନ ନିର୍ମାଣ ନିୟମିତ ଯୋଜନା-୨୦୧୮ରେ ନିୟମ ଉଲ୍ଲଂଘନକାରୀ ଏହି ସୁବିଧା ପାଇବେ।

ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭେଲପମେଣ୍ଟ ଅଥରିଟି) ଅଞ୍ଚଳରେ ଲକ୍ଷାଧିକ ବେଆଇନ ଗୃହ ଗଢି ଉଠୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ସେଗୁଡ଼ିକୁ ଭାଙ୍ଗିବା ମଧ୍ୟ ସହଜସାଧ୍ୟ ବ୍ୟାପାର ନୁହେଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୮ ଜୁନ ୨୦ ତାରିଖରେ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲେ। ଇତି ମଧ୍ୟରେ ଏହାର ସମୟ ସୀମା ୩ ଥର ବୃଦ୍ଧି କରାଯାଇ ସାରିଲାଣି। ବେଆଇନ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରି ସେଗୁଡ଼ିକ ଆଇନସିଦ୍ଧ କରିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ମାତ୍ର ଜରିମାନା ରାଶି ଅଧିକ ଥିବାରୁ ଏହି ଯୋଜନା ପ୍ରତି ଲୋକମାନଙ୍କର ଆଗ୍ରହ ପ୍ରକାଶ ପାଇଲା ନାହିଁ। ୨୦୧୮ ଜୁନ ମାସରୁ ୨୦୧୯ ଅଗଷ୍ଟ ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳରେ ମାତ୍ର ୨୫୧୨ଟି ଆବେଦନ ଆସିଛି। ପ୍ରାୟ ୩୪ କୋଟି ଟଙ୍କା ଆଦାୟ କରାଯାଇଛି। ଏହି ଯୋଜନାରେ ଆଶାନୁରୂପ ସଫଳତାର ମିଳୁ ନ ଥିବାରୁ ଜରିମାନା ରାଶି ହ୍ରାସ କରାଯାଇ ୨୦୧୯ ଅଗଷ୍ଟରୁ ୨୦୨୦ ଫେବୃୟାରୀ ଯାଏ ସର୍ବକ୍ଷମା ଯୋଜନାର ଅବଧି ବୃଦ୍ଧି କରାଯାଇଛି। ଏହି ସ୍କିମ୍ ଆରମ୍ଭ କରାଯିବା ବେଳେ ବେଆଇନ ଘର, ପାର୍କିଂକୁ ନିୟମିତ କରିବାକୁ ହେଲେ ଆବେଦନକାରୀଙ୍କୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ରେଗୁଲେଶନରେ ଥିବା କମ୍ପାଉଣ୍ଡିଂର ୪୦ ପ୍ରତିଶତ ଅଧିକ ଦେବାକୁ ଧାର୍ଯ୍ୟ କରାଯାଇଥିଲା। ମହାନଗର ନିଗମ ଅଞ୍ଚଳ ପାଇଁ ଘରର ଚାରିପାଖ ଅଧିକ ନିର୍ମାଣ କରିଥିଲେ ପ୍ରତିବର୍ଗ ମିଟରକୁ କମ୍ପାଉଣ୍ଡିଂ ମୂଲ୍ୟର ୧.୪ ଗୁଣ, ମ୍ୟୁନିସିପାଲିଟି ପାଇଁ ୧.୩, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ୧.୨ ଏବଂ ଗ୍ରାମାଞ୍ଚଳ ପାଇଁ ୧.୧ ଗୁଣ ଜରିମାନା ଦେବାକୁ ନିଷ୍ପତ୍ତି ହୋଇଥିଲା। ଫ୍ଲୋର ଏରିଆ ରେସିଓ(ଏଫଏଆର) ଅଧିକ ନିର୍ମାଣ କରିଥିଲେ ଜମିର ବେଞ୍ଚମାର୍କ ମୂଲ୍ୟ ଆଧାରରେ ଜରିମାନା ଦେବାକୁ କୁହାଯାଉଥିଲା। ଯଦି ପାର୍କିଂ ସ୍ଥଳ ବେଆଇନ ଭାବେ ନିର୍ମାଣ କରିଛନ୍ତି ତେବେ ମହାନଗର ନିଗମ ଅଞ୍ଚଳ ପାଇଁ ପ୍ରତିବର୍ଗ ମିଟରକୁ ଆବାସିକ ଗୃହ ପାଇଁ ୧୦ ହଜାର, ଅଣ ଆବାସିକ ଗୃହ ପାଇଁ ୧୭,୫୦୦ ଟଙ୍କା, ମ୍ୟୁନିସିପାଲିଟି ଅଞ୍ଚଳ ପାଇଁ ଯଥାକ୍ରମେ ୮ ହଜାର ଓ ୧୫ ହଜାର, ଏନ୍‌ଏସି ଅଞ୍ଚଳ ପାଇଁ ୬ ହଜାର ଓ ୧୩ ହଜାର ଏବଂ ଗ୍ରାମାଞ୍ଚଳ ପାଇଁ ଯଥାକ୍ରମେ ୫ ହଜାରରୁ ୧୦ ହଜର ଟଙ୍କା ଜରିମାନା ରାଶି ପଇଠ କରିବାକୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ସ୍କିମ୍ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ହେଉ ନ ଥିବାରୁ ଜରିମାନା ରାଶିକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ତେବେ ରାସ୍ତା, ସରକାରୀ ଜମି, ଡ୍ରେନ, ଐତିହ୍ୟ ଓ ନିଷିଦ୍ଧାଞ୍ଚଳରେ ଗୃହ ନିର୍ମାଣ କରିଥିଲେ ଏହି ଯୋଜନାରେ ସେଗୁଡ଼ିକୁ ନିୟମିତ କରାଯାଇ ପାରିବ ନାହିଁ।

ଏହା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳରେ ଆସୁଥିବା ସମସ୍ତ ମହାନଗର ନିଗମ, ମ୍ୟୁନିସିପାଲିଟି, ଏନ୍‌ଏସି ଓ ଗ୍ରାମାଞ୍ଚଳ ପାଇଁ ଲାଗୁ କରାଯାଇଛି। ୩୦୦ ବର୍ଗ ମିଟର ପର୍ଯ୍ୟନ୍ତ ଥିବା ପ୍ଲଟ ପାଇଁ କୌଣସି ପାର୍କିଂ ସ୍ଥାନ, ସେଟ୍‌ବ୍ୟାକର ଆବଶ୍ୟକ ନାହିଁ। ସମ୍ପୂର୍ଣ୍ଣ ପ୍ଲଟ ଉପରେ ଘର ନିର୍ମାଣ ହୋଇଥିଲେ ମଧ୍ୟ ଏହି ଯୋଜନାରେ ତାହାକୁ ନିୟମିତ କରାଯାଇ ପାରିବ। ଏଥିପାଇଁ ପଡୋଶୀଙ୍କ ଠାରୁ କୌଣସି ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ(ଏନଓସି) ଆଣିବା ଦରକାର ନାହିଁ। ମାତ୍ର ଅଟ୍ଟାଳିକା କିମ୍ବା ବୃହତର ନିର୍ମାଣ କ୍ଷେତ୍ରରେ ଯଦି ଘର ମାଲିକ ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିବାକୁ ଚାହୁଁଛନ୍ତି ତେବେ ପଡୋଶୀଙ୍କ ଠାରୁ ଏନଓସି ଆଣିବା ବାଧ୍ୟତାମୂଳକ କରାଯାଇଛି। ଯଦି ୩୦୦ ବର୍ଗ ମିଟର ଜମି ଉପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରାଯାଇଥିବ ସେଠାରେ ସେଟବ୍ୟାକ କିମ୍ବା ପାର୍କିଂ କମ୍ ଥିଲେ ମଧ୍ୟ ଜରିମାନା ପଇଠ କରି ଅନୁମୋଦନ ପାଇ ପାରିବେ। ବହୁତଳ ଅଟ୍ଟାଳିକା ସେଟବ୍ୟାକ ଓ ପାର୍କିଂ ଆଦିକୁ ୨୫ ପ୍ରତିଶତ କୋହଳ କରାଯାଇଛି।



ଅଶାନ୍ତ ସମୁଦ୍ର।

# ଅଶାନ୍ତ ସମୁଦ୍ର, ୪୮ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ

ଗୋପାଳପୁର, ୫।୯

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ଦୁଇଦିନ ହେଲା ଗଞ୍ଜାମ ଜିଲାରେ ବର୍ଷା ଲାଗି ରହିଛି। ବୁଧବାର ସକାଳ ୮.୩୦ରୁ ଗୁରୁବାର ୮.୩୦ ପର୍ଯ୍ୟନ୍ତ ଜିଲାରେ ୧୦୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ଗୁରୁବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ମଧ୍ୟରେ ଗୋପାଳପୁର ଅଞ୍ଚଳରେ ୨୯.୪ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ଗତ କିଛିଦିନ ହେଲା ଗୋପାଳପୁର ସମୁଦ୍ର ଅଶାନ୍ତ ହୋଇ ବଡ଼ ବଡ଼ ଜୁଆର ଆସି କ୍ଷୟକ୍ଷତି କରୁଛି । ପର୍ଯ୍ୟଟକମାନେ ବେଳାଭୂମିର ମଜା ଉଠାଇ ପାରୁ ନ ଥିବା ବେଳେ ପାହାଚ ନିକଟକୁ ପାଣି ମାଡ଼ି ଆସୁଛି। ପାଣିପାଗ ବିଭାଗ ପକ୍ଷରୁ ଗୁରୁବାର ରେଡ୍ ଆଲର୍ଟ ଜାରି କରାଯାଇଥିବା ବେଳେ ଶୁକ୍ରବାର ଏଲୋ ଆଲର୍ଟ ରହିବ। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଏଥିସହ ବର୍ଷା ଲାଗି ରହିବ ବୋଲି ଡପଲର ଇନ୍‌ଚାର୍ଜ ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି । ଅପରପକ୍ଷରେ ଗୋପାଳପୁର ଅଞ୍ଚଳରେ ଥିବା ମତ୍ସ୍ୟଜୀବୀମାନେ ମାଛ ନ ମାରିପାରି ଚିନ୍ତାରେ ଥିବା ଦେଖିବାକୁ ମିଳିଛି ।

## ସାପ କାମୁଡ଼ାରେ ଚାଲିଗଲା ଦୁଇ ଜୀବନ

ତୁଣ୍ଡଲା, ୫।୯(ଡି.ଏନ.ଏ.)-

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମରେ ସାପ କାମୁଡାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖଗେଶ୍ୱର ବାଗଙ୍କ ସାନ ଝିଅ ରେଖା (୬) ଓ ସ୍ତ୍ରୀ କ୍ଷୀର ମିଶି ମଙ୍ଗଳବାର ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ମା' ଝିଅ ଦୁହିଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବା ପାଇଁ ନିଆଯାଇଥିଲା। ସେଠାରେ ଝିଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ମା' କ୍ଷୀରଙ୍କୁ ଚିକିତ୍ସା କରାଯାଇଥିଲା। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ବୁଧବାର ରାତିରେ କ୍ଷୀରଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଥିଲେ।

## ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପାଇଲେ ପବିତ୍ର

କୋରାପୁଟ, ୫।୯(ସ୍ୱ.ପ୍ର.)

ଗୁରୁଦିବସ ଅବସରରେ କୋରାପୁଟ ଜିଲାର ପବିତ୍ର ମୋହନ ଦାସ ଗୁରୁବାର ରାଷ୍ଟ୍ରପତିଙ୍କ ଦ୍ୱାରା ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସେ ବୋରିଗୁମ୍ମା ବ୍ଲକ ଖଟଲାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି। ନୂଆଦିଲ୍ଲୀ ସ୍ଥିତ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ହାତରୁ ସେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଚଳିତ ବର୍ଷ ସେ ଏହି ଜାତୀୟସ୍ତରର ପୁରସ୍କାର ପାଇବାରେ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ, ସବୁଜ ପରିବେଶ ସୃଷ୍ଟି କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟକରି ସେ ପୂର୍ବରୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ, ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି।


**OFFICE OF THE**
**NOTIFIED AREA COUNCIL, KHALLIKOTE, GANJAM**

Letter No.: 1170 Date: 31.08.19

**"e" Procurement Notice**

**TENDER REFERENCE NO.: KIT-NAC-01/2019-20**

Bid documents consisting of work, Estimated Cost, Cost of Tender Paper, EMD and time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Construction works as mentioned in DTCN
2. No. of Works : 1 No.
3. Estimated Cost : Rs.42.59 Lakhs
4. Period of Completion : 60 Days
5. Date & time of Bidding : 04.09.2019, 10.00 A.M. to 17.09.2019, 17.00 P.M.
6. Last date & time for receipt of bids in the portal : 17.09.2019 upto 17.00 P.M.
7. Bids received online shall be opened on : 20.09.2019 at 11.00 A.M.
8. Name and address of the Officer Inviting Bid : Executive Officer, NAC, Khallikote

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer, NAC, Khallikote

NATIONAL HEALTH MISSION

**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha)
Phone/Fax: 0674- 2392480/79

**CANCELLATION NOTICE**

Advt. No. 40/19 Date:- 06 / 09 / 2019

Ref.: Advt. No. 33/19 dt. 03.08.19.

The advertisement for selection to the position of **Consultant- FPLMIS** made vide Advt. No. 33/19 dt. 03.08.19, published in "**The Dharitri**" (all Odisha editions), "**The Samaja**" (all Odisha editions) and "**The New Indian Express**" (Odisha edition only) is hereby cancelled as no candidate found shortlisted to appear the Walk-in-Interview for the said position.

Sd/- Mission Director
NHM, Odisha

10084/11/0022/1920

No. 298-E

**Odisha Tourism Development Corporation Ltd.**
**Panthanivas Old Block**
**Lewis Road, Bhubaneswar -14**

**CORRIGENDUM TO EXPRESSION OF INTEREST FOR AWARD OF CONTRACT FOR PROVIDING MANPOWER IN DIFFERENT JOBS IN OTDC LTD**

(Release order No.5150 dtd 17.08.2019)

No.5342/P/OTDC Date: 29.08.2019

With reference to be Pre-Bid meeting dtd. 26.08.2019, the following amendments are made in EOI published on 18.08.2019.

A. **Clause No.4**
(i) **Existing-** "The minimum service charges shall be quoted more than zero",
(ii) **Substituted-** "The minimum service charges shall be quoted Rs.1.00 or more per person per month & not exceeding two decimal points" *

B. The Bid schedule of selection of MSP is as below:-
1. Last date for submission of Bid : 27.09.2019 up to 4.pm
2. Opening of Technical Bid : 30.09.2019 at 11. am
3. Opening of Financial Bids : will be intimated later on

*N.B: In case of Bidders who have submitted Bid before issue of this corrigendum can submit the financial proposal afresh (without any EMD, application fee)

37002/11/0006/1920 Sd/- Divisional Manager (Finance)

No. CAD-357

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: 18738/ଭୁ.ଉ.କ., ଭୁବନେଶ୍ୱର ତା.09.08.19ରିଖ
CPH-II-67/91

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ଗୃହନିର୍ମାଣ ପ୍ରକଳ୍ପର ଗୃହ ନଂ. S-1/164କୁ ଜି.ପି. ରାଙ୍ଗାରାଓ, ପିତା- ସ୍ୱର୍ଗତ ଜି. ନାରାୟଣ ମୂର୍ତ୍ତୀ, ଗ୍ରାମ- ହନୁମାନ ବଜାର, ପୋଷ୍ଟ/ଥାନା- ବରହମ୍ପୁର-୨, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଜି.ପି. ରାଙ୍ଗାରାଓ ତା୦୪।୦୧।୨୦୧୪ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ ଆବଣ୍ଟନଗ୍ରାହୀଙ୍କ ଉତ୍ତରାଧିକାରୀ ଜି. ଶ୍ରୀଧର (ପୁତ୍ର) ଓ ଜି. ସ୍ୱପ୍ନା (ବିବାହିତା କନ୍ୟା) ଉକ୍ତ ଆବଣ୍ଟିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧

**ଜିଲ୍ଲାପରିଷଦ, ଗଞ୍ଜାମ, ଛତ୍ରପୁର**
**Zillaparisad, Ganjam, Chatrapur**

Phone : - (06811)263965
EPBX : - (06811)263920
FAX : - (06811)263552
Email :- ori-dganjam@nic.in

Advertisement No. 469 Date 05.09.19

Application are invited for Selection of Multipurpose Assistants namely Gram Rozgar Sevaks (GRSs) are to be engaged on contractual basis in each Gram Panchayat for execution of work which is co-terminus with MGNREGS Scheme. The filled in application form should reach to the Collector-cum-CEO, Zilla Parishad, Ganjam on or before 30.09.2019. The Panel of Merit List shall normally be validity form 1 (one) year from the date of publication of Final Merit List and engagement order shall be issued as & when vacancy arises. Presently 42 (forty-two) Nos of GRS post is lying vacant in this Ganjam District.

ELIGIBILY:-

| Name of the Post | Level of engagement | No of vacancy | Monthly consolidated remuneration | Educational Qualification |
|---|---|---|---|---|
| GRS | Ganjam District level | Schedule Tribe (ST) - 42 | Rs.7000/- per month as per order No.9793 Dt.23.05.2018 of Govt. in P.R&D.W.Deptt. | Minimum Qualification 10+2 pass for the purpose of equivalency of Higher Secondary (+2) examinations conducted by the institutions declared equivalent by the CHSE, Odisha with Computer proficiency of 'O' Level and use of Odia Language in Computer. |

Terms & Conditions:-

- All positions are contractual and the engagement is initially for a period of one year, which can be extended depending upon requirement and suitability.
- The Application Form need to be downloaded at www.ganjam.nic.in and filled in Application Form along with the passport size photograph, photocopies of relevant certificate and Schedule Tribe Certificate shall be submitted to the Office of the Collector-cum-CEO, Zilla Parishad, Ganjam, Chatrapur- 761020 have to be sent by Registered / Speed Post only within the time prescribed above.
- Application received in any other format or by any other means shall be rejected.
- Authority will not be responsible for any postal delay.
- Selection will be purely on merit. Computer proficiency is only qualifying in nature and shall not count for determining the order of merit.
- The Candidate should be a resident of the Ganjam District.
- Zilla Parishad, Ganjam reserves all rights to reject or accept any or all applications without assigning any reasons thereto.

FOR DETAILS PLEASE VISIT WEBSITE www.ganjam.nic.in

Sd./- Collector-cum-CEO
Zilla Parishad, Ganjam

**ପ୍ରକଳ୍ପ ନିର୍ଦ୍ଦେଶକ ପୁନଃବସତି ଓ ଥଇଥାନ**
**ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳଙ୍କ କାର୍ଯ୍ୟାଳୟ, ଜି : ନୂଆପଡା**

**ବାର୍ତ୍ତା**

**ନୂଆଖାଇ ଜୁହାର**

ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୧୦ ଗୋଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ ଜଳ ମଗ୍ନ ହେବା ହେତୁ ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇ ବିସ୍ଥାପନାର ସମ୍ମୁଖୀନ ହୋଇଛନ୍ତି ଏବଂ ୧୯ ଗୋଟି ଗ୍ରାମ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇ ସେମାନଙ୍କର ବହୁକାଳରୁ ସ୍ଥିତିବାନ ଥିବା ଭିଟାମାଟି, ପୈତୃକ ସମ୍ପତ୍ତି ହରାଇଛନ୍ତି ସେମାନଙ୍କର ଭିଟାମାଟି ଏବଂ ପୈତୃକ ସମ୍ପତ୍ତିକୁ ଦେଶ ଉଦ୍ଦେଶ୍ୟରେ ଅର୍ପଣ କରିଥିବା ହେତୁ ସେମାନଙ୍କୁ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳଙ୍କ କାର୍ଯ୍ୟାଳୟ ତରଫରୁ ପଶ୍ଚିମାଞ୍ଚଳର ଗଣପର୍ବ, ନୂଆଖାଇ- ୨୦୧୯ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରୁଅଛୁ। ଏହି ଶୁଭ ଅବସରରେ ଉକ୍ତ ଗ୍ରାମର ସମସ୍ତ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିଜର ବିସ୍ଥାପିତ ପରିଚୟ ପତ୍ର ପ୍ରାପ୍ତି ଏବଂ ରେଜଷ୍ଟ୍ରୀ ଖର୍ଚ୍ଚ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଯଥାଶୀଘ୍ର ଆବେଦନ କରନ୍ତୁ। ତତ୍ ସଙ୍ଗେ ସଙ୍ଗେ ସେମାନଙ୍କର ବକେୟା ଥଇଥାନ ରାଶି ପ୍ରାପ୍ତି ନିମନ୍ତେ ଆବଶ୍ୟକୀୟ କାଗଜାତ ଦାଖଲ କରି ଯଥାଶୀଘ୍ର ନେଇଯିବା ହେବେ ଏବଂ ବୁଡି ଗ୍ରାମଗୁଡିକ ପରିତ୍ୟାଗ କରି ପୁନର୍ବାସ ଗ୍ରାମଗୁଡିକୁ ଯଥାଶୀଘ୍ର ଚାଲିଯିବା ପାଇଁ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଗଲା।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ ପୁନଃବସତି ଓ ଥଇଥାନ
ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡିଆଳ

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

ସଂଖ୍ୟା: RDM-LAC-KNJ-0061-2016 41203 ତା 01.12.2017

**No. V-31:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ବାରିଆ, ଥାନା- ବାରିଆ, ତହସିଲ- ଚମ୍ପୁଆ, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ୭.୨୭ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩୧୬, ତା୧୫।୧୨।୨୦୧୬ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବାରିଆ, ଥାନା- ବାରିଆ, ତହସିଲ- ଚମ୍ପୁଆ, ଜିଲ୍ଲା- କେନ୍ଦୁଝରରେ କୌଣସି ପରିବାର ବିସ୍ଥାପିତ ହେଉନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.keonjhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ ରିମୂଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ

ଜିଲ୍ଲା: କେନ୍ଦୁଝର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ: ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୭.୨୭ ଏକର | ଏଥିସହିତ ସଂଲଗ୍ନ |

ଅଧିସୂଚିତ ଜମିର ରକବା ମଧ୍ୟରୁ ଏ୪.୩୯ଡି ଜମି ସରକାରୀ ସଂରକ୍ଷିତ ଜମିର ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ-ଖ

ଜିଲ୍ଲା: କେନ୍ଦୁଝର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ: ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୪।୦୩।୨୦୧୭

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

ଭୂମି ଅନୁସୂଚୀ

ମୌଜା: ବାରିଆ (ଗ୍ରାମାଞ୍ଚଳ), ଥାନା: ବାରିଆ, ତହସିଲ: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝରର
କାନପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ୱ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୧୭ | ରୟତି | ୨୧୮୫ | ଶାରଦ ଦୁଇ | ୦.୪୩ | ୦.୪୩ | କାର୍ତ୍ତିକ ନାଏକ, ବିରଞ୍ଚି ନାଏକ, ପି: ଗଣେଶ୍ୱର ନାଏକ, ଦିବାକର ନାଏକ, ଧନୁଶର ନାଏକ, ପି: ମାଧ ନାଏକ, ମକୁରୁ ନାଏକ,, ପି: ଦୁଲା ନାଏକ, ଦୁଃଖବନ୍ଧୁ ନାଏକ, ପି: ରାଜ ନାଏକ, ଜଗତ ନାଏକ, ପି: ମଥୁରା ନାଏକ, ମଙ୍ଗୁଳି ନାଏକ, ସୁଜନୀ ନାଏକ, ପି: ସୁଦର୍ଶନ ନାଏକ, ଯାତ୍ରୀ ନାଏକ, ସ୍ୱା: ସୁଦର୍ଶନ ନାଏକ, ଜନାର୍ଦ୍ଦନ ନାଏକ, ପି: ଚିନ୍ତାମଣି ନାଏକ, ଆରତି ନାଏକ, ପି: ସୁଦନ ନାଏକ, ଜା: ବାଥୁଡ଼ି, ବା: ଛେଳିଆନାଗ |
| | | ୨୧୮୭ | ଶାରଦ ଦୁଇ | ୦.୪୬ | ୦.୪୪ | |
| | | ୨୧୯୩ | ଶାରଦ ଦୁଇ | ୦.୧୦ | ୦.୦୧ | |
| | | ୨୧୯୫ | ଶାରଦ ଦୁଇ | ୦.୬୩ | ୦.୩୦ | |
| | | ୨୨୦୦ | ଶାରଦ ଦୁଇ | ୦.୧୨ | ୦.୦୨ | |
| | | ୨୨୦୬ | ଶାରଦ ଦୁଇ | ୦.୦୯ | ୦.୦୯ | |
| | | ୨୨୦୭ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | ୨୨୧୯ | ଶାରଦ ଦୁଇ | ୦.୦୮ | ୦.୦୨ | |
| | | ୨୨୨୦ | ଶାରଦ ଦୁଇ | ୦.୧୦ | ୦.୦୯ | |
| | | ୨୨୩୦ | ଶାରଦ ଦୁଇ | ୦.୦୩ | ୦.୦୧ | |
| | | ୨୨୧୭ | ଶାରଦ ଦୁଇ | ୦.୦୫ | ୦.୦୨ | |
| | | ୨୨୫୫ | ଶାରଦ ଦୁଇ | ୦.୧୨ | ୦.୦୨ | |
| | | ୨୨୫୬ | ଶାରଦ ଦୁଇ | ୦.୧୨ | ୦.୧୨ | |
| | | ୨୨୫୯ | ଶାରଦ ଦୁଇ | ୦.୦୩ | ୦.୦୩ | |
| | | ୨୨୬୦ | ଶାରଦ ଦୁଇ | ୦.୨୪ | ୦.୨୪ | |
| | | ୨୨୬୨ | ଶାରଦ ଦୁଇ | ୦.୪୬ | ୦.୪୪ | |
| | | ୨୨୬୩ | ଶାରଦ ଦୁଇ | ୦.୧୫ | ୦.୦୨ | |
| | | ୨୨୬୮ | ତଇଲା ଏକ | ୦.୩୭ | ୦.୨୬ | |
| | | ୨୧୬୧ | ତଇଲା ଏକ | ୦.୩୧ | ୦.୩୧ | ଗୋଚର ବଦଳି |
| | | ୨୧୬୬ | ତଇଲା ଏକ | ୦.୨୮ | ୦.୨୮ | ଗୋଚର ବଦଳି |
| | | ୨୧୬୭ | ଶାରଦ ତିନି | ୦.୧୮ | ୦.୧୮ | ଗୋଚର ବଦଳି |
| | | ୨୨୬୮ | ଶାରଦ ଦୁଇ | ୦.୧୬ | ୦.୧୬ | ଗୋଚର ବଦଳି |
| | | ୨୧୬୯ | ଶାରଦ ତିନି | ୦.୧୨ | ୦.୧୨ | ଗୋଚର ବଦଳି |
| | | ୨୧୭୦ | ତଇଲା ଏକ | ୦.୨୦ | ୦.୨୦ | ଗୋଚର ବଦଳି |
| | | ୨୧୭୧ | ଶାରଦ ତିନି | ୦.୩୫ | ୦.୩୫ | ଗୋଚର ବଦଳି |
| | | ୨୧୭୨ | ଶାରଦ ତିନି | ୦.୩୨ | ୦.୩୨ | ଗୋଚର ବଦଳି |
| | | ୨୧୭୮ | ଶାରଦ ତିନି | ୦.୨୯ | ୦.୨୯ | ଗୋଚର ବଦଳି |
| | | ୨୧୭୯ | ଶାରଦ ତିନି | ୦.୦୬ | ୦.୦୬ | ଗୋଚର ବଦଳି |
| | | ୨୧୮୦ | ଶାରଦ ତିନି | ୦.୨୯ | ୦.୨୯ | ଗୋଚର ବଦଳି |
| | | ୨୧୮୧ | ଶାରଦ ତିନି | ୦.୫୦ | ୦.୫୦ | ଗୋଚର ବଦଳି |
| | | ୨୨୧୨ | ଶାରଦ ଦୁଇ | ୦.୨୮ | ୦.୨୮ | ଗୋଚର ବଦଳି |
| | | ୨୨୧୩ | ଶାରଦ ଦୁଇ | ୦.୩୧ | ୦.୩୧ | ଗୋଚର ବଦଳି |
| ୬୮ | ରୟତି | ୨୧୬୦ | ତଇଲା ଏକ | ୦.୭୪ | ୦.୭୪ ଗୋଚର ବଦଳି | ନିଶା ନାଏକ, ଦଶିଆ ନାଏକ, ପି: କୁଶନ ନାଏକ ଓଗେର, ଜା: ବାଥୁଡ଼ି, ବା: ଛେଳିଆନାଗ |
| ୧୬୦ /୩୫ | ରୟତି | ୨୨୫୯/ ୨୮୬୦ | ଶାରଦ ଦୁଇ | ୦.୧୫ | ୦.୧୫ | ଲକ୍ଷ୍ମୀଧର ନାଏକ, ପି: ମକରୁ ନାଏକ, ଜା: ବାଥୁଡ଼ି, ବା: ଛେଳିଆନାଗ |
| ମୋଟ ରୟତି ଜମି | | | | | ୭.୨୭ | |

24001/14/0120/1920 ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ, ରିମୂଳି, କେନ୍ଦୁଝର


ନିର୍ମଳ କୁମାର ମିଶ୍ର

# ସଫଳ କାରିବିୟନ୍ ଟୁର

**ଭାରତୀୟ କ୍ରିକେଟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ନିକଟରେ ଶେଷ ହୋଇଛି। ଏହି ଗସ୍ତରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୩ଟି ଯାକ ସିରିଜ ଜିତିଛନ୍ତି। ଟି୨୦ ସିରିଜକୁ ଭାରତ ୩-୦ରେ ଜିତିଥିବାବେଳେ ଦିନିକିଆ ସିରିଜକୁ ୨-୦ରେ ଏବଂ ଟେଷ୍ଟ ସିରିଜରେ ୨-୦ରେ ବିଜୟ ହାସଲ କରିଛି...**

ବିଦେଶରେ ଦୁଇଟି ଟେଷ୍ଟମ୍ୟାଚରେ ବୃହତ୍ ବିରନ୍ ବ୍ୟବଧାନରେ ୱେଷ୍ଟଇଣ୍ଡିଜ ଦଳକୁ ହରାଇବା ପରେ ବିରାଟ ବାହିନୀ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଶ୍ରେଷ୍ଠତ୍ୱ ବଜାଇ ରଖିଛି। ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ଟି୨୦ ସିରିଜରେ ୩-୦ରେ ହରାଇବା ପରେ ଏକଦିବସୀୟ ସିରିଜକୁ ମଧ ୨-୦ ବ୍ୟବଧାନରେ ଜିତିଛି। ଟେଷ୍ଟମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ନିଜ ମାଟିରେ ଟିମ୍ ଇଣ୍ଡିଆକୁ କଡା ଟକ୍କର ଦେବା ଲକ୍ଷ୍ୟରେ ଥିବା ୱେଷ୍ଟଇଣ୍ଡିଜ ଦଳ ଭାରତୀୟ ଦଳ ନିକଟରୁ ୨ଟି ଟେଷ୍ଟରେ ଶୋଚନୀୟ ଭାବେ ପରାସ୍ତ ହୋଇଛି। ଫଳରେ କ୍ରିକେଟର ୩ଟିଯାକ ଫର୍ମାଟରେ କ୍ଲିନ ସୁଇପ୍ କରିବା ସହିତ ବିରାଟ କୋହଲି ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଧୋନୀଙ୍କ ସଫଳତାକୁ ପଛରେ ପକାଇ ବିରାଟ ନିଜ ଅଧିନାୟକତ୍ୱରେ ସର୍ବାଧିକ ଟେଷ୍ଟମ୍ୟାଚ ଜିତିବାକୁ ସକ୍ଷମ ହୋଇଛନ୍ତି। ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ବିଜୟ ସହିତ ୪୮ଟି ମ୍ୟାଚରୁ ୨୮ଟି ଟେଷ୍ଟରେ ବିଜୟୀ ହୋଇଛନ୍ତି। ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟକ୍ୟାରିୟର ଆରମ୍ଭ କରିଥିବା କୋହଲି ୨୦୧୬ରେ ସେହି ୱେଷ୍ଟଇଣ୍ଡିଜ ସହ ଖେଳି ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିଥିଲେ ଏବଂ ୨୦୧୯ରେ ସମାନ ଦଳ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ବିଜୟ ଲାଭ ପରେ ଭାରତର ସବୁଠାରୁ ସଫଳ ଅଧିନାୟକ ହେବାର ରେକର୍ଡ ସ୍ଥାପନ କରିଛନ୍ତି। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଦୀର୍ଘ ଦିନ ଧରି ୧ନଂ ସ୍ଥାନରେ ଥିବା ବିରାଟ କୋହଲି ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜରେ ବଡ଼ ସ୍କୋର କରିପାରି ନ ଥିବାରୁ ର୍‍ୟାଙ୍କିଙ୍ଗର ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି।

ପୃଥୀ ଶ ଡୋପ୍ ଟେଷ୍ଟରେ ବିଫଳ ହୋଇ ଏହି ଟୁରରୁ ବାଦ ପଡିଥିବାରୁ ଲୋକେଶ ରାହୁଲଙ୍କ ପାଇଁ ୱେଷ୍ଟଇଣ୍ଡିଜ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ସେ ସୁଯୋଗର ସଦ୍ବ୍ୟବହାର କରିପାରି ନ ଥିଲେ। ଫଳସ୍ୱରୂପ ପୂର୍ବରୁ ତାଙ୍କର ଟେଷ୍ଟ ଆଭରେଜ୍ ୪୪.୬୨ ରହିଥିବା ବେଳେ ଗତ ୨ ଟେଷ୍ଟ ପରେ ତାହା ୩୪.୫୮ରେ ପହଞ୍ଚିଛି। ଅନେକ ବାଦ ବିବାଦ ମଧ୍ୟରେ ଅଭିଜ୍ଞ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ବଦଳରେ ଯୁବ ରିଷଭ ପନ୍ତଙ୍କ ସପକ୍ଷରେ ଥିବା ଟିମ୍ଇଣ୍ଡିଆ ଚୟନ କମିଟି ଏବଂ ଅଧିନାୟକ ବିରାଟ କୋହଲି ଥିଲେ ହେଁ ସେ ଉଭୟ ବ୍ୟାଟିଂ ଏବଂ କିପିଙ୍ଗ୍‌ରେ ନିରାଶ କରିଛନ୍ତି। ଏହି ସିରିଜରେ ୩ଟି ଫର୍ମାଟରେ ସେ ଗୋଟିଏ ମାତ୍ର ଅର୍ଦ୍ଧଶତକ ହାସଲ କରିଛନ୍ତି। ଯାହାକି ଆଗାମୀ ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ଟେଷ୍ଟ ସିରିଜ ପାଇଁ ଟିମ୍ ମ୍ୟାନେଜମେଣ୍ଟକୁ ଅଡୁଆରେ ପକାଇଛି। ୱେଷ୍ଟଇଣ୍ଡିଜ ଟିମ୍ ସହିତ ସଫଳ ରେକର୍ଡ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଏଥର କୌଣସି ଗୋଟିଏ ହେଲେ ଫର୍ମାଟରେ ମ୍ୟାଚ ଖେଳିବାକୁ ସକ୍ଷମ ହୋଇନାହାନ୍ତି। ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ଗସ୍ତର ବିଫଳତା ତାଙ୍କୁ ରିଜର୍ଭ ବେଞ୍ଚରେ ବସାଇଛି। ତେଣୁ ଏହି ତାରକା ଅଫସ୍ପିନରଙ୍କ ସମୟ ସରି ଆସୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଆଗାମୀ ଦକ୍ଷିଣ ଆଫ୍ରିକା ସହିତ ଖେଳାଯିବାକୁ ଥିବା ୱାର୍ମ ଅପ ମ୍ୟାଚ୍ ପାଇଁ କୁଲଦୀପ ଯାଦବ, ସାହାବାଜ୍ ନଦୀମ୍ ଏବଂ କେ.ଗୋଥାମ୍‌ଙ୍କ ନାମ ବିସିସିଆଇ ଘୋଷଣା କରିଛି।

ଯୁବ-ମିଡିଲ ଅର୍ଡର ବ୍ୟାଟସମ୍ୟାନ ହନୁମାନ ବିହାରୀ ସଂପୂର୍ଣ୍ଣ ସିରିଜରେ ସର୍ବାଧିକ ୨୮୯ରନ୍ (୧ ଶତକ, ୨ ଅର୍ଦ୍ଧଶତକ) ସଂଗ୍ରହ କରିଛନ୍ତି। ୱେଷ୍ଟଇଣ୍ଡିଜର ବାଉନ୍ସି ଉଇକେଟରେ ସେ ନିଜର ସଫଳ ବ୍ୟାଟିଂ ଟେକନିକ୍ ମାଧ୍ୟମରେ ସମସ୍ତଙ୍କର ବିଶ୍ୱାସ ଭାଜନ ହେବାକୁ ସକ୍ଷମ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଏହି ସଫଳ ବ୍ୟାଟ୍ସମ୍ୟାନ୍ ନିଜର ପ୍ରତିଭା ମାଧ୍ୟମରେ ବିରାଟ କୋହଲିଙ୍କ ପ୍ରିୟପାତ୍ର ମଧ ହୋଇପାରିଛନ୍ତି। ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆର ୩ ପେସ୍ ବୋଲର ଯଶପ୍ରୀତ୍ ବୁମରା, ଇଶାନ୍ତ ଶର୍ମା ଏବଂ ମହମ୍ମଦ ସାମୀ ଭଲ ଫର୍ମରେ ରହିବା ଏବଂ ରବୀନ୍ଦ୍ର ଯାଡେଜା ଉପଯୁକ୍ତ ସହାୟତା ଦେବା ଯୋଗୁ ୱେଷ୍ଟଇଣ୍ଡିଜକୁ ୨-୦ରେ ହରାଇବା ସହଜ ହେଲା ବୋଲି ଟିମ୍ ମ୍ୟାନେଜମେଣ୍ଟ ମନ୍ତବ୍ୟ ଦେଉଛି। ପେସ ବୋଲର ମାନେ ଏପରି ଫର୍ମରେ ରହିଲେ କ୍ୟାପଟେନଶିପ୍‌ର କୌଣସି ଆବଶ୍ୟକତା ପଡି ନ ଥାଏ ବୋଲି କହିଛନ୍ତି ବିରାଟ। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଫର୍ମକୁ ଫେରିବା, ଯଶପ୍ରୀତ୍ ବୁମରାଙ୍କ ପ୍ରଭାବୀ ବୋଲିଂ, ଅଲରାଉଣ୍ଡର ରବୀନ୍ଦ୍ର ଯାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ, ହନୁମାନ ବିହାରୀଙ୍କ ଦମଦାର ବ୍ୟାଟିଂ, ଆବଶ୍ୟକ ସମୟରେ ଇଶାନ୍ତ ଶର୍ମା ଏବଂ ମହମ୍ମଦ ଶାମିଙ୍କ ବୋଲିଂ ଚମତ୍କାରିତା ଏବଂ ସର୍ବୋପରି ବିରାଟ କୋହଲିଙ୍କ ନେତୃତ୍ୱ ଭାରତର ଏହି ସଫଳ ପ୍ରଦର୍ଶନର ଶ୍ରେଷ୍ଠତ୍ୱ ବହନ କରୁଛି।




ଅନ୍ୟପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ ଦୁର୍ବଳ ପ୍ରଦର୍ଶନ କରିଛି ଘରୋଇ ୱେଷ୍ଟଇଣ୍ଡିଜ। ଯୁବ ଖେଳାଳିଙ୍କୁ ନେଇ ଅଧିନାୟକ ଜାସନ ହୋଲଡର କୌଣସି କରିସ୍ମା ଦେଖାଇ ପାରି ନ ଥିଲେ। ଏଭିନ୍ ଲୁଇସ୍, କାର୍ଲୋସ ବ୍ରାଥୱେଟ୍, କେମର ରୋଚ୍, ସେଲଡନ୍ କଟ୍ରେଲଙ୍କ ପରି ଖେଳାଳି ଦଳରେ ରହିଥିଲେ ହେଁ ଏମାନଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ବ୍ୟାଟ୍ସମ୍ୟାନ୍‌ଙ୍କ ଅସଫଳତା ଯୋଗୁ ଦଳ କେବେ ବି ୨୫୦ରନ୍ ଛୁଇଁ ପାରି ନ ଥିଲା। ଟେଷ୍ଟ ମ୍ୟାଚରେ ୱେଷ୍ଟଇଣ୍ଡିଜର ଅଧିନାୟକ ଜାସନ ହୋଲ୍ଡର ମୋଟ ୧୦୪ ରନ୍ କରି ସର୍ବାଧିକ ରନ ସଂଗ୍ରହକାରୀ ହୋଇଥିବା ବେଳେ ଭାରତ ପକ୍ଷରୁ ହନୁମାନ ବିହାରୀ ୨୮୯ ରନ୍ ସଂଗ୍ରହ କରିଥିଲେ। ସେହିପରି ବୋଲିଂରେ ରୋଚ୍ ୨ଟି ଟେଷ୍ଟମ୍ୟାଚରେ ସର୍ବାଧିକ ୯ଟି ଉଇକେଟ ନେଇଥିବା ବେଳେ ଭାରତର ଷ୍ଟାର ବୋଲର ଯଶପ୍ରୀତ୍ ବୁମରା ୧୩ଟି ଉଇକେଟ୍ ନେବାକୁ ସକ୍ଷମ ହୋଇଥିଲେ।

୩ ମ୍ୟାଚ ବିଶିଷ୍ଟ ଏକ ଦିବସୀୟ ସିରିଜକୁ ଟିମ୍ ଇଣ୍ଡିଆ ୨-୦ରେ ଜିତିଥିବା ବେଳେ ଗୋଟିଏ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏକଦିବସୀୟ ମ୍ୟାଚରେ ବ୍ୟାଟିଂରେ ଇଭିନ୍ ଲୁଇସ୍ ୧୪୮ ରନ୍ ସଂଗ୍ରହ କରିଥିବା ବେଳେ ଟିମ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ୨୩୪ରନ୍ ସଂଗ୍ରହ କରିଥିଲେ। କାର୍ଲୋସ ବ୍ରାଥୱେଟ ୨ଟି ମ୍ୟାଚରୁ ସର୍ବାଧିକ ୩ଟି ଉଇକେଟ୍ ନେଇଥିବା ବେଳେ ଭାରତ ପକ୍ଷରୁ ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଏବଂ ମହମ୍ମଦ ଶାମି ପ୍ରତ୍ୟେକ ୪ଟି ଲେଖାଏଁ ଉଇକେଟ ନେଇଥିଲେ। ବିରାଟ କୋହଲି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ।

ଟି୨୦ ଫର୍ମାଟକୁ ଅଧିକ ପସନ୍ଦ କରୁଥିବା ଏବଂ ଗୁରୁତ୍ୱ ଦେଉଥିବା ୨୦୧୬ର ଟି୨୦ ବିଶ୍ୱକପ୍ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଟିମ୍ ଇଣ୍ଡିଆଠାରୁ ୦-୩ରେ ହାରିବା ଉଲ୍ଲେଖନୀୟ ଥିଲା। ଟି୨୦ ସ୍ପେଶାଲିଷ୍ଟ କିରନ୍ ପୋଲାର୍ଡ ଏହି ସିରିଜରେ ସର୍ବାଧିକ ୧୧୫ରନ୍ କରିଥିବା ବେଳେ ବିରାଟ କୋହଲି ଭାରତ ପକ୍ଷରୁ ସର୍ବାଧିକ ୧୦୬ ରନ ସ୍କୋର କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ନଭଦୀପ୍ ସଇନି ସର୍ବାଧିକ ୫ଟି ଏବଂ ୱେଷ୍ଟଇଣ୍ଡିଜ ପକ୍ଷରୁ ଏସେନ୍ ଥୋମାସ୍ ଏବଂ ସେଲଟନ କଟ୍ରେଲ୍ ୪ଟି ଲେଖାଏଁ ଉଇକେଟ୍ ନେଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସର ଆଇପିଏଲ ଷ୍ଟାର କ୍ରୁନାଲ ପାଣ୍ଡ୍ୟା ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ୩ଟି ଯାକ ଫର୍ମାଟ ପାଇଁ ଚୟନ କମିଟି ଏବଂ ଟିମ୍ ମ୍ୟାନେଜମେଣ୍ଟ ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଅଭିଜ୍ଞ ଉଇକେଟ୍ କିପର ଧୋନୀଙ୍କୁ ନେଇ ଚର୍ଚ୍ଚା, ରିଷଭ ପନ୍ତ ସମସ୍ତ ୩ଟି ଫର୍ମାଟରେ ଉଇକେଟ କିପିଙ୍ଗ କରିବା, ୩ଟି ଯାକ ଫର୍ମାଟରେ ବିରାଟ କୋହଲି ଖେଳିବା, ବିରାଟ-ରୋହିତ ବିବାଦ, ଯୁବଖେଳାଳିଙ୍କ ଉପରେ ବିଶ୍ୱାସ, ଚେତେଶ୍ୱର ପୂଜାରା ଏବଂ ଅଜିଙ୍କ୍ୟ ରାହାନେଙ୍କ ଟେଷ୍ଟ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବା, ଆଇସିସି ବିଶ୍ୱ ଟେଷ୍ଟ ଚମ୍ପିୟନଶିପ୍‌ରେ ସର୍ବୋଚ୍ଚ ପଏଣ୍ଟ ସହ ଭାରତ ୧ନଂ ସ୍ଥାନରେ ରହିବା ଆଦି ଏହି ସିରିଜର ମୁଖ୍ୟାଂଶ ରହିଥିଲା।

# ଭାରତ ଶ୍ରେଷ୍ଠ ୭ ପ୍ରଦର୍ଶନ

**ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଅଧିକାଂଶ ଭାରତୀୟ ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭାବୀ ପ୍ରଦର୍ଶନ କରିଥିବା ୭ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା..**


ବୁମ୍‌ରା


ହନୁମା


ରାହାନେ


ଆୟାର


ଦୀପକ


ନଭଦୀପ

**ନଭଦୀପ ସଇନୀ: (୩/୧୭, ପ୍ରଥମ ଟି୨୦, ଲଡରହିଲ)**-ଟି୨୦ରେ ସଇନୀଙ୍କ ଆରମ୍ଭ ଅତି ଚମତ୍କାର ରହିଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ନିଜର ପ୍ରଥମ ଓଭରରେ ଏକ ଶର୍ଟବଲ୍‌ରେ ନିକୋଲାସ ପୁରନଙ୍କୁ ଆଉଟ କରିଥିଲେ। ଏହାର ପରବର୍ତ୍ତୀ ବଲ୍‌ରେ ଶିମରନ ହେଟ୍‌ମେର ପ୍ଲେଡ୍‌ଅନ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ନିଜ ସ୍ପେଲ ମଧ୍ୟରେ ସେ ଅଭିଜ୍ଞ କିରନ ପୋଲାର୍ଡଙ୍କୁ ଏଲ୍‌ବିଡବଲ୍ୟୁ କରି ଭାରତକୁ ଡ୍ରାଇଭର ଶିଟ୍‌ରେ ବସାଇଥିଲେ। ଏହି ମ୍ୟାଚରେ ମାତ୍ର ୧୭ ରନ ଦେଇ ୩ ଉଇକେଟ ନେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ ଇନିଂସ ୯୫/୯ରେ ସୀମିତ ହୋଇଯାଇଥିଲା। ଭାରତ ମ୍ୟାଚକୁ ୪ ଉଇକେଟରେ ଜିତିଥିଲା।

**ଦୀପକ ଚହର: (୩/୪, ୩ୟ ଟି୨୦, ପ୍ରୋଭିନ୍ସ)**-ଏହା ଠିକ୍ ଜ୍ୟାମିତି ପରି। ଜଣେ ମିଡିୟମ ପେସର ଏୟାରରେ ବଲ୍‌କୁ କିପରି ପରଫେକ୍ଟ ମୁଭ୍ କରାଇପାରନ୍ତି ତାହା ଦେଖାଇଥିଲେ ଦୀପକ ଚହର। ପ୍ରଥମେ ଅଫଷ୍ଟମ୍ପ ବାହାରେ ଏବଂ ପରେ ବଲ୍‌କୁ ନିଖୁଣଭାବେ ଲାଇନ୍‌ରେ ଲୋ ରଖି ଇଭିନ ଲିୱିସ ଓ ହେଟ୍‌ମେରଙ୍କ ପ୍ୟାଡ୍‌କୁ ହିଟ୍ କରିଥିଲେ। ଉଭୟ ବ୍ୟାଟ୍ସମ୍ୟାନ ସମାନଭାବେ ଆଉଟ ହୋଇଥିଲେ। ଏହାପୂର୍ବରୁ ସେ ଇନିଂସର ଦ୍ୱିତୀୟ ଓଭରରେ ସୁନୀଲ ନାରିନଙ୍କୁ ଆଉଟ କରି ଅଭିଯାନ ଆରମ୍ଭ କରିଥିଲେ। ମ୍ୟାଚ ଶେଷରେ ତାଙ୍କର ସ୍ପେଲ୍ ଥିଲା ୩-୧-୪-୩। ଭାରତ ଏହି ମ୍ୟାଚକୁ ୭ ଉଇକେଟରେ ଜିତିଥିଲା ଏବଂ ଦୀପକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ବିରାଟ କୋହଲି(୧୨୫ ବଲ୍‌ରୁ ୧୨୦ ରନ, ଦ୍ୱିତୀୟ ଦିନିକିଆ, ପୋର୍ଟ ଅଫ୍ ସ୍ପେନ)** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ କୋହଲି କ୍ୟାରିୟରର ୪୨ତମ ଶତକ ହାସଲ କରିଥିଲେ। ଏହି ଅବସରରେ ଦିନିକିଆ ରନରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ଅତିକ୍ରମ କରିଥିଲେ ଏହି ଅଧିନାୟକ। ଭାରତୀୟଙ୍କ ମଧ୍ୟରେ କୋହଲି ଏବେ କେବଳ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ପଛରେ ଦଣ୍ଡାୟମାନ। ଶତକ ଅବସରରେ ଯୁବ ଖେଳାଳି ଶ୍ରେୟାସ ଆୟାରଙ୍କ ସହ ପାର୍ଟନରଶିପ୍‌କୁ ଭୁଲିଯିବା ଉଚିତ ନୁହେଁ। କୋହଲି ଓ ଆୟାର ୪ର୍ଥ ଉଇକେଟରେ ୧୨୫ ରନ ଭାଗୀଦାରି ଗଢ଼ି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଆୟାର ୬୮ ବଲ୍‌ରୁ ୭୧ ରନ କରିବାରୁ ଭାରତ ସମ୍ମାନଜନକ ୨୭୯ ରନ କରିବାକୁ ସକ୍ଷମ ହୋଇଥିଲା। ପରେ ଭୁବନେଶ୍ୱର କୁମାର ୪ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ ଇନିଂସ ୨୧୦ରେ ସୀମିତ ରହିଯାଇଥିଲା।

**ଶ୍ରେୟାସ ଆୟାର(୪୧ ବଲ୍‌ରୁ ୬୫ ରନ, ୩ୟ ଦିନିକିଆ, ପୋର୍ଟ ଅଫ୍ ସ୍ପେନ)** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିବାପରେ ଶ୍ରେୟାସ ଆୟାର ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୪୧ ବଲରୁ ୬୫ ରନ ସ୍କୋର କରିଥିଲେ। ଏହା କୋହଲିଙ୍କୁ ତାଙ୍କ କ୍ୟାରିୟର ଆରମ୍ଭ ବେଳର କଥା ମନେ ପକାଇ ଦେଇଥିଲା। ଉଭୟ ଦିନିକିଆରେ କୋହଲିଙ୍କ ସହ ଆୟାର ଶତକୀୟ ଭାଗୀଦାରି ଗଢ଼ିଥିଲେ। ଭାରତ ମିଡଲ ଅର୍ଡରର ଉପରି ଭାଗରେ ଉପଯୁକ୍ତ ଖେଳାଳିଙ୍କ ସନ୍ଧାନରେ ଥିବାବେଳେ ଆୟାର ଏହାର ଦୃଢ଼ ଦାବିଦାର ହୋଇଯାଇଛନ୍ତି।

**ଅଜିଙ୍କ୍ୟ ରାହାନେ(୧୦୨ ରନ, ପ୍ରଥମ ଟେଷ୍ଟ, ଆଣ୍ଟିଗୁଆ)**-୨୦୧୭ ଅଗଷ୍ଟ ୩ରୁ ୨୦୧୯ ଅଗଷ୍ଟ ୨୫, ଅଜିଙ୍କ୍ୟ ରାହାନେ ନିଜ ୯ମ ଟେଷ୍ଟ ଶତକକୁ ୧୦ମରେ ପରିଣତ କରିବାରେ କେତେ ସମୟ ନେଇଥିଲେ ତାହା ଏଥିରୁ ପ୍ରତୀୟମାନ ହେଉଛି। ଆଣ୍ଟିଗୁଆରେ ଦ୍ୱିତୀୟ ଇନିଂସରେ ଶତକ ଅତି ଚମତ୍କାର ଥିଲା। ତେବେ ଭାରତ ବିଜୟପାଇଁ ଏହି ଶତକ ତାଙ୍କର ଏକମାତ୍ର ବଡ଼ ଯୋଗଦାନ ନୁହେଁ। ପ୍ରଥମ ଇନିଂସରେ ରାହାନେ ଯେତେବେଳେ ବ୍ୟାଟିଂ କରିବାକୁ ଆସିଲେ ସେତେବେଳେ ଭାରତ ୨୫ ରନ ମଧ୍ୟରେ ୩ଟି ଉଇକେଟ ହରାଇ ସାରିଥିଲା। ରାହାନେଙ୍କ ଧୈର୍ଯ୍ୟପୂର୍ଣ୍ଣ ୮୧ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ୨୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଇନିଂସରେ ଭାରତର ସ୍କୋର ୧୮୭/୪ ଥିବାବେଳେ ସେ କ୍ରିଜ୍‌କୁ ଆସିଥିଲେ। ଭାରତ ଘରୋଇ ଦଳକୁ ଏକ ବଡ଼ ଟାର୍ଗେଟ ଦେବା ଲକ୍ଷ୍ୟରେ ଥିବାବେଳେ ରାହାନେ ୨୩୫ ବଲ୍ ଖେଳି ଶତକ ହାସଲ କରିଥିଲେ ଏବଂ ୧୦୨ ରନ ସ୍କୋର କରିଥିଲେ। ଶେଷରେ ତାଙ୍କର ଏହି ଶତକ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲା।

**ହନୁମା ବିହାରୀ(୧୧୧ ରନ, ଦ୍ୱିତୀୟ ଟେଷ୍ଟ, ଜାମାଇକା)**- ପୂର୍ବରୁ ମାତ୍ର ୫ଟି ଟେଷ୍ଟ ଖେଳିଥିଲେ ହେଁ ସାବିନା ପାର୍କରେ ହନୁମା ବିହାରୀଙ୍କ ଶତକରେ ଅଭିଜ୍ଞତା ଭରି ରହିଥିବା ଅନୁଭବ ହୋଇଥିଲା। ଭାରତ ଅସୁବିଧାଜନକ ସ୍ଥିତିରେ ଥିବାବେଳେ ସେ କ୍ରିଜ୍‌କୁ ଆସିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୬୪ ରନ ମଧ୍ୟରେ ଟପ୍ ଅର୍ଡରର ୪ଟି ଉଇକେଟ ହରାଇ ସାରିଥିଲା। ଏହି ସମୟରେ କେହି ଜଣେ କ୍ରିଜ୍‌ରେ ତିଷ୍ଠି ରହି ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ନେଇ ଭାରତକୁ ବଡ଼ ସ୍କୋରରେ ପହଞ୍ଚାଇବା ଆବଶ୍ୟକ ହେଉଥିଲା। ହନୁମା ଠିକ୍ ତାହା ହିଁ କରିଥିଲେ। ଟେଷ୍ଟ କ୍ରିକେଟରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବା ଈଶାନ୍ତ ଶର୍ମାଙ୍କ ସହ ସେ ଶତକୀୟ ଭାଗୀଦାରି ଗଢ଼ିଥିଲେ। ଫଳରେ ଏକଦା ଭାରତ ୩୫୦ ରନ ଛୁଇଁବା କଷ୍ଟକର ମନେ ହେଉଥିବାବେଳେ ଏହି ଦୁଇ ଖେଳାଳିଙ୍କ ଅବଦାନ ଯୋଗୁ ୪୧୬ ରନ କରି ପାରିଥିଲା।

**ଯଶପ୍ରୀତ ବୁମ୍‌ରା(ହ୍ୟାଟ୍ରିକ୍ ସହ ୬/୨୭, ଦ୍ୱିତୀୟ ଟେଷ୍ଟ, ଜାମାଇକା)** ଏକ ଲେନ୍ଥ ବଲ୍ ମିଡଲ ଷ୍ଟମ୍ପରୁ ବାହାରକୁ ଯାଉଥିବାବେଳେ ଡାରେନ ବ୍ରାଭୋଙ୍କ ବ୍ୟାଟ୍‌ରେ ଏଜ୍ ହୋଇ ଦ୍ୱିତୀୟ ସ୍ଲିପ୍‌ରେ ଧରାପଡ଼ିଲା। ଆଉ ଏକ ଲେନ୍ଥବଲ୍ ଅଫଷ୍ଟମ୍ପ ବାହାରେ ଥିବାବେଳେ ଶାମରା ବ୍ରୁକ୍ସ ଲାଇନ୍ ମିସ୍ କରି ମିଡଲ ଷ୍ଟମ୍ପ ସମ୍ମୁଖରେ ଏଲବିଡବଲ୍ୟୁ ହେଲେ। ଏକ ଫୁଲ୍ ଇନ୍‌ସୁଇଙ୍ଗର ମିଡଲଷ୍ଟମ୍ପ ସମ୍ମୁଖରେ ରଷ୍ଟନ ଚେଜ୍‌ଙ୍କ ପାଦ ଅଙ୍ଗୁଳିର ଉପରିଭାଗରେ ବାଜିଲା। ବୁମରା ଆବେଦନ କରି ନ ଥିଲେ ହେଁ ବଲ୍ ସହ ବ୍ୟାଟ୍ ସଂଯୋଗ ହୋଇ ନ ଥିବା କୋହଲି ଅନୁଭବ କରିଥିଲେ। ତେଣୁ ସେ ରିଭ୍ୟୁ ନେଲେ ଏବଂ ବୁମ୍‌ରାଙ୍କ ହ୍ୟାଟ୍ରିକ ପୂରଣ ହେଲା। ବୁମ୍‌ରା ଏହାକୁ ହଠାତ୍ ବିଶ୍ୱାସ କରିପାରି ନ ଥିଲେ। ତାଙ୍କ ହାତ ଆପେଆପେ ପାଟି ଉପରକୁ ଚାଲି ଯାଇଥିଲା। ଇରଫାନ ପଠାନ ଓ ହରଭଜନ ସିଂଙ୍କ ପରେ ଭାରତର ତୃତୀୟ ବୋଲରଭାବେ ସେ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ବୁମ୍‌ରା ୨୭ ରନ ବିନିମୟରେ ୬ଟି ଉଇକେଟ ନେଇଥିଲେ। ଆଣ୍ଟିଗୁଆରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ମଧ ସେ ୭ ରନ ବିନିମୟରେ ୫ଟି ଉଇକେଟ ନେଇଥିଲେ।

## ପେସେନ୍ସ



**ପା**ରା ଶଟ୍‌ପୁଟର ଦୀପା ମଲିକଙ୍କୁ
କ୍ରୀଡ଼ାରତ୍ନ ପୁରସ୍କାର
ସଙ୍ଗେ କ୍ରିକେଟର ପୁନମ ଯାଦବ
ଲେଡି ସୋନିଆ ଲାଥର
ପୁଣି ଆମ ରାଇଜର
(ପାରା)ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଅର୍ଜୁନ
ପୁରସ୍କାର ପାଇ ହିରୋ।
ବେଲଜିଆନ ଗ୍ରାଁ ପ୍ରିରେ ଫେରାରୀର
ଚାର୍ଲ୍ସ ଲେକରେକ୍ ଖୁସି
ଫାଷ୍ଟ ଫର୍ମୁଲା ୱାନ ଜିତିଲା ବିପକ୍ଷ
ହାମିଲଟନ ଗଲା ଖସି
ପେସେନ୍ସ ବଳେ ଧସି
ସେକେଣ୍ଡରେ ଲୁଇସ ହାମିଲଟନ ଶିଷ୍ୟ
ଗୁରୁ ହେଲା ଚାର୍ଲ୍ସ ଚଷି।
ଭାରତୀୟ ବ୍ୟାଟିଂ କୋଚ୍‌ରୁ ବିଦାହୋଇ
ସଞ୍ଜୟ ବାଙ୍ଗର ନାଲି
ଦୁର୍ବ୍ୟବହାର କଲା ହୋଟେଲ ରୁମ୍‌ରେ
ଦେବାଙ୍ଗ ଗାନ୍ଧୀଙ୍କୁ କାଲି
ପଦ ଚାଲିଗଲା ବୋଲି
ପେସେନ୍ସ ନ ଥିବା ଲୋକ ଶିଷ୍ୟ ପାଇଁ
ଅନ୍‌ଫିଟ୍ ଜାଣିଥା ମଲି।

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.84 (28) | 36,644.42 (80.32 ↓) | 10,847.90 (3.25 ↑) | 39,271.00 (₹83 ↑) | 50,110.00 (₹160 ↑) |



"ବିର୍ଲା ଇଷ୍ଟେଟ୍ସ ବେଙ୍ଗାଲୁରୁ ରିଏଲ ଇଷ୍ଟେଟ୍ ମାର୍କେଟରେ ପ୍ରବେଶ କରି ଏକ ହାଉସିଂ ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଛି।
– କେ.ଟି.ଜିତେନ୍ଦ୍ରନ, ବିର୍ଲା ଇଷ୍ଟେଟ୍ସ ସିଇଓ



"ଚଳିତ ଆର୍ଥିକ ବର୍ଷରେ ଉଡ୍‌ଲ୍ୟାଣ୍ଡ ମଧ୍ୟପ୍ରଦେଶରେ ଆହୁରି ୫ ନୂଆ ଷ୍ଟୋର୍ ଖୋଲିବ। କମ୍ପାନୀ ଉପରେ ମାନ୍ଦାବସ୍ଥାର ପ୍ରଭାବ ସେପରି ଦେଖାଯାଇନି।
– ହର୍‌କିରତ ସିଂହ, ଉଡ୍‌ଲ୍ୟାଣ୍ଡ ଇଣ୍ଡିଆ ଏମ୍‌ଡି

## ସଂକ୍ଷେପରେ

### ୪୧.୯ କୋଟି ଫେସ୍‌ବୁକ୍ ୟୁଜରଙ୍କ ଫୋନ୍ ନମ୍ବର ଲିକ୍

**ନୂଆଦିଲ୍ଲୀ,୫-୯:** ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍‌ର ୪୧.୯ କୋଟି ୟୁଜରଙ୍କ ଫୋନ୍ ନମ୍ବର ଡାଟା ଲିକ୍ ହୋଇଯାଇଛି ବୋଲି ଆମେରିକା ମିଡିଆରେ ଜାରି ଏକ ରିପୋର୍ଟରେ କୁହାଯାଇଛି। ତିନି ଦେଶର ୟୁଜର ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ ବୋଲି ରିପୋର୍ଟରେ କୁହାଯାଇଛି। ଫୋନ ନମ୍ବର ସହିତ ୟୁଜରଙ୍କ ଜେଣ୍ଡର, ଲୋକେଶନ ମଧ୍ୟ ଲିକ୍ ହୋଇଛି। ନ୍ୟୁଜ୍ ୱେବସାଇଟ ଟେକ୍ କ୍ରଚ୍‌ର ରିପୋର୍ଟ ଅନୁସାରେ ଆମେରିକାର ୧୩.୩ କୋଟି, ଭିଏତ୍‌ନାମର ୫ କୋଟି ଓ ବ୍ରିଟେନର ୧.୮ ୟୁଜରଙ୍କ ଡାଟା ଲିକ୍ ହୋଇଛି। ଫେସ୍‌ବୁକ୍‌ର ସର୍ଭର ପାଶୱାର୍ଡ ସୁରକ୍ଷିତ ନ ଥିବାରୁ ଯେକୌଣସି ବ୍ୟକ୍ତି ଡାଟାବେସ୍ ପାଇପାରୁଥିଲା। ଏହି ରିପୋର୍ଟର କିଛି ଅଂଶକୁ ଫେସ୍‌ବୁକ୍ ମଧ୍ୟ ସ୍ୱୀକାର କରିଛି। ତେବେ କମ୍ପାନୀ କହିଛି ଯେ, ୪୧.୯ ନୁହେଁ ଏହାର ଅଧା ୟୁଜରଙ୍କ ଡାଟା ଚୋରି ହୋଇଯାଇଛି।

### ପ୍ରଥମ ତ୍ରୈମାସରେ ଏଫ୍‌ଡିଆଇ ବଢ଼ିଛି ୨୮%

**ନୂଆଦିଲ୍ଲୀ,୫-୯:** ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ୍)ରେ ଦେଶର ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) ୨୮% ବୃଦ୍ଧି ପାଇଛି। ଏହି ସମୟରେ ୧.୧୭ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ୧୬.୩୩ ବିଲିୟନ ଡଲାର ନିବେଶ ହୋଇଛି। ଗତବର୍ଷ ସମାନ ଅବଧିରେ ୯୧ ହଜାର କୋଟି ଟଙ୍କା ଅର୍ଥାତ୍ ୧୨.୭୫ ବିଲିୟନ ଡଲାର ନିବେଶ ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସେବା କ୍ଷେତ୍ରରେ ୨.୮ ବିଲିୟନ ଡଲାର, କମ୍ପ୍ୟୁଟର ସଫ୍ଟୱେର ଆଣ୍ଡ ହାର୍ଡୱେର୍‌ରେ ୨.୨୮ ବିଲିୟନ ଡଲାର, ଟେଲି କମ୍ୟୁନିକେଶନ୍ସରେ ୪.୨୨ ବିଲିୟନ ଡଲାର, ଟ୍ରେଡିଂରେ ୧.୧୩ ବିଲିୟନ ଡଲାର ନିବେଶ ହୋଇଛି। ସିଙ୍ଗାପୁରରୁ ସର୍ବାଧିକ ଏଫ୍‌ଡିଆଇ ଆସିଛି। ଏହା ପଛକୁ ମରିସସ୍, ଆମେରିକା, ନେଦରଲାଣ୍ଡ, ଜାପାନ ରହିଛି।

# ଜିଓ ଶୁଭାରମ୍ଭ କଲା ବ୍ରଡ୍‌ବ୍ୟାଣ୍ଡ ସେବା

### ଏକ ବୈପ୍ଳବିକ ନୂଆ ଯାତ୍ରାର ଆରମ୍ଭ

ଜିଓ ଫାଇବର ଏକ ବୈପ୍ଳବିକ ନୂତନ ଯାତ୍ରାର ଶୁଭାରମ୍ଭ। ଜିଓ ଫାଇବରକୁ ପରବର୍ତ୍ତୀ ସ୍ତରକୁ ନେବା ସହ ଗ୍ରାହକଙ୍କୁ ଅତୁଳନୀୟ ସେବା ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି। ଏହି ଅବସରରେ ୫ ଲକ୍ଷ ଜିଓ ଫାଇବର ପ୍ରିଭ୍ୟୁ ୟୁଜରଙ୍କୁ ଧନ୍ୟବାଦ ପ୍ରଦାନ କରୁଛି। ପ୍ରଡକ୍ଟ ଏବଂ ସେବା ଅଭିଜ୍ଞତାକୁ ଆଉଗୋଟିଏ ସ୍ତରକୁ ନେବାରେ ଏମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ।

– ଆକାଶ ଅମ୍ବାନୀ, ରିଲାଏନ୍ସ ଜିଓ ଇନ୍‌ଫୋକମ ନିର୍ଦ୍ଦେଶକ



- ୧୬୦୦ ସହରରେ ଜିଓ ଫାଇବର ସେବା
- ୬୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ପ୍ଲାନ
- ବାର୍ଷିକ ସବ୍‌ସ୍କ୍ରିପଶନ୍‌ରେ କମ୍ପ୍ଳିମେଣ୍ଟାରି ଟିଭି ସେଟ୍
- ୧୦୦ ଏମ୍‌ବିପିଏସ୍‌ରୁ ୧ ଜିବିପିଏସ୍ ସ୍ପିଡ୍‌ରେ ସେବା

### ଆଉ କ'ଣ ରହିଛି

ହାଇଡେଫିନିଶନ ସେଟ୍‌ଅପ୍ ବକ୍ସ, ସାରା ଦେଶରେ ରାଉଟର ଫ୍ରି ଭଏସ୍ କଲିଂ, ଟେଲିଭିଜନ ଭିତ୍ତିକ ଭିଡିଓକଲିଂ, ଭିଡ଼ିଓ କନଫରେନ୍ସିଂ ସେବା, ଜିରୋ ଲାଟେନ୍ସି ଗେମିଂ, ୫ଟି ଡିଭାଇସ ପର୍ଯ୍ୟନ୍ତ ଡିଭାଇସ ସିକ୍ୟୁରିଟି, ଅନ୍ତର୍ଜାତୀୟ କଲିଂ ସୁବିଧା, ମନୋରଞ୍ଜନକାରୀ ଓଟିପି ଆପ୍, ହୋମ ନେଟ୍‌ୱାର୍କିଂ, ଭର୍ଚୁଆଲ ରିୟଲିଟି ଅନୁଭବ, ପ୍ରିମିୟମ କଣ୍ଟେଣ୍ଟ ପ୍ଲାଟଫର୍ମ

**ନୂଆଦିଲ୍ଲୀ, ୫-୯**

ଡାଟା ସେବା ପ୍ରଦାନ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ବହୁ ପ୍ରତୀକ୍ଷିତ ବ୍ରଡବ୍ୟାଣ୍ଡ ସେବା ଗୁରୁବାର ଆରମ୍ଭ ହୋଇଛି। ସାରା ଦେଶର ୧୬୦୦ ସହରରେ ଏହି ସେବାକୁ କମ୍ପାନୀ ଉନ୍ମୋଚନ କରିଛି। କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ସେକେଣ୍ଡ ପ୍ରତି ଅନ୍ୟୁନ ୧୦୦ ମେଗା ବିଟ୍ ସ୍ପିଡ୍‌ରେ ସେବା ଦେବ। ୬୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ପ୍ଲାନ ଆରମ୍ଭ ହେଉଛି। ଏହାବାଦ ଗ୍ରାହକଙ୍କୁ ହାଇଡେଫିନିଶନ ସେଟଅପ୍ ବକ୍ସ, ରାଉଟର ଫ୍ରି ଭଏସ୍ କଲିଂ ସାରା ଦେଶର ଯେକୌଣସି ସ୍ଥାନକୁ ଯୋଗାଇ ଦିଆଯିବ। ଏହାବାଦ ଟେଲିଭିଜନ ଭିତ୍ତିକ ଭିଡିଓକଲିଂ, କନଫରେନ୍ସିଂସେବା, ଜିରୋ ଲାଟେନ୍ସି ଗେମିଂ, ୫ଟି ଡିଭାଇସ ପର୍ଯ୍ୟନ୍ତ ଡିଭାଇସ ସିକ୍ୟୁରିଟି ପ୍ରଦାନ କରାଯିବ। ସେବା ନେବା ଲାଗି ବିଭିନ୍ନ ପ୍ଲାନର ମୂଲ୍ୟ ୬୯୯ ଟଙ୍କାରୁ ୮, ୪୯୯ ଟଙ୍କା ପର୍ଯ୍ୟନ୍ତ ରହିଛି। ବ୍ରଡବ୍ୟାଣ୍ଡ ପ୍ଲାନପାଇଁ ବାର୍ଷିକ ସବ୍‌ସ୍କ୍ରିପଶନ ନେଉଥିବା ଗ୍ରାହକଙ୍କୁ ଏକ କମ୍ପ୍ଳିମେଣ୍ଟାରି ଟିଭି ସେଟ୍ ପ୍ରଦାନ କରାଯାଉଛି। ପ୍ଲାନର ଅବଧି ୧୨୯୯ ଟଙ୍କାରୁ ୮୪୯୯ ଟଙ୍କା ରହିଛି।

ବର୍ତ୍ତମାନ ସାରା ଦେଶରେ ବ୍ରଡ୍‌ବ୍ୟାଣ୍ଡର ହାରାହାରି ସ୍ପିଡ ୨୫ ଏମ୍‌ବିପିଏସ୍ ରହିଛି। ଆମେରିକା ଭଳି ଦେଶରେ ଏହା ୯୦ ଏମ୍‌ବିପିଏସ୍। ଦେଶର ପ୍ରଥମ ୧୦୦% ଅଲ୍ ଫାଇବର ବ୍ରାଣ୍ଡବ୍ୟାଣ୍ଡ ସର୍ଭିସ ଭାବେ ଜିଓ ୧୦୦ ଏମ୍‌ବିପିଏସ୍‌ରୁ ଆରମ୍ଭ କରି ୧ ଜିବିପିଏସ୍ ଯାଏ ସେବା ପ୍ରଦାନ କରିବ। ଏହା ଦ୍ୱାରା ଭାରତ ବିଶ୍ୱର ଶୀର୍ଷ ଦେଶ ଭାବେ ସ୍ଥାନିତ ହୋଇପାରିବ ବୋଲି ଜିଓ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଗ୍ରାହକ ଜିଓ ଫାଇବରର ୬୯୯ ସବ୍‌ସ୍କ୍ରାଇବ କଲେ ୩ମାସର ଜିଓ ସିନେମା ଏବଂ ଜିଓ ସାଭନ ବ୍ୟବହାର ସୁବିଧା ପାଇପାରିବେ। ସେହିଭଳି ଯେଉଁମାନେ ୮୪୯ ଟଙ୍କାର ପ୍ଲାନ ଚୟନ କରୁଛନ୍ତି ୩ ମାସର ଭିଡ଼ିଓ ଏଣ୍ଟରଟେନମେଣ୍ଟ ଆପ୍ ବ୍ୟବହାରର ସୁବିଧା ପାଇପାରିବେ। ଅଧିକ ମୂଲ୍ୟର ପ୍ଲାନ ଉପରେ ଭିଡ଼ିଓ ଏଣ୍ଟରଟେନମେଣ୍ଟ ଆପ୍‌ର ଗୋଟିଏ ବର୍ଷର ସବ୍‌ସ୍କ୍ରିପଶନ ଲାଭ କରିବାର ସୁବିଧା ମିଳିବ। ଏହାବାଦ ଗେମିଂ, ଡିଭାଇସ ସକ୍ୟୁରିଟି, ହୋମ ନେଟ୍‌ୱାର୍କିଂ, ଭର୍ଚୁଆଲ ରିୟଲିଟି ଏକ୍ସପେରିଏନ୍ସ, ଭିଡ଼ିଓ କଣ୍ଟେଣ୍ଟ ସର୍ଭିସ, ଟିଭି ଭିଡ଼ିଓ କଲିଂ ଏବଂ କନଫରେନ୍ସିଂ ଲାଗି ଗ୍ରାହକ କମ୍ପାଟିବୁଲ ଡିଭାଇସ କ୍ରୟ କରିବାକୁ ପଡିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଓଡ଼ିଶାର ୪ ସହରରେ ସେବା

**ଭୁବନେଶ୍ୱର,୫-୯(ବ୍ୟୁରୋ)**

କମ୍ପାନୀ ବର୍ତ୍ତମାନ ରାଜ୍ୟର ୪ ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ସେବା ଯୋଗାଇଦେବ। ସହରଗୁଡ଼ିକ ମଧ୍ୟରେ ଭୁବନେଶ୍ୱର, କଟକ, ରାଉରକେଲା ଏବଂ ସମ୍ବଲପୁର ରହିଛି। ଏହି ସହରଗୁଡ଼ିକରେ କମ୍ପାନୀ ପରୀକ୍ଷା ମୂଳକ ଭାବେ ସେବା ଯୋଗାଇ ଦେଉଥିଲା। ନୂଆ ସେବା ନେବାକୁ ଚାହୁଁଥିବା ଗ୍ରାହକ ସେବା ସବ୍‌ସ୍କ୍ରିପଶନ ନେଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରିଭ୍ୟୁ ଅଫର ନେଇଥିବା ଗ୍ରାହକ ଅଫରକୁ ଅପଗ୍ରେଡ କରିପାରିବେ। ପ୍ରାଥମିକ ପର୍ଯ୍ୟାୟରେ ଏହି ସେବାକୁ ଉକ୍ତ ସହରଗୁଡ଼ିକର ସବୁ ସ୍ଥାନକୁ ସମ୍ପ୍ରସାରଣ କରିବାକୁ କମ୍ପାନୀ ଯୋଜନା ରଖିଛି। ଭୁବନେଶ୍ୱରର ମୈତ୍ରୀ ବିହାର, ଜୟଦେବ ବିହାର, ଆଇଆରସି ଭିଲେଜ, ଓୟୁଏଟି-ସୂର୍ଯ୍ୟନଗର, ୟୁନିଟ-୬ ସରକାରୀ କ୍ୱାର୍ଟସରେ ଏହା ପରୀକ୍ଷାମୂଳକ ଭାବେ ପ୍ରଦାନ କରାଯାଉଛି। ସେହିଭଳି ରାଉରକେଲାର ବାସନ୍ତୀ କଲୋନୀ, ଛେଣ୍ଡ, ଜଗଦା, ସିଭିଲ ଟାଉନଶିପ, କୋଏଲ ନଗର ଭଳି ସ୍ଥାନରେ ଏହା ମଧ୍ୟରେ ସାମିଲ ରହିଛି। ଏହାବାଦ ସମ୍ବଲପୁରର ବୁଢାରଜା, ଧନୁପାଲି, କଟକର ସେକ୍ଟର ୬ ଏବଂ ଜୋବ୍ରା ଭଳି ସ୍ଥାନରେ ଲୋକମାନେ ଏହାର ପରୀକ୍ଷାମୂଳକ ଅଭିଜ୍ଞତା ନେଇଛନ୍ତି। ଧୀରେ ଧୀରେ ସେବାକୁ ରାଜ୍ୟର ଅନ୍ୟ ସହରରେ ଆରମ୍ଭ କରାଯିବ ବୋଲି ମିଳିଥିବା ସୂଚନାରୁ ଜଣାପଡ଼ିଛି।

## ବ୍ୟାନ୍ ହେବନି ପେଟ୍ରୋଲ, ଡିଜେଲ କାର୍: ଗଡ଼କରୀ

**ନୂଆଦିଲ୍ଲୀ,୫-୯**

ସଙ୍କଟରେ ଥିବା ଅଟୋ ସେକ୍ଟରକୁ ସାନ୍ତ୍ୱନା ଦେଇ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁବାର କହିଛନ୍ତି ଯେ, ମାନ୍ଦାବସ୍ଥାରୁ ବାହାରି ଆସିବା ଲାଗି ସରକାର ଏହି ସେକ୍ଟରକୁ ଯଥାସମ୍ଭବ ସହାୟତା କରିବେ। ଅଟୋ ସେକ୍ଟରରେ ଲାଗୁ ହୋଇଥିବା ଜିଏସ୍‌ଟି ହାର ହ୍ରାସ ଲାଗି ସେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରକାର ପେଟ୍ରୋଲ ଓ ଡିଜେଲ ଗାଡ଼ିକୁ ବ୍ୟାନ୍ କରିବେ ନାହିଁ। ଏ ନେଇ ଚିନ୍ତା ମଧ୍ୟ କରାଯାଇନାହିଁ ବୋଲି ସେ କହିଛନ୍ତି। ବିଏସ୍-୬ ଯାନ ଦ୍ୱାରା ପ୍ରଦୂଷଣ କମାଇବା ସରକାରଙ୍କ ପ୍ରାଥମିକତା ବୋଲି ଗଡ଼କରୀ କହିଛନ୍ତି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୩ ମାସ ମଧ୍ୟରେ ୫ ଲକ୍ଷ କୋଟି ଟଙ୍କାର ୬୮ ସଡ଼କ ପ୍ରକଳ୍ପ କାର୍ଯ୍ୟ ପାଇଁ ଠିକା ଦିଆଯିବ। ଫଳରେ ବାଣିଜ୍ୟିକ ଗାଡ଼ି ଚାହିଦା ବଢ଼ିବ। ଗଡ଼କରୀ କହିଛନ୍ତି ଯେ, ଅଟୋ ସେକ୍ଟର ପାଇଁ ଫାଇନାନ୍ସ ବା ଋଣ ପ୍ରଦାନ ଏକ ବଡ଼ ସମସ୍ୟା ହୋଇଛି। ସରକାର ଏହାର ସମାଧାନ ଲାଗି ବ୍ୟସ୍ତ। ବିଶ୍ୱସ୍ତରରେ ମାନ୍ଦାବସ୍ଥା ଏବଂ ଚାହିଦା-ଯୋଗାଣ ମଧ୍ୟରେ ତାଳମେଳ ନ ରହିବା ଯୋଗୁ ଅଟୋମୋବାଇଲ ସେକ୍ଟର କ୍ଷତିଗ୍ରସ୍ତ ହୋଇଛି। ଅର୍ଥ ମନ୍ତ୍ରଣାଳୟର ସହାୟତା ମିଳିବା ପରେ ମାତ୍ର ୪ ମାସ ଭିତରେ ଏହି ସେକ୍ଟର ପୁନର୍ବାର ଭଲ ସ୍ଥିତିକୁ ଫେରି ଆସିବ।

# ବେକାରି ୩ ବର୍ଷର ସର୍ବୋଚ୍ଚ ସ୍ତରରେ

**ନୂଆଦିଲ୍ଲୀ,୫-୯**




### ମାନ୍ଦାବସ୍ଥା କାରଣରୁ ଯାଉଛି ଚାକିରି

ଦେଶରେ ଏବେ ଆର୍ଥିକ ମାନ୍ଦାବସ୍ଥା ଗ୍ରାସ କରିଛି। ଏହି କାରଣରୁ ପ୍ରାୟ ସବୁ ସେକ୍ଟର ଉପରେ ବିପଦ ମାଡି ଆସିଛି। ଗତ କିଛି ମାସ ହେବ ଅଟୋମୋବାଇଲ ସେକ୍ଟରରେ ପ୍ରାୟ ସାଢ଼େ ୩ ଲକ୍ଷରୁ ଅଧିକ କର୍ମଚାରୀ ବେକାର ହୋଇଗଲେଣି। ଅଟୋମୋବାଇଲ ପରେ ଟେକ୍ସଟାଇଲ, ଏଫ୍‌ଏମ୍‌ସିଜି ଓ ରିଏଲ ଇଷ୍ଟେଟ୍ ସେକ୍ଟରରେ ନିଯୁକ୍ତି ସଙ୍କଟ ଦେଖାଦେଇଛି।

ଜିଡିପି ସମେତ ଅନ୍ୟ ଆର୍ଥିକ ତଥ୍ୟ କାରଣରୁ ବିରୋଧୀ ଦଳଗୁଡ଼ିକର ସମାଲୋଚନାର ଶିକାର ହେଉଥିବା ମୋଦି ସରକାରଙ୍କୁ ଆଉ ଏକ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡିବ। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ) ପକ୍ଷରୁ ଦେଶର ନିଯୁକ୍ତି ସଂକ୍ରାନ୍ତ ସଦ୍ୟତମ ରିପୋର୍ଟ ପ୍ରକାଶ କରାଯାଇଛି। ଅଗଷ୍ଟରେ ବେକାରି ହାର ୩ ବର୍ଷର ସର୍ବୋଚ୍ଚ ସ୍ତର ୮.୪%ରେ ପହଞ୍ଚିଛି। ଏଥିରେ କୁହାଯାଇଛି ଯେ, ଲୋକେ ଚାକିରି ନ ପାଇ ନିରାଶ ହେଉଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ, ତିନି ବର୍ଷ ପୂର୍ବେ ୨୦୧୬ ସେପ୍ଟେମ୍ବରରେ ବେକାରି ହାର ଏହି ସ୍ତରରେ ପହଞ୍ଚିଥିଲା। ଏଥିରେ ଅଗଷ୍ଟର ସାପ୍ତାହିକ ବେକାରି ହାର ତଥ୍ୟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ପ୍ରତି ସପ୍ତାହରେ ବେକାରି ହାର ୮ରୁ ୯ ପ୍ରତିଶତ ମଧ୍ୟରେ ରହିଛି। ମାସକ ପୂର୍ବରୁ ଜୁଲାଇରେ ସାପ୍ତାହିକ ବେକାରି ହାର ୭ରୁ ୮ ପ୍ରତିଶତ ରହିଥିଲା। ଏହାକୁ ହିସାବକୁ ନେଲେ ବେରୋଜଗାରଙ୍କ ସଂଖ୍ୟା ୧ ପ୍ରତିଶତ ବଢ଼ିଛି। ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ସହରାଞ୍ଚଳରେ ବେକାରି ହାର ୯.୬ ଏବଂ ଗ୍ରାମାଞ୍ଚଳରେ ୭.୮% ରହିଛି।

#### ରୋଜଗାର ସ୍ଥିତି

ଚଳିତବର୍ଷ ଅଗଷ୍ଟରେ ଗ୍ରାମାଞ୍ଚଳରେ ବାର୍ଷିକ ହାରରେ ରୋଜଗାର ବଢୁଥିବା ଦେଖିବାକୁ ମିଳିଛି ଏବଂ ଏହା ୨.୯% ରହିଛି। ଅନ୍ୟପକ୍ଷରେ ସହରାଞ୍ଚଳରେ ଏହା ୦.୨% ହ୍ରାସ ପାଇଛି। ରିପୋର୍ଟ ମୁତାବକ ଅଗଷ୍ଟରେ ଶ୍ରମ ଭାଗୀଦାରିତା ହାର ୪୩.୩୫ ପ୍ରତିଶତ ସହ ସାମାନ୍ୟ ବୃଦ୍ଧି ପାଇଛି, ଯାହା କି ଗତବର୍ଷ ଅକ୍ଟୋବରରେ ୪୨.୪୭ ପ୍ରତିଶତ ରହିଥିଲା। ବିମୁଦ୍ରୀକରଣ ଓ ଜିଏସ୍‌ଟି ଝଟ୍‌କାରୁ ବାହାରି ଆସିବା ପରେ ଏବେ ଶ୍ରମ ଭାଗୀଦାରିତା ବଢ଼ିବାରେ ଲାଗିଛି। ତେବେ ନିଯୁକ୍ତି ପରିସଂଖ୍ୟାନ ସହ ଏହା ମେଳ ଖାଉନାହିଁ। ଲୋକେ ଚାକିରି ଖୋଜୁଛନ୍ତି, ଅଥଚ ପାଉନାହାନ୍ତି। ଏହା ଅର୍ଥନୀତି ପାଇଁ ସତର୍କ ଘଣ୍ଟି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ପ୍ଲଟ୍ ନଂ.: ୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଶାଖା ଇ-ମେଲ: sbi.05174@sbi.co.in

**ସର୍ବସାଧାରଣ ନୋଟିସ୍**
ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ସହିତ ସର୍ବସାଧାରଣଙ୍କୁ ସୂଚନା

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଅବଗତ କରାଇ ଦିଆଯାଉଛି କି **ତା.୦୫.୦୮.୨୦୧୯ରିଖରେ** ଦୈନିକ ଖବର କାଗଜ "ଧରିତ୍ରୀ"ରେ ପ୍ରକାଶିତ ଆମ୍ଭର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ **ତା.୦୬.୦୯.୨୦୧୯ରିଖରେ** ଅନୁଷ୍ଠିତ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ବିକ୍ରୟକୁ ବ୍ୟାଙ୍କ ପକ୍ଷରୁ ଏତଦ୍‌ଦ୍ୱାରା ରଦ୍ଦ କରାଗଲା।

ତାରିଖ: ୦୫.୦୯.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ : ଭୁବନେଶ୍ୱର — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**SAMBALPURI BASTRALAYA Hlcs Ltd., Bargarh**
No.2455 dt.31.08.2019
**QUOTATION CALL NOTICE**
Sealed quotations are invited from the reputed firms/suppliers for supply of different category of bags. The details specification, terms and conditions & quantity of supply of goods will be available in our website - www.sambalpuribastralaya.com.
Sd/- D.Nanda
Managing Director



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER, TELECOM. DIVISION
SLDC Building, P.O. - Mancheswar Railway Colony, Bhubaneswar-751017
CIN : U40102OR2004SGC007553

**TENDER NOTICE**
Sealed tenders are invited for the work **"Sweeping, Cleaning & Sanitation works at Telecom Division, OPTCL, BBSR & Telecom Circle, BBSR"**. The details of tender notice is available in the website of OPTCL **(www.optcl.co.in)** as well as in the office of the Deputy General Manager, Telecom. Division, OPTCL, Bhubaneswar during working hours. Sale of tender paper : **From 10.09.2019 to 17.09.2019 (10.00 AM to 5.00 PM)**. Last date of submission of tender paper : **Dt. 20.09.2019 (up to 1 PM)**. Date of opening of tender paper : **Dt. 20.09.2019 (at 4 PM)**. Cost of tender paper : **₹2,240/-**.
**Deputy General Manager, Telecom. Division**



**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
**At: Argul, Post: Jatni, Khurda, Odisha, Pin: 752050**
**निविदा के लिए आमंत्रण / NOTICE INVITING TENDER**

Sealed Tenders in prescribed format are invited from the approved and eligible convocation organizers, auditorium decorators, stage and pavilion decorators, and event management groups having experience with IIT Bhubaneswar/CPWD/PWD/MES/PSUs/Government Organization in organizing convocations or National level conference or similar type of meeting where high dignitaries of Govt. of India were the Chief Guests for the following work.

| Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|
| Providing physical arrangements and electrical facilities inside community centre and erection of temporary structures for audience, kitchen and dining space near the venue of 8th convocation of IIT Bhubaneswar inside the campus at Argul, Jatni. | 8,68,307/- | 500/- | 17,400/- | 13.09.2019 upto 1.30 P.M | 13.09.2019 at 2.00 P.M | 3 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.
Sd/-Superintending Engineer





ପାନାସୋନିକ ପକ୍ଷରୁ ଡିଲର ସମ୍ମିଳନୀ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କମ୍ପାନୀର ଅଂଶୀଦାର ତଥା ଡିଲରମାନେ ଯୋଗ ଦେଇଥିଲେ। ରାଜ ଇଲେକଟ୍ରୋନିକ୍ସ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ପାତ୍ର ଇଲେକଟ୍ରୋନିକ୍ସ, ସାଇ, ୱାର୍ଲଡ, ଓମ୍ ଟ୍ରେଡର୍ସ, ଚୌଧୁରୀ ଇଲେକଟ୍ରୋନିକ୍ସ, କଳିଙ୍ଗ ଏଣ୍ଟରପ୍ରାଇଜେସ, ଜିଏନ୍ ଇଲେକଟ୍ରୋନିକ୍ସ ଭଳି ଡିଲରଶିପଗୁଡିକୁ ସମ୍ମାନିତ କରାଯାଇଥିଲା। ପାନାସୋନିକ ପକ୍ଷରୁ ଏହାର ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**
Sealed Tenders are invited by the undersigned from registered Contractors having valid I.T PAN No and GST Registration Certificate for **Tender Call No: 9** Different Repair & Maintenance works of **132/33KV TL S/D Umerkote / Dabugaon / Tentulikhunti and Division office. Cost of Tender Papers are of** Rs.2240.00 (non-refundable) in shape of Cash & EMD @1% of quoted amount in the shape of DD/Cash. **Sale of Tender Documents from** Dt.04.09.2019 to upto 12:00 Noon of Dt.13.09.2019. **Last Date of Submission of Tender on or before** Dt.13.09.2019 upto 03:00PM. **Tenders will be Opened** on Dt.13.09.2019 at 04:30 PM.
**Corrigendum if any will be published in the website only.**
Sd/-
DGM (Ele.)
Please connect us: optcl.odisha optcl_odisha energyodisha



**OFFICE OF THE PURI MUNICIPALITY, PURI**
Phone - 06752 222122, e-mail - purim.hud@nic.in
No.7127 Dt: 05.09.19
**QUOTATION/TENDER CALL NOTICE**
Sealed tenders are invited from the interested reputed/registered Transport agencies/ Suppliers/Service Providers/firms for supply of 48 Nos. of Light Commercial Vehicle - (preferably TATA ACE) including driver to this office for door to door collection of garbage from households inside Puri Municipality Area which shall conform to the Terms and conditions for Official Use in Solid Waste Management. The details terms & condition and quotation paper may be obtained from the website www.purimunicipality.nic.in.
Sd./- Executive Officer
Puri Municipality, Puri


# କଟକ ମଣ୍ଡଳ ପକ୍ଷରୁ ଏଲ୍‌ଆଇସି ସ୍ଥାପନା ଦିବସ

**କଟକ, ୫-୯**




ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି)ର ୬୩ତମ ପ୍ରତିଷ୍ଠା ଦିବସ କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ପାଳିତ ହୋଇଯାଇଛି। ଏଲ୍‌ଆଇସି କଟକ ମଣ୍ଡଳ ୧୯୫୬ରୁ କାର୍ଯ୍ୟ କରି ଆସୁଛି। ଏହା ଓଡ଼ିଶାର ସର୍ବପୁରାତନ ମଣ୍ଡଳ ହୋଇଥିବା ବେଳେ ୧୦ ଜିଲାରେ ସେବା ଯୋଗାଉଛି। ଏହା ମଧ୍ୟରେ ୧୯ ଶାଖା, ୨୬ ସାଟେଲାଇଟ ଶାଖା, ୧ କଷ୍ଟମର ଜୋନ, ୫ ବିକ୍ରୟ ପ୍ରଶିକ୍ଷଣ କେନ୍ଦ୍ର, ୫୦୦ରୁ ଊର୍ଦ୍ଧ୍ୱ ପ୍ରିମିୟମ ପଏଣ୍ଟ ଏବଂ ୫ ମିନି ଅଫିସ ସାମିଲ ରହିଛି। ମଣ୍ଡଳ ମଧ୍ୟରେ ୪୯ ଲକ୍ଷରୁ ଅଧିକ ଚଳନଶୀଳ ପଲିସି ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ମଣ୍ଡଳ ୫.୧୦ ଲକ୍ଷ ନୂଆ ପଲିସି ଦ୍ୱାରା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଏହି ମଣ୍ଡଳ ଅଧୀନ ଭଦ୍ରକ ଶାଖା ୫୩,୬୫୮ ନୂଆ ପଲିସି ଦ୍ୱାରା ସାରା ଦେଶରେ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଯାଜପୁର ୫ ଏବଂ ବାଲେଶ୍ୱର ୬ ନମ୍ବର ସ୍ଥାନରେ ରହିବା ସହ ଦେଶର ପ୍ରଥମ ୧୦ ଶାଖା ମଧ୍ୟରେ ନିଜକୁ ସାମିଲ କରିପାରିଛନ୍ତି। ୨୦୧୯ ମାର୍ଚ୍ଚ ସୁଦ୍ଧା ପରିପକ୍ୱ ଦାବି ଓ ପଲିସି ଅବଧି ଦାବିର ୯୬.୫% ଏବଂ ମୃତ୍ୟୁକାଳୀନ ଦାବିର ୯୯.୯୯% ସମାଧାନ କରିବାକୁ ସକ୍ଷମ ହୋଇଥିବା ମଣ୍ଡଳ ଅଶୋକ କୁମାର ରାଉତରାଏ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଓପିଏସ୍‌ସି ଅଧ୍ୟକ୍ଷ ଏଲସି ପଟ୍ଟନାୟକ, ମାର୍କେଟିଂ ମ୍ୟାନେଜର ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଅଶ୍ୱିନୀ ପଲାଇ, ଅନ୍ୟାନ୍ୟ ଅଧିକାରୀ, ଅଭିକର୍ତ୍ତା, ସେବା ନିବୃତ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।


**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା : ୧୮୯୧ — ତା.୦୪.୦୯.୨୦୧୯

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମର ଉତ୍ତର ମଣ୍ଡଳ ଅଞ୍ଚଳରେ ଥିବା **୫ ଗୋଟି ପାର୍କ ସ୍ଥଳକୁ ତା.୧୨/୦୯/୨୦୧୯ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା** ସମୟରେ ସ୍ପଟ ଅକ୍ସନ୍ କରାଯିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଉତ୍ତର ମଣ୍ଡଳ କାର୍ଯ୍ୟାଳୟରେ ସ୍ଥିରିକୃତ କରାଯାଇଛି । ଯାହାର ସମସ୍ତ ବିବରଣୀ www.bmc.gov.in ରେ ଉପଲବ୍ଧ । ଯେଉଁ ପାର୍କ ସ୍ଥଳ **ତା.୧୨.୦୯.୨୦୧୯ ରିଖରେ** ସ୍ପଟ ଅକ୍ସନ୍ ହୋଇ ନପାରିବ ସେଗୁଡିକ **ତା.୧୩.୦୯.୨୦୧୯ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା** ସମୟରେ ସ୍ପଟ ଅକ୍ସନ୍ କରାଯିବ ।

ଏଣୁ ଯେଉଁ ଇଚ୍ଛୁକ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି , ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଲାମ ପ୍ରକ୍ରିୟାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଉପ ଆୟୁକ୍ତ (ଉତ୍ତର ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ
ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**INDIAN HANDICRAFTS & GIFT FAIR (AUTUMN) 2019**
Applications are hereby invited from Handicrafts Entrepreneurs / Organizations having Import Export Code for participation in Indian Handicrafts and Gift Fair (Autumn)-2019 to be held from **16th to 20th October-2019** at **Greater Noida, Expo Mart, New Delhi**. Interested Entrepreneurs / Organizations involved in Export Activities for Handicrafts sector may apply to **Member Secretary, SIDAC** on or before **16.09.2019**. Member Secretary
**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O: Khandagiri, Bhubaneswar-30
Tel. No.: +91 (0) 674-2350318
E-mail: sidacorissa@gmail.com, Website: www.sidacodisha.org.in


See Career Appointment on every Wednesday & Saturday

“ ଭାରତ ଟୁର୍‌ରେ ଯିବାକୁଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ପାଇଁ ଶ୍ରେଷ୍ଠ ଫର୍ମୁଲା ପ୍ରସ୍ତୁତ ଲାଗି ମୋତେ ରାତି ରାତି ଉଜାଗର ରହିବାକୁ ପଡ଼ିଛି ।
–ଏନୋଚ୍ ଏନ୍‌କ୍ୱେ, ଦକ୍ଷିଣ ଆଫ୍ରିକା ଟିମ୍ ଡାଇରେକ୍ଟର



“ ଖରାପ ବ୍ୟବହାର ପାଇଁ ନିକ୍ କିରଗିଓସଙ୍କୁ ଜରିମାନା କଲେ ସେ ସୁଧୁରିବେ ନାହିଁ, ତାଙ୍କୁ ଏଟିପି ଟୁର୍‌ରୁ ସସ୍‌ପେଣ୍ଡ କରାଯିବା ଉଚିତ୍ ।
–ରଡ୍ ଲାଭର, ପୂର୍ବତନ ଟେନିସ୍ ଖେଳାଳି



# ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ୧୩ରୁ

**ଭୁବନେଶ୍ୱର, ୫।୯ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ (କେଡିଟିଟିଏ) ଆନୁକୂଲ୍ୟରେ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୪ତମ ସଂସ୍କରଣ ଚଳିତମାସ ୧୩ରୁ ଆରମ୍ଭ ହେବ। ସହିଦ ନଗରସ୍ଥିତ ଟେବୁଲ ଟେନିସ ହଲ୍‌ରେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା, ଭୁବନେଶ୍ୱର, ବଲାଙ୍ଗୀର, ଜଗତସିଂହପୁର, କଟକ, ରାଉରକେଲା, କୋରାପୁଟ, ଅନୁଗୋଳ, ପାରାଦୀପ, ଗଞ୍ଜାମ, ଝାରସୁଗୁଡ଼ା, ରେଲୱେ, ଏଜି ଏବଂ ପିଏସୟୁ ଆଦି ଜିଲା ଓ ଅନୁଷ୍ଠାନରୁ ପାଖାପାଖି ୨୦୦ ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି। ଏହି ଚାମ୍ପିୟନଶିପ୍ କ୍ୟାଡେଟ, ସବ୍‌ଜୁନିୟର, ଜୁନିୟର, ୟୁଥ୍, ସିନିୟର(ମହିଳା/ପୁରୁଷ) ବିଭାଗରେ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗୀ ସଂଖ୍ୟାକୁ ଦେଖି ଆୟୋଜକ କମିଟି କେତେ ଇଭେଣ୍ଟରେ ପ୍ରତିଯୋଗିତା ହେବ ତାହା ନିଷ୍ପତ୍ତି ନେବ। ଆକର୍ଷଣୀୟ ଟ୍ରଫି ସହିତ ପ୍ରତି ବିଭାଗର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସଟିଟିଏ) ଅନୁମୋଦନକ୍ରମେ ଏହି ଟୁର୍ନାମେଣ୍ଟ ହେବାକୁ ଯାଉଥିବାରୁ କୃତୀ ପ୍ରତିଯୋଗୀମାନେ ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇ ରାଜ୍ୟ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ପାଇବେ। ଏଥିରେ ସ୍କୁଲ, କଲେଜ, ସହବନ୍ଧିତ ଆସୋସିଏଶନ, କ୍ଲବ, ଅନୁଷ୍ଠାନ ମାଧ୍ୟମରେ ପିଲାମାନେ ଭାଗ ନେଇପାରିବେ। କେହି ଖେଳାଳି କୌଣସି ଅନୁଷ୍ଠାନ ସହ ଜଡ଼ିତ ନ ଥିଲେ ସିଧାସଳଖ ୩୫୦ ଟଙ୍କାର ପ୍ରବେଶିକା ଦେୟ ଦେଇ ଟୁର୍ନାମେଣ୍ଟ ଖେଳି ପାରିବେ ବୋଲି ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

# ସ୍ମିଥ୍‌ଙ୍କ ଦ୍ୱିଶତକ

**ମାଞ୍ଚେଷ୍ଟର, ୫।୯ (ଏଏଫ୍‌ପି)**

ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଇଂଲଣ୍ଡ ବିପକ୍ଷ ଚଳିତ ଆଶେସ ସିରିଜରେ ତାଙ୍କ ପ୍ରଭାବୀ ବ୍ୟାଟିଂ ଜାରି ରଖିଛନ୍ତି। ଓଲ୍ଡ ଟ୍ରାଫୋର୍ଡଠାରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ସ୍ମିଥଙ୍କ ଦ୍ୱିଶତକ ସହାୟତାରେ ଅଷ୍ଟ୍ରେଲିଆ ୮ ଉଇକେଟ ବିନିମୟରେ ୪୯୭ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ସ୍ମିଥ୍ ୨୧୧ ରନ କରି ଜୋ ରୁଟ୍‌ଙ୍କ ବଲ୍‌ରେ ଜୋ ଡେନ୍‌ଲିଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ନସ ଲବୁସ୍କେନ ୬୭, ଅଧିନାୟକ ଟିମ୍ ପେନ୍ ୫୮ ରନ କରିଥିବାବେଳେ ମିଚେଲ ଷ୍ଟାର୍କ ୫୪ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ୩ ଉଇକେଟ ନେଇଥିବାବେଳେ ଜ୍ୟାକ୍ ଲିଚ୍ ଓ କ୍ରେଗ୍ ଓଭରଟନ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଘରୋଇ ଦଳ ୧ ଉଇକେଟ ବିନିମୟରେ ୨୩ ରନ କରିଛି।

ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ସ୍ମିଥ୍‌ଙ୍କୁ କଟ୍ ଆଣ୍ଡ ବୋଲ୍ଡର ଏକ ସୁଯୋଗ ପାଇ ହାତଛଡ଼ା କରିଥିଲେ। ସେ ସଫଳ ହୋଇଥିଲେ ହୁଏତ ମ୍ୟାଚର ସ୍ଥିତି ଭିନ୍ନ ହୋଇଥାନ୍ତା। ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଟେଷ୍ଟ ର୍‍ୟାଙ୍କିଙ୍ଗ ବ୍ୟାଟ୍ସମ୍ୟାନ ସେତେବେଳେ ୬୫ ରନ କରି ଖେଳୁଥିଲେ। ଲର୍ଡ୍ସ ଟେଷ୍ଟରେ ଆର୍ଚରଙ୍କ ବାଉନ୍ସରରେ ଆଘାତପ୍ରାପ୍ତ ସ୍ମିଥ୍ ତୃତୀୟ ଟେଷ୍ଟ ଖେଳିବାରୁ ବଞ୍ଚିତ ହୋଇଥିଲେ। ସ୍ମିଥ୍ ଏଠାରେ ତାଙ୍କ କ୍ୟାରିୟରର ତୃତୀୟ ଦ୍ୱିଶତକ ହାସଲ କରିଛନ୍ତି। କୌତୂହଳର ବିଷୟ ଏହି ସମସ୍ତ ଦ୍ୱିଶତକ ସେ ଇଂଲଣ୍ଡ ବିପକ୍ଷରେ ହାସଲ କରିଛନ୍ତି।

ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ବଲ୍ ଟ୍ୟାମ୍ପରିଂ ଅଭିଯୋଗରେ ୧୨ ମାସ ବାସନ୍ଦ ଦଣ୍ଡ ଭୋଗି ସାରିବା ପରେ ଏଜବାଷ୍ଟନଠାରେ ଖେଳାଯାଇଥିବା ସିରିଜର ପ୍ରଥମ ଟେଷ୍ଟ ଦୁଇଟି ଇନିଂସରେ ଯଥାକ୍ରମେ ୧୪୪ ଏବଂ ୧୪୨ ରନ କରିଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ୨୫୧ ରନରେ ବିଜୟ ଲାଭ କରିଥିଲା। ଗୁରୁବାର ଅଷ୍ଟ୍ରେଲିଆ ବର୍ଷାରେ ବାଧାପ୍ରାପ୍ତ ପ୍ରଥମ ଦିବସ ଖେଳର ଅସମାପ୍ତ ସ୍କୋର ୧୭୦/୩ରୁ ଖେଳ ଆରମ୍ଭ କରିଥିଲା। ସ୍ମିଥ୍ ଅପରାଜିତ ୬୦ ରନ ସ୍କୋରରୁ ବ୍ୟାଟିଂ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୯୭/୮, ଘୋଷଣା (ଷ୍ଟିଭ ସ୍ମିଥ୍–୨୧୧, ମାର୍ନସ ଲବୁସ୍କେନ୍–୬୭, ଟିମ୍ ପେନ୍–୫୮, ମିଚେଲ ଷ୍ଟାର୍କ–୫୪*, ଷ୍ଟୁଆର୍ଟ ବ୍ରଡ୍–୩/୯୭, ଜ୍ୟାକ୍ ଲିଚ୍–୨/୮୩, କ୍ରେଗ୍ ଓଭରଟନ–୨/୮୫)।

## ଅଲୋଡ଼ା ତାଲିକାରେ ୱାର୍ନର

ଚଳିତ ଆଶେସ ସିରିଜ୍‌ରେ ଅଷ୍ଟ୍ରେଲିଆନ ଓପନର ଡେଭିଡ ୱାର୍ନରଙ୍କ ଖରାପ ଫର୍ମ ଜାରି ରହିଛି। ସେ ଏଠାରେ ଖେଳାଯାଉଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଷ୍ଟୁଆର୍ଟ ବ୍ରଡଙ୍କ ଅଫ୍ ଷ୍ଟମ୍ପ ବାହାର ବଲକୁ ମାରିବାକୁ ଯାଇ ଉଇକେଟକିପର ଜନି ବେଆରଷ୍ଟୋଙ୍କୁ କ୍ୟାଚ୍ ଦେଇଥିଲେ। ଏଥିସହିତ ୱାର୍ନର ୩୪ ବର୍ଷରେ ପ୍ରଥମ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ ଭାବେ ଗୋଟିଏ ସିରିଜ୍‌ରେ ୬ ଥର ଏକ ସଂଖ୍ୟା ବିଶିଷ୍ଟ ସ୍କୋରରେ ଆଉଟ୍ ହୋଇଥିବା ଅଲୋଡ଼ା ତାଲିକାରେ ସ୍ଥାନ ପାଇଛନ୍ତି। ୱାର୍ନର ପ୍ରଥମ ଟେଷ୍ଟରେ ୨ ଓ ୮ (ବର୍ମିଂହାମ), ଦ୍ୱିତୀୟରେ ୩ ଓ ୫ (ଲର୍ଡ୍ସ), ତୃତୀୟରେ ୬୧ ଓ ୦ (ଲିଡ୍ସ) ଓ ଚତୁର୍ଥରେ ୦ (ମାଞ୍ଚେଷ୍ଟର) ରନ୍ କରିଛନ୍ତି। ତାଙ୍କ ପୂର୍ବରୁ ବିରାଟ କୋହଲି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଏହି ଅଲୋଡ଼ା ତାଲିକାରେ ସ୍ଥାନ ପାଇଥିଲେ।



ଦ୍ୱିଶତକ ହାସଲକାରୀ ଷ୍ଟିଭ ସ୍ମିଥ୍।

# ଈଶ୍ୱରନଙ୍କ ଶତକ: ଦୃଢ଼ ସ୍ଥିତିରେ ଇଣ୍ଡିଆ ରେଡ୍

**ଦୁଲୀପ୍ ଟ୍ରଫି ଫାଇନାଲ**

**ବେଙ୍ଗାଲୁରୁ, ୫।୯ (ପି.ଟି.)**

ଓପନର୍ ଅଭିମନ୍ୟୁ ଈଶ୍ୱରନଙ୍କ ଅପରାଜିତ ଶତକୀୟ ଇନିଂସ ବଳରେ ଇଣ୍ଡିଆ ଗ୍ରୀନ୍ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଦୃଢ଼ ସ୍ଥିତିରେ ରହିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ୫ ଦିବସୀୟ ମ୍ୟାଚ୍‌ରେ ଇଣ୍ଡିଆ ଗ୍ରୀନ ପ୍ରଥମ ଇନିଂସରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଗୁରୁବାର ୨ୟ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଇଣ୍ଡିଆ ରେଡ୍ ପ୍ରଥମ ଇନିଂସରେ ୫୨ ଓଭରରେ ୨ ଉଇକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଛି। ଈଶ୍ୱରନ ୧୦୨ (୧୧ ଚୌକା ଓ ୨ ଛକା) ଓ ଅଙ୍କିତ କାଲସି ୧୧ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ପଞ୍ଚାଲ ୩୩ ଓ ଅଭିଜ୍ଞ କରୁଣ ନାୟାର ୨୦ ରନ କରି ଆଉଟ୍ ହୋଇଛନ୍ତି। ପ୍ରତିପକ୍ଷ ବୋଲର ଅଙ୍କିତ ରାଜପୁତ ଓ ମୟଙ୍କ ମାର୍କଣ୍ଡେ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ଓଡ଼ିଆ ଦ୍ରୁତ ବୋଲର ରାଜେଶ ମହାନ୍ତି ୯ ଓଭର ବୋଲିଂ କରି ୪୩ ରନ୍ ବ୍ୟୟ କରିଥିଲେ ମଧ୍ୟ ଉଇକେଟ୍ ଶୂନ୍ୟ ରହିଥିଲେ। ହାତରେ ଆହୁରି ୮ଟି ଉଇକେଟ୍ ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଇଣ୍ଡିଆ ରେଡ୍ ୫୭ ରନ୍ ଆବଶ୍ୟକ କରୁଛି।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୭/୮ରୁ ବ୍ୟାଟିଂ ଆରମ୍ଭ କରି ଇଣ୍ଡିଆ ଗ୍ରୀନ ଗୁରୁବାର ୨୩୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୩୨ ରନ୍ କରି ଖେଳୁଥିବା ମୟଙ୍କ ମାର୍କଣ୍ଡେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୭୬ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୧୧ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଙ୍କିତ ରାଜପୁତ ମଧ୍ୟ ୩୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇବାରେ ସଫଳ ହୋଇଥିଲେ। ପ୍ରତିପକ୍ଷ ଇଣ୍ଡିଆ ରେଡ୍ ପକ୍ଷରୁ ଜୟଦେବ ଉନାଡକଟ୍ ୪ ଏବଂ ସନ୍ଦୀପ ୱାରିୟର ଓ ଅଭେସ ଖାଁ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି।



ଅଭିମନ୍ୟୁ ଈଶ୍ୱରନ

**ସଂକ୍ଷିପ୍ତ ସ୍କୋର:**

**ଇଣ୍ଡିଆ ଗ୍ରୀନ୍ ପ୍ରଥମ ଇନିଂସ:** ୨୩୧/୧୦ (ମାର୍କଣ୍ଡେ ୭୬*, ଆକାଶଦୀପ ନାଥ ୨୯, ରାଜପୁତ ୪/୮୩)

**ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ:** ୧୭୫/୨, ୫୨ ଓଭର (ଈଶ୍ୱରନ ୧୦୨*, ପଞ୍ଚାଲ ୩୩, କାଲସି ୧୧*, ମାର୍କଣ୍ଡେ ୧/୨୪)।

# ଦକ୍ଷିଣ ଆଫ୍ରିକା ଟି୨୦ ଦଳରେ ପରିବର୍ତ୍ତନ

**ଜୋହାନ୍ସବର୍ଗ, ୫।୯ (ପିଟି)**

ଆସନ୍ତା ୧୫ ତାରିଖରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ ଟି୨୦ ସିରିଜ୍ ଲାଗି ଘୋଷିତ ଦକ୍ଷିଣ ଆଫ୍ରିକା ଦଳରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ସ୍ଥାନ ପାଇଥିବା ଅଲରାଉଣ୍ଡର ଜନ–ଜନ ଟ୍ରେଭର ସ୍ମୁଟ୍ସ ଦଳରୁ ବାଦ୍ ପଡ଼ିଛନ୍ତି। ଦଳରେ ସ୍ଥାନ ପାଇବା ପାଇଁ ସେ ଏବେ ସମ୍ପୂର୍ଣ୍ଣ ଫିଟ୍ ନୁହନ୍ତି। ତାଙ୍କ ବଦଳରେ ବର୍ତ୍ତମାନ ଭାରତ ଏ’ ବିପକ୍ଷରେ ଅନ୍‌ଅଫିସିଆଲ ସିରିଜ୍ ଖେଳୁଥିବା ଜର୍ଜ ଲିଣ୍ଡେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ବାମହାତୀ ସ୍ପିନର ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରି ନାହାନ୍ତି। ୨୭ ବର୍ଷୀୟ କ୍ରିକେଟର ୫ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲାରେ ଦ୍ରୁତ ୫୨ ରନ୍ କରିବା ସହ ୩ ମ୍ୟାଚ୍‌ରୁ ସମାନ ସଂଖ୍ୟକ ଉଇକେଟ ନେଇଥିଲେ। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ଶୁକ୍ରବାର ଭାରତ ଆସିବେ। ଦକ୍ଷିଣ ଆଫ୍ରିକା ଦଳ ତା’ର ୩ ମ୍ୟାଚ୍ ଟି୨୦ ସିରିଜ୍ ୧୫ ତାରିଖରେ ଧର୍ମଶାଳାଠାରୁ ଆରମ୍ଭ କରିବ।

ଦକ୍ଷିଣ ଆଫ୍ରିକା ଦଳ: କୁଇଣ୍ଟନ ଡି’କକ୍ (ଅଧିନାୟକ), ରାସି ଭାନ ଡର ଡୁସେନ (ଉପ ଅଧିନାୟକ), ଟେମ୍ବା ବାଭୁମା, ଜୁନିଅର ଡାଲା, ବିଜର୍ନ ଫରଚୁନ, ବେରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଆନରିଚ ନର୍ଟଜେ, ଆଣ୍ଡିଲେ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିଅସ, କାଗିସୋ ରବାଡା, ତାବ୍ରିଜ ଶାମ୍‌ସି ଓ ଜର୍ଜ ଲିଣ୍ଡେ।

# ରହମତଙ୍କ ଶତକ, ଆଫଗାନିସ୍ତାନ ୨୭୧/୫

**ଚିଟ୍ଟାଗଙ୍ଗ, ୫।୯ (ଏଏଫ୍‌ପି)**

ବ୍ୟାଟ୍ସମ୍ୟାନ ରହମତ ଶାହ ଆଫଗାନିସ୍ତାନର ପ୍ରଥମ କ୍ରିକେଟର ଭାବେ ଏକ ଟେଷ୍ଟ ଶତକ ହାସଲ କରିଛନ୍ତି। ଏଠାରେ ଗୁରୁବାର ବାଂଲାଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ଶାହ ୧୦୨ ରନ କରିଥିବାବେଳେ ଚତୁର୍ଥ ଉଇକେଟରେ ଅସଘର ଆଫଗାନଙ୍କ ସହିତ ୧୨୦ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିଛନ୍ତି। ଘରୋଇ ଦଳର ସ୍ପିନ ଆକ୍ରମଣ ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ଉପରେ ପ୍ରଭାବ ଜାହିର କରିପାରି ନ ଥିଲା। ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ଷ୍ଟମ୍ପ ଅପସାରଣ ବେଳକୁ ୫ ଉଇକେଟ ବିନିମୟରେ ୨୭୧ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅସଘର ୮୮ ଏବଂ ଅଫ୍‌ସାର ଜାଜାଇ ୩୫ ରନ କରି ଅପରାଜିତ ରହିଛନ୍ତି। ଉଭୟେ ଫାଇନାଲ ସେସନରେ ଅପରାଜିତ ୭୪ ରନ ଯୋଗ କରିସାରିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ଏକଦା ୭୭ ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଶାହ ଏବଂ ଆଫଗାନ ଲଢୁଆ ବ୍ୟାଟିଂ କରି ଦଳକୁ ସଂକଟରୁ ଉଦ୍ଧାର କରିଥିଲେ। ବାଂଲାଦେଶ ପକ୍ଷରୁ ତାଇଜୁଲ ଇସ୍‌ଲାମ ଏବଂ ନଇମ୍ ହସନ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି। ସୂଚନାଯୋଗ୍ୟ, ଆଫଗାନିସ୍ତାନ ଚଳିତ ବର୍ଷ ପ୍ରାରମ୍ଭରେ ଆୟର୍ଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ଟେଷ୍ଟ ବିଜୟ ସଫଳତା ହାସଲ କରିଥିଲା। ଏହି ମ୍ୟାଚରେ ଶାହ ପ୍ରଥମ ଇନିଂସରେ ୯୮ ରନ ସମେତ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଆଫଗାନିସ୍ତାନ ଦଳ ତରଫରୁ ଇବ୍ରାହିମ ଜାଦ୍ରାନ, କ୍ୱାଇସ୍ ଅହମ୍ମଦ ଏବଂ ଜାହିର ଖାଁ ପ୍ରଥମ ଟେଷ୍ଟ ପଦାର୍ପଣ କରିଛନ୍ତି। ୨୦ ବର୍ଷ ୩୫୦ ଦିନ ବୟସରେ ରଶିଦ ଖାଁ ସର୍ବକନିଷ୍ଠ ଟେଷ୍ଟ ଅଧିନାୟକ ଭାବେ ଟସ୍ ପକାଇବା ସୌଭାଗ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ହୋଇଥିଲେ ଜିମ୍ବାୱେର ଟାଟେଣ୍ଡା ଟାଇବୁ। ସେ ରଶିଦଙ୍କଠାରୁ ମାତ୍ର ୮ ଦିନ ଅଧିକ ବୟସରେ ପ୍ରଥମ ଟେଷ୍ଟ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ।



ଶତକ ହାସଲକାରୀ ରହମତ ଶାହ

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ପ୍ରଥମ ଇନିଂସ: ୨୭୧/୫ (ରହମତ ଶାହ–୧୦୨, ଅସଘର ଆଫଗାନ–୮୮*, ନଇମ୍ ହସନ–୨/୪୩, ତାଇଜୁଲ ଇସ୍‌ଲାମ–୨/୭୩)।

# ରାଜସ୍ଥାନ, ତାମିଲନାଡୁ କ୍ୱାର୍ଟରରେ

**ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍**

**କଟକ ଅଫିସ, ୫।୯**

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବାଳକ ବର୍ଗରେ ରାଜସ୍ଥାନ ଓ ବାଳିକା ବର୍ଗରେ ତାମିଲନାଡୁ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବାଳକ ବର୍ଗର ପୁଲ–ବିରେ ସ୍ଥାନ ପାଇଥିବା ରାଜସ୍ଥାନ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ୬୨–୫୦ ପଏଣ୍ଟରେ ପଞ୍ଜାବକୁ ପରାସ୍ତ କରିଛି । ଲଗାତର ୩ୟ ବିଜୟ ସହ ଏହି ଦଳ କ୍ୱାର୍ଟରରେ ପ୍ରବେଶ କରିଛି। ସେହିପରି ବାଳିକା ବର୍ଗର ପୁଲ–ବିରେ ଥିବା ତାମିଲନାଡୁ ଗୁରୁବାର ଦିଲ୍ଲୀ ବିପକ୍ଷରେ ବୃହତ୍ ବିଜୟ ହାସଲ କରିଛି । ଦିଲ୍ଲୀକୁ ୮୪–୪୫ ପଏଣ୍ଟରେ ହରାଇଥିଲା ତାମିଲନାଡୁ । ତାମିଲନାଡୁ ବାଳିକା ଦଳର ମଧ୍ୟ ଏହା ଥିଲା ହ୍ୟାଟ୍ରିକ ବିଜୟ। ପ୍ରତିଯୋଗିତାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ଏହି ଦୁଇ ଦଳ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଲୋୟର ପୁଲକୁ ଖସି ସାରିଥିବା ଓଡ଼ିଶା ବାଳକ ଦଳ ଗୁରୁବାର ଲିଗ ମ୍ୟାଚ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଓଡ଼ିଶା ୯୪–୨୬ ପଏଣ୍ଟରେ ବିଜୟୀ ହୋଇଛି । ଓଡ଼ିଶା ପକ୍ଷରୁ ଶ୍ରେୟାଂଶ ପଣ୍ଡା ସର୍ବାଧିକ ୨୮ ପଏଣ୍ଟ ସ୍କୋର କରିଛନ୍ତି।

ବାଳକ ବର୍ଗର ଅନ୍ୟ ମ୍ୟାଚ୍‌ରେ ବିହାର ୭୦–୬୫ ପଏଣ୍ଟରେ ମହାରାଷ୍ଟ୍ରକୁ, ପଞ୍ଜାବ ୬୪–୪୫ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ, ଚଣ୍ଡିଗଡ଼ ୫୮–୫୬ ପଏଣ୍ଟରେ କେରଳକୁ, ଛତିଶଗଡ଼ ୬୧–୪୮ ପଏଣ୍ଟରେ କର୍ଣ୍ଣାଟକକୁ, ମଧ୍ୟପ୍ରଦେଶ ୪୫–୧୫ ପଏଣ୍ଟରେ ହିମାଚଳପ୍ରଦେଶକୁ, ମିଜୋରାମ ୫୮–୧୮ ପଏଣ୍ଟରେ ଦିଲ୍ଲୀକୁ, ରାଜସ୍ଥାନ ୬୨–୫୦ ପଏଣ୍ଟରେ ପଞ୍ଜାବକୁ, ତାମିଲନାଡୁ ୭୭–୬୯ ପଏଣ୍ଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ବାଳିକା ବର୍ଗର ମ୍ୟାଚ୍‌ରେ ତାମିଲନାଡୁ ୮୪–୪୫ ପଏଣ୍ଟରେ ଦିଲ୍ଲୀ, ଉତ୍ତରପ୍ରଦେଶ ୮୬–୪୪ ପଏଣ୍ଟରେ ରାଜସ୍ଥାନକୁ, ଚଣ୍ଡିଗଡ଼ ୩୧–୧୪ ପଏଣ୍ଟରେ ଉତ୍ତରାଖଣ୍ଡକୁ, କର୍ଣ୍ଣାଟକ ୩୮–୨୪ ପଏଣ୍ଟରେ ହରିୟାଣାକୁ, ହିମାଚଳପ୍ରଦେଶ ୩୨–୮ ପଏଣ୍ଟରେ ବିହାରକୁ, ପଶ୍ଚିମବଙ୍ଗ ୫୩–୧୮ ପଏଣ୍ଟରେ ପୁଡୁଚେରିକୁ, କର୍ଣ୍ଣାଟକ ୬୮–୪୦ ପଏଣ୍ଟରେ କେରଳକୁ ହରାଇଛି ।




କେରଳ ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# କୋହଲିଙ୍କ ଭାଇରାଲ ଫଟୋକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୫।୯**

ଭାରତୀୟ ଅଧିନାୟକ ବିରାଟ କୋହଲି ଗୁରୁବାର ଟୁଇଟରରେ ନିଜର ବିନା ପୋଷାକ ଫଟୋ ଶେୟାର କରିଛନ୍ତି। ଏହି ପୋଷ୍ଟର ମଜା ଉଠାଇଛନ୍ତି ଭାରତୀୟ ପ୍ରଶଂସକମାନେ। ନିକଟରେ ଦେଶରେ ନୂଆ ଟ୍ରାଫିକ ନିୟମ ଲାଗୁ ହେବା ପରେ ବିଭିନ୍ନ ରାଜ୍ୟରେ ଗାଡ଼ି ଚାଳକମାନେ ମୋଟା ଅଙ୍କର ଫାଇନ ଭରୁଥିବା ନଜର ଆସୁଛି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ମିମ୍ ପାଲଟିଛି। ତେବେ କୋହଲିଙ୍କ ଶାର୍ଟଲେସ ଫଟୋକୁ ମଧ୍ୟ ୟୁଜର୍ସମାନେ ମିମ୍ ଭାବେ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଉକ୍ତ ଫଟୋରେ ଜଣେ ପ୍ରଶଂସକ କମେଣ୍ଟ କରିଛନ୍ତି, ଟ୍ରାଫିକ ଚାଲାନ ଦେବା ପରେ ବିଶ୍ୱର ସବୁଠୁ ଏହି ଧନୀ କ୍ରିକେଟର। ଆଉ ଜଣେ ଲେଖିଛନ୍ତି, ଏହା କେବଳ ଏକ ଫଟୋ ନୁହେଁ। ଚିକୁ ଚାଲାନ ଭରିଥିବାର ଏହା ପ୍ରମାଣ। ସେହିଭଳି ମଦ୍ୟପାନ କରି ଗାଡ଼ି ଚଲାଇଲେ ଟ୍ରାଫିକ ପୋଲିସକୁ ଫାଇନ ଦେଲା ପରେ ଆମେ ଚିକୁଙ୍କ ଅବସ୍ଥାରେ ପହଞ୍ଚିବା ବୋଲି ଜଣେ ଟୁଇଟ୍ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨–୦ ବ୍ୟବଧାନରେ ହରାଇବା ପରେ କୋହଲି ଦେଶର ସବୁଠୁ ସଫଳତମ ଅଧିନାୟକ ହୋଇପାରିଛନ୍ତି।

# ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ–ଏ ପରାସ୍ତ

**ଥିରୁଭାନନ୍ତପୁରମ, ୫।୯ (ପି.ଟି.)**

ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୪ର୍ଥ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ବରିଷ୍ଠ ଓପନର୍ ଶିଖର ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ–ଏ ଦଳ ଭିଜେଡି ପଦ୍ଧତିରେ ୪ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା–ଏ ନିକଟରୁ ପରାସ୍ତ ହୋଇଛି। ସିରିଜରେ ଘରୋଇ ଭାରତ–ଏ’ର ଏହା ପ୍ରଥମ ପରାଜୟ ଥିଲା। ଏହି ପରାଜୟ ସତ୍ତ୍ୱେ ଭାରତ–ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୩–୧ରେ ଅଗ୍ରଣୀ ରହିଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା–ଏ ଦଳ ୨୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ୧୨୨ ରନ କରିଥିଲା। ଏହି ସମୟରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ଏହାକୁ ୨୫ ଓଭରକୁ କମାଇ ଦିଆଯାଇଥିଲା। ବର୍ଷା ଛାଡ଼ିବା ପରେ ଦକ୍ଷିଣ ଆଫ୍ରିକା–ଏ ୨୫ ଓଭରରେ ଗୋଟିଏ ଉଇକେଟ୍ ହରାଇ ୧୩୭ ରନ କରିଥିଲା। ଏହାପରେ ଭିଜେଡି ପଦ୍ଧତିରେ ଭାରତ–ଏ ସମ୍ମୁଖରେ ୨୫ ଓଭରରେ ୧୯୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭାରତ–ଏ ୭.୪ ଓଭରରେ ଗୋଟିଏ ଉଇକେଟ୍ ହରାଇ ୫୬ ରନ କରିଥିବାବେଳେ ପୁଣିଥରେ ବର୍ଷା ହେବାରୁ ଏହାକୁ ରିଜର୍ଭ ଦିବସ ଅର୍ଥାତ୍ ଗୁରୁବାରକୁ ଘୁଞ୍ଚାଇ ଦିଆଯାଇଥିଲା। ଗୁରୁବାର ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ଭାରତ–ଏ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୮୮ ରନ କରିବା ସହ ୪ ରନରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଅଭିଜ୍ଞ ଓପନର୍ ଧାୱନ ୪୩ ବଲରୁ ୮ ଚୌକା ସହାୟତାରେ ସର୍ବାଧିକ ୫୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଭମ ଦୁବେ ୩୧, ଅଧିନାୟକ ଶ୍ରେୟାସ ଆୟାର ୨୬ ଓ ପ୍ରଶାନ୍ତ ଚୋପ୍ରା ୨୬ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏନ୍‌ରିଚ୍ ନର୍ଟେଜ ଓ ମାର୍କୋ ଜନସନ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡକ୍‌ୱର୍ଥ ଲୁଇସ୍ ପଦ୍ଧତି ଭଳି ଭାରତର ଘରୋଇ କ୍ରିକେଟ୍‌ରେ ଭିଜେଡି ପଦ୍ଧତି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ବ୍ୟବହାର କରାଯାଇଥିଲା। ଭାରତୀୟ ଇଞ୍ଜିନିୟର ଭି. ଜୟଦେବନ ଏହାକୁ ଆବିଷ୍କାର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶିଖର ଧାୱନ।

## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ଏସିଆ କପ୍
## ଭାରତର ବିଜୟ ଅଭିଯାନ

କଲମ୍ବୋ, ୫।୯- ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଭାରତ ୭ ଉଇକେଟ୍‌ରେ କୁଏତ୍‌କୁ ପରାସ୍ତ କରିଛି। ୨୩ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କୁଏତ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୧୧୦ ରନ କରିଥିଲା। ଭାରତ ପକ୍ଷରୁ ଆକାଶ ସିଂ ଓ ପୁର୍ଣ୍ଣଙ୍କ ତ୍ୟାଗୀ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଓପନର୍ ଅର୍ଜୁନ ଆଜାଦ୍‌ଙ୍କ ଅପରାଜିତ ୬୦ ରନ ବଳରେ ଭାରତ ୧୯.୧ ଓଭରରେ ୩ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟ ସହ ଭାରତ ୨ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଆଫଗାନିସ୍ତାନ (୨) ପଛକୁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୧୯ ବର୍ଷରୁ କମ୍ ଦଳକୁ ଭେଟିବ।

## ରୋନାଲ୍ଡୋଙ୍କ ରେକର୍ଡ




ଲିସବନ,୫।୯- ଜୁଭେଣ୍ଟସ ଫରୱାର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ ଦଶମ ଥର ପାଇଁ ଚଳିତ ବର୍ଷର ଶ୍ରେଷ୍ଠ ପର୍ତ୍ତୁଗୀଜ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଆଟଲେଟିକୋ ମାଡ୍ରିଡ୍‌ର ଜୋଆଓ ଫେଲିକ୍ସ ଓ ମାଞ୍ଚେଷ୍ଟର ସିଟିର ବର୍ନାଡୋ ସିଲ୍‌ଭାଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ପୂର୍ବତନ ରିଅଲ ମାଡ୍ରିଡ୍ ଷ୍ଟାର ୨୦୦୭ରୁ ଏହି ପୁରସ୍କାର ଉପରେ ପତିଆରା ସାବ୍ୟସ୍ତ କରିଆସୁଛନ୍ତି। ସେତେବେଳଠାରୁ କେବଳ ଦୁଇ ଥର ବିଫଳ ହୋଇଛନ୍ତି। ଚଳିତ ବର୍ଷ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ନିଜ ଫର୍ମକୁ ବଜାୟ ରଖିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ଲିସବନଠାରେ ଉତ୍ସବରେ ଏହି ପୁରସ୍କାର ପାଇବା ପରେ ରୋନାଲ୍ଡୋ କହିଛନ୍ତି। ଗତ ସିଜନରେ ଜୁଭେଣ୍ଟସ ପାଇଁ ସେ ୨୮ ଗୋଲ କରିବା ସହ ୧୦ ଗୋଲରେ ସହାୟକ ହୋଇଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କୁ ଫିଫା 'ଦ ବେଷ୍ଟ' ପୁରସ୍କାର ତାଲିକାରେ ସ୍ଥାନ ମିଳିଛି।



"ଭାରତ ଟୁର୍‌ବେଳେ ଆମେ ଉପମହାଦେଶରେ ବିଜୟ ହାସଲ କରିଥିବା ପୂର୍ବ ଅଭିଜ୍ଞତାର ଠିକଣା ଉପଯୋଗ କରିବୁ।"
–କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକା ପେସ୍ ବୋଲର

"ମୋ ପ୍ରଦର୍ଶନରେ ଉନ୍ନତି ଘଟିବା କ୍ଷେତ୍ରରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟୀ ଗଗନ ନାରଙ୍ଗଙ୍କ ବିଶେଷ ଭୂମିକା ରହିଛି।"
–ଇଲାଭେନିଲ ଭାଲାରିଭାନ, ଭାରତର ଉଦୀୟମାନ ଶୁଟର



### ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ଘୋଷିତ
# ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ଉପରେ ନଜର

**ନୂଆଦିଲ୍ଲୀ, ୫।୯**

ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ କାଜାଖସ୍ତାନର ନୁର-ସୁଲତାନଠାରେ ଚଳିତମାସ ୧୪ ତାରିଖରୁ ଆରମ୍ଭ ହେବ। ଏହି ୟୁଡବ୍ଲ୍ୟୁଡବ୍ଲ୍ୟୁ(ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ) ଚାମ୍ପିୟନଶିପ୍ ପାଇଁ ଗୁରୁବାର ଭାରତୀୟ ଦଳତାଲିକା ଘୋଷିତ ହୋଇଛି। ଏହି ପ୍ରତିଯୋଗିତାରୁ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବା ଭାରତୀୟ ରେସଲରଙ୍କ ମୁଖ୍ୟ ଲକ୍ଷ୍ୟ।

ବିଶ୍ୱ ଚାମ୍ପିୟନଶିପ୍‌ର ୬୫ କେଜି ଫ୍ରିଷ୍ଟାଇଲ କାଟେଗୋରି ପାଇଁ ବଜରଙ୍ଗ ପୁନିଆ ନମ୍ବର-୧ ସିଡ୍‌ର ମାନ୍ୟତା ପାଇଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସରେ ବଜରଙ୍ଗ ଭାରତର ଅନ୍ୟତମ ପଦକ ଦାବିଦାର ହେବା ସମ୍ଭାବନା ରହିଛି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ପାଇଥିଲେ। ଏଥର କିନ୍ତୁ ସେ ସ୍ୱର୍ଣ୍ଣ ପଦକ ହାସଲ ସହ ଅଲିମ୍ପିକ୍ସ ଟିକେଟ ହାସଲ ଆଶା ରହିଛି। ୨୦୧୩ରେ ବଜରଙ୍ଗ ୬୦ କେଜି କାଟେଗୋରିରେ ବ୍ରୋଞ୍ଜ ପଦକ ପାଇ ଅଭିଯାନ ଆରମ୍ଭ କରିଥିଲେ। ୫ ବର୍ଷ ପରେ ସେ ଏହାକୁ ରୌପ୍ୟ ପଦକରେ ପରିଣତ କରିବାରେ ସକ୍ଷମ ହୋଇଥିବାରୁ ଏଥର ସ୍ୱର୍ଣ୍ଣ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତଘଟାଇବା ଆଶା ରହିଛି। ଭାରତର ଏକମାତ୍ର ରେସଲରଭାବେ ସୁଶୀଲ କୁମାର ୨୦୧୦ରେ ଫ୍ରିଷ୍ଟାଇଲ ରେସଲିଂରୁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଗତ ୧ ବର୍ଷ ମଧ୍ୟରେ ୨୫ ବର୍ଷୀୟ ଏହି ଏଲାଇଟ ଗ୍ରାପ୍‌ଲର କେବଳ ଯେ ଏସୀୟ ଚାମ୍ପିୟନ ହୋଇଛନ୍ତି ତା ନୁହେଁ ୬୫ କେଜି ବିଭାଗର ବିଶ୍ୱ ର୍‍ୟାଙ୍କିଂରେ ମଧ୍ୟ ଶୀର୍ଷକୁ ଉଠିଛନ୍ତି। "ବିଦେଶରେ ବିଦେଶୀ ଖେଳାଳିଙ୍କ ସହ ଟ୍ରେନିଂ ନେବାଦ୍ୱାରା ମୋ ପ୍ରଦର୍ଶନରେ ଅନେକ ଉନ୍ନତି ହୋଇଛି" ବୋଲି ବଜରଙ୍ଗ କହିଛନ୍ତି। ଜର୍ଜିଆ, ରୁଷିଆ ଓ ଆମେରିକାର ନାମୀ ରେସଲରଙ୍କ ସହ ଲଢ଼େଇ କରିବାଦ୍ୱାରା ମୁଁ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ କୌଶଳ ସମ୍ପର୍କରେ ଅନେକ କିଛି ଜାଣି ପାରିଛି। ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ମୋ ଆତ୍ମବିଶ୍ୱାସ ବଢ଼ିବା ପଛରେ ଆମ ଟିମ୍ କୋଚ୍, ଫିଜିଓ, ଟ୍ରେନର, ସ୍ପୋର୍ଟ୍ସ ସାଇନ୍ସ ସପୋର୍ଟ ଷ୍ଟାଫ୍‌ଙ୍କର ଅନେକ ଅବଦାନ ରହିଛି ବୋଲି ସେ କହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଏଥର ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହେଉଛି। ନିଜ ପ୍ରଦର୍ଶନକୁ ଅଧିକ ଶାଣିତ କରିବା ପାଇଁ ବଜରଙ୍ଗ ରୁଷିଆରେ ଟ୍ରେନିଂ ନେଇଛନ୍ତି।

ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂର ସର୍ବକାଳୀନ ବୃହତ୍ ଟ୍ରେନିଂ କ୍ୟାମ୍ପ ୪ ତାରିଖଠାରୁ ସାର୍ୟାର୍କାର ଅଲିମ୍ପିକ୍ ସାଇନ୍ସ ସେଣ୍ଟରରେ ଆରମ୍ଭ ହୋଇଯାଇଛି। ରେସଲରମାନେ ନୁର-ସୁଲତାନରେ ଭାଗ୍ୟ ପରୀକ୍ଷା କରିବା ପୂର୍ବରୁ ଉକ୍ତ ଟ୍ରେନିଂ କ୍ୟାମ୍ପରେ ପରିବେଶ ସହିତ ଖାପଖୁଆଇବା ସୁଯୋଗ ପାଇବେ। ଏପରି ଏକ ବଡ଼ ଇଭେଣ୍ଟ ପୂର୍ବରୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ଉତ୍ତମ ପଦକ୍ଷେପ ନିଆଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଥିବା ସମସ୍ତ ରେସଲର ଅଲିମ୍ପିକ୍ସ ଯୋଗ୍ୟତା ଉପରେ ନଜର ରଖିଛନ୍ତି। ଟ୍ରେନିଂ କ୍ୟାମ୍ପ ସେମାନଙ୍କୁ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିବାକୁ ସହାୟକ ହେବ ବୋଲି ପୁନିଆ ପ୍ରକାଶ କରିଛନ୍ତି।

ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ମନୋନୀତ ଅଧିକାଂଶ ଭାରତୀୟ ରେସଲର ଟ୍ରେନିଂ କ୍ୟାମ୍ପ ଅଭିମୁଖେ ବାହାରି ସାରିଛନ୍ତି। ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଭିନେଶ ଫୋଗତ ଏଥର ବିଶ୍ୱଚାମ୍ପିୟନଶିପ୍‌ରେ ପ୍ରଥମ ପଦକ ଲକ୍ଷ୍ୟରେ ଅଛନ୍ତି। ସମ୍ପ୍ରତି ବିଶ୍ୱର ୬ ନମ୍ବର ସ୍ଥାନରେ ଥିବା ଫୋଗତ ଆଗାମୀ ଟୁର୍ଣ୍ଣାମେଣ୍ଟରେ ୫୩ କେଜି ବର୍ଗରେ ଭାଗନେବେ। ଗତ କିଛିମାସ ମଧ୍ୟରେ ସେ ୩ଟି ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ସାରିଛନ୍ତି। ୫୦ କେଜି ବିଭାଗରେ ଭାରତର ଅନ୍ୟତମ ପଦକ ଦାବିଦାର ହେଉଛନ୍ତି ସୀମା। ୨୦୧୯ରେ ୟାସାର ଡୋଗୁଠାରେ ସ୍ୱର୍ଣ୍ଣ ପଦକ ଜିତିବାପରେ ସେ ବିଶ୍ୱ ର୍‍ୟାଙ୍କିଂର ୩ ନମ୍ବର ସ୍ଥାନକୁ ଉଠିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୨ୟ ସିଡ୍‌ଭାବେ ଖେଳିବେ। ପୁରୁଷ ଫ୍ରିଷ୍ଟାଇଲକୁ ସୁଶିଲ କୁମାର(୭୪ କେଜି) ପ୍ରତ୍ୟାବର୍ତ୍ତନ କରିଥିବାରୁ ଦୀର୍ଘ ୯ ବର୍ଷ ବ୍ୟବଧାନରେ ପୁଣି ସ୍ୱର୍ଣ୍ଣ ପଦକ ପାଇବା ଆଶା। ରାହୁଲ ଆୱାରେ ୬୧ କେଜି ବିଭାଗରେ ୨ୟ ସିଡ୍ ହୋଇଥିବାବେଳେ ୮୬ କେଜିରେ ଦୀପକ ପୁନିଆ ୪ର୍ଥ ସିଡ୍‌ର ମାନ୍ୟତା ପାଇଛନ୍ତି। " ମୋ ଟ୍ରେନିଂ ବହୁତ ଭଲରେ ଚାଲିଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିବାକୁ ମୁଁ ଅତ୍ୟନ୍ତ ବ୍ୟଗ୍ର। ଗତ ମାସରେ ବିଶ୍ୱ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ ମୋ ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଛି" ବୋଲି ଦୀପକ କହିଛନ୍ତି। ଦୀପକ ବିଶ୍ୱ ଜୁନିୟର କୁସ୍ତି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଦୀର୍ଘ ୧୮ ବର୍ଷ ଅପେକ୍ଷାର ଅନ୍ତ ଘଟାଇଥିଲେ।

ଚଳିତ ମାସ ୧୪ରୁ ୨୨ ପର୍ଯ୍ୟନ୍ତ ହେବାକୁଥିବା ବିଶ୍ୱ ରେସଲିଂ ଚାମ୍ପିୟନଶିପ୍ ଗ୍ରୀକୋ ରୋମାନ ଇଭେଣ୍ଟରୁ ଆରମ୍ଭ ହେବ। ଏହି ଇଭେଣ୍ଟରେ ୧୦୧ ଦେଶର ପାଖାପାଖି ୧୦୦୦ ପ୍ରତିଯୋଗୀ ପଦକ ପାଇଁ ଲଢ଼େଇ କରିବେ। ଏହାପରେ ଫ୍ରିଷ୍ଟାଇଲ ଓ ମହିଳା ରେସଲିଂ ଅନୁଷ୍ଠିତ ହେବ।



ବଜରଙ୍ଗ ପୁନିଆ, ରାହୁଲ ଆୱାରେ ଓ ସାକ୍ଷୀ

### ଭାରତୀୟ ଦଳ

- **ଫ୍ରିଷ୍ଟାଇଲ କୁସ୍ତି:** ରବି କୁମାର(୫୭ କେଜି), ରାହୁଲ ଆୱାରେ(୬୧), ବଜରଙ୍ଗ ପୁନିଆ(୬୫), କରନ(୭୦), ସୁଶୀଲ କୁମାର(୭୪), ଜିତେନ୍ଦର(୭୯), ଦୀପକ ପୁନିଆ(୮୬), ପ୍ରବୀଣ(୯୨), ମୌସମ ଖାତ୍ରୀ(୯୭) ଓ ସୁମିତ(୧୨୫ କେଜି)।
- **ମହିଳା କୁସ୍ତି:** ସୀମା(୫୦ କେଜି), ଭିନେଶ(୫୩), ଲଳିତା(୫୫), ସରିତା(୫୭), ପୂଜା ଧଣ୍ଡା(୫୯), ସାକ୍ଷୀ ମଲିକ(୬୨), ନଭଜୋତ କୌର(୬୫), ଦିବ୍ୟା କାକରନ(୬୮), କୋମଲ ଭଗବାନ ଗୋଲେ(୭୨) ଓ କିରଣ(୭୬ କେଜି)।
- **ଗ୍ରୀକୋ-ରୋମାନ କୁସ୍ତି:** ମନଜିତ(୫୫ କେଜି), ମନୀଷ(୬୦), ସାଗର(୬୩), ମନୀଷ(୬୭), ଯୋଗେଶ(୭୨), ଗୁରପ୍ରୀତ ସିଂ(୭୭), ହରପ୍ରୀତ ସିଂ(୮୨), ସୁନୀଲ କୁମାର(୮୭), ରବି(୯୭) ଓ ନବୀନ(୧୩୦ କେଜି)।

## ଅସଦାଚରଣ ପାଇଁ ସନ୍ତରଣ କୋଚ୍ ବିଦା

**ନୂଆଦିଲ୍ଲୀ,୫।୯(ପିଟି)**

ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବିଦା ହୋଇଛନ୍ତି ସନ୍ତରଣ କୋଚ୍। ଘଟଣାର ଭିଡିଓ ଭାଇରାଲ ହୋଇଥିବାରୁ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କୋଚ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗୋଆ ସନ୍ତରଣ ମହାସଂଘ (ଜିଏସ୍ଏ)ରେ କୋଚ୍ ଭାବେ କାର୍ଯ୍ୟ କରୁଥିବା ସୁରଜିତ ଗାଙ୍ଗୁଲିଙ୍କଠାରୁ ଟ୍ରେନିଂ ନେଉଥିବା ୧୫ ବର୍ଷୀୟା ନାବାଳିକା ତାଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ଜିଏସ୍ଏ କୋଚ୍ ସୁରଜିତଙ୍କ ଚୁକ୍ତିକୁ ବାତିଲ କରି ଦେଇଛି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ସେହି କୋଚ୍‌ଙ୍କୁ କୌଣସି ସ୍ଥାନରେ ନିଯୁକ୍ତି ନ କରିବାକୁ ମୁଁ କହିଛି। ଏହା ସମସ୍ତ ମହାସଂଘରେ କାର୍ଯ୍ୟକାରୀ ହେବା ଦରକାର ବୋଲି ରିଜିଜୁ ଟୁଇଟ୍ କରିଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଦ୍ୱାରା କୋଚ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ଜଘନ୍ୟ ଅପରାଧ ବିରୋଧରେ ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବ। କୋଚ୍ ଭାବେ ତାଙ୍କର ଭଲ ଟ୍ରାକ ରେକର୍ଡ ଯୋଗୁ ଆମେ ତାଙ୍କୁ ଅଢ଼େଇ ବର୍ଷ ତଳେ ନିଯୁକ୍ତ କରିଥିଲୁ। ଆଗରୁ କୌଣସି ଅଭିଯୋଗ ତାଙ୍କ ନାମରେ ଆସି ନାହିଁ। କୋଚ୍ ଓ ଅଭିଯୋଗକାରୀ ନାବାଳିକା ବେଙ୍ଗଲର ବାସିନ୍ଦା ଥିବା ଜିଏସ୍ଏ ସମ୍ପାଦକ ସୟଦ ଅବଦୁଲ ମାଜିଦ କହିଛନ୍ତି। ଉକ୍ତ ନାବାଳିକା ଥାନାରେ ଏତଲା ଦେଇଥିବା ପଶ୍ଚିମବଙ୍ଗ ପୋଲିସ ସ୍ପଷ୍ଟ କରିଛି। ନାବାଳିକା ଦେଇଥିବା ତଥ୍ୟ ଅନୁଯାୟୀ, ଆମେ ଗତକାଲି ଏତଲା ଦାୟର କରିଛୁ। ହେଲେ ଏହି ମାମଲା ଗୋଆ ଅନ୍ତର୍ଗତ ହୋଇଥିବାରୁ ଆମେ ସେଠାକୁ ପଠାଇ ଦେବୁ ବୋଲି ଜଣେ ପୋଲିସ କର୍ମକର୍ତ୍ତା କହିଛନ୍ତି।

## ବାପା ହେବେ କ୍ରିକେଟର୍ ପ୍ରଜ୍ଞାନ ଓଝା

**ମୁମ୍ବାଇ, ୫।୯**

ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ଗୁରୁବାର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନ ଅବସରରେ ଓଝା ଏକ ଖୁସି ଖବର ଶେୟାର କରିଛନ୍ତି। ଚଳିତ ମାସରେ ତାଙ୍କ ସ୍ତ୍ରୀ କରବୀ କୈଳାଶ ପ୍ରଥମ ସନ୍ତାନ ଜନ୍ମଦେବାକୁ ଯାଉଛନ୍ତି। ଏଥିଲାଗି ଉଭୟ ପ୍ରଜ୍ଞାନ ଓ କରବୀ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। କରବୀ ଗର୍ଭବତୀ ଥିବା ଜଣାଇ ପ୍ରଜ୍ଞାନ କହିଛନ୍ତି, 'ମୁଁ ବହୁତ ଉତ୍ସାହିତ ଓ ରୋମାଞ୍ଚିତ ରହିଛି। ଉଭୟଙ୍କ ଲାଗି ଏହା ବଡ଼ ପରିବର୍ତ୍ତନ ଆଣିବ। ଆମେ ଦୁଇଜଣ ବର୍ତ୍ତମାନ ଉତ୍ସାହିତ ଓ ନର୍ଭସ ମଧ୍ୟ ରହିଛୁ। ଏହା ମୋ ଜୀବନର ସବୁଠୁ ବଡ଼ ପ୍ରତିବଦ୍ଧତା ଓ କଠିନ ସମୟ। ଏହି ନିଷ୍ପତ୍ତି ଲାଗି ଆମ ପରିବାର ସମର୍ଥନ ଦେଇଛି' ବୋଲି ପ୍ରଜ୍ଞାନ ସୋସିଆଲ ମିଡିଆରେ ଏହା ଉଲ୍ଲେଖ କରିଛନ୍ତି। ୨୦୧୦ରେ କରବୀଙ୍କୁ ବିବାହ କରିଥିଲେ ପ୍ରଜ୍ଞାନ।

ଏଠାରେ ଉଲ୍ଲେଖଯୋଗ୍ୟ, ୨୦୦୮ରେ ବାଂଲାଦେଶ ବିପକ୍ଷରେ ପଦାର୍ପଣ କରି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ୩୩ବର୍ଷୀୟ ପ୍ରଜ୍ଞାନ ୧୮ ଦିନିକିଆରୁ ୨୧ ଉଇକେଟ୍ ନେଇଛନ୍ତି। ଟେଷ୍ଟରେ କିନ୍ତୁ ଏହି ବାମହାତୀ ସ୍ପିନର ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ମୋଟ୍ ୨୪ ଟେଷ୍ଟରୁ ସେ ୧୧୩ ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୬ ଟି୨୦ ମ୍ୟାଚ୍‌ରୁ ପ୍ରଜ୍ଞାନଙ୍କ ନାମରେ ୧୦ ଉଇକେଟ୍ ରହିଛି। ୨୦୧୩ରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ରଜ୍ଞାନ ୧୦ ଉଇକେଟ୍ ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସଫଳ ପ୍ରଦର୍ଶନ ସତ୍ତ୍ୱେ ଏହି ମ୍ୟାଚ୍ ପରଠାରୁ ସେ ଜାତୀୟ ଦଳରୁ ବାଦ୍ ପଡ଼ିଛନ୍ତି।

# ନାଡାଲ ସେମିଫାଇନାଲରେ

**ନ୍ୟୁୟର୍କ, ୫।୯ (ଏଏଫ୍‌ପି)**

ରାଫାଲ ନାଡାଲ ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୨୦ତମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କ ବିପକ୍ଷରେ ୬-୪, ୭-୫, ୬-୨ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଏଠାରେ ୩ ଥର ଚାମ୍ପିୟନ ଦ୍ୱିତୀୟ ସିଡ୍ ନାଡାଲ ବର୍ତ୍ତମାନ ଇଟାଲିର ମ୍ୟାଟିଓ ବର୍ଟେନିଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିନାକା ଆଣ୍ଡ୍ରେସ୍କୁ ଦଶନ୍ଧିରେ ପ୍ରଥମ ସ୍ୱଳ୍ପବୟସ୍କା ଖେଳାଳି ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଏହି ୧୯ ବର୍ଷୀୟା ଖେଳାଳି ବେଲଜିୟମର ଏଲିସି ମର୍ଟେନ୍‌ଙ୍କୁ ୩-୬, ୬-୨, ୬-୩ ସେଟରେ ପରାସ୍ତ କରିଛନ୍ତି। ସେମିଫାଇନାଲରେ ସେ ବେଲିଣ୍ଡା ବେନସିକ୍‌ଙ୍କୁ ଭେଟିବେ। ୧୩ତମ ସିଡ୍ ସୁଇଜରଲାଣ୍ଡର ବେନ୍‌ସିକ୍ କ୍ୱାର୍ଟର ଫାଇନାଲରେ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ହରାଇ ଦେଇଛନ୍ତି।

### ୧୦ ମିନିଟ୍‌ରେ ଟିକେଟ ଶେଷ

ଟେନିସ ଇତିହାସର ଦୁଇ କିମ୍ବଦନ୍ତୀ ରୋଜର ଫେଡରର ଓ ରାଫାଲ ନାଡାଲଙ୍କ ମ୍ୟାଚ୍ ଉପଭୋଗ କରିବା ଲାଗି ବିଶ୍ୱର ଟେନିସ ପ୍ରଶଂସକମାନେ ସର୍ବଦା ଅପେକ୍ଷା କରି ରହିଥାନ୍ତି। ଏହି ଦୁଇ ଷ୍ଟାର ଖେଳାଳିଙ୍କ ମଧ୍ୟରେ ଆଗାମୀ ଫେବୃୟାରୀ ୭ତାରିଖରେ ହେବାକୁ ଥିବା ପ୍ରଦର୍ଶନୀ ମ୍ୟାଚ୍‌ର ସମସ୍ତ ଟିକେଟ ମାତ୍ର ୧୦ ମିନିଟ୍ ମଧ୍ୟରେ ବିକ୍ରି ହୋଇଯାଇଛି। ଏହି ମ୍ୟାଚ୍ ଦକ୍ଷିଣ ଆଫ୍ରିକାର କେପ ଟାଉନ ଷ୍ଟାଡିୟମଠାରେ ଖେଳାଯିବ। ସେଠାରେ ୨୦୧୦ ଫିଫା ବିଶ୍ୱକପ୍ ଖେଳାଯାଇଥିଲା। ସେହିବର୍ଷ ବ୍ରୁସେଲ୍ସଠାରେ ସେରେନା ୱିଲିୟମ୍ସ ଓ କିମ କ୍ଲିଜେଷ୍ଟରଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଷ୍ଟାଡିୟମ୍‌ରେ ସର୍ବାଧିକ ୩୫,୬୮୧ ଦର୍ଶକ ଉପଭୋଗ କରିଥିଲେ। ଏହି ରେକର୍ଡକୁ ଫେଡରର-ରାଫାଲଙ୍କ ମ୍ୟାଚ୍ ଭଙ୍ଗ କରିବା ନିଶ୍ଚିତ। ମାତ୍ର ୧୦ ମିନିଟ୍ ମଧ୍ୟରେ ୪୮ ହଜାର ଟିକେଟ୍ ବିକ୍ରି ହୋଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ୧୦ ମିନିଟ୍‌ରୁ କମ୍ ସମୟରେ ଟିକେଟ୍ ବିକ୍ରି ହୋଇଯାଇଛି। ଟେନିସପ୍ରେମୀଙ୍କ ପ୍ରତିକ୍ରିୟା ଦେଖି ଆମେ ଉତ୍ସାହିତ। ଏଭଳି ସମର୍ଥନ ପାଇଁ ଆମେ କୃତଜ୍ଞତା ଜଣାଉଛୁ ବୋଲି ରୋଜର ଫେଡରର ଫାଉଣ୍ଡେଶନର କାର୍ଯ୍ୟକାରୀ ମୁଖ୍ୟ ଜାନିନେ ହାଣ୍ଡେଲ କହିଛନ୍ତି। ଭାରତୀୟ ମୁଦ୍ରାରେ ଟିକେଟ୍‌ର ମୂଲ୍ୟ ୭୩୦ ଟଙ୍କାରୁ ଆରମ୍ଭ କରି ୯,୪୯୧ ଟଙ୍କା ପର୍ଯ୍ୟନ୍ତ। ଉଲ୍ଲେଖଥାଉ କି, ସ୍ପାନିଶ ଷ୍ଟାର ନାଡାଲ ବିଶ୍ୱ ର୍‍ୟାଙ୍କିଂର ଦ୍ୱିତୀୟ ସ୍ଥାନରେ ଥିବାବେଳେ ସୁଇଜରଲାଣ୍ଡର ଫେଡରର ୩ୟ ଓ ସର୍ବିୟାନ ନୋଭାକ ଜୋକୋଭିଚ୍ ପ୍ରଥମ ସ୍ଥାନରେ ରହିଛନ୍ତି।


## ମନେ ପଡ଼ନ୍ତି

**୧୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିଗମ୍ବର ନାୟକ**
ମଠକରଗୋଳା, ଢେଙ୍କାନାଳ
ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ
ଆବିର୍ଭାବ: ୧୭।୦୬।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସତ୍ୟନିଷ୍ଠ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ: ପ୍ରକିଳା, ପୁତ୍ର: ବିପୁନ, ଲିକୁନ, ପୁତ୍ରବଧୂ: ପ୍ରିୟଙ୍କା, ଶାଶୁ, ଶ୍ୱଶୁର, ସଢୁ, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୬୬୮୧୬

**ଦ୍ୱାଦଶାହ ଦିବସ**



**ଅହଲ୍ୟା ସାଇଁ**
ଝାଡବନ୍ଧ (ଗଞ୍ଜାମ)
ତିରୋଧାନ : ୨୬.୮.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ହତଭାଗ ସ୍ୱାମୀ ରଘୁନାଥ ସ୍ୱାଇଁ
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୧୪୨୨୭

# CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME
- GNM (Nursing)
- ANM (Nursing)
- DMRT (X-Ray)
- DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
- MEDICAL LAB TECH.
- X-RAY TECH
- O.T TECH
- WARD TECH
- DIALYSIS TECH
ELIGIBILITY : MATRIC PASS



ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

**LEARN CCTV** ପ୍ରଶିକ୍ଷଣ କେନ୍ଦ୍ର



Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
- Exchange Offer
- EMI Facility
- Attractive Discount




Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୬ ସେପ୍ଟେମ୍ବର /୨୦୧୯, Dhenkanal, Friday September 6 / 2019

### ଗୁରୁଦିବସରେ ଜିଲାପାଳଙ୍କୁ ଭେଟିଲା ଶିକ୍ଷକ ସଂଘ

# ସ୍କୁଲ ସମସ୍ୟା ନେଇ ଅଭିଯୋଗ

**ଅନୁଗୋଳ ଅଫିସ, ୫।୯**

ଗୁରୁଦିବସ ଅବସରରେ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ଭେଟିଛି ଶିକ୍ଷକ ସଂଘ। ଅନୁଗୋଳ ବ୍ଲକରେ ଥିବା ବିଭିନ୍ନ ପ୍ରାଥମିକ ଶିକ୍ଷାନୁଷ୍ଠାନର ସମସ୍ୟା ନେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଓ ଡେକ୍ସର ବ୍ୟବସ୍ଥା କରାଯିବା, ବିଦ୍ୟାଳୟକୁ ଆସିଥିବା ଖେଳ ଓ ଲାଇବ୍ରେରି ଅନୁଦାନ ବିଦ୍ୟାଳୟର ଆବଶ୍ୟକତାକୁ ନେଇ ଖର୍ଚ୍ଚ କରିବା ପାଇଁ ଶିକ୍ଷକଙ୍କୁ ସ୍ୱାଧୀନତା ଦିଆଯିବା, ଚାଉଳ ବଣ୍ଟନ ଓ ଅଫିସ କାର୍ଯ୍ୟରେ ଶିକ୍ଷକଙ୍କୁ ନିୟୋଜିତ ନ କରିବାକୁ ସଂଘ ଦାବି କରିଥିଲା। ସେହିପରି ସିଆର୍‌ସିସିମାନଙ୍କୁ ନିଜ ବିଦ୍ୟାଳୟରେ ମାସକୁ ୧୫ ଦିନ ଶିକ୍ଷାଦାନରେ ନିୟୋଜିତ କରାଯିବା, ଶିକ୍ଷକମାନଙ୍କ ଦରମା, ଭତ୍ତା, ଭବିଷ୍ୟତନିଧି ପାଣ୍ଠି ଉଠାଣ ଆଦି ଠିକ୍ ସମୟରେ ପ୍ରଦାନ କରିବାକୁ ଦାବି କରି ସଂଘ ପକ୍ଷରୁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନୁଗୋଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରକାଶ କୁମାର ପାଗଳ ଓ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ହେଁ ଜିଲାପାଳ ନ ଥିବାରୁ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥିଲା। ଏହାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

# ହାତୀ ଆକ୍ରମଣରେ ୩ ଗୁରୁତର


**ବନ୍ତଲା, ୫।୯(ଡି.ଏନ.ଏ.)**

ଅନୁଗୋଳ ରେଞ୍ଜ କରତପଟା ବିଟ୍ ଅଧୀନ କଇରିଆମ୍ବ ଗ୍ରାମରେ ଗୁରୁବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରଶ୍ନ ସାହୁ(୬୦) ତାଙ୍କ ସ୍ତ୍ରୀ କିରଣ ସାହୁ(୫୨) ସାନ ଝିଅ ଯଶୋଦା ସାହୁ (୨୦)। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡିଛି, ପ୍ରଶ୍ନଙ୍କ ବଡ଼ ଝିଅ ଚୁମୁକି ସାହୁ(୨୫) ନିକଟସ୍ଥ ପଡିଆକୁ ଶୌଚ ପାଇଁ ଯାଇଥିବାବେଳେ ଏକ ଦନ୍ତା ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ଚୁମୁକି ପାଟି କରି ଦୌଡୁଥିବା ସମୟରେ ପାଟି ଶୁଣି ପ୍ରଶ୍ନ, କିରଣ ଓ ଯଶୋଦା ଘରୁ ବାହାରି ଆସିଥିଲେ। ସେହି ସମୟରେ ଦନ୍ତାଟି ଏହି ୩ ଜଣଙ୍କୁ ଆକ୍ରମଣ କରିବା ସହ ପ୍ରଶ୍ନଙ୍କ ଘର ଭାଙ୍ଗି ଦେଇଛି। ଖବରପାଇ କରତପଟା ଫରେଷ୍ଟର ଅଭିମନ୍ୟୁ ସାହୁଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ଡିଏଭି ସ୍କୁଲ ଶିକ୍ଷୟିତ୍ରୀଙ୍କ ପରଲୋକ

**ତାଳଚେର,୫।୯(ନି.ପ୍ର.)**

ତାଳଚେର ଜଗନ୍ନାଥ କ୍ଷେତ୍ର ଡିଏଭି ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ଶ୍ୱେତା ମହାପାତ୍ର(୪୪)ଙ୍କ ବୁଧବାର ଦେବଗଡସ୍ଥିତ ତାଙ୍କ ପୈତୃକ ବାସଭବନରେ ପରଲୋକ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ବୁଧବାର ରାତିରେ ତାଙ୍କର ମରଶରୀରକୁ ଦେଉଳବେଡା ଅଣାଯାଇଥିଲା। ଢେଙ୍କାନାଳ ଏମପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଡିଏଭି ସ୍କୁଲର ଅଧ୍ୟକ୍ଷ ଭୋଳାନାଥ ମହନ୍ତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।




TEST DRIVE TODAY CALL ON 1800 209 3456 | For bulk deals, please contact Sumit Seth- sumit.seth@email.nissan.in Special offers for Government employees, select corporate and self-employed professionals. T&C Apply. www.datsun.co.in

AUTHORIZED DATSUN DEALERS: BHUBANESWAR: ANANTA NISSAN- 7428391352, SAMBALPUR: BHARAT NISSAN- 7428391340, ANGUL: BHARAT NISSAN- 7428391340, BEHRAMPUR: BHARAT NISSAN- 7428391340.

POWERED BY DATSUN FINANCE

*Ex-showroom starting price. *Terms and Condition Apply. Total benefits includes cash benefits and Exchange bonus through NIC. Additional exciting offer for Govt. & Bank employees, Selected Corporates, Doctors, Teachers, Lawyers, CAs and Architects. Exchange bonus at selected dealership under Nissan Intelligent Choice program. Offer may vary across model, variant & locations. For details, please contact your nearest dealer.

# ଲୁଟେରାଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ବଇଣ୍ଡା,୫।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ଡଙ୍ଗିଆଣୀ ଗ୍ରାମରେ ବନ୍ତଲା ଥାନା ଖାଲଙ୍ଗା ଗ୍ରାମର ପ୍ରୀତିରଞ୍ଜନ ସାହୁଙ୍କଠାରୁ ଲୁଟ୍ କରି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି ୪ ଲୁଟେରା। ପରେ ସେମାନଙ୍କୁ ପୋଲିସ ଜିମା ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କ ନାମ ପ୍ରକାଶ କରି ନ ଥିବାବେଳେ ସେମାନଙ୍କଠାରୁ ଏକ ବାଇକ, ମାରଣାସ୍ତ୍ର ଜବତ କରିଛି। ସେମାନେ ହଣ୍ଡପା ଥାନା ବୁଦ୍ଧୁଲିମୁଣ୍ଡା ଗ୍ରାମର ବୋଲି ଜଣାପଡିଛି।

ଘଟଣାରୁ ପ୍ରକାଶ, ପ୍ରୀତିରଞ୍ଜନ ଏକ ବିଦ୍ୟୁତ ଠିକାସଂସ୍ଥାରେ ବଡଡଙ୍ଗିଆଣୀ ଅଞ୍ଚଳରେ କାମ କରନ୍ତି। ୫ ଜଣ ଲୁଟେରା ବାଇକ ଯୋଗେ ଆସି ତାଙ୍କୁ ମାଡ଼ ମାରିବା ସହ ବ୍ୟାଗ, ଟଙ୍କା, ମୋବାଇଲ ଛଡାଇ ନେଇଥିଲେ। ଘଟଣାସ୍ଥଳରୁ ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ୪ ଲୁଟେରା ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ। ଘଟଣାସ୍ଥଳରୁ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।




For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.

ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏବ୍ଲ ଅଟୋମୋବାଇଲ୍‌ସ - 9938711223.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ